NITIDIN
ନିତିଦିନ

RNI REG. NO. ODIODI/2015/62237 ● POSTAL REGD. NO.BN/258/18-20
8+16 PAGES ● ₹ 6/-

www.nitidin.com
twitter.com/nitidintoday
facebook.com/nitidintoday
୧୬ ପୃଷ୍ଠାର ରବିବାର ମ୍ୟାଗାଜିନ୍ 'ନଜର' ସହ

SUNDAY
3 AUGUST 2025
ରବିବାର
୩ ଅଗଷ୍ଟ ୨୦୨୫

NEW AGE MEDIA & PUBLICATIONS PVT. LTD. PRINTED AT BHUBANESWAR VOLUME 11 ● ISSUE 80 BHUBANESWAR I BERHAMPUR I SAMBALPUR I BALASORE I JAJPUR ବର୍ଷ ୧୧ ● ସଂଖ୍ୟା ୮୦ ଭୁବନେଶ୍ୱର I ବ୍ରହ୍ମପୁର I ସମ୍ବଲପୁର I ବାଲେଶ୍ୱର I ଯାଜପୁର

### ରାଜ୍ୟସ୍ତରୀୟ ପିଏମ୍ କିଷାନ ସମ୍ମାନ ନିଧି

# ୩୫ ଲକ୍ଷ କୃଷକଙ୍କୁ ୬୯୭ କୋଟିର ସହାୟତା

**ଭୁବନେଶ୍ୱର,୨।୮/ଏନ୍ଏନ୍ଏସ୍:**



ଓଡ଼ିଶାର ଚାଷୀ ଭାଇ ଭଉଣୀମାନଙ୍କୁ ପିଏମ୍ କିଷାନ ସହାୟତା ରାଶିର ୨୦ତମ କିସ୍ତି ମିଳିଛି । ରାଜ୍ୟର ପ୍ରାୟ ୩୪ ଲକ୍ଷ ୮୫ ହଜାରରୁ ଊର୍ଦ୍ଧ୍ୱ କୃଷକ ପିଏମ୍ କିଷାନ ସହାୟତା ରାଶି ପାଇଛନ୍ତି । ସମସ୍ତ ଯୋଗ୍ୟ ହିତାଧିକାରୀଙ୍କୁ ୨ହଜାର ଟଙ୍କା ଲେଖାଏଁ ମୋଟ୍ ୬୯୭ କୋଟି ଟଙ୍କା ପ୍ରଦାନ କରାଯାଇଛି ।

ଭୁବନେଶ୍ୱର ଉପକଣ୍ଠସ୍ଥିତ ଆଇସିଏଆର୍ ସିଫାଠାରେ କୃଷି ଓ କୃଷକ ସଶକ୍ତିକରଣ ବିଭାଗ ପକ୍ଷରୁ ଆୟୋଜିତ ରାଜ୍ୟସ୍ତରୀୟ ପିଏମ୍ କିଷାନ ସମ୍ମାନ ନିଧି କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହା ଘୋଷଣା କରିଛନ୍ତି । ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ଉତ୍ତର ପ୍ରଦେଶର ବାରାଣାସୀଠାରେ ଉପସ୍ଥିତ ରହି, ପିଏମ୍ କିଷାନର କିସ୍ତି ବାବଦରେ ସାରା ଦେଶର ୯.୭ କୋଟି ଚାଷୀଙ୍କୁ ୨୦୦୦ ଟଙ୍କା ଲେଖାଏଁ ହିସାବରେ ସମୁଦାୟ ୨୦ ହଜାର ୫୦୦ କୋଟି ଟଙ୍କା ପ୍ରଦାନ କରିଛନ୍ତି । ଆମ ସରକାର ହେଉଛି ଲୋକଙ୍କ ସରକାର ଏବଂ ଚାଷୀ ଭାଇଭଉଣୀଙ୍କ ସରକାର । ଆମ ସରକାର ମାତ୍ର ବର୍ଷକ ମଧ୍ୟରେ ଆପଣମାନଙ୍କ ପାଇଁ ଅନେକ ଯୋଜନା କାର୍ଯ୍ୟକାରୀ କରିଛନ୍ତି । ଆପଣମାନେ ଏହାର ସୁଫଳ ମଧ୍ୟ ପାଉଛନ୍ତି । ସିଏମ୍ କିଷାନରେ ଆମ ରାଜ୍ୟର ୫୦ ଲକ୍ଷରୁ ଅଧିକ ଚାଷୀ ବର୍ଷକୁ ୪୦୦୦ ଟଙ୍କା ଲେଖାଏଁ ସହାୟତା ପାଉଛନ୍ତି । ପିଏମ୍ କିଷାନ ଓ ସିଏମ୍ କିଷାନକୁ ମିଶାଇ ଚାଷୀଭାଇମାନେ ବର୍ଷକୁ ୧୦ ହଜାର ଟଙ୍କା ଲେଖାଏଁ ସହାୟତା ପାଉଛନ୍ତି, ଏହା ଆମ ପାଇଁ ଖୁସିର କଥା ।

ମୁଖ୍ୟମନ୍ତ୍ରୀ କହିଛନ୍ତି, ପିଏମ୍ କିଷାନ ଯୋଜନାର ୨୦ତମ କିସ୍ତି ଚଳିତବର୍ଷ ଅପ୍ରେଲରୁ ଜୁଲାଇ ଅବଧି ପାଇଁ ପ୍ରଦାନ କରାଯାଉଛି । ଏହି ଅର୍ଥ ସିଧାସଳଖ ଚାଷୀଙ୍କ ବ୍ୟାଙ୍କ ଆକାଉଣ୍ଟକୁ ହସ୍ତାନ୍ତର କରାଯାଉଛି । ଏହି ପ୍ରକ୍ରିୟାରେ ସୂଚନା ଓ ପ୍ରଯୁକ୍ତି ବିଦ୍ୟାର ବ୍ୟବହାର ହେଉଥିବାରୁ ସ୍ୱଚ୍ଛତା ବଜାୟ ରହୁଛି । ଏଥିରେ ସମସ୍ତ ଚାଷୀ- ସେ କ୍ଷୁଦ୍ରଚାଷୀ ହୁଅନ୍ତୁ, ବା ମଧ୍ୟମ କିମ୍ବା ବଡ଼ ଚାଷୀ, ସମସ୍ତଙ୍କୁ ଏହାର ସୁଫଳ ମିଳୁଛି । ସହରାଞ୍ଚଳର ଚାଷୀମାନେ ମଧ୍ୟ ଏହି ଯୋଜନାରେ ଅନ୍ତର୍ଭୁକ୍ତ ହୋଇଛନ୍ତି । ଆଜିର ଏହି ଦିନକୁ ଆମେ ପିଏମ୍ - କିଷାନ ଦିବସ' ଭାବରେ ସାରା ଦେଶ ତଥା ରାଜ୍ୟରେ ପାଳନ କରୁଛୁ । ଏଥି ସହିତ ରାଜ୍ୟର ସମସ୍ତ ଜିଲ୍ଲା, ବ୍ଲକ ଓ ପଞ୍ଚାୟତରେ ମଧ୍ୟ 'ପିଏମ୍- କିଷାନ ଦିବସ' ପାଳନ କରାଯାଉଛି । ଏହି ଯୋଜନାରେ ଅନ୍ତର୍ଭୁକ୍ତ ହେବା ପାଇଁ କୃଷକମାନଙ୍କୁ ଆବଶ୍ୟକୀୟ ଯୋଗ୍ୟତା ସମ୍ପର୍କରେ ସଚେତନ କରାଯାଉଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି ।

ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ପିଏମ୍ କିଷାନ ଯୋଜନାରେ ସମସ୍ତ ଯୋଗ୍ୟ ଚାଷୀଙ୍କୁ ଅନ୍ତର୍ଭୁକ୍ତ କରିବା ମୋର ଲକ୍ଷ୍ୟ । ରାଜ୍ୟର ସମସ୍ତ ବ୍ଲକରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ କରାଯାଇଛି । କୌଣସି ଯୋଗ୍ୟ ଚାଷୀ ଏହି ଯୋଜନାରୁ ବଞ୍ଚିତ ନ ହୁଅନ୍ତୁ । ଆପଣମାନେ ଏବେ ଖରିଫ୍ ଫସଲ ଆରମ୍ଭ କରିଛନ୍ତି । ନିୟମିତ କୃଷି କାର୍ଯ୍ୟ ସହିତ ଆପଣମାନେ ଫସଲରେ ବିବିଧିକରଣ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରନ୍ତୁ । ମତ୍ସ୍ୟ ଚାଷ, ପଶୁପାଳନ ଭଳି ଲାଭଦାୟକ କୃଷି କରନ୍ତୁ । ଏହାଦ୍ୱାରା ଅଧିକ ଅମଳ କରିପାରିବେ ଓ ଆର୍ଥିକ ସ୍ତରରେ ଲାଭବାନ ମଧ୍ୟ

**ସମସ୍ତ ଯୋଗ୍ୟ ଚାଷୀଙ୍କୁ ଅନ୍ତର୍ଭୁକ୍ତ କରିବା ଲକ୍ଷ୍ୟ: ମୁଖ୍ୟମନ୍ତ୍ରୀ**

ହୋଇପାରିବେ । ଚାଷ କ୍ଷେତ୍ରରେ ଆପଣମାନଙ୍କ ରୋଜଗାର ଦୁଇଗୁଣିତ ନୁହେଁ ବରଂ ବହୁ ଗୁଣିତ ବୃଦ୍ଧିହେବ । ଏହି ବୃଦ୍ଧି ପାଇଁ ପ୍ରଧାନମନ୍ତ୍ରୀଙ୍କ ଯେଉଁ ଲକ୍ଷ୍ୟ ଅଛି, ତାହା ପୂରଣ ହେବ ।

ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ସିଏମ୍ କିଷାନରେ ଆମ ରାଜ୍ୟର ୫୦ ଲକ୍ଷରୁ ଅଧିକ ଚାଷୀ ବର୍ଷକୁ ୪୦୦୦ ଟଙ୍କା ଲେଖାଏଁ ସହାୟତା ପାଉଛନ୍ତି । ପିଏମ୍ କିଷାନ ଓ ସିଏମ୍ କିଷାନକୁ ମିଶାଇ ଚାଷୀଭାଇମାନେ ବର୍ଷକୁ ୧୦ ହଜାର ଟଙ୍କା ଲେଖାଏଁ ସହାୟତା ପାଉଛନ୍ତି । ସମୃଦ୍ଧ କୃଷକ ଯୋଜନାରେ ଆପଣମାନଙ୍କୁ ଆମେ ଧାନ କ୍ୱିଣ୍ଟାଲ୍ ପିଛା ଅତିରିକ୍ତ ୮୦୦ ଟଙ୍କା ଇନ୍‌ପୁଟ୍ ସହାୟତା ପ୍ରଦାନ କରୁଛୁ । ଗତବର୍ଷ ଖରିଫ୍‌ରେ ପ୍ରାୟ ▶▶ ୫

### ବହୁଚର୍ଚ୍ଚିତ କର୍ଣ୍ଣାଟକ ଦୁଷ୍କର୍ମ ମାମଲା

# ପ୍ରଜ୍ୱଳଙ୍କୁ ଆଜୀବନ କାରାଦଣ୍ଡ



**ବେଙ୍ଗାଲୁରୁ,୨।୮/ଏଜେନ୍ସି:** ନିଜ ଘରେ କାମ କରୁଥିବା ଜଣେ ୪୭ ବର୍ଷୀୟା ଘରୋଇ ସହାୟିକାଙ୍କୁ ଦୁଷ୍କର୍ମ ମାମଲାରେ ଦୋଷୀ ସାବ୍ୟସ୍ତ ହୋଇଥିବା ପ୍ରଜ୍ୱଳ ରେବନ୍ନାଙ୍କୁ ବେଙ୍ଗାଲୁରୁର ଏକ ସ୍ୱତନ୍ତ୍ର କୋର୍ଟ ଶନିବାର ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି । ଏଥିସହ କୋର୍ଟ ପ୍ରଜ୍ୱଳଙ୍କ ଉପରେ ୧୦ ଲକ୍ଷ ଟଙ୍କାର ଅର୍ଥଦଣ୍ଡ (ଜୋରିମାନା) ଲାଗୁ କରିଛନ୍ତି । ଏଥିମଧ୍ୟରୁ ପୀଡ଼ିତାଙ୍କୁ ୭ଲକ୍ଷର କ୍ଷତିପୂରଣ ଦିଆଯିବ ବୋଲି କୋର୍ଟ ନିଜ ରାୟରେ ସ୍ପଷ୍ଟ କରିଛନ୍ତି ।

ଦିନକ ପୂର୍ବେ କୋର୍ଟ ପ୍ରଜ୍ୱଳଙ୍କୁ ଏହି ମାମଲାରେ ଦୋଷୀ ସାବ୍ୟସ୍ତ କରିଥିଲେ ଏବଂ ରାୟକୁ ସଂରକ୍ଷିତ ରଖିଥିଲେ । ତେବେ ଶନିବାର କଡ଼ା ସୁରକ୍ଷା ବଳୟ ମଧ୍ୟରେ ପ୍ରଜ୍ୱଳଙ୍କ ଉପସ୍ଥିତିରେ କୋର୍ଟ ତାଙ୍କୁ ଆଜୀବନ କାରାଦଣ୍ଡାଦେଶ ଶୁଣାଇଛନ୍ତି । ପ୍ରଜ୍ୱଳ ରେବନ୍ନା ପୂର୍ବତନ ପ୍ରଧାନମନ୍ତ୍ରୀ ଏଚ୍‌ଡି ଦେବଗୌଡ଼ାଙ୍କ ନାତି, କର୍ଣ୍ଣାଟକର ପୂର୍ବତନ ମୁଖ୍ୟମନ୍ତ୍ରୀ ଏଚ୍‌ଡି କୁମାରସ୍ୱାମୀଙ୍କ ପୁତୁରା । ଏଥିସହ ସହ ସେ ଜେଡିଏସ୍ ପକ୍ଷରୁ ହାସନ ସଂସଦୀୟ କ୍ଷେତ୍ରର ସାଂସଦ ମଧ୍ୟ ଥିଲେ । ତେବେ ତାଙ୍କ ବିରୋଧରେ ଦୁଷ୍କର୍ମ ମାମଲା ରୁଜୁ ହେବା ପରେ ତାଙ୍କୁ ଦଳରୁ ବହିଷ୍କାର କରାଯାଇଥିଲା ।

ଦୁଷ୍କର୍ମ, ଯୌନ ନିର୍ଯାତନା, ଦୃଶ୍ୟମାନତା, ପ୍ରମାଣ ନଷ୍ଟ ଏବଂ ସୂଚନା ପ୍ରଯୁକ୍ତିବିଦ୍ୟା ଆଇନ ଅନୁଯାୟୀ ଅପରାଧ ପାଇଁ ରେବନ୍ନାଙ୍କୁ ଦୋଷୀ ସାବ୍ୟସ୍ତ କରାଯାଇଥିଲା । ବିଚାରପତି ଜଷ୍ଟିସ୍ ସନ୍ତୋଷ ଗଜାନନ ଭଟ୍ଟ ରେବନ୍ନାଙ୍କ ଗିରଫଦାରୀର ପ୍ରାୟ ୧୪ ମାସ ପରେ ଏବଂ ବିଚାର ଆରମ୍ଭ ହେବାର ୮ ସପ୍ତାହ ମଧ୍ୟରେ ରାୟ ଶୁଣାଇଛନ୍ତି । ଆଜି ଯେତେବେଳେ ବିଚାରପତି କାରାଦଣ୍ଡାଦେଶ ଦେଲେ ସେତେବେଳେ କୋର୍ଟରୁମ୍‌ରେ ଥିବା ପ୍ରଜ୍ୱଳ କାନ୍ଦି ପକାଇଥିଲେ ଏବଂ ଦଣ୍ଡାଦେଶ କମ୍ କରିବାକୁ ବିଚାରପତିଙ୍କୁ ଗୁହାରି କରିଥିଲେ ।

ନିଜ ନିର୍ବାଚନମଣ୍ଡଳୀରେ ରେବନ୍ନା ସମ୍ପୃକ୍ତ ଥିବା ଶହ ଶହ ଅଶ୍ଳୀଳ ଭିଡିଓ ଥିବା ପେନ୍‌ଡ୍ରାଇଭ୍ ପ୍ରସାରିତ ହେବା ପରେ ୨୦୨୪ରେ ସେ ଜର୍ମାନୀ ଚାଲିଯାଇଥିଲେ । ନିର୍ବାଚନ ପରେ ସେ ଭାରତ ଫେରିଆସିଥିଲେ ଏବଂ ମେ' ୩୧ରେ ବେଙ୍ଗାଲୁରୁ ବିମାନବନ୍ଦରରେ ତାଙ୍କୁ ଗିରଫ କରାଯାଇଥିଲା । ୪୦ ଜଣିଆ ଏସ୍ଆଇଟି ଟିମ୍ ତାଙ୍କ ବିରୋଧରେ ୧୮୦୦ ପୃଷ୍ଠା ବିଶିଷ୍ଟ ଚାର୍ଜସିଟ୍ ଦାଖଲ କରିଛି । ୩୮ଥରର ଶୁଣାଣି ସମୟରେ ୨୬ଜଣ ସାକ୍ଷୀଙ୍କୁ ଜେରା କରାଯାଇଥିଲା ଏବଂ ୧୮୦ଟି ଡକ୍ୟୁମେଣ୍ଟ ଯାଞ୍ଚ୍ କରାଯାଇଥିଲା । ତିନି ତିନିଥର ସାଂସଦ ହୋଇଥିବା ରେଭନ୍ନା ସମାନ ତଦନ୍ତ ସହିତ ଜଡ଼ିତ ଅନ୍ୟ ତିନୋଟି ମାମଲାରେ ଏବେ ବି ବିଚାରର ସମ୍ମୁଖୀନ ହେଉଛନ୍ତି ।

# ଅପରାଧୀ ସୁନୀଲଙ୍କୁ ଏନ୍‌କାଉଣ୍ଟର୍

**ରଙ୍ଗେଇଲୁଣ୍ଡା,୨।୮/ଏନ୍ଏନ୍ଏସ୍:**



- ମାଉଜର୍ ସହ ୩ ଗୁଳି ଜବତ
- ନାଁରେ ୨୦ ସଙ୍ଗୀନ ମାମଲା

ଗଞ୍ଜାମ ଜିଲ୍ଲାରେ ଅପରାଧୀଙ୍କ ଦୌରାତ୍ମ୍ୟ ବୃଦ୍ଧି ପୁଲିସ ପାଇଁ ମୁଣ୍ଡବିନ୍ଧାର କାରଣ ପାଲଟିଛି । ଶନିବାର ଭୋର୍‌ରେ ପିତାତଳି-ସୋରଳ ରୋଡ୍ ନିକଟରେ ଗୋଳନ୍ଥରା ଥାନା ପୁଲିସର ଚଢ଼ଉ ବେଳେ କବିସୂର୍ଯ୍ୟନଗର ଅଞ୍ଚଳର ଦୁର୍ଦ୍ଦାନ୍ତ ଅପରାଧୀ ସୁନୀଲ ନାହାକ ଓରଫ୍ ମଲ୍ଲୁକୁ ଏନ୍‌କାଉଣ୍ଟର୍ କରାଯାଇଛି । ପୁଲିସ ଆହତ ସୁନୀଲକୁ ଉଦ୍ଧାର କରି ବ୍ରହ୍ମପୁର ବଡ଼ ମେଡିକାଲରେ ଚିକିତ୍ସା ପାଇଁ ଭର୍ତ୍ତି କରିଛି । ଅସ୍ଥିଶଲ୍ୟ ବିଭାଗରେ ଚିକିତ୍ସା ଚାଲିଛି ।

ଖବର ଅନୁସାରେ ବ୍ରହ୍ମପୁର ପୁଲିସ ଜିଲ୍ଲାରେ ଗତ ୧୦ ଦିନ ହେଲା ସୁନାଚେନ୍ ଲୁଟ୍ ଅଭିଯୋଗ ହୋଇଆସୁଥିଲା । ନିମଖଣ୍ଡି ଓ ଗୋପାଳପୁର ଥାନା ଅଧିନରେ ଦୁଇଟି ସୁନା ଚେନ୍ ଲୁଟ୍ ହୋଇଥିଲା । ଅଭିଯୁକ୍ତଙ୍କୁ ଚିହ୍ନଟ କରିବା ପରେ ଧରିବା ପାଇ ବ୍ରହ୍ମପୁର ସଦର ଏସ୍‌ଡିପିଓ ନେତୃତ୍ୱରେ ୩ଟି ଟିମ୍ ଗଠନ କରାଯାଇଥିଲା । ଶନିବାର ଭୋର୍ ସମୟରେ ସୁନୀଲ ଓ ତା'ର ଅନ୍ୟ ସହଯୋଗୀ ପଲ୍‌ସର୍ ବାଇକ୍ ଯୋଗେ ପିତାତଳି -ସୋରଳ ରାସ୍ତାଦେଇ ଆସୁଥିବା ଖବର ପାଇଥିଲା ପୁଲିସ୍ । ବ୍ରହ୍ମପୁର ଏସ୍‌ପି ଡା. ସର୍ବଣା ବିବେକ ଏମ୍‌ଙ୍କ ନିର୍ଦ୍ଦେଶକ୍ରମେ ଡିଏସ୍‌ପି ତଥା ଗୋଳନ୍ଥରା ଅଧିକାରୀ ବିବେକାନନ୍ଦ ସ୍ୱାଇଁ ସଦଳବଳ ଧରିବା ପାଇଁ ଛକି ରହିଥିଲେ । ଏରେଣ୍ଡା ରାସ୍ତା ନିକଟରେ ପୁଲିସ ଧରିବା ପାଇଁ ଉଦ୍ୟମ କରିଥିବା ବେଳେ ସୁନୀଲ ପୁଲିସ୍ ଉପରକୁ ଦୁଇ ରାଉଣ୍ଡ ଗୁଳି ମାଡ଼ କରିଥିଲା । ପୁଲିସ୍ ଏଥିରୁ ବର୍ତ୍ତି ଯାଇଥିବା ବେଳେ ଗାଡ଼ିରେ ଗୁଳି ଲାଗିଥିଲା । ଡିଏସ୍‌ପି ବିବେକାନନ୍ଦ ସ୍ୱାଇଁଙ୍କ ପାଲଟା ଗୁଳିମାଡ଼ରେ ସୁନୀଲର ବାମ ଗୋଡ଼ ଆଣ୍ଠୁ ତଳକୁ ଗୋଟିଏ ଗୁଳି ବାଜିଥିଲା । ସେ ଆହତ ହୋଇଥିଲା ବେଳେ ଘଟଣାସ୍ଥଳରୁ ଅନ୍ୟ ସହଯୋଗୀ ଫେରାର୍ ହୋଇଯାଇଥିଲେ । ପୁଲିସ ଆହତ ସୁନୀଲକୁ କାବୁ କରି ବ୍ରହ୍ମପୁର ବଡ଼ ମେଡିକାଲ ଚିକିତ୍ସା ପାଇଁ ଭର୍ତ୍ତି କରିଥିଲା । ଏନେଇ ପୁଲିସ ଏକ ହତ୍ୟା ଉଦ୍ୟମ ମାମଲା ରୁଜୁ କରି ବ୍ରହ୍ମପୁର ସଦର ଏସ୍‌ଡିପିଓ ମାମଲାର ତଦନ୍ତ କରିବେ ବୋଲି ବ୍ରହ୍ମପୁର ଏସ୍‌ପି ଡା. ସର୍ବଣା ବିବେକ ଏମ୍ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି । ସୁନୀଲ ନାଁରେ ହତ୍ୟା, ଦାଦାବଟି, ହତ୍ୟା ▶▶ ୫

### ୧୫ ଦିନ ବିତିଗଲା, ମିଳିଲାନି ନ୍ୟାୟ

# ଦିଲ୍ଲୀ ଏମ୍‌ସରେ ଆଖି ବୁଜିଲେ ବଳଙ୍ଗା ପୀଡ଼ିତା

**ବଳଙ୍ଗା,ଭୁବନେଶ୍ୱର,୨।୮/ଏନ୍ଏନ୍ଏସ୍:** ବହୁଚର୍ଚ୍ଚିତ ବଳଙ୍ଗା ପୀଡ଼ିତାଙ୍କ ଚିକିତ୍ସାଧୀନ ଅବସ୍ଥାରେ ଦିଲ୍ଲୀ ଏମ୍‌ସରେ ଶନିବାର ମୃତ୍ୟୁ ଘଟିଛି । ଯେଉଁ ଶନିବାର ସେ ଜଳିଯାଇଥିଲେ ସଂଯୋଗ ବଶତଃ ସେହି ଶନିବାରରେ ସେ ଆଖି ବୁଜିଛନ୍ତି । ଆସନ୍ତାକାଲି ଏମ୍‌ସରେ ତାଙ୍କର ଶବ ବ୍ୟବଚ୍ଛେଦ ପରେ ମୃତଦେହ ଓଡ଼ିଶା ଆସିବ ବୋଲି ସୂଚନା ମିଳିଛି । ଏହି ଘଟଣାରେ ଜିଲ୍ଲା ପୁଲିସ, କ୍ରାଇମ୍‌ବ୍ରାଞ୍ଚ. ସ୍ପେଶାଲ୍ ବ୍ରାଞ୍ଚ, ଜିଲ୍ଲା ଡଗ୍ ସ୍କ୍ୱାଡ୍ ଓ ସାଇଣ୍ଟିଫିକ୍ ଟିମ୍ ତଦନ୍ତ ଜାରି ରଖିଥିବା ବେଳେ ଆଜକୁ ୧୫ ଦିନ ବିତିଥିଲା ବେଳେ ଏ ପର୍ଯ୍ୟନ୍ତ ପୀଡ଼ିତାକୁ ନ୍ୟାୟ ମିଳିପାରିନାହିଁ କି ଘଟଣା ଉପରୁ ପରଦା ହଟିନାହିଁ । ଅନ୍ୟପକ୍ଷରେ ଓଡ଼ିଶା ପୁଲିସ୍ ପକ୍ଷରୁ ଏହି ଘଟଣାରେ ଅନ୍ୟକୌଣସି ବ୍ୟକ୍ତିଙ୍କ ସଂପୃକ୍ତି ନଥିବା ସ୍ପଷ୍ଟ କରାଯାଇଛି ।

ତେବେ ବଳଙ୍ଗା ପୀଡ଼ିତାଙ୍କ ମୃତ୍ୟୁକୁ ନେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶୋକ ପ୍ରକାଶ କରିଛନ୍ତି । ଏନେଇ ସାମାଜିକ ଗଣମାଧ୍ୟମରେ ଟୁଇଟ୍ କରି ମୁଖ୍ୟମନ୍ତ୍ରୀ କହିଛନ୍ତି, ବଳଙ୍ଗା ଘଟଣାରେ ପୀଡ଼ିତା ଝିଅଟିର ମୃତ୍ୟୁ ଖବର ଶୁଣି ମୁଁ ଗଭୀର ଭାବେ ମର୍ମାହତ । ସରକାରଙ୍କ ସମସ୍ତ ପ୍ରୟାସ ଏବଂ ଏମ୍ସ ଦିଲ୍ଲୀରେ ବିଶେଷଜ୍ଞ ଡାକ୍ତରୀ ଦଳଙ୍କ ଅହୋରାତ୍ର ଚେଷ୍ଟା ସତ୍ତ୍ୱେ ତାଙ୍କ ଜୀବନ ରକ୍ଷା କରାଯାଇ ପାରିଲା ନାହିଁ । ମୁଁ ଝିଅଟିର ଅମର ଆତ୍ମାର ସଦ୍‌ଗତି କାମନା କରୁଛି ଏବଂ ଏହି ଅପୂରଣୀୟ କ୍ଷତିକୁ ସହିବା ପାଇଁ ତାଙ୍କ ପରିବାରକୁ ଶକ୍ତି ମିଳୁ ବୋଲି ଈଶ୍ୱରଙ୍କ ନିକଟରେ ପ୍ରାର୍ଥନା କରୁଛି ।

ସେହିପରି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ତି, ଏକ ଅଭାବନୀୟ ତଥା ଦୁର୍ଭାଗ୍ୟଜନକ ଅଘଟଣ ପରେ ଦିଲ୍ଲୀ ଏମ୍ସରେ ଚିକିତ୍ସାଧୀନ ଥିବା ବଳଙ୍ଗା ପୀଡ଼ିତାଙ୍କ ପରଲୋକ ଘଟିଛି । ଅମର ଆତ୍ମାର ସଦ୍‌ଗତି କାମନା କରିବା ସହ ଏ ଦୁଃଖଦ ପରିସ୍ଥିତିରେ ତାଙ୍କ ପରିବାରବର୍ଗଙ୍କୁ ସମବେଦନା ଜଣାଉଛି । ଡାକ୍ତରୀ ଦଳ ଏବଂ ସରକାରଙ୍କ ସମସ୍ତ ପ୍ରକାର ଚେଷ୍ଟା ସତ୍ତ୍ୱେ ବଞ୍ଚାଇ ପାରିନଥିବାରୁ ଆମେ ଅତ୍ୟନ୍ତ ଦୁଃଖିତ ।

ଅନ୍ୟପକ୍ଷରେ ବଳଙ୍ଗା ନାବାଳିକାଙ୍କୁ ଜାଳିଦେବା ଘଟଣାରେ ଓଡ଼ିଶା ପୁଲିସ ଏକ ବଡ଼ ଖୁଲାସା କରିଛି । ଏନେଇ ଓଡ଼ିଶା ପୁଲିସର ଅଫିସିଆଲ୍ ଏକ୍ସ ହ୍ୟାଣ୍ଡେଲ୍ (@odisha_police) ମାଧ୍ୟମରେ ସୂଚନା ଦିଆଯାଇଛି । ବଳଙ୍ଗା ଘଟଣାରେ ପୀଡ଼ିତା ଝିଅଙ୍କ ମୃତ୍ୟୁ ଖବର ଶୁଣି ଆମେ ଅତ୍ୟନ୍ତ ଦୁଃଖିତ । ଏହି ଘଟଣାରେ ପୁଲିସ ପକ୍ଷରୁ ତଦନ୍ତ ନିଷ୍ଠାର ସହ କରାଯାଇଛି । ତଦନ୍ତ ଶେଷ ପର୍ଯ୍ୟାୟରେ ପହଞ୍ଚି ସାରିଛି । ବର୍ତ୍ତମାନ ପର୍ଯ୍ୟନ୍ତ ହୋଇଥିବା ତଦନ୍ତ ଅନୁଯାୟୀ ଏହି ଘଟଣାରେ ଅନ୍ୟ କୌଣସି ବ୍ୟକ୍ତିଙ୍କ ସମ୍ପୃକ୍ତି ନଥିବା ସ୍ପଷ୍ଟ ହୋଇଛି । ଏଣୁ



**ଶୋକ ପ୍ରକାଶ କଲେ ମୁଖ୍ୟମନ୍ତ୍ରୀ ଓ ଉପମୁଖ୍ୟମନ୍ତ୍ରୀ**

**ଏହି ଘଟଣାରେ ଅନ୍ୟ କୌଣସି ବ୍ୟକ୍ତିଙ୍କ ସମ୍ପୃକ୍ତି ନାହିଁ: ଓଡ଼ିଶା ପୁଲିସ**

ସମସ୍ତଙ୍କୁ ଅନୁରୋଧ,ଏହି ଦୁଃଖଦ ମୁହୂର୍ତ୍ତରେ ଏ ସମ୍ବନ୍ଧୀୟ କୌଣସି ସମ୍ବେଦନଶୀଳ ମନ୍ତବ୍ୟ ନ ଦିଅନ୍ତୁ ।

ସୂଚନାଯୋଗ୍ୟ, ବଳଙ୍ଗା ଥାନା ବାଇଆବରର ନାବାଳିକା ଜଣକ ଗତମାସ ୧୯ ତାରିଖ ଦିନ ପୂର୍ବାହ୍ଣରେ ନିଜ ସାଙ୍ଗ ଘରକୁ କୌଣସି କାମରେ ଯାଉଥିଲା ବେଳେ ଦୁର୍ବୃତ୍ତମାନେ ତାଙ୍କ ଅପହରଣ କରି ଏକ ନିର୍ଜନ ସ୍ଥାନକୁ ନେଇଯାଇଥିଲେ । ସେଠାରେ ଅତ୍ୟନ୍ତ ନିର୍ଦ୍ଦୟ ଓ ବର୍ବରୋଚିତ ଭାବେ ତାଙ୍କ ଦେହରେ ନିଆଁ ଲଗାଇ ଦେଇଥିଲେ । ପରବର୍ତ୍ତୀ ସମୟରେ ତାଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରିଥିଲେ । ଗୁରୁତର ଅବସ୍ଥାରେ ନାବାଳିକାଙ୍କୁ ଭୁବନେଶ୍ୱର ଏମ୍ସକୁ ସ୍ଥାନାନ୍ତରିତ କରାଯାଇଥିଲା । ଶରୀରର ୭୫ ପ୍ରତିଶତ ପୋଡ଼ି ଯାଇଥିବାରୁ ତାଙ୍କୁ ଜୁଲାଇ ୨୨ ତାରିଖ ଦିନ ଏମ୍‌ସ ଦିଲ୍ଲୀକୁ ସ୍ଥାନାନ୍ତରିତ କରାଯାଇଥିଲା । ଏଥିପାଇଁ ଏମ୍ସ ଭୁବନେଶ୍ୱରରୁ ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରକୁ ଗ୍ରୀନ୍ କରିଡର୍ କରାଯାଇଥିଲା । ସେଠାରେ ଚିକିତ୍ସାଧୀନ ଥିବା ବେଳେ ମାଜିଷ୍ଟ୍ରେଟ୍‌ଙ୍କ ଉପସ୍ଥିତିରେ ଏକାଧିକ ଥର ବୟାନ ରେକର୍ଡ କରାଯାଇଥିଲା । ତେବେ ଆଜି ଦିଲ୍ଲୀ ଏମ୍ସରେ ଚିକିତ୍ସାଧୀନ ଅବସ୍ଥାରେ ପୀଡ଼ିତା ଆଖି ବୁଜି ଦେଇଛନ୍ତି । ଏ ଖବର ପ୍ରସାରିତ ହେବା ପରେ ବଳଙ୍ଗା ▶▶ ୫

# 'ଏନ୍ଆଇଏ'ର ଏସ୍‌ପି ହେଲେ ସାଗରିକା ନାଥ



**ଭୁବନେଶ୍ୱର,୨।୮/ଏନ୍ଏନ୍ଏସ୍:**

୨୦୧୬ ବ୍ୟାଚ୍‌ର ଓଡ଼ିଶା କ୍ୟାଡର୍ ଆଇପିଏସ୍ ଅଫିସର୍ ସାଗରିକା ନାଥଙ୍କ 'ଏନ୍ଆଇଏ'ର ଏସ୍‌ପି ଭାବେ ନିଯୁକ୍ତି ପାଇଛନ୍ତି । ଏନେଇ ଗୃହ ମନ୍ତ୍ରଣାଳୟର ସଚିବ ସଞ୍ଜୀବ କୁମାର ଓଡ଼ିଶା ସରକାରଙ୍କ ମୁଖ୍ୟ ଶାସନ ସଚିବଙ୍କୁ ଚିଠି ଲେଖି ଏହା ସ୍ପଷ୍ଟ କରିଛନ୍ତି ।

ସୂଚନାଯୋଗ୍ୟ, ସାଗରିକାଙ୍କ ମୂଳ ଘର ଢେଙ୍କାନାଳ ଜିଲ୍ଲାରେ । ସେ କୋରାପୁଟ ଜିଲ୍ଲାର ଦାମନଯୋଡ଼ି ଦିଲ୍ଲୀ ପବ୍ଲିକ୍ ସ୍କୁଲ୍‌ରୁ ମାଟ୍ରିକ୍ ପାସ୍ କରିଥିଲେ । ବିଶାଖାପାଟଣାରେ ଯୁକ୍ତଦୁଇ ପଢ଼ିବା ପରେ ଭୁବନେଶ୍ୱରସ୍ଥିତ ସିଇଟିରୁ ଇଲେକ୍ଟ୍ରିକାଲ୍ ଇଞ୍ଜିନିୟରିଂରେ ଡିଗ୍ରୀ ହାସଲ କରିଥିଲେ । ୟୁପିଏସ୍‌ସି ସିଭିଲ୍ ସର୍ଭିସେସ୍ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ୨୦୧୬ ମସିହାରେ ଭାରତୀୟ ପୁଲିସ ସେବାରେ ଯୋଗଦେଇଥିଲେ । ପୁଲିସ ▶▶ ୫

### ଟ୍ରମ୍ପଙ୍କ ୨୫% ଟାରିଫ୍ ଲାଗୁ ସତ୍ତ୍ୱେ...

# ରୁଷ୍‌ଠାରୁ ତେଲ କିଣିବା ଜାରି ରଖିବ ଭାରତ

**ନୂଆଦିଲ୍ଲୀ,୨।୮/ଏଜେନ୍ସି:**

ରୁଷ୍‌ଠାରୁ ଭାରତ ତେଲ କିଣୁଥିବା କାରଣ ଦର୍ଶାଇ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଏପ୍ରକାର ବର୍ଦ୍ଧିତ ଶୁଳ୍କ ଭାରତ ଉପରେ ଜୋର୍ ଜବରଦସ୍ତି ଲଦିଛନ୍ତି । ଏହା ଭାରତକୁ ଆମେରିକାର ଏକପ୍ରକାର ଧମକ ବୋଲି ମଧ୍ୟ ଅଭିହିତ କରାଯାଉଛି । ତେବେ ଆମେରିକାର ଏପ୍ରକାର ଧମକ ସତ୍ତ୍ୱେ ଭାରତ, ରୁଷ୍‌ଠାରୁ ତେଲ କିଣିବା ପୂର୍ବବତ୍ ଜାରି ରଖିବ ବୋଲି ସ୍ପଷ୍ଟ କରିଛି । ସମର୍ଥିତ ସୂତ୍ରରୁ ମିଳିଥିବା ସୂଚନାନୁସାରେ ଭାରତ କୌଣସି ପରିସ୍ଥିତିରେ ମଧ୍ୟ ନିଜ ବିଶ୍ୱସ୍ତ ବନ୍ଧୁ ରୁଷ୍ ସହ ପ୍ରତାରଣା କରିବାକୁ ପ୍ରସ୍ତୁତ ନୁହେଁ । ଏତଦ୍‌ବ୍ୟତୀତ ଭାରତୀୟ ତୈଳ କମ୍ପାନୀଗୁଡ଼ିକ 'ମୂଲ୍ୟ, ଅଶୋଧିତ ତୈଳ ଗୁଣବତ୍ତା, ଲଜିଷ୍ଟିକ୍ସ ଏବଂ ଆର୍ଥିକ କାରଣ' ଉପରେ ଆଧାରିତ ନିଷ୍ପତ୍ତି ନେଉଥିବାରୁ ସେମାନେ ରୁଷ୍‌ରୁ ତେଲ ଆମଦାନୀ ଉପରେ କୌଣସି କଟକଣା ଲଗାଇବେ ନାହିଁ ବୋଲି ନିଷ୍ପତ୍ତି ନେଇଛନ୍ତି । ପୂର୍ବରୁ ଅର୍ଥାତ୍ ଯେତେବେଳେ ଆମେରିକା କେବଳ ବର୍ଦ୍ଧିତ ଟାରିଫ୍ ଧମକ ଦେଉଥିଲା ସେବେଠାରୁ ଭାରତ ସ୍ପଷ୍ଟ କରିସାରିଥିଲା ଯେ, ଭାରତ ସରକାର କେବଳ ଜାତୀୟ ସ୍ୱାର୍ଥ ସୁରକ୍ଷାଜନିତ ନିଷ୍ପତ୍ତି ନେବାକୁ ପ୍ରତିଶ୍ରୁତିବଦ୍ଧ । ଏହାର ଅର୍ଥ ଭାରତ ନିଜ ଦେଶବାସୀଙ୍କ ସ୍ୱାର୍ଥକୁ ପ୍ରାଥମିକତା ହିଁ ଦେବ, କୌଣସି ଚାପ ଆଗରେ ମୁଣ୍ଡ ନୁଆଇଁବ ନାହିଁ । ପ୍ରକାଶ, ଆମେରିକା ଭାରତ ଉପରେ ଆପାତତଃ ୨୫% ଟାରିଫ୍ ଲାଗୁ କରିସାରିଛି । ଅଗଷ୍ଟ ୧ ତାରିଖରୁ ଆମେରିକାର



ଏହି ବର୍ଦ୍ଧିତ ଟାରିଫ୍ ଲାଗୁ ହେବାକୁ ଥିବା ବେଳେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଅନ୍ତିମ ସମୟରେ ହିଁ ସମୟସୀମାକୁ ଆଉ ୭ଦିନ ପର୍ଯ୍ୟନ୍ତ ବୃଦ୍ଧି କରିଛନ୍ତି । ଅର୍ଥାତ୍ ଅଗଷ୍ଟ ୭ରୁ ଲାଗୁ ହେବ ଆମେରିକାର ନୂଆ ଟାରିଫ୍ ନୀତି । ଭାରତ ସମେତ ପ୍ରାୟ ୯୬ଟି ଦେଶ ଆମେରିକାର ଏହି ବର୍ଦ୍ଧିତ ଟାରିଫ୍ ନୀତି ଅଧୀନରେ ରହିଛନ୍ତି ।

ୟୁକ୍ରେନ୍ ଯୁଦ୍ଧକୁ ନେଇ ଆମେରିକା ମସ୍କୋର ବାଣିଜ୍ୟିକ ଅଂଶୀଦାରମାନଙ୍କ ଉପରେ ପ୍ରତିବନ୍ଧକ ଲଗାଇବାକୁ ଧମକ ଦେଇଥିଲା । ସେ ସମୟରେ ଭାରତୀୟ ଅଧିକାରୀମାନେ କହିଥିଲେ ଯେ ଭାରତୀୟ ତୈଳ ବିଶୋଧନାଗାରଗୁଡ଼ିକ ରୁଷ୍ ଠାରୁ ତେଲ କିଣିବା ଜାରି ରଖିବ । ତେବେ ସଦ୍ୟ ପ୍ରକାଶିତ ଅନ୍ତର୍ଜାତୀୟ ଗଣମାଧ୍ୟମ ରିପୋର୍ଟରେ ଦର୍ଶାଯାଇଥିଲା ଯେ ଭାରତ ଆଗାମୀ ଦିନରେ ରୁଷ୍‌ଠାରୁ ତେଲ କିଣିବା ବନ୍ଦ କରିବାକୁ ବାଧହେବ । କିନ୍ତୁ ଏପ୍ରକାର ଦାବି ତଥା ରିପୋର୍ଟକୁ ଭାରତର ସରକାରୀ ସୂତ୍ରଗୁଡ଼ିକ ଅସ୍ୱୀକାର କରି କହିଛନ୍ତି ଯେ ଭାରତୀୟ ତୈଳ କମ୍ପାନୀଗୁଡ଼ିକ ରୁଷ୍‌ଠାରୁ ତେଲ ଆମଦାନୀ ବନ୍ଦ କରିନାହାଁନ୍ତି କିମ୍ବା ଏପ୍ରକାର କିଛି ବି ଘଟିବାର ସମ୍ଭାବନା ନାହିଁ । ୟୁକ୍ରେନ୍ ଯୁଦ୍ଧ ମଧ୍ୟରେ ହ୍ୱାଇଟ୍ ହାଉସ୍ ସମସ୍ତ ଭାରତୀୟ ସାମଗ୍ରୀ ଉପରେ ୨୫% ଶୁଳ୍କ ଘୋଷଣା କରିବା ପରେ ଭାରତ ପକ୍ଷରୁ ଏପ୍ରକାର ମନ୍ତବ୍ୟ ଆସିଛି ।

ଯୁଦ୍ଧ ବନ୍ଦ କରିବା କିମ୍ବା ରୁଷୀୟ ତୈଳ ଆମଦାନୀ କରୁଥିବା ଦେଶମାନଙ୍କ ଉପରେ ଶୁଳ୍କରେ ▶▶ ୫

### ସ୍ୱଦେଶୀ ଉତ୍ପାଦ ଉପରେ ଗୁରୁତ୍ୱାରୋପ

# ଲୋକାଲ୍ ପାଇଁ ଭୋକାଲ୍ ସାଜିବାକୁ ହେବ: ପ୍ରଧାନମନ୍ତ୍ରୀ

**ବାରାଣସୀ,୨।୮/ଏଜେନ୍ସି:**

ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଭାରତୀୟ ରପ୍ତାନି ଉପରେ ୨୫% ଶୁଳ୍କ ଏବଂ ରୁଷ୍‌ରୁ ଶକ୍ତି ଆମଦାନୀ ଉପରେ ଅନିର୍ଦ୍ଦିଷ୍ଟ ଦଣ୍ଡ ଘୋଷଣା କରିବାର କିଛିଦିନ ପରେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏ ସମ୍ପର୍କରେ ମୁହଁ ଖୋଲିଛନ୍ତି । ଏକ କାର୍ଯ୍ୟକ୍ରମରେ ମୋଦୀ କହିଛନ୍ତି ଯେ ▶▶ ୫



# ଅବସରପ୍ରାପ୍ତ ଶିକ୍ଷକଙ୍କୁ ମିଳିବ ନିଯୁକ୍ତି

**ଭୁବନେଶ୍ୱର,୨।୮/ଏନ୍ଏନ୍ଏସ୍:**

ଅବସର ଗ୍ରହଣ କରିଥିବା ଶିକ୍ଷକମାନଙ୍କୁ ଅତିଥି ଶିକ୍ଷକ ଭାବେ ନିଯୁକ୍ତି ମିଳିବ । ଏନେଇ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟକୁ ଚିଠି କରାଯାଇଛି । ଅନୁଦାନପ୍ରାପ୍ତ ହାଇସ୍କୁଲ ଏବଂ ବ୍ଲକ୍‌ଗ୍ରାଣ୍ଟ ସ୍କୁଲରେ ଏହି ଶିକ୍ଷକମାନଙ୍କୁ ନିଯୁକ୍ତି ମିଳିବ । ସେହିପରି ସଂସ୍କୃତ ଟୋଲ୍ ସ୍କୁଲରେ ଅତିଥି ଶିକ୍ଷକମାନେ ମଧ୍ୟ ନିଯୁକ୍ତି ପାଇବେ । ଏହି ଆଧାରରେ ଅବସରଗ୍ରହଣ କରିଥିବା ୬୩୮୭ ଶିକ୍ଷକଙ୍କୁ ଅତିଥି ଶିକ୍ଷକ ଭାବେ ନିଯୁକ୍ତି ମିଳିବ ।

**ସ୍କୁଲ୍ ପିଲା ଅଣ୍ଡା ନ ଖାଇଲେ ମିଳିବ ଫଳ**

ଭୁବନେଶ୍ୱର,୨।୮/ଏନ୍ଏନ୍ଏସ୍: ଏଣିକି ଯେଉଁ ଛାତ୍ରଛାତ୍ରୀ ଆମିଷ ଖାଉନଥିବେ ସେମାନଙ୍କୁ ଅଣ୍ଡା ବଦଳରେ ଫଳ ଦେବାକୁ ଘୋଷଣା କରିଛନ୍ତି ରାଜ୍ୟ ସରକାର । ଶିଶୁ ବାଟିକାଠାରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ପିଲାଙ୍କୁ ମିଡ୍ ଡେ' ମିଲ୍‌ରେ ମିଳିବ ଫଳ । ପିଏମ୍ ପୋଷଣ ସ୍କିମ୍‌ରେ ସ୍କୁଲ୍ ପିଲା ଅଣ୍ଡା ଖାଉ ନ ଥିଲେ ଦିଆଯିବ ଫଳ । ଏ ନେଇ ପିଏମ ପୋଷଣ ରାଜ୍ୟ ନୋଡାଲ୍ ଅଧିକାରୀ ଜଲ୍ଲା ଶିକ୍ଷା ଅଧିକାରୀମାନଙ୍କୁ ଚିଠି ଲେଖି ନିର୍ଦ୍ଦେଶ ଜାରି କରାଯାଇଛି । କେତେକ ପିଲା ଆମିଷ ଖାଉ ନଥିବାରୁ ସେମାନଙ୍କ ପାଇଁ ନୂଆ ନିଷ୍ପତ୍ତି ନେଇଛନ୍ତି ରାଜ୍ୟ ସରକାର ।

ଅନ୍‌ଲାଇନ୍ ଉପସ୍ଥାନ ବ୍ୟବସ୍ଥା ବିରୋଧରେ ବିଶାଳ ରାଲି

# ବିଇଓ ଅଫିସ୍ ଘେରାଉ, ପ୍ରତିବାଦ ସଭା




**ନୟାଗଡ଼,୨/୮/ଏନ୍ଏନ୍ଏସ୍:** ସରକାରଙ୍କ ପକ୍ଷରୁ ଅନ୍‌ଲାଇନରେ ଛାତ୍ରଛାତ୍ରୀ ଏବଂ ଶିକ୍ଷକମାନଙ୍କ ଉପସ୍ଥାନ ନେବା ନିର୍ଦ୍ଦେଶକୁ ନୟାଗଡ଼ ବ୍ଲକ ମିଳିତ ଶିକ୍ଷକ ସଂଘ ପକ୍ଷରୁ ଜୋରଦାର ବିରୋଧ କରାଯାଇଛି । ଆଜି ମଧ୍ୟାହ୍ନରେ ନୟାଗଡ଼ ବ୍ଲକରେ କାର୍ଯ୍ୟରତ ମାଧ୍ୟମିକ ଶିକ୍ଷକ ସଂଘ, ପ୍ରାଥମିକ ଶିକ୍ଷକ ସଂଘ, ନୂତନ ପେନସନ ଭୁକ୍ତ ପ୍ରାଥମିକ ଶିକ୍ଷକ ସଂଘ,ଆଲୋଷ୍ଟା, ଏକ୍ସ କ୍ୟାଡର ଶିକ୍ଷକ ସଂଘ ଆଦି ପକ୍ଷରୁ ଏକ ବିଶାଳ ରାଲି ସ୍ଥାନୀୟ ସମଗ୍ର ଶିକ୍ଷା କାର୍ଯାଳୟରୁ ବାହାରି ବ୍ଲକ ଶିକ୍ଷାଧିକାରୀ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଆସି କାର୍ଯ୍ୟାଳୟକୁ ଘେରାଉ କରାଯାଇଥିଲା । ଏଠାରେ ମାଧ୍ୟମିକ ଶିକ୍ଷକ ସଂଘ ରାଜ୍ୟ ସମ୍ପାଦକ ମାଣିକେଶ୍ୱର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପ୍ରତିବାଦ ସଭାରେ ରାଜ୍ୟ ପ୍ରାଥମିକ ଶିକ୍ଷକ ସଂଘର ପୂର୍ବତନ ସାଧାରଣ ସମ୍ପାଦକ ତଥା ଶିକ୍ଷକ ନେତା ଶେଖ ଅବଦୁଲ ଖାଲିକ, ବ୍ଲକ ଓଷ୍ଟା ସଂଘ ସଭାପତି ଅଭିମନ୍ୟୁ ମହାନ୍ତି, ନୟାଗଡ଼ ବ୍ଲକ ପ୍ରାଥମିକ ଶିକ୍ଷକ ସଂଘ (ଓପିଏସ) ସମ୍ପାଦକ ଭକ୍ତ ବଲ୍ଲଭ ବଟକୃଷ୍ଣ ମିଶ୍ର, ଏନପିଏସ ସଂଘ ସମ୍ପାଦକ ସୁରେଶ କୁମାର ସେଠି, ଏକ୍ସ କ୍ୟାଡର ସଭାପତି ଭଗବାନ ପଣ୍ଡା ପ୍ରମୁଖ ବିନା ଭିତ୍ତିଭୂମିରେ ରାଜ୍ୟ ସରକାରଙ୍କ ଅନଲାଇନ ଉପସ୍ଥାନ ନିର୍ଦ୍ଦେଶକୁ ଜୋରଦାର ବିରୋଧ କରିବା ସହିତ ଆଗାମୀ ଦିନରେ ଆନ୍ଦୋଳନକୁ ଜୋରଦାର କରିବା ପାଇଁ ଆହ୍ୱାନ ଦେଇଥିଲେ । ପ୍ରଥମେ ଏ ବାବଦରେ ଉପଯୁକ୍ତ ଭିତ୍ତିଭୂମିର ବିକାଶ କରି ଅନଲାଇନ୍ ଉପସ୍ଥାନ ପାଇଁ ଆବଶ୍ୟକ ଉପକରଣ, ୱାଇଫାଇ ସେବା, ଡାଟା ଏଣ୍ଟ୍ରି ଅପରେଟର ବିଦ୍ୟାଳୟ ଗୁଡିକୁ ଯୋଗାଇ ନଦେଇ କେବଳ ଅନଲାଇନ୍ ଉପସ୍ଥାନ ପାଇଁ ଚିଠି କରିଥିବାରୁ ମିଳିତ ଶିକ୍ଷକ ସଂଘ ପକ୍ଷରୁ ଜୋରଦାର ବିରୋଧ କରାଯିବା ସହିତ କୌଣସି ଶିକ୍ଷକ କିମ୍ବା ପ୍ରଧାନ ଶିକ୍ଷକ ଅନଲାଇନରେ ଉପସ୍ଥାନ ନଦେବାକୁ ନିଷ୍ପତ୍ତି ନିଆଯାଇଥିଲା । ପ୍ରତିବାଦ ସଭାରେ ମିଳିତ ଶିକ୍ଷକ ସଂଘ ପକ୍ଷରୁ ଶିକ୍ଷକ ନେତା ବିପିନ ବିହାରୀ ଦାସ, ପୀତବାସ ପ୍ରଧାନ, ଲକ୍ଷ୍ମୀଧର ସାହୁ, ବିଭୁତି ମିଶ୍ର, ସୌଦାମିନୀ ସ୍ୱାଇଁ, ସଂଗ୍ରାମ କେଶରୀ ସାହୁ, ମୃତ୍ୟୁଞ୍ଜୟ ଷଡ଼ଙ୍ଗୀ, ଉମେଶ ସ୍ୱାଇଁ, ସଲିମ ଇବ୍ରାହିମ, ଅଶୋକ ମଲ୍ଲ, କାଦମ୍ବିନୀ ମହାପାତ୍ର, ଶୋଭନା ସେଠି, ରବୀନ୍ଦ୍ର ସାହୁ, ବିଶ୍ୱନାଥ ସାହୁଙ୍କ ସମେତ ବ୍ଲକ୍‌ସ୍ତରରେ କାର୍ଯ୍ୟରତ ସମସ୍ତ ବର୍ଗର ଶିକ୍ଷକମାନେ ବହୁ ସଂଖ୍ୟାରେ ସାମିଲ ହୋଇଥିଲେ । ଶେଷରେ ମିଳିତ ଶିକ୍ଷକ ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଲିଖିତ ଦାବିପତ୍ର ଭାରପ୍ରାପ୍ତ ବ୍ଲକ ଶିକ୍ଷାଧିକାରୀ ଉମାକାନ୍ତ ସେଠି ପ୍ରତିବାଦ ସ୍ଥଳକୁ ଆସି ଗ୍ରହଣ କରିଥିଲେ ।

## ଉପ୍ରା ବିଦ୍ୟାଳୟରେ ସ୍ୱାସ୍ଥ୍ୟ ସଚେତନତା



**ଓଡ଼ଗାଁ,୨/୮/ଏନ୍ଏନ୍ଏସ୍:** ଓଡ଼ଗାଁ ବ୍ଲକ୍ ଆଞ୍ଚଳିକ ସାଧନକେନ୍ଦ୍ର ମଶାବାରୀ ଅନ୍ତର୍ଗତ ପାନ୍ତିଖାରୀ ଗ୍ରାମ ପଞ୍ଚାୟତର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ମଶାବାରୀରେ ପ୍ରଧାନ ଶିକ୍ଷକ ଭାବଗ୍ରାହୀ ମହାପାତ୍ରଙ୍କ ତତ୍ତ୍ୱାବଧାନରେ ଏକ ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ ଶନିବାର ଅନୁଷ୍ଠିତ ହୋଇଯାଇଛି । ଓଡ଼ଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର ପ୍ରଣତି ମଞ୍ଜରୀ ଶର୍ମା, ହୋମିଓପ୍ୟାଥିକ ଡାକ୍ତର ଦେବୀପ୍ରସାଦ ପଣ୍ଡା ଓ ପ୍ରକୃତିବନ୍ଧୁ ତଥା ରାଜ୍ୟ ପୁରସ୍କାରପ୍ରାପ୍ତ ଶିକ୍ଷକ ରଞ୍ଜନ କୁମାର ଦାଶ ଯୋଗଦେଇ ପ୍ରଥମେ ଏକବୃକ୍ଷରେ ସମସ୍ତେ ଜଳଦାନ କରି ଠାକୁରଙ୍କ ନିକଟରେ ଧୂପଦୀପ ଅର୍ପଣ କରିଥିବାବେଳେ ବିଦ୍ୟାଳୟର ଶିକ୍ଷାର୍ଥୀମାନେ ମୁଖସ୍ଥ ଶିବପଞ୍ଚାକ୍ଷର ମନ୍ତ୍ରଗାନ କରିଥିଲେ । ବରିଷ୍ଠ ଶିକ୍ଷୟିତ୍ରୀ ସୁରମା ଷଡଙ୍ଗୀ ଅତିଥିମାନଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ପ୍ରଦାନକରି ସ୍ୱାଗତ ଜଣାଇଥିଲେ । ଡାକ୍ତର ଶର୍ମା ଶିକ୍ଷାର୍ଥୀଙ୍କୁ କଲେରା, ଡେଙ୍ଗୁ ଓ ମ୍ୟାଲେରିଆ ସମ୍ପର୍କରେ ବୁଝାଇବାବେଳେ ଡାକ୍ତର ପଣ୍ଡା ସାପକାମୁଡ଼ା, କୁକୁର, ବିଲେଇ, ନେଉଳ କାମୁଡ଼ା ବିଷୟରେ ବିଭନ୍ନ ଧାରଣା ପ୍ରଦାନ କରି ନିଜେ ସଚେତନ ହେବାସହିତ ନିଜର ପଡୋଶୀମାନଙ୍କୁ କିପରି ସଚେତନ କରାଇବେ ସେବିଷୟରେ ଛାତ୍ରଛାତ୍ରୀ ମାନଙ୍କୁ ପ୍ରଶ୍ନୋତ୍ତର ମାଧ୍ୟମରେ ବୁଝାଇଥିଲେ ।ସମସ୍ତ ଶିକ୍ଷାର୍ଥୀଙ୍କୁ ନିୟମିତ ଭାବେ କିପରି ହାତଧୋଇବା ଓ ରୋଗମୁକ୍ତ ରହିବା ତାହାର ସୋପାନ ଗୁଡିକୁ ଅଭ୍ୟାସ କରାଇଥିଲେ । ସବୁରି ମୂଳରେ ଗଛ ତା'ର ଯତ୍ନନେବା ଆମ ସଭିଙ୍କ ଦାୟିତ୍ୱ ମାଆ ପାଇଁ ଗଛଟିଏ ସମ୍ପର୍କରେ ପ୍ରକୃତିବନ୍ଧୁ ଶ୍ରୀଦାଶ ଛାତ୍ରଛାତ୍ରୀ ମାନଙ୍କୁ ବୁଝାଇଥିଲେ ।ବିଦ୍ୟାଳୟର ସଂକ୍ଷିପ୍ତ ପରିବେଶ,ଜଳନିଷ୍କାସନର ଅସୁବିଧା ଏବଂ ପୁରାତନ ଭଙ୍ଗା ଗୃହଗୁଡ଼ିକୁ ଦେଖି ଅତିଥିମାନେ ଦୁଃଖପ୍ରକାଶ କରିଥିବାବେଳେ ପରିବେଶର ପରିଚ୍ଛନ୍ନତା ଓ ଶିକ୍ଷାର୍ଥୀଙ୍କ ଶୃଙ୍ଖଳା ଦେଖି ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କୁ ସାଧୁବାଦ ଜଣାଇଥିଲେ । ଶିକ୍ଷକ ସତ୍ୟବାଦୀ ସାହୁ,ଶିକ୍ଷୟିତ୍ରୀ ଅର୍ଚ୍ଚନା ପାଣିଗ୍ରାହୀ ସ୍ୱଚ୍ଛତା ଆପଣେଇବା ଓ ନୀରୋଗ ରହିବାର ଶପଥପାଠ କାରାଇବାବେଳେ ଶିକ୍ଷୟିତ୍ରୀ ପ୍ରଣତି ହୋତା ଧନ୍ୟବାଦ ଅର୍ପଣ କରିଥିଲେ ।

## ମହାବିଦ୍ୟାଳୟ ଅଧ୍ୟାପିକାଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

**ସାଲେପୁର,୨/୮/ଏନ୍ଏନ୍ଏସ୍:** ସାଲେପୁର ସ୍ୱୟଂଶାସିତ ମହାବିଦ୍ୟାଳୟର ଉଦ୍ଭିଦ ବିଜ୍ଞାନ ବିଭାଗର ବିଭାଗମୁଖ୍ୟ ପ୍ରଫେସର ଜୟନ୍ତୀବାଳା ପରିଜା ଓ ପ୍ରଫେସର ଡକ୍ଟର ନିବେଦିତା ସାହୁଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି । ଶିକ୍ଷକସଂଘ ପକ୍ଷରୁ ଆୟୋଜିତ ସମ୍ବର୍ଦ୍ଧନା ଉତ୍ସବରେ ମୁଖ୍ୟ ଅତିଥି ଭାବେ ଅଧ୍ୟକ୍ଷା ଡକ୍ଟର ସଂଗୀତା ମିଶ୍ର ଯୋଗଦେଇ ନିଜର ଅଭିମତ ଓ ଅନୁଭୂତି ବ୍ୟକ୍ତ କରିଥିଲେ । ପ୍ରଫେସର ଜୟନ୍ତୀବାଳା ପରିଜା ମହାବିଦ୍ୟାଳୟର ଶୈକ୍ଷିକ ଅଧିକାରୀ ଭାବେ ଏବଂ ଜାତୀୟ ସେବା ଯୋଜନାର କଟକ ଜିଲ୍ଲାର ମୁଖ୍ୟ ଅଧିକାରୀ ଭାବେ ଦାୟିତ୍ୱ ତୁଲାଇଥିଲେ । ଶୈକ୍ଷିକ ସଂଘର ସଭାପତି ପ୍ରଫେସର ନିରଞ୍ଜନ ବିଶ୍ୱାଳ, ଉପସଭାପତି ଡକ୍ଟର ସୁଷମାରାଣୀ କର, ସାଧାରଣ ସମ୍ପାଦିକା ଶାଶାଲିପି ନାୟକ, ସହ ସମ୍ପାଦକ ଅଶୋକ କୁମାର ନାୟକ ଏବଂ ସଂପାଦିକା ସ୍ୱାତୀମୁକ୍ତା ଷଡ଼ଙ୍ଗୀ, କୋଷାଧ୍ୟକ୍ଷ କ୍ଷୀରୋଦ କୁମାର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ ।ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀମାନେ ଯୋଗ ଦେଇ ନିଜ ନିଜର ଅନୁଭୂତି ଉପସ୍ଥାପନ କରିଥିଲେ । ଉଭୟ ପ୍ରଫେସର ଜୟନ୍ତୀବାଳା ପରିଜା ଓ ପ୍ରଫେସର ଡକ୍ଟର ନିବେଦିତା ସାହୁଙ୍କୁ ଅଧ୍ୟକ୍ଷା ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ ।

## ଓଷ୍ଟା ଶାଖାର ୬ ଦଫା ଦାବି ନେଇ ଧାରଣା



**ଅସ୍ତରଙ୍ଗ,୨/୮/ଏନ୍ଏନ୍ଏସ୍:** ରାଜ୍ୟ ମାଧ୍ୟମିକ ସ୍କୁଲ ଶିକ୍ଷକ ସଙ୍ଘ ବା ଓଷ୍ଟାର ଅସ୍ତରଙ୍ଗ ଶାଖା ତରଫରୁ ଶହେରୁ ଊର୍ଦ୍ଧ୍ୱ ଶିକ୍ଷକ ଅସ୍ତରଙ୍ଗ ବ୍ଲକ ମଣ୍ଡଳ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଛନ୍ତି । ବିଭିନ୍ନ ସମସ୍ୟାକୁ ନେଇ ଏହି ଶିକ୍ଷକମାନେ ଦୀର୍ଘ ବର୍ଷ ହେବ ସରକାରଙ୍କୁ ୬ ଦଫା ଦାବି ବିଷୟରେ ଅବଗତ କରାଇ ଆସୁଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ପୂର୍ବତନ ସରକାର ହେଉ କି ଚଳିତ ସରକାର କେହି ଏମାନଙ୍କ ଦାବିକୁ ଗ୍ରହଣ କରୁନଥିବାରୁ ଏମାନେ ସାରା ରାଜ୍ୟରେ ବିଭିନ୍ନ ବ୍ଲକ୍‌ସ୍ତରୀୟ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ସାମ୍ନାରେ ଧାରଣାରେ ବସିବା ସହ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଉଦ୍ଦେଶ୍ୟରେ ମଣ୍ଡଳ ଶିକ୍ଷାଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି । ସମସ୍ତ ଯୋଗ୍ୟ ବିବେଚିତ ବିଦ୍ୟାଳୟ ଓ ମହାବିଦ୍ୟାଳୟକୁ ଅନୁଦାନ ପ୍ରଦାନ, ଏହି ନୂତନ ଅନୁଦାନପ୍ରାପ୍ତ ଶିକ୍ଷାନୁଷ୍ଠାନରେ ଅବସର ନେଇଥିବା, ଅବସର ନେବାକୁ ଯାଉଥିବା କର୍ମଚାରୀଙ୍କୁ ଚାକିରି ସର୍ତ୍ତାବଳୀ, ପେନ୍‌ସନ୍ ଓ ଅବସରକାଳୀନ ସୁବିଧା ସୁଯୋଗ ପ୍ରଦାନ, ଅବସର ବୟସ ସୀମା ୬୦ବର୍ଷ ପରିବର୍ତ୍ତେ ୬୨ବର୍ଷକୁ ବୃଦ୍ଧି, ସମସ୍ତ ନୂତନ ଓ ପୂର୍ଣ୍ଣ ଅନୁମୋଦିତ ବିଦ୍ୟାଳୟ ଓ ମହାବିଦ୍ୟାଳୟକୁ ସରକାରୀକରଣ ଓ ଶିକ୍ଷକ ନିଯୁକ୍ତି ଶେଷରେ ୨୦୦୪ରୁ ୨୦୧୩ ମଧ୍ୟରେ ନିଯୁକ୍ତି ପାଇଥିବା ଚୁକ୍ତିଭିତ୍ତିକ ଶିକ୍ଷକମାନଙ୍କୁ ୬ଟି ନ୍ୟାସ୍‌ନାଲ୍ ଇନ୍‌କ୍ରିପ୍‌ମେଣ୍ଟ ସହିତ ବରିଷ୍ଠତା ପ୍ରଦାନ ଓ ନୂତନ ପେନସନ ପରିବର୍ତ୍ତେ ପୁରାତନ ସ୍କିମ୍‌କୁ ପୁନଃ ପ୍ରଚଳନ କରିବା ଆଦି ୬ଗୋଟି ଦାବି ପୂରଣ ନେଇ ସଙ୍ଘର ପୁରୀ ଜିଲ୍ଲା ଯୁଗ୍ମ ସମ୍ପାଦକ ତରୁଣ କୁମାର ନାୟକଙ୍କ ନେତୃତ୍ୱରେ ଶତାଧିକ ଶିକ୍ଷକ ଏହି ଆନ୍ଦୋଳନରେ ଭାଗ ନେଇଥିଲେ । ଆଗାମୀ ୮ ତାରିଖରେ ପୁନଃବାର ଆନ୍ଦୋଳନକୁ ଓହ୍ଲାଇବାକୁ ସଙ୍ଘ ଚେତାବନୀ ଦେଇଛି । ଯଦି ଆସନ୍ତା ୮ତାରିଖରେ ସରକାର ଏମାନଙ୍କ ପାଇଁ କୌଣସି ବ୍ୟବସ୍ଥା ନ କରିବେ ତେବେ ଅଗଷ୍ଟ ୧୬ତାରିଖରେ ସମ୍ପୂର୍ଣ୍ଣ ସଙ୍ଘ ରାଜ୍ୟସ୍ତରୀୟ ଆନ୍ଦୋଳନକୁ ଓହ୍ଲାଇ ପିଏମଜିରେ ଧାରଣାଦେବେ ବୋଲି ଜଣାପଡ଼ିଛି ।

## ପିଏମ୍ କିଷାନ ସମ୍ମାନ ନିଧି ଯୋଜନାର ୨୦ତମ କିସ୍ତି ପ୍ରଦାନ

**ସାକ୍ଷୀଗୋପାଳ,୨/୮/ଏନ୍ଏନ୍ଏସ୍:** କୃଷି ବିଜ୍ଞାନ କେନ୍ଦ୍ର ପରିସରରେ ପ୍ରଧାମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦ୍ୱାରା ପିଏମ୍ କିଷକ୍ଷନ ସମ୍ମାନ ନିଧି ଯୋଜନାର ୨୦ ତମ କିସ୍ତି ପ୍ରଦାନ କାର୍ଯ୍ୟକ୍ରମର ସିଧା ପ୍ରସାରଣ ଅନୁଷ୍ଠିତ ହୋଇଯାଇଛି । ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱ ବିଦ୍ୟାଳୟ ଅଧିନସ୍ଥ ସମ୍ପ୍ରସାରଣ ଶିକ୍ଷା ନିର୍ଦ୍ଦେଶାଳୟର ଅଧ୍ୟକ୍ଷ ପ୍ରଫେସର ପ୍ରସନ୍ନଜିତ ମିଶ୍ର ଏହି କାର୍ଯ୍ୟକ୍ରମର ଅତିଥି ମାନଙ୍କୁ ସ୍ୱାଗତ କରିଥିଲେ । ଏହି କାର୍ଯ୍ୟକ୍ରମରେ ଓଡ଼ିଶାର ଉପ ମୁଖ୍ୟମନ୍ତ୍ରୀ ତଥା ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡ଼ା ଯୋଗଦେଇ କହିଥିଲେ ଯେ ପ୍ରଧାନ ମନ୍ତ୍ରୀ ମୋଦିଙ୍କ ଦ୍ୱାରା କୃଷକମାନଙ୍କୁ କିସ୍ତିରେ ଦିଆ ଯାଉଥିବା ୨୦୦୦ ଟଙ୍କା ବହୁତ ମହତ୍ୱପୂର୍ଣ ଅଟେ ଯାହାକି ଚାଷର ଉପଯୁକ୍ତ ସମୟରେ ମିଳୁଥିବାରୁ ଏହାକୁ ଚାଷୀ ସାର କିମ୍ବା କୀଟନାଶକ କିଣାରେ ବ୍ୟବହାର କରିପାରୁଛି । କୃଷି ବିଜ୍ଞାନ କେନ୍ଦ୍ରକୁ କୃଷି ପର୍ଯ୍ୟଟନ ସ୍ଥଳୀ କରିବା ପାଇଁ ସମସ୍ତ ସହାୟତା ଯୋଗାଇଦେବା ପାଇଁ ମଧ ପ୍ରତିଶ୍ରୁତି ଦେଇଥିଲେ । ସତ୍ୟବାଦୀ ନିର୍ବାଚନ ମଣ୍ଡଳୀର ବିଧାୟକ ଓମ୍ ପ୍ରକାଶ ମିଶ୍ର ଏହି କାର୍ଯ୍ୟକ୍ରମରେ ଯୋଗଦାନ କରି ସୁଭଦ୍ରା ଯୋଜନାର ସଫଳତା ଉପରେ ଆଲୋକପାତ କରିବା ସହିତ ଚାଷୀ ମାନଙ୍କୁ ସରକାରୀ ଯୋଜନାର ଲାଭ ନେବା ପାଇଁ ଆହ୍ୱାନ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ପୁରୀ ଜିଲ୍ଲାର ଅତିରିକ୍ତ ଜିଲ୍ଲାପାଳ ଶରତ ଚନ୍ଦ୍ର ବେହେରା ଯୋଗ ଦେଇ ପରିବର୍ତ୍ତିତ ଜଳବାୟୁରେ କୃଷକଙ୍କ ଭୂମିକା ବିଷୟରେ ଆଲୋଚନା କରିଥିଲେ । ଉତ୍ତରପ୍ରଦେଶର ବାରଣାସୀ ଠାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ୨୦୫୦୦କୋଟି ଟଙ୍କାର ସହାୟତା ରାଶି ୯ କୋଟି ୭୦ ଲକ୍ଷ ଚାଷୀଙ୍କ ବ୍ୟାଙ୍କ୍ ଆକାଉଣ୍ଟକୁ ସିଧାସଳଖ ପ୍ରଦାନ କରଯାଇଥିଲା । ପିଏମ୍ କିଷାନ ସମ୍ମାନ ନିଧି ଯୋଜନାର ପ୍ରତି କିସ୍ତିରେ ଚାଷୀ ଖାତାକୁ ୨୦୦୦ ସହାୟତା ରାଶି ପ୍ରଦାନ କରାଯାଇଥାଏ । କୃଷି ବିଜ୍ଞାନ କେନ୍ଦ୍ରର ପରିସରରେ ଆୟୋଜିତ ହୋଇଥିବା ଏହି କାର୍ଯ୍ୟକ୍ରମରେ ୩୦୦ ରୁ ଅଧିକ କୃଷକ ଓ କୃଷିଜୀବୀ ମହିଳା ଉପସ୍ଥିତ ଥିଲେ । ଏହି କାର୍ଯ୍ୟକ୍ରମରେ ଦୀନେଶ ବେହେରା, ମେହରୁନ ବିବି, ବିପ୍ଳବୀ କୁମାର ସ୍ୱାଇଁ, ରାଜକିଶୋର ପ୍ରଧାନ, ସୋନାଲି ବରାଳ, କଳ୍ପନା ଦଳେଇ, ପ୍ରତାପ ଜେନା, ଶଙ୍କର୍ଷଣ ବେହେରା, କୃଷ୍ଣାଶିଷ ବରାଳ ଓ ସଂଯୁକ୍ତ ମହାନ୍ତି ପ୍ରମୁଖ ଚାଷୀ ମାନଙ୍କୁ ଉପସ୍ଥିତ ଅତିଥି ମାନେ ସମ୍ବର୍ଦ୍ଧିତ କରିଥିଲେ । ଉଦ୍ୟାନ କୃଷି ଉପ ନିର୍ଦ୍ଦେଶକ ମଞ୍ଜୁଳା ତ୍ରିପାଠୀ, ମୃତ୍ତିକା ସଂରକ୍ଷଣ ସହକାରୀ ନିର୍ଦ୍ଦେଶକ ସ୍ୱୟଂପ୍ରଭା ଦାସ, ପୁରୀ କୃଷି ଜିଲ୍ଲା ଅଧିକାରୀ, ସାକ୍ଷୀଗୋପାଳ କୃଷି ଜିଲ୍ଲା ଅଧିକାରୀ, ବିଭିନ୍ନ ବ୍ଲକର କୃଷି ଅଧିକାରୀ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ଓ ମୁଖ୍ୟ ଡଃ ସୂର୍ଯ୍ୟ ନାରାୟଣ ମିଶ୍ର କୃଷି ବିଜ୍ଞାନ କେନ୍ଦ୍ରର କାର୍ଯ୍ୟଧାରା ଉପରେ ଆଲୋକପାତ କରିଥିଲେ । କୃଷି ବିଜ୍ଞାନ କେନ୍ଦ୍ରର ଅନ୍ୟ ବିଭାଗର ବୈଜ୍ଞାନିକ ଯଥା ଡକ୍ଟର ଅମ୍ବିକା ପ୍ରସାଦ ନାୟକ, ଡକ୍ଟର ସୁମିତା ଆଚାର୍ଯ୍ୟ, ଡକ୍ଟର ବିଷ୍ଣୁପଦ ଗିରି, ଡକ୍ଟର ଦୀପଶିଖା ପରମଜିତା, ଡକ୍ଟର ସାର୍ଥକ ପଟ୍ଟନାୟକଙ୍କ ଉପସ୍ଥିତ ରହି ଏହି କାର୍ଯ୍ୟକ୍ରମକୁ ସାଫଲ୍ୟ ମଣ୍ଡିତ କରିବାରେ ସାହାଯ୍ୟ କରିଥଲେ । କୃଷି ବିଜ୍ଞାନ କେନ୍ଦ୍ରର ଅନ୍ୟାନ୍ୟ କର୍ମଚାରୀ ଯଥା ରାଜେଶ କୁମାର ମହାପାତ୍ର, ଗୋପାଳ କୃଷ୍ଣ ଓଝା, ଶୁଭମ ସାଗର ନାୟକ, ବିଶ୍ୱରଞ୍ଜନ ସାହୁ, ବିଭୁ ପ୍ରସାଦ ଦାଶ, ସ୍ମୃତିମୟୀ ମିଶ୍ର, ନିରାକାର ପ୍ରଧାନ, ବିଜୟ କୁମାର ବାରିକ, ବ୍ରଜବନ୍ଧୁ ସାହାଣୀ, ବାବାଜୀ ସେଠୀ ଉପସ୍ଥିତ ରହି ଏହି କାର୍ଯ୍ୟକ୍ରମ ଆୟୋଜନରେ ସହଯୋଗ କରିଥିଲେ । ପରିଶେଷରେ ପୁରୀ ଜିଲ୍ଲାର ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ତପନ ମହାପାତ୍ର ସମସ୍ତ ବ୍ୟକ୍ତି ବିଶେଷଙ୍କୁ ଧନ୍ୟବାଦ୍ ଅର୍ପଣ କରିଥିଲେ ।

## ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



**କୁଆଁଣ୍ଠେଇ,୨/୮/ଏନ୍ଏନ୍ଏସ୍:** କାକଟପୁର ବ୍ଲକ କାକଟପୁର ବଜାରରେ ଥିବା ପିଏମଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟର ବଳିଷ୍ଠ ଶିକ୍ଷକ ପିତବାସ ଦିକ୍ଷୀତ ନିଜ ଚାକିରି ଜୀବନରୁ ଗତ ଜୁଲାଇ ୩୧ ତାରିଖରେ ଅବସର ନେଇଥିଲେ ସେଥିପାଇଁ ଗତ ଅଗଷ୍ଟ ୧ ତାରିଖରେ ବିଦ୍ୟାଳୟ ତରଫରୁ ବିଦ୍ୟାଳୟ ପ୍ରାଙ୍ଗଣରେ ପ୍ରଧାନଶିକ୍ଷକ ଶ୍ରୀକାନ୍ତ କୁମାର ସ୍ୱାଇଁଙ୍କ ସଭାପତିତ୍ୱରେ ଅବସରକାଳୀନ ସମ୍ବର୍ଦ୍ଧନା ସମାରୋହ ଅନୁଷ୍ଠିତ ହୋଇଯାଇଛି । ଏହି ସଭାରେ ମୁଖ୍ୟ ଅତିଥି ଭାବେ କାକଟପୁର ବିଧାୟକ ତୁଷାରକାନ୍ତି ବେହେରା, ମୁଖ୍ୟ ବକ୍ତା ଭାବେ ପୁରୀ ଜିଲ୍ଲାପରିଷଦ ଉପାଧ୍ୟକ୍ଷ ସ୍ୱାଧୀନ କୁମାର ନାୟକ, ସମ୍ମାନିତ ଅତିଥି କାକଟପୁର ପଞ୍ଚାୟତ ସମିତି ଅଧ୍ୟକ୍ଷ ଶ୍ରୀଧର ନାୟକ, ଅବସରପ୍ରା ଯୁଗ୍ମ ନିର୍ଦ୍ଦେଶକ ସୁଧାନନ୍ଦ ପରିଡ଼ା, ସମାଜସେବୀ ରତିକାନ୍ତ ବେହେରା, ବିଦ୍ୟାଳୟ ପରିଚାଳନା କମିଟି ଅଧ୍ୟକ୍ଷା ରୀନାଲତା ପରିଡ଼ା ଏବଂ ବିଦ୍ୟାଳୟ ଆଲୁମନି କମିଟି ସଭାପତି ସ୍ୱପ୍ନେଶ୍ୱର ସାହୁ ଯୋଗଦେଇଥିଲେ । ସେହିପରି ଦୀର୍ଘ ୩୦ବର୍ଷ ଧରି କାକଟପୁର ସରକାରୀ ଉଚ୍ଚ ବିଦ୍ୟାଳୟରେ ଶିକ୍ଷକ ଭାବେ ନିଜ କାର୍ଯ୍ୟଭାର ତୁଲାଇ ଆସୁଥିବା । ଅବସରକାଳୀନ ସଭାରେ ଶିକ୍ଷକଙ୍କ ନିଜ କର୍ମ ପ୍ରତି ନିଷ୍ଠା, ତ୍ୟାଗ ସାଧନା ରଖି ବିଦ୍ୟାଳୟର ଉନ୍ନତି ଦିଗରେ ବିଭିନ୍ନ କାର୍ଯ୍ୟକ୍ରମ ଓ ଛାତ୍ରଛାତ୍ରୀମାନଙ୍କ ପ୍ରତି ସ୍ନେହ ମମତା ତଥା ମାର୍ଗଦର୍ଶନ ସମ୍ପର୍କରେ ଉପସ୍ଥିତ ଅତିଥିମାନେ ମତବ୍ୟକ୍ତ କରିଥିଲେ । ଏହି ପରିପ୍ରେକ୍ଷୀରେ ଶ୍ରୀ ଦିକ୍ଷୀତଙ୍କୁ ବିଦ୍ୟାଳୟ ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା । ସହକାରୀ ଶିକ୍ଷକ ପ୍ରତାପ ଚନ୍ଦ୍ର ରାଉତ ମଞ୍ଚ ପରିଚାଳନା କରିଥିବା ବେଳେ ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟ ମାନସ ଦିକ୍ଷୀତ ଧନ୍ୟବାଦ ଅର୍ପଣ କରିଥିଲେ ।

## ରଙ୍ଗଲତାଙ୍କ ସ୍ମୃତିରେ ଗଛଟିଏ



**ଅସ୍ତରଙ୍ଗ,୨/୮/ଏନ୍ଏନ୍ଏସ୍:** କାକଟପୁର ବ୍ଲକ ଅନ୍ତର୍ଗତ ଅବଦାନ ଗ୍ରାମ ପଞ୍ଚାୟତର ପୂର୍ବତନ ସରପଞ୍ଚ ତଥା ଅଞ୍ଚଳର ସମାଜସେବୀ ବିଚିତ୍ରାନନ୍ଦ ଦାଶଙ୍କ ମାତୃଦେବୀ ସ୍ୱର୍ଗତ ରଙ୍ଗଲତା ଦାଶଙ୍କ ଦ୍ୱିତୀୟ ବାର୍ଷିକ ଶ୍ରାଦ୍ଧ ଉତ୍ସବ ସ୍ଥାନୀୟ କୋଟାଙ୍ଗ ଗ୍ରାମରେ ପାଳିତ ହୋଇଯାଇଛି । ଏହି ଉତ୍ସବରେ 'ମା ପାଇଁ ଗଛ ଟିଏ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ସ୍ଥାନୀୟ ନୀଳକଣ୍ଠେଶ୍ୱର ମହାଦେବଙ୍କ ପୋଖରୀ ଚାରିପଟେ ଶ୍ରୀ ଦାଶଙ୍କ ତତ୍ତ୍ୱାବଧାନରେ ବିଭିନ୍ନ କିସମ ଝାଉଁ, ପଟାସ, ଗମ୍ଭାରୀ, ଶିଶୁ, ଶାଗୁଆନ, ପଣସ, ବରକୋଳି, ପେସ୍ତା ବାଦାମ ପ୍ରଭୃତି ଗଛ ଲଗାଯାଇଥିଲା । ଏହି ଉତ୍ସବରେ ଅତିଥି ଭାବେ କାକଟପୁର ବ୍ଲକ କଂଗ୍ରେସ ସଭାପତି ଜଶୋବନ୍ତ ନାରାୟଣ ମହାନ୍ତି, ଅବଦାନ ପଞ୍ଚାୟତର ପୂର୍ବତନ ସରପଞ୍ଚ ଲକ୍ଷ୍ମୀଧର ଜେନା, ଗୋପ ବ୍ଲକର ବରିଷ୍ଠ କଂଗ୍ରେସ ନେତା ବ୍ରଜ କିଶୋର ରାଉତରାୟ, କାକଟପୁର ଗ୍ରାମ ପଞ୍ଚାୟତ ସଭାପତି ନଳିନୀ କାନ୍ତ ଦୀକ୍ଷିତ, ଅବଧୁତ ସ୍ୱାଇଁ, ସେକ ଲିଆକତ, ଆଇନୀଜୀବୀ ପ୍ରଫୁଲ ନାୟକ, ଅମରେଶ୍ୱର ନାୟକ, ବିଷ୍ଣୁ ରାଉତ, ଧରଣୀଧର ବିଶ୍ୱାଳ, କୃଷ୍ଣ ଚନ୍ଦ୍ର ପଣ୍ଡା, ବିଜୟ କୁମାର ସାହୁ, ନବଘନ ଦାଶ, ସର୍ବେଶ୍ୱର ଦାଶ, ପପୁ, ପଦୁନୀ ସମେତ ସ୍ଥାନୀୟ ଗ୍ରାମବାସୀ ଯୋଗ ଦେଇଥିଲେ ।

## ପୁଲିସ୍ ଆଉଟ୍‌ପୋଷ୍ଟକୁ ଫାଣ୍ଡିରେ ପରିଣତ ଦାବି

**ଫୁଲନଖରା,୨/୮/ଏନ୍ଏନ୍ଏସ୍:** ସଦର ଥାନା ଅନ୍ତର୍ଗତ ବ୍ରାହ୍ମଣଝରିଲୋଠାରେ ଥିବା ପୁଲିସ ଆଉଟପୋଷ୍ଟକୁ ଫାଣ୍ଡିରେ ପରିଣତ କରିବାକୁ ଦାବି ହୋଇଛି । ଏ ନେଇ ବଡ଼ଝରିଲୋ ମା'ଶ୍ୟାମାକାଳୀ ସାଂସ୍କୃତିକ ପରିଷଦ ସଭାପତି ପ୍ରତାପଚନ୍ଦ୍ର ପଣ୍ଡାଙ୍କ ନେତୃତ୍ୱରେ ସ୍ଥାନୀୟ ଅଧିବାସୀ ପୁଲିସ ଆୟୁକ୍ତ ଦେବଦତ୍ତ ସିଂଙ୍କୁ ସାକ୍ଷାତ କରି ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି । ଅଞ୍ଚଳର ଭୌଗୋଳିକ ଅବସ୍ଥିତି ଓ ଥାନାର ଦୂରତା ତଥା ତ୍ୱରିତ ଆଇନଶୃଙ୍ଖଳା ପରିସ୍ଥିତିର ମୁକାବିଲା କରିବା ପାଇଁ ୨୦୨୧ ନଭେମ୍ବର ୧୫ତାରିଖରେ ଏଠାରେ ଏକ ଆଉଟ ପୋଷ୍ଟ କାର୍ଯ୍ୟାରମ୍ଭ କରିଥିଲା । ତେବେ ଏଠାରେ ବିନା ଗାଡ଼ିରେ ସୀମିତ ସଂଖ୍ୟକ କର୍ମଚାରୀଙ୍କୁ ନେଇ ଆଇନ ଶୃଙ୍ଖଳା ପରିସ୍ଥିତିର ମୁକାବିଲା କରିବା ସମ୍ଭବପର ହେଉନାହିଁ । ଏଣୁ ଏହାକୁ ଏକ ଫାଣ୍ଡିରେ ରୂପାନ୍ତରିତ କରିବା ସହିତ ଅଧିକ କର୍ମଚାରୀ ଓ ଗାଡ଼ି ଯୋଗାଇଦେବାକୁ ଦୀର୍ଘଦିନ ହେଲା ଦାବି ହୋଇ ଆସୁଛି । ଆଜିର ଏହି ଦାବିପତ୍ର ପ୍ରଦାନ ସମୟରେ ଅନିଲ ସ୍ୱାଇଁ, ରତିକାନ୍ତ ମହାନ୍ତି, ଅଶ୍ୱିନୀ ମହାପାତ୍ର, ସାଂସଦଙ୍କ ପ୍ରତିନିଧି ଦିଲୀପ କୁମାର ପାତ୍ର, କୁରାଙ୍ଗଶାସନ ପଞ୍ଚାୟତ ସରପଞ୍ଚ ରୋହିଣୀ ଭୋଇ, ବାବାଜୀ ମହାନ୍ତି, ସୁଶାନ୍ତ ତ୍ରିପାଠୀ ଉପସ୍ଥିତ ଥିଲେ ।

## ବିଷ୍ଣୁପ୍ରିୟା ଚାରିଟେବୁଲ୍ ଟ୍ରଷ୍ଟକୁ ସମ୍ବର୍ଦ୍ଧନା



**ଫୁଲନଖରା,୨/୮/ଏନ୍ଏନ୍ଏସ୍:** ରାଜ୍ୟର ଅଗ୍ରଣୀ ସାମାଜିକ ସଙ୍ଗଠନ ବିଷ୍ଣୁପ୍ରିୟା ଚାରିଟେବୁଲ ଟ୍ରଷ୍ଟ, ଓଡ଼ିଶା(ବିସିଟି) ନାରୀ ସେଲ୍ ବିଭାଗର ସ୍ୱତନ୍ତ୍ର ନିମନ୍ତ୍ରିତ ସଦସ୍ୟା ତଥା ଯାଜପୁର ଜିଲ୍ଲା ବରୀ ମାଟିର ସୁକନ୍ୟା ସନ୍ତୋଷୀ ତନୟା ନନ୍ଦଙ୍କୁ ସମାଜସେବା, ରକ୍ତଦାନ, ନାରୀ ଜାଗରଣ, ଶିକ୍ଷା, କଳା, ସଂସ୍କୃତି ଓ ସାହିତ୍ୟ କ୍ଷେତ୍ରରେ ଉଲ୍ଲେଖନୀୟ କୃତିତ୍ୱ ନେଇ ସମ୍ବର୍ଦ୍ଧିତ କରାଯାଇଛି । କଟକ ସଦର ୪୨ ମୌଜାର ଅଗ୍ରଣୀ ସାମାଜିକ ସଂଗଠନ ସ୍ୱାମୀଜୀ ଯୁବକ ସଂଘ ପକ୍ଷରୁ କଳପଡା ମାନ୍ୟବର ମଣ୍ଡପଠାରେ ଅନୁଷ୍ଠିତ ହେଇଥିବା ସୁନାନାକୀ ଝିଅ ପ୍ରତିଯୋଗିତା-୨୦୨୫ (ଷଷ୍ଠ ସଂସ୍କରଣ)ର ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ସମ୍ବର୍ଦ୍ଧିତ କରାଯାଇଥିଲା । ସଙ୍ଘର ପ୍ରତିଷ୍ଠାତା ଗବେଷକ ଇଂ. ବିରଞ୍ଚି ନାରାୟଣ ଭୂୟାଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ପ୍ରାଧ୍ୟାପକ ପ୍ରଫୁଲ୍ଲ ଦାସ, ଶିକ୍ଷୟତ୍ରୀ ସରୋଜିନୀ ରଥ, ଆରାଧ୍ୟା କଲଚରାଲ ଏକାଡ଼େମୀ ଉପଦେଷ୍ଟା ନାଟ୍ୟକାର ଆଶୋକ ପଟ୍ଟନାୟକ, ନାଟ୍ୟ ନିର୍ଦ୍ଦେଶକ ସମରେନ୍ଦ୍ର ମହାପାତ୍ର, ୟୁନିଅନ୍ ଫର୍ କଟକ ସଦର ଡେଭେଲପ୍‌ମେଣ୍ଟ୍ ସଭାପତି ଇଂ. ମନୋଜ ନାୟକ, ବିଶିଷ୍ଟ କଳାକାର ବବି ଇସଲାମ,ମଦନ ମୋହନ ରାଉତ,ସୂର୍ଯ୍ୟ ନାରାୟଣ ଭୂୟାଁ ପ୍ରମୁଖ ଉପସ୍ଥିତ ଥିଲେ । ଏହି ଅବସରରେ ସମାଜସେବୀ ସଂତୋଷୀଙ୍କୁ ସାମାଜିକ ସଂଗଠନ ଆରାଧ୍ୟା ଚାରିଟେବୁଲ ପକ୍ଷରୁ ଅଧ୍ୟକ୍ଷ ରକ୍ତଦାତା ଇଂ. ବିମଳ ଚନ୍ଦ୍ର ଦାସ, ସମ୍ପାଦକ ସାରସ୍ୱତ ସାଧକ ପ୍ରିନ୍ସ ନନ୍ଦ, ସହ ସମ୍ପାଦକ ଇଂ. ସୁରଜ୍ ବେହେରା, ରାଜ୍ୟ ସଂଯୋଜକ ଇଂ. ସେବକ ଶ୍ରୀକାନ୍ତ ତଥା ବିଭିନ୍ନ ମହଲରୁ କୃତଜ୍ଞତା ଜ୍ଞାପନ କରାଯାଇଛି ।

ଜାତୀୟ କୃମି ନାଶକ ଦିବସ -୨୦୨୫

## 'ସମନ୍ୱୟ କାର୍ଯ୍ୟନ୍ୱୟନ ବିଭାଗର ସହଯୋଗ ଗୁରୁତ୍ୱପୂର୍ଣ୍ଣ'




**ଖୋର୍ଦ୍ଧା,୨/୮/ଏନ୍ଏନ୍ଏସ୍:** ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ତାଲିମ ସମ୍ମିଳନୀ କକ୍ଷରେ ଜାତୀୟ କୃମି ନାଶକ ଦିବସ ଓ କୃମି ନିରାକରଣ ନିମନ୍ତେ ବିଭାଗୀୟ ସମନ୍ୱୟ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି । ସମନ୍ୱୟ ଓ କାର୍ଯ୍ୟନ୍ୱୟନ ବିଭାଗ ମାନଙ୍କର ଦାୟିତ୍ୱ ଓ କର୍ତ୍ତବ୍ୟ ଅତି ଗୁରୁତ୍ୱପୂର୍ଣ୍ଣ ବୋଲି ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ସଞ୍ଜୟ ଚନ୍ଦ୍ର ରାୟ ପ୍ରକାଶ କରି ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ, ସମନ୍ୱିତ ଶିଶୁ ବିକାଶ ଅଧିକାରୀ, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଏବଂ ସ୍ୱାସ୍ଥ୍ୟ ବିଭାଗ ଭଳି ବିଭାଗର ସର୍ବଶ୍ରେଷ୍ଠ ଦାୟିତ୍ୱ ଅଛି ଏବଂ ସେମାନେ ଏହି ମହତ କୃମିନାଶକ ଅଭିଯାନରେ ଉତ୍ସର୍ଗୀକୃତ ନିଷ୍ଠାପର ସେବା ଯୋଗାଇଦେବା ପାଇଁ ଆହ୍ୱାନ ଦେଇଥିଲେ । ଆସନ୍ତା ୧୨ ଅଗଷ୍ଟ ଦିନ ଖୋର୍ଦ୍ଧା ଜିଲ୍ଲାର ୧ରୁ ୧୯ବର୍ଷ ପିଲା ଏବଂ ୨୦ରୁ ୨୪ବର୍ଷ ପର୍ଯ୍ୟନ୍ତ ମହିଳାମାନଙ୍କୁ ଅଙ୍ଗନବାଡ଼ି କେନ୍ଦ୍ର ଓ ସମସ୍ତ ବିଦ୍ୟାଳୟ ମାନଙ୍କରେ ଆଲବେଣ୍ଡଜାଲ ବଟିକା ପ୍ରଦାନ କରାଯିବ । ରକ୍ତ ହୀନତା ଏବଂ ଅସୁସ୍ଥତାରୁ ଦୂରେଇ ରଖିବାକୁ ସରକାରଙ୍କ ତରଫରୁ ପ୍ରତିବର୍ଷ ଫେବୃୟାରୀ ଏବଂ ଅଗଷ୍ଟ ମାସରେ ଏହି ଔଷଧ ପ୍ରଦାନ କରାଯାଉଛି । ଖୋର୍ଦ୍ଧା ଜିଲ୍ଲାର ୨୧୧୮ ବିଦ୍ୟାଳୟ ଏବଂ ୨୬୦୧ ଅଙ୍ଗନୱାଡ଼ି କେନ୍ଦ୍ରରେ ୭୬୫୦୭୪ ଜଣ ପିଲାଙ୍କୁ ଓ ୧୧୫୮୩୧ ମହିଳା ମାନଙ୍କୁ ଏହି ବଟିକା ପ୍ରଦାନ କରାଯାଇ ସୁସ୍ଥ ଖୋର୍ଦ୍ଧା ଭିଜନକୁ ସାକାର କରିବାକୁ ପଦକ୍ଷେପ ନିଆଯିବ ବୋଲି ଡାକ୍ତର ସଞ୍ଜୟ ଚନ୍ଦ୍ର ରାୟ ପ୍ରକାଶ କରିଛନ୍ତି । ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଡେପୁଟି ମ୍ୟାନେଜର, ଶିଶୁ ପୋଷଣ ସ୍ୱାସ୍ଥ୍ୟ, ରୋଜାଲିନ ମହାପାତ୍ର, ଜିଲ୍ଲା କାର୍ଯ୍ୟକ୍ରମ ପରିଚାଳକ ଶୁଭକାନ୍ତ ଗନ୍ତାୟତ ଏବଂ ଏଡିଏମଓ, ପରିବାର ମଙ୍ଗଳ, ଡାକ୍ତର ପ୍ରଦୀପ୍ତ କୁମାର ସାହୁ ଯୋଗଦେଇ ବିଭିନ୍ନ ଉପାଦେୟ ବକ୍ତବ୍ୟ ରଖିଥିଲେ ।

# ‘ଚିନାର୍ ପୁସ୍ତକ ମହୋତ୍ସବ’ର ଶୁଭାରମ୍ଭ କଲେ କେନ୍ଦ୍ରମନ୍ତ୍ରୀ



ଭୁବନେଶ୍ୱର,୨।୮/ଏନ୍ଏନ୍ଏସ୍: ଶନିବାର ଜମ୍ମୁ-କାଶ୍ମୀରର ଶ୍ରୀନଗରରେ ଆୟୋଜିତ ଦ୍ୱିତୀୟ ଚିନାର ପୁସ୍ତକ ମହୋତ୍ସବକୁ ଉଦଘାଟନ କରିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ନ୍ୟାସନାଲ ବୁକ୍ ଟ୍ରଷ୍ଟ ଅଫ୍ ଇଣ୍ଡିଆ ଏବଂ ଏନସିପୁଲ ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜମ୍ମୁ ଏବଂ କାଶ୍ମୀରର ଉପରାଜ୍ୟପାଳ ମନୋଜ ସିହ୍ନାଙ୍କ ଉପସ୍ଥିତିରେ ଶ୍ରୀ ପ୍ରଧାନ କହିଛନ୍ତି ଚିନାର ପୁସ୍ତକ ମହୋତ୍ସବ କେବଳ ଏକ ସାହିତ୍ୟିକ ସମାବେଶ ନୁହେଁ, ଏହା ଏକ ସାହସିକ ବକ୍ତବ୍ୟ ଏବଂ ସଭ୍ୟତା ଜାଗରଣ ଦିଗରେ ଏକ ମହାନ ପ୍ରୟାସ । ଏହା ଜମ୍ମୁ ଏବଂ କାଶ୍ମୀରର ବୌଦ୍ଧିକ ଐତିହ୍ୟର ଏକ ଉତ୍ସବ। ଜମ୍ମୁ ଏବଂ କାଶ୍ମୀରର ପବିତ୍ର ଭୂମିରେ ୨ରୁ ୧୦ ଅଗଷ୍ଟ ତଥା ୯ ଦିନ ବ୍ୟାପୀ ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁ ଥିବା ଏହି ସାଂସ୍କୃତିକ ଏବଂ ବୌଦ୍ଧିକ କାର୍ଯ୍ୟକ୍ରମ ଚଳିତବର୍ଷ ମଧ୍ୟ ରାଜ୍ୟର ସାହିତ୍ୟ, କଳା ଏବଂ ସଂସ୍କୃତିର ବୁଦ୍ଧିଜୀବୀ, ଛାତ୍ରଛାତ୍ରୀ ଏବଂ ଅନୁଗାମୀମାନଙ୍କୁ ପ୍ରେରଣା ଦେବ। ଚିନାର ପୁସ୍ତକ ମହୋତ୍ସବର ପରମ୍ପରାକୁ ଅବ୍ୟାହତ ରଖିବା ପାଇଁ ଶ୍ରୀ ପ୍ରଧାନ ଏନବିଟି ଏବଂ ଜମ୍ମୁ ଓ କାଶ୍ମୀର ପ୍ରଶାସନକୁ ପରାମର୍ଶ ଦେଇଛନ୍ତି । ଶ୍ରୀନଗର ବ୍ୟତୀତ ଜମ୍ମୁ ସଂସ୍କରଣ ମଧ୍ୟ ପୁସ୍ତକ ମହୋତ୍ସବର ଏକ ଅଂଶବିଶେଷ ହେବା ଉଚିତ। ଆମେ ଜମ୍ମୁ-କାଶ୍ମୀରରେ ପୁସ୍ତକ, ସାହିତ୍ୟ, ଭାଷା, ଶିକ୍ଷା ଏବଂ ସଂସ୍କୃତିକୁ ପ୍ରୋତ୍ସାହିତ କରିବା ପାଇଁ ଆମେ ଏନବିଟି ନେତୃତ୍ୱାଧୀନ ପାଠାଗାର ଆନ୍ଦୋଳନ ସୃଷ୍ଟି କରିପାରିବା। ସ୍ଥାନୀୟ ଲୋକମାନଙ୍କୁ ଭାଷା, ସାହିତ୍ୟ, ସଂସ୍କୃତି ଏବଂ ପୁସ୍ତକର ଏହି ବିଶାଳ ଉତ୍ସବରେ ସାମିଲ ହେବା ପାଇଁ ଶ୍ରୀ ପ୍ରଧାନ ନିବେଦନ କରିଛନ୍ତି। ଏହି ଅବସରରେ ‘ଜମ୍ମୁ କାଶ୍ମୀର ଏବଂ ଲଦାଖ - ନିରନ୍ତରତା ଏବଂ ସମନ୍ୱୟର ଏକ ଐତିହାସିକ ବର୍ଣ୍ଣନା’’ ପୁସ୍ତକର କାଶ୍ମୀର ସଂସ୍କରଣ ମଧ୍ୟ ଉନ୍ମୋଚିତ ହୋଇଥିଲା।

## ବିଶ୍ୱ ବାଣିଜ୍ୟ ଦିବସରେ ରାଜ୍ୟପାଳ

# ବିକଶିତ ଓଡ଼ିଶା ଏବଂ ବିକଶିତ ଭାରତ ନିମନ୍ତେ ସାମୂହିକ ଉଦ୍ୟମ ଲୋଡ଼ା

ଭୁବନେଶ୍ୱର,୨।୮/ଏନ୍ଏନ୍ଏସ୍: ୨୦୩୬ ମସିହା ସୁଦ୍ଧା ଏକ ବିକଶିତ ଓଡ଼ିଶା ଓ ୨୦୪୭ ମସିହା ସୁଦ୍ଧା ଏକ ବିକଶିତ ଭାରତ ନିମନ୍ତେ ସାମୂହିକ ଉଦ୍ୟମ ପାଇଁ ରାଜ୍ୟପାଳ ଡ଼ ହରି ବାବୁ କମ୍ଭମପାଟି ଆହ୍ୱାନ ଜଣାଇଛନ୍ତି। ଆଜି ଭୁବନେଶ୍ୱରରେ ଆୟୋଜିତ ବିଶ୍ୱ ବାଣିଜ୍ୟ ଦିବସ ପାଳନ ସମାରୋହରେ ମୁଖ୍ୟ ଅତିଥ୍ୟ ଭାବେ ଯୋଗ ଦେଇ ରାଜ୍ୟପାଳ ଏହି ଆହ୍ୱାନ ଜଣାଇଛନ୍ତି। ଏହି ସମାରୋହରେ ଉଦବୋଧନ ଦେଇ ରାଜ୍ୟପାଳ କହିଥିଲେ ଯେ ଅନ୍ତର୍ଜାତୀୟ ବାଣିଜ୍ୟ କେବଳ ସାମଗ୍ରୀ ସେବାର ବିନିମୟ ନୁହେଁ, ଏହା ଏକ ପରିବର୍ତ୍ତନଶୀଳ ଶକ୍ତି ଯାହା ନବସୃଜନକୁ ଉତ୍ସାହିତ କରିବା ସହିତ ନିଯୁକ୍ତି ସୃଷ୍ଟି କରେ ଏବଂ ସୀମା ଅତିକ୍ରମ କରି ସମୃଦ୍ଧି ଆଣେ। ଭାରତ ଭଳି ଉଦୀୟମାନ ଅର୍ଥନୀତି ପାଇଁ ବାଣିଜ୍ୟ ଏକ ସମାବେଶୀ ଓ ସ୍ଥାୟୀ ଅଭିବୃଦ୍ଧିର ଶକ୍ତିଶାଳୀ ଲିଭର ଭାବେ କାର୍ଯ୍ୟ କରେ। ପୁଣି ରାଜ୍ୟପାଳ କହିଥିଲେ ଯେ ଦକ୍ଷିଣ ଏସୀୟ ମୁକ୍ତ ବାଣିଜ୍ୟ କ୍ଷେତ୍ର, ଆସିଆନ-ଭାରତ ମୁକ୍ତ ବାଣିଜ୍ୟ ଚୁକ୍ତି,




ଭାରତ-ୟୁଏଇ ବ୍ୟାପକ ଅର୍ଥନୈତିକ ସହଭାଗିତା ଚୁକ୍ତି ଏବଂ ଜାପାନ, ଦକ୍ଷିଣ କୋରିଆ ଓ ଅଷ୍ଟ୍ରେଲିଆ ଭଳି ଦେଶମାନଙ୍କ ସହ ଦ୍ୱିପାକ୍ଷିକ ଚୁକ୍ତି ମାଧ୍ୟମରେ ଭାରତ ବିଶ୍ୱ ବଜାରରେ ନିଜର ଦୃଢ଼ତାକୁ ମଜବୁତ କରିଛି। ସମ୍ପ୍ରତି ଭାରତ ଜାପାନକୁ ଅତିକ୍ରମ କରି ବିଶ୍ୱର ଚତୁର୍ଥ ବୃହତ୍ ଅର୍ଥନୀତି ହେବାର ମାଇଲଖୁଣ୍ଟ ହାସଲ କରିଛି ଯାହା ଆମର ଅର୍ଥନୈତିକ ସଂସ୍କାର ଏବଂ ବୃଦ୍ଧି ପାଉଥିବା ରପ୍ତାନିର ଶକ୍ତିକୁ ପ୍ରତିଫଳିତ କରେ। ପ୍ରଯୁକ୍ତି ବିଦ୍ୟା, ଔଷଧ, କୃଷି, ଉତ୍ପାଦନ ଓ ସେବା ଭଳି ଦୃଢ଼ କ୍ଷେତ୍ର ଏବଂ ସଂସ୍କାର ଓ ବିଶ୍ୱ ସହ ସମ୍ପର୍କ ପାଇଁ ଦୃଢ଼ ରାଜନୈତିକ ଇଚ୍ଛାଶକ୍ତି ସହ ଭାରତ ଧୀରେ ଧୀରେ ବିଶ୍ୱର ଶୀର୍ଷ ତିନୋଟି ବାଣିଜ୍ୟ ଶକ୍ତି ମଧ୍ୟରୁ ଗୋଟିଏ ହେବା ଆଡ଼କୁ ଅଗ୍ରସର ହେଉଛି। ପ୍ରାକୃତିକ ସମ୍ପଦରେ ସମୃଦ୍ଧ, ଉପକୂଳବର୍ତ୍ତୀ ଅବସ୍ଥିତି, ପ୍ରଗତିଶୀଳ ନୀତି ଏବଂ ବିସ୍ତୃତ ଭିତ୍ତିଭୂମି ସହ ଓଡ଼ିଶା ବିଶ୍ୱ ବାଣିଜ୍ୟ ନେଟୱାର୍କରେ ଏକ ପ୍ରମୁଖ କେନ୍ଦ୍ର ହେବାର ସାମର୍ଥ୍ୟ ରଖିଛି । ବିଜୁ ପଟ୍ଟନାୟକ ଆନ୍ତର୍ଜାତୀୟ ବିମାନବନ୍ଦରରୁ ଦୁବାଇ ଓ ଆବୁଧାବିକୁ ସିଧାସଳଖ ବିମାନ ସେବା ଆରମ୍ଭ ହେବା ଦ୍ୱାରା ଓଡ଼ିଶାର ଅନ୍ତର୍ଜାତୀୟ ବାଣିଜ୍ୟ କ୍ଷମତା, ବିଶେଷତଃ ଉଚ୍ଚମୂଲ୍ୟ ଓ ନଷ୍ଟଶୀଳ ରପ୍ତାନି ଉଲ୍ଲେଖନୀୟ ଭାବେ ବୃଦ୍ଧି ପାଇଛି । ଭିତ୍ତିଭୂମି ଓ ଲଜିଷ୍ଟିକ୍ସ ସମ୍ପ୍ରସାରଣ, ମଲ୍ଟିମୋଡାଲ ସଂଯୋଗ, କୋଲ୍ଡ ଚେନ ସିଷ୍ଟମ, ଏୟାର କାର୍ଗୋ, ଏମଏସଏମଇ ପାଇଁ ନୀତିଗତ ସହାୟତା ଏବଂ ପ୍ରତିଷ୍ଠାନିକ ସଂଯୋଗ ଆଦି ଓଡ଼ିଶାକୁ ଅନ୍ତର୍ଜାତୀୟ ବାଣିଜ୍ୟରେ ଏକ ଆକର୍ଷଣୀୟ ରାଜ୍ୟ ଭାବେ ପ୍ରତିଷ୍ଠା କରୁଛି ବୋଲି ରାଜ୍ୟପାଳ କହିଥିଲେ । ଏତତବ୍ୟତୀତ ଓଡ଼ିଶାର ହସ୍ତତନ୍ତ, ହସ୍ତଶିଳ୍ପ ଏବଂ ଜିଆଇ ଟ୍ୟାଗ ପ୍ରାପ୍ତ ଉତ୍ପାଦ ଗୁଡିକର ଉପଯୁକ୍ତ ବ୍ରାଣ୍ଡିଂ କରାଯାଇ ବିଶ୍ୱ ବଜାରରେ ଚାହିଦା ବୃଦ୍ଧି କରିବା ଦିଗରେ ସହଯୋଗର ହାତ ବଢାଇବାକୁ ରାଜ୍ୟପାଳ ଆହ୍ୱାନ ଜଣାଇଥିଲେ ।

ଏହି ସମାରୋହରେ କନସୁଲେଟ ଜେନେରାଲ ଅଫ ଇଣ୍ଡିଆ, ଅକଲାଣ୍ଡରର କନସୁଲ ଜେନେରାଲ ମଦନ ମୋହନ ସେଠୀ, ଦୁବାଇ ଚାମ୍ବର୍ସ, ଏସିଆ ରିଜିଅନର ମୁଖ୍ୟ ପ୍ରତିନିଧି-ଇଣ୍ଡିଆ ଅଭିଜିତ ସିଂ ଜାଡେଜା ବକ୍ତବ୍ୟ ପ୍ରଦାନ କରିଥିବା ବେଳେ ପ୍ରାରମ୍ଭରେ ଡବ୍ଲ୍ୟୁଟିସି ମୁମ୍ବାଇର ଚେୟାରମ୍ୟାନ ତଥା ଡବ୍ଲ୍ୟୁଟିସି ଭୁବନେଶ୍ୱରର ନିର୍ଦ୍ଦେଶକ ବିଜୟ କାଲାନ୍ତ୍ରୀ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ ।

# ବିଧାୟକ ସିଦ୍ଧାନ୍ତ ମହାପାତ୍ରଙ୍କ ମାତୃବିୟୋଗ

ଭୁବନେଶ୍ୱର,୨।୮/ଏନ୍ଏନ୍ଏସ୍: ଲୋକପ୍ରିୟ ଅଭିନେତା ତଥା ଦିଗପହଣ୍ଡି ବିଧାୟକ ସିଦ୍ଧାନ୍ତ ମହାପାତ୍ରଙ୍କ ପୂଜ୍ୟା ମାତା କନକ ମହାପାତ୍ରଙ୍କ ଶନିବାର ନିଜ ବାସଭବନରେ ୮୭ ବର୍ଷ ବୟସରେ ଦେହାନ୍ତ ଘଟିଛି। ସେ ଜଣେ ସରଳ, ମେଳାପୀ ଓ ଧର୍ମ ପରାୟଣ ମହିଳା

### ମୁଖ୍ୟମନ୍ତ୍ରୀଙ୍କ ଶ୍ରଦ୍ଧାଞ୍ଜଳି
### ବିଜେପି ଅଫିସରେ ଶୋକ



ଥିଲେ। ତାଙ୍କ ବିୟୋଗରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ ରାଜ୍ୟ ସଭାପତି ମନମୋହନ ସାମଲ ଗଭୀର ଶୋକ ପ୍ରକାଶ କରିଛନ୍ତି। ମୁଖ୍ୟମନ୍ତ୍ରୀ ସିଦ୍ଧାନ୍ତଙ୍କ ଭୁବନେଶ୍ୱର ସ୍ଥିତ ବାସଭବନରେ ପାର୍ଥୀ ଶରୀରର ଶେଷ ଦର୍ଶନ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଏହି ଅବସରରେ ସେ କହିଛନ୍ତି ଯେ, ଶୋକାକୁଳ ପରିବାରବର୍ଗଙ୍କୁ ଭେଟି ସମବେଦନା ଜଣାଇଲି। ମୁଁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛି ଯେ ସେ ଦିବଙ୍ଗତ ଆତ୍ମାଙ୍କୁ ଶାନ୍ତି ପ୍ରଦାନ କରିବା ସହ ତାଙ୍କ ପରିବାରବର୍ଗଙ୍କୁ ଏହି ଦୁଃଖ ସହିବାର ଶକ୍ତି ପ୍ରଦାନ କରନ୍ତୁ। ଅନ୍ୟପକ୍ଷରେ ରାଜ୍ୟ ସଭାପତି ଶ୍ରୀ ସାମଲ ଏବଂ ରାଜ୍ୟ ସାଧାରଣ ସଂପାଦକ (ସଂଗଠନ) ମାନସ କୁମାର ମହାନ୍ତି ପ୍ରମୁଖଙ୍କ ସମେତ ଅନେକ ନେତୃବୃନ୍ଦ ଓ କାର୍ଯ୍ୟକର୍ତ୍ତା ସ୍ୱର୍ଗତାଃ ମହାପାତ୍ରଙ୍କ ବାସ ଭବନରେ ତାଙ୍କ ଶେଷ ଦର୍ଶନ କରି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ।

## ପିସିସି ଆଦିବାସୀ ବିଭାଗ ପକ୍ଷରୁ ରାଜ୍ୟପାଳଙ୍କୁ ସ୍ମାରକପତ୍ର

# ତୁରନ୍ତ ପେସା ଆଇନ ପାଇଁ ନିର୍ଦ୍ଦେଶାବଳୀ ଆଣିବାକୁ ଦାବି

ଭୁବନେଶ୍ୱର,୨।୮/ଏନ୍ଏନ୍ଏସ୍: ଓଡ଼ିଶା ପ୍ରଦେଶ କଂଗ୍ରେସର ଆଦିବାସୀ ବିଭାଗ ଅଧକ୍ଷ ତଥା ପୂର୍ବତନ ସାଂସଦ ଯଶୋବନ୍ତ ନାରାୟଣ ସିଂ ଲାଗୁରୀଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମପତିଙ୍କୁ ସାକ୍ଷାତ କରି ଆଦିବାସୀଙ୍କ ଅଧିକାର, ଶିକ୍ଷା ଏବଂ ଜୀବନ ଜୀବିକା ସମ୍ୱଳିତ ୧୧ ଦଫା ଦାବି ଏକ ସ୍ମାରକ ପତ୍ର ପ୍ରଦାନ କରିଛନ୍ତି। ଓଡ଼ିଶା ଜନସଂଖ୍ୟାର ପାଖାପାଖି ୨୪ ପ୍ରତିଶତ ହେଲେ ଆଦିବାସୀ। ପୂର୍ବ ସରକାରମାନଙ୍କ ଅନେକ ଆଇନ, ନିର୍ଦ୍ଦେଶାବଳୀ, ଯୋଜନା ଆଦି ସତ୍ତ୍ୱେ ଆଦିବାସୀ ସାମାଜିକ, ଶୈକ୍ଷିକ ଏବଂ ଆର୍ଥିକସ୍ତରରେ ଅନଗ୍ରସର ଅଛନ୍ତି। ୧୯୯୬ ମସିହାରେ ପେସା ଆଇନ କେନ୍ଦ୍ର ସରକାର ଆଣିଥିଲେ, ଓଡ଼ିଶା ସରକାର ବିନା ନିର୍ଦ୍ଦେଶାବଳୀରେ ଏହି ଆଇନକୁ ଲାଗୁ କରିଛନ୍ତି। ଏହାଦ୍ୱାରା ଆଦିବାସୀ ସମ୍ପ୍ରଦାୟର ଲୋକେ ଜଳ ଜଙ୍ଗଲ ଆଉ ଜମିର ସାମ୍ବିଧାନିକ ଅଧିକାରରୁ ବଞ୍ଚିତ ହୋଇଆସୁଛନ୍ତି। ତେଣୁ ତୁରନ୍ତ ପେସା ଆଇନ ପାଇଁ ନିର୍ଦ୍ଦେଶାବଳୀ ବା ରୁଲ୍ ଆଣିବା ପାଇଁ ସ୍ମାରକପତ୍ରରେ ରେ ଉଲ୍ଲେଖ କରାଯାଇଛି।

ସେହିପରି ସ୍ମାରକପତ୍ରରେ କୁହାଯାଇଛି ଯେ ବହୁଭାଷିକ ଶିକ୍ଷା ଯୋଜନାରେ ୨୦୧୪ ପରଠାରୁ ଆଉ ଅଧିକ ବିଦ୍ୟାଳୟ ସାମିଲ କରାଯାଇନାହିଁ କିମ୍ବା ଏଥି ନିମନ୍ତେ ଭାଷା ଶିକ୍ଷକ ନିଯୁକ୍ତି କରାଯାଇନାହିଁ। ଯାହା ଫଳରେ ଅନେକ ପିଲା ମାତୃଭାଷାରେ ଶିକ୍ଷାରୁ ବଞ୍ଚିତ ହେଉଛନ୍ତି। ତୁରନ୍ତ ଏ ଦିଗରେ ପଦକ୍ଷେପ ନେବାର ଆବଶ୍ୟକତା ଅଛି। ଜଙ୍ଗଲ ଅଧିକାର ଆଇନର ଜମି ଶିରୋନାମା ଆଧାରରେ ଅନୁସୂଚିତ ଜନଜାତି ବର୍ଗର ଲୋକଙ୍କୁ ଜାତି ସାର୍ଟିଫିକେଟ ଦିଆଯାଉନାହିଁ। ଯାହା ଦ୍ୱାରା ଲୋକେ ଶିକ୍ଷା ଏବଂ ଅନ୍ୟାନ୍ୟ ସୁବିଧା ପାଇବାରୁ ବଞ୍ଚିତ ହେଉଛନ୍ତି। ଗୋଷ୍ଠୀ ଜଙ୍ଗଲ ଅଧିକାର କେବଳ ୧୩ ପ୍ରତିଶତ ସାମ୍ଭାବ୍ୟ ଗାଁକୁ ଦିଆ ଯାଇଛି। ଆଦିବାସୀ ଛାତ୍ରଛାତ୍ରୀଙ୍କୁ ସମୟରେ ସ୍କୋଲାରସିଫ ମିଳୁ ନଥିବାରୁ ପିଲାମାନଙ୍କ ପାଠପଢ଼ାରେ ଅନେକ ବ୍ୟାଘାତ ସୃଷ୍ଟି ହେଉଛି। ୨୦୧୫ ମସିହାରେ ଓଡ଼ିଶା ସରକାର ଉଚ୍ଚଶିକ୍ଷା କ୍ଷେତ୍ରରେ ସଂଖ୍ୟାନୁପାତିକ ସଂରକ୍ଷଣ ଲାଗୁ କରିବା ପାଇଁ ନିଷ୍ପତ୍ତି ଦେଇଥିଲେ, ମାତ୍ର ଦୁଃଖର ବିଷୟ ଓଡ଼ିଶା ସରକାର ବୃତ୍ତିଗତ ଏବଂ ବୈଷୟିକ ଶିକ୍ଷାରେ ୨୩ ପ୍ରତିଶତ ବଦଳରେ କେବଳ ୧୨ ପ୍ରତିଶତ ପ୍ରଦାନ କରୁଛନ୍ତି। ଏହା ଦ୍ୱାରା ବହୁ ମେଧାବୀ ଆଦିବାସୀ ଛାତ୍ର ବୃତ୍ତିଗତ ଏବଂ ବୈଷୟିକ ଉଚ୍ଚ ଶିକ୍ଷାରୁ ବଞ୍ଚିତ ହେଉଛନ୍ତି। ଏହିଭଳି ଗୁରୁତ୍ୱପୂର୍ଣ୍ଣ ସମସ୍ୟାଗୁଡ଼ିକୁ ଓପିସିସି ଦ୍ୱାରା ରାଜ୍ୟପାଳଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ଉକ୍ତ ପ୍ରତିନିଧି ଦଳରେ ପ୍ରଦେଶ କଂଗ୍ରେସ କମିଟିର ୩ ସମ୍ପାଦକ ଲକ୍ଷ୍ମୀଧର ସିଂ, ଅନିମା ମିଞ୍ଜ ଓ ମୋହନ ହେମ୍ବ୍ରମ ଏବଂ ବରିଷ୍ଠ ଆଦିବାସୀ ନେତ୍ରୀ ରଞ୍ଜିତା ହେମ୍ବ୍ରମ, ଆଦିବାସୀ ନେତା ମାତରାସ ଡୁଙ୍ଗଡୁଙ୍ଗ, କଟକ ଜିଲ୍ଲା କଂଗ୍ରେସର ଯୁବନେତା ଆକ୍ୟୁବ ଖାନ ପ୍ରମୁଖ ଉପସ୍ଥିତ ଥିଲେ।

## ● ଓଟିଇଟି ପ୍ରଶ୍ନପତ୍ର ଲିକ୍ ମାମଲା

# ବୋର୍ଡ ଉପସଭାପତିଙ୍କୁ କ୍ରାଇମ୍‌ବ୍ରାଞ୍ଚର ପଚରାଉଚରା

କଟକ,୨।୮/ଏନ୍ଏନ୍ଏସ୍: ଓଟିଇଟି ପ୍ରଶ୍ନପତ୍ର ଲିକ୍ ମାମଲାରେ ବୋର୍ଡ଼ ଉପସଭାପତି ନିହାର ରଞ୍ଜନ ମହାନ୍ତିଙ୍କୁ ପଚରାଉଚରା କରାଯାଇଛି। କ୍ରାଇମବ୍ରାଞ୍ଚ ଅଫିସକୁ ଡାକି ବୋର୍ଡ଼ ଉପସଭାପତିଙ୍କୁ ୩ଘଣ୍ଟା ପଚରାଉଚରା କରାଯାଇଥିବା ଜଣାପଡ଼ିଛି। ସୂଚନାଯୋଗ୍ୟ ଯେ ଜୁଲାଇ ୨୦ରେ ହେବାକୁ ଥିବା ଓଟିଇଟି ପରୀକ୍ଷା ପୂର୍ବଦିନ ସୋସିଆଲ ମିଡ଼ିଆରେ ପ୍ରଶ୍ନପତ୍ର ଭାଇରାଲ ହେବା ପରେ ପରୀକ୍ଷା ବାତିଲ କରାଯାଇଥିଲା। ମାଧ୍ୟମିକ ଶିକ୍ଷା ପରିଷଦ ବୋର୍ଡ଼ କାର୍ଯ୍ୟାଳୟର ଡାଟାଏଣ୍ଟ୍ରି ଅପରେଟର ଜିତନ ମହାରଣା ମୁଖ୍ୟ ଅଭିଯୁକ୍ତ ବୋଲି ଚିହ୍ନଟ ହୋଇଛନ୍ତି। ସେ ବୋର୍ଡ଼ ଉପାଧ୍ୟକ୍ଷଙ୍କଙ୍କ ଲାପଟପରୁ ପ୍ରଶ୍ନପତ୍ର ପେନ୍‌ଡ୍ରାଇଭରେ ଚୋରି କରିଥିଲେ। ଏହା ପରେ ରାୟଗଡ଼ା ଜିଲ୍ଲାର ଶିକ୍ଷକ ବିଜୟ ମିଶ୍ର ଓ କୋରାପୁଟ ଜିଲ୍ଲାର ଶିକ୍ଷକ ସନାତନ ବିଶୋଇଙ୍କ ସହ ଅନ୍ୟ ୩ ଦଲାଲଙ୍କ ମାଧ୍ୟମରେ ଶ୍ରୀ ମହାରଣା ପ୍ରଶ୍ନପତ୍ର ବିକ୍ରି କରିଥିବା କ୍ରାଇମବ୍ରାଞ୍ଚ ଜାଣିବାକୁ ପାଇଥିଲା। କ୍ରାଇମବ୍ରାଞ୍ଚ ସୂଚନା ଅନୁଯାୟୀ ଜିତନଙ୍କ ଆକାଉଣ୍ଟରେ ୨ଲକ୍ଷ ୫୦ହଜାର ଟଙ୍କା ଜମା ହୋଇଥିବା ଜଣାପଡ଼ିଛି। ଅଭିଯୁକ୍ତମାନଙ୍କ ମୋବାଇଲ ଓ ଇଲୋକ୍ଟ୍ରୋନିକ୍ସ ଡିଭାଇସ ଜବତ କରାଯାଇ ଫରେନସିକ ପରୀକ୍ଷା ପାଇଁ ପଠାଯାଇଛି। ଲ୍ୟାପଟପ ପାସୱାର୍ଡ଼ କେମିତି ମିଳିଲା ଏବଂ ପ୍ରଶ୍ନପତ୍ର କାହା ପାଖକୁ ଗଲା ତାହାର ଲିଙ୍କ କ୍ରାଇମବ୍ରାଞ୍ଚ ପକ୍ଷରୁ ଖୋଳତାଡ଼ ଜାରି ରହିଛି। ପ୍ରକାଶ ଥାଉକି, ଓଟିଇଟି ପ୍ରଶ୍ନପତ୍ର ଲିକ ମାମଲାରେ ଏପର୍ଯ୍ୟନ୍ତ କ୍ରାଇମବ୍ରାଞ୍ଚ ଦୁଇଟି ପର୍ଯ୍ୟାୟରେ ୭ ଜଣଙ୍କୁ ଗିରଫ କରିଛି।

## ରାଜ୍ୟରେ ଛାତ୍ରୀ ଓ ନାରୀ ସୁରକ୍ଷା ପ୍ରସଙ୍ଗ

# ଛାତ୍ର ଓ ଯୁବ ବିଜେଡିର ହଲ୍ଲାବୋଲ

ଭୁବନେଶ୍ୱର,୨।୮/ଏନ୍ଏନ୍ଏସ୍: ବିଜୁ ଛାତ୍ର ଓ ଯୁବ ଜନତା ଦଳର ଘୋଷଣା ଆଧାରରେ ଅଗଷ୍ଟ ୧ରୁ ୮ ପର୍ଯ୍ୟନ୍ତ ଛାତ୍ରୀ ଓ ମହିଳାଙ୍କୁ ସୁରକ୍ଷା ଓ ଏଫ୍ଏମ୍ କଲେଜ ଛାତ୍ରୀ ସୌମ୍ୟାଶ୍ରୀଙ୍କୁ ନ୍ୟାୟ ପ୍ରଦାନ ଦାବିରେ ଆଜି ଦ୍ୱିତୀୟ ଦିନରେ ରାଜ୍ୟର ବିଭିନ୍ନ କଲେଜର ଛାତ୍ରଛାତ୍ରୀ ରାଜରାସ୍ତାକୁ ଓହ୍ଲାଇଛନ୍ତି । ଏହାସହ ଗୋପାଳପୁର ବିଚରେ ଜଣେ କଲେଜ ଛାତ୍ରୀଙ୍କୁ ଗଣଦୁଷ୍କର୍ମ, ପୁରୀ ଜିଲ୍ଲା ବଳଙ୍ଗାରେ ନାବାଳିକାକୁ ଜାଳିଦେବା ପାଇଁ ଉଦ୍ୟମ ଓ ରାଜ୍ୟର ବିଭିନ୍ନ ଅଞ୍ଚଳରେ ଘଟୁଥିବା ଛାତ୍ରୀ ଓ ନାରୀ ବିରୋଧୀ ଘଟଣାର ପ୍ରତିବାଦରେ ବିଜେଡି ଛାତ୍ର ଓ ଯୁବ ପକ୍ଷରୁ ରଣହୁଙ୍କାର ଦିଆଯାଇଛି। ବିଜେପି ସରକାରରେ ଗତ ୧୩ ମାସ ମଧ୍ୟରେ ରାଜ୍ୟରେ ଘଟିଥିବା ପ୍ରମୁଖ ଛାତ୍ରୀ ଓ ମହିଳା ନିର୍ଯ୍ୟାତନା ଘଟଣାମାନ କେବଳ ନାରୀଙ୍କ ସୁରକ୍ଷା ଉପରେ ନୁହେଁ ବରଂ ଆଇନ ଓ ଶାସନ ବ୍ୟବସ୍ଥା ଉପରେ ପ୍ରଶ୍ନ ଉଠାଇଛି। ଏହି ଘଟଣାର ପ୍ରତିବାଦ କରି ଆଜି ରାଜ୍ୟର ବିଭିନ୍ନ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀ ରାଲିରେ ଯାଇ ଛାତ୍ରୀ ଓ ନାରୀମାନଙ୍କୁ ପର୍ଯ୍ୟାପ୍ତ



### ପୁଲିସ ଡିଜିଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର

ସୁରକ୍ଷା ଯୋଗାଇଦେବା ସହ ଓଡ଼ିଶାରେ ଅହେତୁକ ବୃଦ୍ଧି ପାଇଥିବା ଛାତ୍ରୀ ଓ ନାରୀଙ୍କ ଉପରେ ନିର୍ଯ୍ୟାତନା ଓ ଅପରାଧ ବିରୁଦ୍ଧରେ ତ୍ୱରିତ ଉପଯୁକ୍ତ ପୁଲିସ କାର୍ଯ୍ୟାନୁଷ୍ଠାନ ଦାବିରେ ପୁଲିସ ଡିଜିଙ୍କ ଉଦ୍ଦେଶ୍ୟରେ ନିକଟସ୍ଥ ଥାନା ଓ ଡିସିପିଙ୍କ ଅଫିସରେ ସ୍ମାରକପତ୍ର ପ୍ରଦାନ କରିଥିଲେ ।

ଏହି ପରିପ୍ରେକ୍ଷୀରେ ଉତ୍କଳ ବିଶ୍ୱବିଦ୍ୟାଳୟ ସମ୍ମୁଖରୁ ଛାତ୍ର ଓ ଯୁବ ବିଜେଡିର ଶୋଭାଯାତ୍ରା ବାହାରି ଭୁବନେଶ୍ୱର ଡିସିପି ଅଫିସ ଆଗରେ ପ୍ରତିବାଦ କରାଯିବା ସହ ସହ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା। କଟକର ଶୈଳବାଳା ମହିଳା ମହାବିଦ୍ୟାଳୟ ଛାତ୍ରୀମାନେ ଲାଲବାଗ ଥାନାରେ ଓ ଇନ୍ଦିରା ଗାନ୍ଧୀ ମହିଳା ମହାବିଦ୍ୟାଳୟ ଛାତ୍ରୀମାନେ ବିଡାନାସୀ ଥାନାରେ ଡିଜିଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ କରିବା ସହ ରାଜ୍ୟ ବିଜେପି ସରକାରଙ୍କୁ କଡା ସମାଲୋଚନା କରିଥିଲେ।

## ● ବଳଙ୍ଗା ପୀଡ଼ିତାଙ୍କ ମୃତ୍ୟୁ ଘଟଣା

# ଡିଜିପି ଅଫିସ ଘେରିବୁ: ଭକ୍ତ ଦାସ

ଭୁବନେଶ୍ୱର,୨।୮/ଏନ୍ଏନ୍ଏସ୍: ପୁରୀ ଜିଲ୍ଲା ବଳଙ୍ଗା ପୀଡ଼ିତାଙ୍କ ମୃତ୍ୟୁ ନେଇ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି (ପିସିସି) ସଭାପତି ଶୋକ ପ୍ରକାଶ କରିବା ସହିତରାଜ୍ୟ ସରକାରଙ୍କୁ ଟାର୍ଗେଟ କରିଛନ୍ତି।ଶ୍ରୀ ଦାସ କହିଛନ୍ତି ଯେବଳଙ୍ଗା ଘଟଣାରେ ମୁଖ୍ୟମନ୍ତ୍ରୀ କେବଳ ଶୋକ ବାର୍ତ୍ତା ନଦେଇ ଅପରାଧୀମାନଙ୍କୁ ଧରି ପୀଡ଼ିତାଙ୍କୁ ନ୍ୟାୟ ଦିଅନ୍ତୁ। କଂଗ୍ରେସ ୭ଦିନ ଭିତରେ ବଳଙ୍ଗା ପୀଡିତାଙ୍କୁ ନ୍ୟାୟ ଦେବାକୁ ଆହ୍ୱାନ ଦେଉଛି। ଯଦି ୭ ଦିନ ଭିତରେ ଧରି ପାରିବେ ନାହିଁ ଆମେ ଧରିନେବୁ ପ୍ରଶାସନ ନିଜେ ଅପରାଧୀ। ୭ ଦିନ ପରେ କଂଗ୍ରେସ ପକ୍ଷରୁ ଡିଜିପି କାର୍ଯ୍ୟାଳୟ ଘେରାଉ କରାଯିବ ବୋଲି ସେ ଚେତାବନୀ ଦେଇଛନ୍ତି। ଏଭଳି ଘଟଣାରେ ସଂପୃକ୍ତ ଦୋଷୀଙ୍କୁ କାହିଁକି ଧରାଯାଇନାହିଁ ବୋଲି ସେ ପ୍ରଶ୍ନ ଉଠାଇଛନ୍ତି।

# ରାଜ୍ୟପାଳ ଓ କେନ୍ଦ୍ରମନ୍ତ୍ରୀଙ୍କ ଶୋକପ୍ରକାଶ

ଭୁବନେଶ୍ୱର,୨।୮/ଏନ୍ଏନ୍ଏସ୍: ଆଖି ବୁଜିଲେ ବଳଙ୍ଗା ପୀଡ଼ିତା। ଦିଲ୍ଲୀ ଏମ୍ସରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଛି। ତାଙ୍କ ମୃତ୍ୟୁରେ ରାଜ୍ୟପାଳ ହରିବାବୁ କମ୍ଭମପଟି ଓ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଶୋକପ୍ରକାଶ କରିଛନ୍ତି। ଟ୍ୱିଟ୍ କରି ରାଜ୍ୟପାଳ ଶୋକ ପ୍ରକାଶ କରି କହିଛନ୍ତି ଯେ ‘ବଳଙ୍ଗା ଘଟଣାର ପୀଡ଼ିତାଙ୍କ ମୃତ୍ୟୁରେ ମୁଁ ଗଭୀର ମର୍ମାହତ। ଦିଲ୍ଲୀ ଏମ୍ସ ଡାକ୍ତରଙ୍କ ପ୍ରୟାସ ସତ୍ତ୍ୱେ, ତାଙ୍କ ଜୀବନ ରକ୍ଷା ହୋଇପାରିଲା ନାହିଁ। ଏହି କଷ୍ଟକର ସମୟରେ ଈଶ୍ୱର ପରିବାରକୁ ଅପାର ଶକ୍ତି ପ୍ରଦାନ କରନ୍ତୁ।’

ସେହିପରି ସୋସିଆଲ ମିଡିଆ ଏକ୍ସରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଶୋକପ୍ରକାଶ କରି କହିଛନ୍ତି ଯେ ଚିକିତ୍ସାଧୀନ ନାବାଳିକାଙ୍କ ବିୟୋଗ ଖବର ଶୁଣି ମୁଁ ଦୁଃଖିତ ଓ ମର୍ମାହତ। ଅମର ଆତ୍ମାର ସଦଗତି କାମନା ସହ ପରିବାର ବର୍ଗଙ୍କୁ ସମବେଦନା ଜଣାଉଛି। କଠିନ ସମୟରେ ମହାପ୍ରଭୁ ପରିବାର ବର୍ଗଙ୍କୁ ଧୈର୍ଯ୍ୟ ଓ ସାହସ ଦିଅନ୍ତୁ।’

## ମହାନଦୀ ଜଳ ବିବାଦ ପ୍ରସଙ୍ଗ

# ସମାଧାନ ପାଇଁ ବିଜେପି ସରକାରର ଆନ୍ତରିକତା ନାହିଁ: ବିଜେଡି

ଭୁବନେଶ୍ୱର,୨।୮/ଏନ୍ଏନ୍ଏସ୍: ମହାନଦୀ ଜଳ ବିବାଦ ପ୍ରସଙ୍ଗରେ ଆପୋଷ ଆଲୋଚନା ମାଧ୍ୟମରେ ସମାଧାନ ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଚିଠି ମାଧ୍ୟମରେ ଦେଇଥିବା ପ୍ରସ୍ତାବ ଉପରେ ଛତିଶଗଡ଼ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେଓ ସାଏ ଦେଇଥିବା ଉତ୍ତର ଆସିବା ପରେ ବିଜୁ ଜନତା ଦଳ ତାର ପ୍ରତିକ୍ରିୟା ରଖିଛି। ଦଳର ବରିଷ୍ଠ ଉପସଭାପତି ଦେବୀ ପ୍ରସାଦ ମିଶ୍ର କହିଛନ୍ତି ଯେ ଏବେ ଓଡିଶା, ଛତିଶଗଡ଼ ଓ କେନ୍ଦ୍ରରେ ବିଜେପି ସରକାର ଥିବାରୁ ଆପୋଷ ଆଲୋଚନା ମାଧ୍ୟମରେ ଏହି ଜଳ ବିବାଦର ସମାଧାନ ସମ୍ଭବ ହେବ ବୋଲି ପୁଣିଥରେ ଏହାର ଆଲୋଚନା ଆରମ୍ଭ ହୋଇଛି। ଏହି ପରିପ୍ରେକ୍ଷୀରେ, ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀ ଦଳର ନେତା ନବୀନ ପଟ୍ଟନାୟକ ଗତ ଜୁଲାଇ ୨୪ରେ ଏହି ପ୍ରସ୍ତାବିତ ଆପୋଷ ଆଲୋଚନାରେ କେଉଁ କେଉଁ ବିନ୍ଦୁରେ ଏହି ବିବାଦର ସମାଧାନ ପାଇଁ ଆଲୋଚନା କରାଯାଉଛି, ତାହା ରାଜ୍ୟର ସ୍ୱାର୍ଥର ପରିପନ୍ଥୀ ନୁହେଁ ତ ବୋଲି ପ୍ରଶ୍ନ କରିଥିଲେ। ଉଲ୍ଲେଖଯୋଗ୍ୟ, ଅଣ ମୌସୁମୀ ସମୟରେ, ଓଡିଶାକୁ ଆବଶ୍ୟକୀୟ ଜଳର ଆବଶ୍ୟକତା ରହିଛି ଓ ଏହା ବିନା ଓଡ଼ିଶା ଜଳ ସଙ୍କଟର ସମ୍ମୁଖୀନ ହେବ। ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଦ୍ୱାରା ଜୁଲାଇ ୨୫ ତାରିଖରେ ଆପୋଷ ଆଲୋଚନା ପାଇଁ ଲେଖାଯାଇଥିବା ଚିଠିର ଉତ୍ତର ଆଜି



ଛତିଶଗଡ଼ ମୁଖ୍ୟମନ୍ତ୍ରୀ ଦେଇଛନ୍ତି। ଏହି ଚିଠିରେ, ଛତିଶଗଡ଼ ମୁଖ୍ୟମନ୍ତ୍ରୀ କେବଳ ଓଡ଼ିଶାର ମୁଖ୍ୟମନ୍ତ୍ରୀଙ୍କ ଚିଠି ତାଙ୍କର ହସ୍ତଗତ ହୋଇଛି ଓ ମହାନଦୀ ଜଳ ବିବାଦର ସମାଧାନ ପାଇଁ ଆପୋଷ ଆଲୋଚନା ପ୍ରସ୍ତାବ ବିଚାରାଧୀନ ରହିଛି ବୋଲି ସେ ଲେଖିଛନ୍ତି । କିନ୍ତୁ, ଏହି ଆପୋଷ ଆଲୋଚନା ପ୍ରସ୍ତାବକୁ ସେ ସ୍ୱୀକାର କରୁଛନ୍ତି କି ନାହିଁ, ସେନେଇ ସେ କୌଣସି ସ୍ୱଷ୍ଟୋକ୍ତି କରିନାହାନ୍ତି ବୋଲି ଶ୍ରୀ ମିଶ୍ର କହିଥିଲେ। ତେଣୁ ଏ ବିଷୟରେ ପ୍ରଥମେ ସ୍ୱଷ୍ଟୋକ୍ତି ଆସିବା ଦରକାର ଓ ଏହାଛଡା, ଓଡ଼ିଶାର ମୁଖ୍ୟମନ୍ତ୍ରୀ ଲେଖିଥିବା ଚିଠିରେ ବିବାଦର ସମାଧାନ ପାଇଁ କେଉଁ କେଉଁ ଦିଗ ଗୁଡିକ ଉପରେ ଗୁରୁତ୍ୱ ଦିଆଯାଇଛି, ତାହା ମଧ୍ୟ ରାଜ୍ୟବାସୀଙ୍କ ସମ୍ମୁଖରେ ସ୍ୱଷ୍ଟ ହେବା ଦରକାର ବୋଲି ଶ୍ରୀ ମିଶ୍ର କହିଛନ୍ତି।

# ଓଡ଼ିଶାବାସୀଙ୍କୁ ନ୍ୟାଯ୍ୟ ଅଧିକାର ଦେବାକୁ ବିଜେପି ସରକାର ବଦ୍ଧପରିକର

ଭୁବନେଶ୍ୱର,୨।୮/ଏନ୍ଏନ୍ଏସ୍: ଓଡ଼ିଶାବାସୀଙ୍କୁ ନ୍ୟାଯ୍ୟ ଅଧିକାର ଦେବାପାଇଁ ବିଜେପି ସରକାର ବଦ୍ଧପରିକର। ଭାରତ ଇତିହାସରେ କୌଣସି ବି ଆନ୍ତଃରାଜ୍ୟ ନଦୀ ବିବାଦର ସମାଧାନ ଟ୍ରିବ୍ୟୁନାଲ ଦ୍ୱାରା ହୋଇପାରିନାହିଁ। ଯାହା ବି ସମାଧାନ ହୋଇଛି କେବଳ ଆପୋଷ ଆଲୋଚନା ମାଧ୍ୟମରେ ହୋଇଛି। ଭାରତୀୟ ଜନତା ପାର୍ଟି ସରକାର ଏବେ ଯେତେବେଳେ ମହାନଦୀ ବିବାଦର ସମାଧାନ ପାଇଁ ଆପୋଷ ଆଲୋଚନା ମାଧ୍ୟମରେ ସମାଧାନର ରାସ୍ତା ବାହାର କରୁଛନ୍ତି ସେତେବେଳେ ବିଜୁ ଜନତା ଦଳକୁ କାହିଁକି କଷ୍ଟ ହେଉଛି ତାହା ବୁଝା ପଡୁନାହିଁ। ଯେଉଁମାନେ ସରକାରରେ ଥିଲାବେଳେ ମହାନଦୀକୁ ମାରି ଦେବା ପାଇଁ ଚକ୍ରାନ୍ତ କରୁଥିଲେ ସେମାନେ ଏବେ ବିରୋଧୀ



ଦଳରେ ବସି କୁମ୍ଭୀର କାନ୍ଦଣା କାନ୍ଦୁଛନ୍ତି ବୋଲି ବିଜେପି କହିଛି।

ରାଜ୍ୟ ମୁଖପାତ୍ର ଅନିଲ ବିଶ୍ୱାଳ କହିଛନ୍ତି ଯେ, ନବୀନ ବାବୁ ୨୦୦୦ରୁ ୨୦୧୬ ପର୍ଯ୍ୟନ୍ତ ଓଡ଼ିଶାର ଜଳ ସଂପଦ ମନ୍ତ୍ରୀ ଥିଲେ। ବିଧାନସଭାରେ ନବୀନ ବାବୁ ନିଜେ ଲେଖିକି ଦେଇଥିଲେ ଯେ ମହାନଦୀରୁ ୨୭ ପ୍ରତିଶତରୁ ଅଧିକ ପାଣି ରହିଛି ଯାହା ସମୁଦ୍ରକୁ ବୋହି ଯାଉଛି। ତାଙ୍କରି ମୁଖ୍ୟମନ୍ତ୍ରୀତ୍ୱ ଏବଂ ଜଳ ସମ୍ପଦ ବିଭାଗ ଦାୟିତ୍ୱରେ ସେ ଥିବାବେଳେ ସରକାର ଲେଖିକି ଦେଇଥିଲେ ଯେ, ଛତିଶଗଡ଼ ଶହେ ବ୍ୟାରେଜ୍ କରିଲେ ବି ମହାନଦୀରେ ଏତେ ପାଣି ଅଛି ଯେ ଓଡ଼ିଶାର କିଛି ଅସୁବିଧା ହେବ ନାହିଁ। ପୂର୍ବ ବିଜେଡି ସରକାରର ଦୂରଦୃଷ୍ଟି ଅଭାବ ଏବଂ ଭୁଲ୍ ନିଷ୍ପତି କାରଣରୁ ଆଜି ଓଡ଼ିଶା ପ୍ରଭାବିତ ହେଉଛି। ଏବେ ଭାରତୀୟ ଜନତା ପାର୍ଟି ସରକାର ପୂର୍ବ ଭୁଲ୍ ନିଷ୍ପତ୍ତିର ତ୍ରୁଟି ସଂଶୋଧନ କରି ଓଡ଼ିଶାର ଜଳସଂପଦର ସୁବିନିଯୋଗ ପାଇଁ ଯୋଜନା ପ୍ରସ୍ତୁତ କରୁଛନ୍ତି ବୋଲି ଶ୍ରୀ ବିଶ୍ୱାଳ ପ୍ରକାଶ କରିଛନ୍ତି।

## ଚାରିଛକ ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀକଲ୍ୟାଣ ସମିତି ବୈଠକ

**ଚାରିଛକ,୨।୮/ଏନ୍ଏନ୍ଏସ୍:** ଚାରିଛକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଥିବା ସମ୍ମିଳନୀ କକ୍ଷରେ ମୁଖ୍ୟ ଚିକିତ୍ସାଧିକାରୀ ଡା. ପ୍ରଶାନ୍ତ କୁମାର ସାମନ୍ତରାୟଙ୍କ ଅଧ୍ୟକ୍ଷତାରେ ଆଜି ରୋଗୀ କଲ୍ୟାଣ ସମିତିର ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ ଉପ-ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା,ସମ୍ମାନୀତ ଅତିଥିଭାବେ ପୁରୀଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଅକ୍ଷୟ କୁମାର ଶତପଥି, ନିମାପଡା ଏନଏସି ଅଧ୍ୟକ୍ଷା ସସ୍ମିତା ସାହୁ, ନିମାପଡା ବିଡିଓ ଡଃ ଅଭିଜିତ ଷଡଙ୍ଗୀ, ତହସିଲଦାର ଡଃ ମନୋଜ କୁମାର ପ୍ରଧାନ ସାଂସଦଙ୍କ ବ୍ଲକ ପ୍ରତିନିଧି ପୂର୍ଣ୍ଣଚନ୍ଦ୍ର ଓଝା ପ୍ରମୁଖ ଯୋଗଦେଇଥିଲେ। ଚାରିଛକ ସ୍ୱାସ୍ଥ୍ୟକେନ୍ଦ୍ର ପୁରୀ ଜିଲ୍ଲାର ବହୁ ପୁରୁଣା ସ୍ୱାସ୍ଥ୍ୟକେନ୍ଦ୍ର ଅଟେ। ଏଠାରେ ଥିବା ବିଭିନ୍ନ ସମସ୍ୟା ସବୁ ଖୁବ ଶିଘ୍ର ପୂରଣ କରାଯିବା ସହିତ ଅଭାବଥିବା ଡାକ୍ତର ପଦବୀ ଓ ଅନ୍ୟ କର୍ମଚାରୀମାନଙ୍କ ପଦବୀ ଖୁବଶୀଘ୍ର ପୁରଣ କରାଯିବ ବୋଲି ଉପ-ମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡା ପ୍ରତିଶ୍ରୁତି ଦେଇଥିଲେ। ଏହି




ସ୍ୱାସ୍ଥ୍ୟକେନ୍ଦ୍ରଟି ପୁରୀ ଜିଲ୍ଲାରେ ଦୁଇ ଦୁଇ ଥର କାୟାକଳ୍ପ ଯୋଜନା ପୁରସ୍କୃତ ହୋଇ ଜିଲ୍ଲାରେ ପ୍ରଥମ ସ୍ଥାନ ଅଧିକାର କରିଛି। ଏଠାରେ କାର୍ଯ୍ୟରତ ଡାକ୍ତର ଓ କର୍ମଚାରୀମାନଙ୍କ ସେବା ମନୋବୃତି ଅତ୍ୟନ୍ତ ସୁନ୍ଦର ଥିବାରୁ ଏଠାକୁ ବିଭିନ୍ନ ଅଞ୍ଚଳରୁ ଦୈନଦିନ ହଜାର ହଜାର ସଂଖ୍ୟାରେ ରୋଗୀମାନେ ଚିକିତ୍ସା ପାଇଁ ଆସୁଛନ୍ତି। ଏହି ଅବସରରେ ୬୦ଲକ୍ଷ ଟଙ୍କା ବ୍ୟୟରେ ବ୍ଲକ ପବ୍ଲିକ ହେଲ୍‌ଥ ୟୁନିଟ ଗୃହ ନିର୍ମାଣ ନିମନ୍ତେ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ୨ୟ ପର୍ଯ୍ୟାୟରେ ଆମ ହସ୍ପିଟାଲ ଯୋଜନାରେ ୩କୋଟି ଟଙ୍କା ବ୍ୟୟ ବରାଦ କରାଯାଇ ମିଶନଶକ୍ତି କାଫେ,ଷ୍ଟାଫ କ୍ୱାଟର ମରାମତି,ନୂତନ ଷ୍ଟାଫ କ୍ୱାଟର,ସ୍ୱାସ୍ଥକେନ୍ଦ୍ରର ନୂତନ ଗୃହ ଓ ମରାମତି ଆଦି କରାଯିବାକୁ ସ୍ଥିର କରାଯାଇଛି। ଏହି ବୈଠକରେ ଡାକ୍ତର ଅଭିନନ୍ଦନ ମହାପାତ୍ର, ଡାକ୍ତର ମହେଶ ପ୍ରସାଦ ମହାପାତ୍ର,ରୋଗୀ କଲ୍ୟାଣ ସମିତିର ସଦସ୍ୟ ଦୁର୍ଯ୍ୟୋଧନ ମହାନ୍ତି, ଜ୍ୟୋତିରଞ୍ଜନ ପାତ୍ର, କୃଷ୍ଣଚନ୍ଦ୍ର ସ୍ୱାଇଁ, ସୁମିତ୍ରା ସ୍ୱାଇଁ, ସରପଞ୍ଚ ଚାରୁଲତା ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଉକ୍ତ ବୈଠକକୁ ବିପିଏମ ଶିବ ନାରାୟଣ ନନ୍ଦ ପରିଚାଳନା କରିଥିବା ବେଳେ ବିଏଏମ ଆଶୁତୋଷ ମିଶ୍ର ସମସ୍ତ ଆୟ ବ୍ୟୟ ଖର୍ଚ୍ଚର ହିସାବପତ୍ର ଉପସ୍ଥାପନା କରିଥିଲେ।

## ଶିଶୁ ବିଦ୍ୟାମନ୍ଦିରରେ ମକ୍ ଡ୍ରିଲ୍



**ଓଡ଼ଗାଁ,୨।୮/ଏନ୍ଏନ୍ଏସ୍:** ଓଡ଼ଗାଁ ଏନଏସି ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଅଗ୍ନିଶମ ବିଭାଗ ପକ୍ଷରୁ ମକ୍‌ଡ୍ରିଲ କରାଯାଇଛି। ନିଆଁ ଲାଗିବା ସମୟରେ କିପ୍ରକାର ପଦକ୍ଷେପ ଗ୍ରହଣ କରିବା ଉଚିତ୍ ସେ ସଂପର୍କରେ ସମସ୍ତଙ୍କୁ ସଚେତନ କରାଯାଇଥିଲା। ଗ୍ୟାସ୍ ସିଲିଣ୍ଡରର ନିଆଁକୁ ରୋକିବା ଓ ଆହତ ବ୍ୟକ୍ତିଙ୍କୁ ଉଦ୍ଧାରକରି ସ୍ୱାସ୍ଥ୍ୟକେନ୍ଦ୍ରକୁ ନେବା ଉପରେ ଅଗ୍ନିଶମ କର୍ମଚାରୀମାନେ କୌଶଳ ପଦର୍ଶନ କରିଥିଲେ। ନିଜକୁ ସାବଧାନ ନରଖିଲେ ବିପଦସୃଷ୍ଟି ହୋଇପାରେ ବୋଲି କହିଥିଲେ। ଓଡ଼ଗାଁ ଅଗ୍ନିଶମ ବିଭାଗ ଭାରପ୍ରାପ୍ତ ଅଧିକାରୀ ଅଭିମନ୍ୟୁ ପ୍ରଧାନ ଓ କର୍ମଚାରୀ ଭାସ୍କର ମାଣିଆ ଯୋଗଦେଇ ମକ୍‌ଡ୍ରିଲ କରିଥିଲେ। ଆୟୋଜିତ କାର୍ଯ୍ୟକ୍ରମରେ ୭ଶହରୁ ଊର୍ଦ୍ଧ୍ୱ ଶିଶୁ ଯୋଗଦେଇଥିବା ବେଳେ ୩୨ଜଣ ଗୁରୁଜି, ଗୁରୁମା ଓ ୧୬ଜଣ ସେବକ, ସେବିକା ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ପ୍ରଧାନ ଆଚାର୍ଯ୍ୟ ପ୍ରଫୁଲ କୁମାର ପ୍ରଧାନ ସଂଯୋଜନା କରିଥିବା ଜଣାପଡ଼ିଛି।

## ଖତଖାଉଛି ଜବତ ହୋଇଥିବା ଟ୍ରକ୍



**କଣ୍ଟିଲୋ,୨।୮/ଏନ୍ଏନ୍ଏସ୍:** ସମ୍ପ୍ରତି ଆଜକୁ ୧୦ବର୍ଷ ହେଲା ଗୋରୁଚାଲାଣ ହେଉଥିବା ୭ଗୋଟି ଟ୍ରକ୍ କଣ୍ଟିଲୋ ଫାଣ୍ଡି ଦ୍ୱାରା ଜବତ ହୋଇ ଫାଣ୍ଡି ନିକଟରେ ରହିଥିଲା ବେଳେ ସଂପୃକ୍ତ ମାଲିକମାନେ ଆସି ସେମାନଙ୍କର ଗାଡିକୁ ନେଇ ନାହାନ୍ତି। ଏହି ଏହି ସବୁ ଟ୍ରକ୍ ଗୁଡ଼ିକ ଖତ ଖାଇବା ସଂଗେ ସଂଗେ ବିଭିନ୍ନ ପ୍ରକାର ଗୁଳ୍ମ ଲତା ମାଡ଼ି ରହିଥିବାରୁ ସେହି ସ୍ଥାନ ସମ୍ପୂର୍ଣ୍ଣ ଭାବେ ଅପରିଷ୍କାର ଓ ଜଙ୍ଗଲିଆ ହୋଇ ରହିଛି। ଏହାଦ୍ୱାରା ବିଭିନ୍ନ ସରୀସୃପ ନିଜର ଆଶ୍ରୟସ୍ଥଳୀ ଭାବେ ଚୟନକରି ବାହାର ରାସ୍ତାରେ ବିଚରଣ କରୁଥିବା ଅଭିଯୋଗ ହେଉଛି। ପାଖରେ ବସବାସ କରୁଥିବା ପୁଲିସ ବାବୁମାନଙ୍କ ପରିବାର ଓ ଡେରାସାହିର ଅଧିବାସୀ ମାନେ ସନ୍ଧ୍ୟା ହେଲା ମାତ୍ରେ ଭୟଭୀତ ହେଉଥିବା ଅଭିଯୋଗ ହେଉଛି। ଯଥାଶୀଘ୍ର ଉକ୍ତ ଗାଡିଗୁଡ଼ିକୁ ସେଠାରୁ ଅନ୍ୟତ୍ର ସ୍ଥାନାନ୍ତର କରିବାକୁ ଦାବି ହେଉଛି।

## ସ୍ୱାସ୍ଥ୍ୟବିଭାଗ ଅଧିକାରୀଙ୍କ ସଚେତନତା



**କଣ୍ଟିଲୋ,୨।୮/ଏନ୍ଏନ୍ଏସ୍:** ଆଜି ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ କର୍ମଚାରୀମାନଙ୍କ କଣ୍ଟିଲୋ ପ୍ରଭୁ ଶ୍ରୀ ନୀଳମାଧବ ଜିଉଙ୍କୁ ଦର୍ଶନ କରିବା ସହିତ କଣ୍ଟିଲୋ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ସଫା ସୁତୁରା ଓ ନିର୍ମଳ କିପରି ରହିବ ତା' ଉପରେ ଏକ କାର୍ଯ୍ୟକ୍ରମ ଶେଷ ହୋଇଛି। ସର୍ବଦା ସ୍ୱାସ୍ଥ୍ୟକେନ୍ଦ୍ର ଭିତର ଓ ବାହାର ପରିସର କିପରି ନିଟ୍ ଆଣ୍ଡ କ୍ଲିନ୍ ରହିବ ସେ ସମ୍ପର୍କେ କଣ୍ଟିଲୋରେ କାର୍ଯ୍ୟରତ ମାନସ କୁମାର ସାହୁ ଓ ଅନ୍ୟ କର୍ମଚାରୀମାନଙ୍କୁ ପରାମର୍ଶ ଦେଇଥିବା ସୂଚନା ମିଳିଛି। ସ୍ୱାସ୍ଥ୍ୟ ବିଭାଗ ନିର୍ଦ୍ଦେଶାଳୟରୁ ଆସିଥିବା ଅଧିକାରୀମାନଙ୍କ ପରାମର୍ଶକୁ ନିଶ୍ଚିତ କାର୍ଯ୍ୟକାରୀ କରିବା ପାଇଁ କଣ୍ଟିଲୋ ସ୍ୱାସ୍ଥ୍ୟ ବିଭାଗ ଅଧିକାରୀ ମାନସ କୁମାର ସାହୁ ପ୍ରତିଶ୍ରୁତି ଦେଇଥିବା ଖବର ହସ୍ତଗତ ହୋଇଛି।

## ଶିକ୍ଷକଙ୍କ ଅନ୍ୟତ୍ର ବଦଳି ନେଇ ଅଭିଭାବକଙ୍କ ଧାରଣା ତୃତୀୟ ଦିନରେ

**ମାହାଙ୍ଗା,୨।୮/ଏନ୍ଏନ୍ଏସ୍:** ମାହାଙ୍ଗା ବ୍ଲକ ଅନ୍ତର୍ଗତ ଆନନ୍ଦପୁର ପଞ୍ଚାୟତସ୍ଥିତ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକ ସତ୍ୟବ୍ରତ ରଥଙ୍କୁ ଅନ୍ୟତ୍ର ବଦଳି ନେଇ ଅଭିଭାବକ, ପରିଚାଳନା କମିଟି ସଭ୍ୟସଭ୍ୟା ଓ ଗ୍ରାମବାସୀମାନେ ୩ ଦିନ ଧରି ବିଦ୍ୟାଳୟ ସମ୍ମୁଖରେ ଧାରଣାରେ ବସିଛନ୍ତି। ଆଜି ଏହି ବିଦ୍ୟାଳୟଟି ଖୋଲା ରହିଛି। ଏଠାରେ କାର୍ଯ୍ୟରତ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଓ କର୍ମଚାରୀ ଉପସ୍ଥିତ ଥିବାବେଳେ କୌଣସି ଛାତ୍ରଛାତ୍ରୀ ବିଦ୍ୟାଳୟକୁ ଆସିନଥିଲେ। ଯାହା ଫଳରେ ଶ୍ରେଣୀ ଗୃହ ଗୁଡିକ ଖାଲି ପଡିଥିବା ଦେଖିବାକୁ ମିଳିଛି। ଏଥି ସହ ମଧ୍ୟାହ୍ନଭୋଜନ ମଧ ବନ୍ଦ ରହିଛି। ଏନେଇ ପ୍ରଧାନଶିକ୍ଷୟିତ୍ରୀ ନଳିନୀପ୍ରଭା ବେହେରାଙ୍କୁ ପଚାରିବାରୁ ଆଜି ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଓ କର୍ମଚାରୀ ମାନେ ଉପସ୍ଥିତ ରହିଛନ୍ତି। ବିଦ୍ୟାଳୟକୁ କୌଣସି ଛାତ୍ରଛାତ୍ରୀ ଆସି ନ ଥିବାରୁ ମଧ୍ୟାହ୍ନଭୋଜନ ବନ୍ଦ ରହିଛି। ଏ ନେଇ ବିଇଓ ସୁଶ୍ରୀ ମୋନାଲିସା ସରାକରଙ୍କୁ ଅବଗତ କରିଥିବା କହିଛନ୍ତି। ତାଙ୍କ ନିର୍ଦ୍ଦେଶ ଅନୁଯାୟୀ ବିଦ୍ୟାଳୟ ପରିଚାଳନା କମିଟିର ସଭ୍ୟସଭ୍ୟାମାନଙ୍କୁ ଡକାଇ ବଦଳି ସଂପର୍କରେ ଆଲୋଚନା କରାଯାଇଥିଲା। ସର୍ବସମ୍ମତି କ୍ରମେ ଯାହା ନିଷ୍ପତ୍ତି ନିଆଯାଇଥିଲା ମୁଁ ଏ ସଂପର୍କରେ ବିଇଓଙ୍କୁ ଜଣାଇଛି ବୋଲି କହିଥିଲେ। ସେହିପରି ସିଆରସିସି ମନୋରଞ୍ଜନ ଦାସଙ୍କୁ ଯୋଗାଯୋଗ କରିବାରୁ ମୁଁ ଅଭିଭାବକମାନଙ୍କୁ ବୁଝାସୁଝା କରିଥିଲେ ମଧ ସେମାନେ ତାଙ୍କ ଜିଦରେ ଅଟଳ ରହିଥିଲେ। ଯେ ପର୍ଯ୍ୟନ୍ତ ରଥ ସାରଙ୍କ ବଦଳି ବାତିଲ ନ କରାଯାଇଛି ସେ ପର୍ଯ୍ୟନ୍ତ ଧାରଣା ଚାଲୁ ରହିବ ବୋଲି କହିଥିଲେ। ଯାହାକୁ ନେଇ ମୁଁ ମୋର ଉଚ୍ଚ ପଦସ୍ଥ ଅଧିକାରୀଙ୍କୁ ଜଣାଇଛି। ସେହିପରି ମଣ୍ଡଳ ଶିକ୍ଷା ଅଧିକାରିଣୀ ସୁଶ୍ରୀ ମୋନାଲିସା ସରକାରଙ୍କୁ ବାରମ୍ବାର ଫୋନ ଯୋଗେ ଯୋଗାଯୋଗ କରାଯାଇଥିଲେ ମଧ ତାଙ୍କର କୌଣସି ପ୍ରତିକ୍ରିୟା ମିଳିପାରିନଥିଲା। ତେବେ ବିଭାଗ ପକ୍ଷରୁ କି ପଦକ୍ଷେପ ଗ୍ରହଣ କରାଯାଉଛି ତାହା ଦେଖିବାକୁ ବାକି ରହିଲା।

## ଆତ୍ମା କମିଟିରେ ଅନିୟମିତତା ଦର୍ଶାଇ ବ୍ଲକ କୃଷି କାର୍ଯ୍ୟାଳୟ ସମ୍ମୁଖରେ ଧାରଣା

**ସାଲେପୁର,୨।୮/ଏନ୍ଏନ୍ଏସ୍:** ସାଲେପୁର ବ୍ଲକ ଆତ୍ମକମିଟି ଚୟନରେ ଅନିମିୟତା ଦର୍ଶାଇ ବ୍ଲକ କୃଷି କାର୍ଯ୍ୟାଳୟ ସମ୍ମୁଖରେ ଚାଷୀ ଓ ପଞ୍ଚାୟତ ସ୍ତରୀୟ ଜନ ପ୍ରତିନିଧି ଗଣଧାରଣା ଦେଇଥିଲେ। ସୂଚନା ମୁତାବକ ସାଲେପୁର ଅଞ୍ଚଳ ଏକ କୃଷି ପ୍ରଧାନ ଅଞ୍ଚଳ। କୃଷକ ଓ କୃଷି ଅଧିକାରୀଙ୍କ ଭିତରେ ସମନ୍ୱୟ ରକ୍ଷା କରିବା ସହ କୃଷକର ହିତ ସାଧନ ପାଇଁ ଗଠନ ହୋଇଥାଏ ଆତ୍ମା କମିଟି। ଏବେ ଯେଉଁ ଆତ୍ମା କମିଟି ଗଠନ ହୋଇଛି ସେଥିରେ ବ୍ୟାପକ ଅନିମିୟତା ଦର୍ଶାଇ ପୂର୍ବତନ ଆତ୍ମା ସଭାପତି ଦିଲ୍ଲୀପ କୁମାର ଦାସ, ବ୍ଲକ୍ ଅଧକ୍ଷ ରାମଚନ୍ଦ୍ର ଭୋଇ ନେତୃତ୍ୱରେ ସାଲେପୁର ବ୍ଲକର ୩୫ଗୋଟି ପଞ୍ଚାୟତର ଚାଷୀ ଏବଂ ପଞ୍ଚାୟତ ପ୍ରତିନିଧି ବ୍ଲକ କୃଷି କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିଲେ। ନିର୍ଦ୍ଦିଷ୍ଟ ଭାବେ ଗୋଟିଏ ପଂଚାୟତରୁ ୫ଜଣ ସଦସ୍ୟ, ଅଣ ଚାଷୀମାନଙ୍କୁ ସଦସ୍ୟ ଭାବେ ନେବା, ପଞ୍ଚାୟତ ସମିତିରୁ ନେଇଥିବା ଦୁଇଜଣଙ୍କୁ ସମିତି ଅଗୋଚରରେ ନେବା, ବିନା ରେଜିଷ୍ଟ୍ରେଡ଼ ଯୁବକ ସଂଘରୁ ସଦସ୍ୟ ନେବା ଇତ୍ୟାଦି



ମନମୁଖୀ କାର୍ଯ୍ୟକ୍ରମ ବିରୁଦ୍ଧରେ ଧାରଣା ଦେଇଥିଲେ। ଏଥିରେ ରାଜନୈତିକ ଅଭିଶନ୍ଧି ରଖି କେବଳ ଥଇଥାନ ରାଜନୀତି ସ୍ପଷ୍ଟ ହେଉଛି,ଏବଂ ଚାଷୀର କୌଣସି ସୁଫଳ ହେବ ନାହିଁ ବୋଲି ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ଚିତ୍ତରଞ୍ଜନ ମହାନ୍ତି କହିଛନ୍ତି। ଅପରପକ୍ଷରେ ବ୍ଲକ କୃଷି ଅଧିକାରୀ ଆସି ଗଠିତ ହୋଇଥିବା କମିଟି ଉପରେ ପୁନର୍ବିଚାର କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ଏହି ଧାରଣାରେ ପୂର୍ବତନ ସରପଞ୍ଚ ବିଭୂତିଭୂଷଣ ଦାଶ, ବ୍ଲକ ଉପାଧ୍ୟକ୍ଷାଙ୍କ ପ୍ରତିନିଧି ବିଶ୍ୱଜିତ ବିଶ୍ୱାଳ, ମଧ୍ୟକଛ ସରପଞ୍ଚ ସଞ୍ଜୟ କୁମାର ବେହୁରା, ଅଶ୍ୱିନୀ ଦାସ, ବିରଞ୍ଚି ନାରାୟଣ କର,ଲୁଲୁ ସ୍ୱାଇଁ, ପ୍ରକାଶଦୀପ ନାୟକ, ସୁଧୀର ପ୍ରଧାନ, ପ୍ରୀତିରଞ୍ଜନ ମହାନ୍ତି, ସୁଧାଂଶୁବାଲା ଜେନା, ଦମୟନ୍ତୀ ମହାନ୍ତି, କୈଳାଶ ବେହେରା, ମିତୁ ମଲ୍ଲ ପ୍ରମୁଖ ଜନପ୍ରତିନିଧି ଓ ଚାଷୀ ଉପସ୍ଥିତ ଥିଲେ।

## ଆଇନଶୃଙ୍ଖଳା, ବାରମ୍ବାର ଚୋରିକୁ ନେଇ ସ୍ମାରକପତ୍ର



**କଣ୍ଟାପଡ଼ା,୨।୮/ଏନ୍ଏନ୍ଏସ୍:** କଣ୍ଟାପଡ଼ା ବ୍ଲକ ତଥା ଗୋବିନ୍ଦପୁର ଥାନା ଅନ୍ତର୍ଗତ ଗୋବିନ୍ଦପୁର ବଜାର ଅଞ୍ଚଳରେ ବାରମ୍ବାର ଚୋରି ଓ ଆଇନଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟସ୍ତ ପ୍ରତିବାଦରେ ଥାନା ଅଧିକାରୀ ଓ ଏସଡ଼ିପିଓଙ୍କୁ ଏକ ଦାବିପତ୍ର ଦିଆଯାଇଛି। ଏ ନେଇ ଗୋବିନ୍ଦପୁର ବ୍ୟବସାୟୀମାନେ ଗୋବିନ୍ଦପୁର ଥାନାରେ ପହଞ୍ଚି ଓଆଇସିଙ୍କୁ ସାକ୍ଷାତ କରି ଅଞ୍ଚଳରେ ବିଗୁଡ଼ିଥିବା ପରିସ୍ଥିତି ବାବଦରେ ଆଲୋଚନା କରିଥିଲେ। ସୂଚନାଯୋଗ୍ୟ ଗତ କାଲି ଗୋବିନ୍ଦପୁର ବଜାରରେ ସୁନା ଦୋକାନ କରିଥିବା ସୁନିଲକୁମାର ସାହୁ ନିଜ ଦୋକାନ ବନ୍ଦ କରି ସମସ୍ତ ସୁନା ଓ ରୁପା ଅଳଙ୍କାର ସମେତ ବିକ୍ରି ବାବଦ ଟଙ୍କା ନେଇ ଘରକୁ ଫେରୁଥିଲାବେଳେ ଦୁର୍ବୃତ୍ତମାନେ ତାଙ୍କୁ ଭୟଭୀତ କରି ଅଳଙ୍କାର ଓ ଟଙ୍କା ବ୍ୟାଗକୁ ଝାମ୍ପି ନେଇ ପଳାଇଥିଲେ। ଅଭିଯୋଗ ପାଇ ପୁଲିସ, ସନ୍ଧାନୀ କୁକୁର ଏବଂ ସାଇଣ୍ଟିଫିକ ଟିମ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ତେବେ ଦୁର୍ବୃତ୍ତଙ୍କ ସନ୍ଧାନ ମିଳିନାହିଁ। ଗୋବିନ୍ଦପୁର ବଜାରରୁ ଏପରି ବାରମ୍ବାର ଚୋରି ଏବଂ ଦାଦା ବଟି ପାଇଁ ଗଣ୍ଡଗୋଳ ଏବଂ ଧମକ ଚମକ ଆଦି ଘଟଣା ବାରମ୍ବାର ହେଉଥିବାରୁ ବ୍ୟବସାୟୀମାନେ ଭୟଭୀତ ଅବସ୍ଥାରେ ରହିଛନ୍ତି। ଆଜି ଦୋକାନୀମାନେ ଏକତ୍ର ହୋଇ ବଜାରରେ ପୁଲିସ ମୁତୟନ ସହିତ ଦୁର୍ବୃତ୍ତଙ୍କ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଛନ୍ତି। ସୂଚନାଯୋଗ୍ୟ ଗୋବିନ୍ଦପୁର ମୁଖ୍ୟ ବଜାର ଥାନା ଠାରୁ ମାତ୍ର ୨ଶହ ମିଟର ହୋଇଥିଲାବେଳେ ଏହି ଲୁଟ ଘଟଣା ପୁଲିସ ଓ ବ୍ୟବସାୟୀଙ୍କ ପ୍ରତି ଚ୍ୟାଲେଞ୍ଜ ସୃଷ୍ଟି କରିଛି।

## ଏରଞ୍ଚ-ତଇଲିପଡ଼ା ସଂଯୋଗ ରାସ୍ତା ଶୋଚନୀୟ

**ବୟାଳିଶମୌଜା,୨।୮/ଏନ୍ଏନ୍ଏସ୍:** ୪୨ ମୌଜା ବେଣ୍ଟକାର ପଞ୍ଚାୟତ ଅନ୍ତର୍ଗତ ଏରଞ୍ଚ ପୌଡନିବାସ ଗଡା ରାସ୍ତା ନିକଟରୁ ତଇଲିପଡା ଗ୍ରାମ ସଂଯୋଗ ରାସ୍ତା ନିର୍ମାଣାଧୀନ ଅବସ୍ଥାରେ ଦୀର୍ଘଦିନ ହେବ ପଡି ରହିଛି। ରାସ୍ତାରେ ଫେଭରବ୍ଲକ୍ ବିଛା କାମ ଅଧାପନ୍ତରିଆ ଭାବେ ରହିଥିବାରୁ ଯାତାୟାତ ସମୟରେ ଅଞ୍ଚଳବାସୀ ଓ ଗ୍ରାମବାସୀ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏଭଳିକି ତିନିଜଣ ଏଠାରେ ପଡି ଯାଇଥିବା ଅଭିଯୋଗ ହୋଇଛି। ରାତି କଥା ନ କହିବା ଭଲ। କଟକ ସଦର ବ୍ଲକ୍ ପ୍ରଶାସନ ଏହି ଜନ ସମସ୍ୟାକୁ ହୃଦୟଙ୍ଗମ କରି ରାସ୍ତାଟିକୁ ତୁରନ୍ତ କାର୍ଯ୍ୟକ୍ଷମ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।



## ୧୭ ପଞ୍ଚାୟତକୁ ମିଳିଲା ସ୍ୱଚ୍ଛଭାରତ ଅଳିଆସଫା ଗାଡ଼ି

**ଓଡ଼ଗାଁ,୨।୮/ଏନ୍ଏନ୍ଏସ୍:** ସ୍ୱଚ୍ଛଭାରତ ମିଶନ(ଗ୍ରାମୀଣ) ଜରିଆରେ ସମସ୍ତ ଗ୍ରାମକୁ ସ୍ୱଚ୍ଛ ରଖିବାପାଇଁ କେନ୍ଦ୍ର ଓ ରାଜ୍ୟ ସରକାର ଯୋଜନା କାର୍ଯ୍ୟକାରୀ କରିଛନ୍ତି। ବାହାରେ ଅଳିଆ ଆବର୍ଜନା ନପକାଇ ଡଷ୍ଟବିନ୍ ବ୍ୟବହାର କରିବାକୁ ସଚେତନ କରୁଛନ୍ତି। ଏବେ ପ୍ରତି ପଞ୍ଚାୟତରେ ବର୍ଜବସ୍ତୁ ସଂଗ୍ରହ କରିବାକୁ ବ୍ୟାଟେରୀ ଚାଳିତ ଅଳିଆସଫା ଗାଡ଼ି ପ୍ରଦାନ କରିବାକୁ ଲକ୍ଷ୍ୟ ରଖାଯାଇଛି। ଶୁକ୍ରବାର ପ୍ରଥମ ପର୍ଯ୍ୟାୟରେ ୧୭ଟି ପଞ୍ଚାୟତକୁ ଏହି ଗାଡ଼ି ପ୍ରଦାନ କରାଯାଇଥିବା ଜଣାପଡ଼ିଛି। ପ୍ରତିଗାଁକୁ ସୁସ୍ଥ ରଖିବାକୁ ପଞ୍ଚାୟତ ପକ୍ଷରୁ ଅନୁଦାନ ଖର୍ଚ୍ଚ ହେବ। ଘରକୁ ଘର ବୁଲି ବର୍ଜବସ୍ତୁ ସଂଗ୍ରହ ପାଇଁ ଗାଡ଼ି ବୁଲିବ ଓ ଗାଡ଼ିକିଣା ବାବଦକୁ ପଞ୍ଚାୟତ ଅର୍ଥ ଭରଣା କରିବ। ଏଥିପାଇଁ ଗାଡ଼ିଚାଳକ ଓ



ସ୍ୱଚ୍ଛସାଥୀଙ୍କ ମାସିକ ଦରମା ମଧ୍ୟ ପଞ୍ଚାୟତ ବହନ କରିବ ବୋଲି ଜଣାପଡ଼ିଛି। ପ୍ରତିଦିନ ସକାଳୁ ସ୍ୱଚ୍ଛସାଥୀ ଘରକୁଘର ବୁଲି ଅଳିଆ ସଂଗ୍ରହ କରିବେ। ଓଦା କିମ୍ବା ଶୁଖିଲା ଅଳିଆ ଏଣେତେଣେ ନପକାଇ ଘରକୁଘର ବୁଲୁଥିବା ଗାଡ଼ିରେ ଦେବାକୁ ଲୋକଙ୍କୁ ସଚେତନ କରାଯାଇଛି। ଏ ଅବସରରେ ଗ୍ରାମପଞ୍ଚାୟତ ଅଧିକାରୀ ବିଶ୍ୱଜିତ ଜେନା, ହେଡ଼କ୍ଲର୍କ ଗିରିଜା ଶଙ୍କର ଦାଶ ଓ ବିଭିନ୍ନ ପଞ୍ଚାୟତର ସରପଞ୍ଚ ଓ ଗାଡ଼ିଚାଳକ ଉପସ୍ଥିତ ଥିବା ଜଣାପଡ଼ିଛି।

## ମହାବିଦ୍ୟାଳୟରେ ଆଇସିସି କମିଟିର ସଚେତନତା କର୍ମଶାଳା

**ସାଲେପୁର,୨।୮/ଏନ୍ଏନ୍ଏସ୍:** ସାଲେପୁର ବ୍ଲକ ଅନ୍ତର୍ଗତ ବହୁଗ୍ରାମ +୨ ମହାବିଦ୍ୟାଳୟରେ ଛାତ୍ରୀ ମାନଙ୍କ ଲାଗି ଉଦ୍ଦିଷ୍ଟ ଆଭ୍ୟନ୍ତରୀଣ ଅଭିଯୋଗ କମିଟି (ଆଇସିସି)ର ଏକ ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। କମିଟିର ଅଧକ୍ଷା ପ୍ରଧାପିକା ନିରୂପମା ମିଶ୍ରଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ ସଚେତନତା କର୍ମଶାଳା କର୍ମସ୍ଥଳ ଓ ଶିକ୍ଷାନୁଷ୍ଠାନ ମାନଙ୍କରେ ମହିଳା ଓ ଛାତ୍ରୀମାନଙ୍କ ପ୍ରତି ହେଉଥିବା ଆଶାଳୀନ ବ୍ୟବହାର ଏବଂ ଶୋଷଣ ସମ୍ପର୍କରେ ଆଲୋଚନା ସହିତ ଏହାର ନିରାକରଣ ଓ ଏହା ବିରୋଧରେ ପ୍ରତିବାଦ ତଥା ଏହାର ପ୍ରତିହତ ସମ୍ପର୍କରେ କମିଟିର ସଦସ୍ୟ ମାନେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମ ରେ କମିଟିର ଇନ୍ଦ୍ରମଣି ସାହୁ, ମିର ଅସରଫ ଅଲ୍ଲୀ, ନମିତା ମହାନ୍ତି, ମୋନାଲିସା ମିଶ୍ର, ତପସ୍ୱିନୀ ପଟ୍ଟନାୟକ, ସୁଧୀର ଜେନା, ଦେବେନ୍ଦ୍ରନାଥ ସ୍ୱାଇଁ, ଛାତ୍ରୀମାନଙ୍କ ପ୍ରତିନିଧି ଭାବେ ନିରୂପମା ସେଠୀ, ସଙ୍ଗୀତ ଦଳେଇଙ୍କ ସମେତ ମହାବିଦ୍ୟାଳୟର ସମସ୍ତ ଛାତ୍ରୀ ଯୋଗଦେଇଥିଲେ।

## ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକଙ୍କ ଅବସର

**ଚାରିଛକ,୨।୮/ଏନ୍ଏନ୍ଏସ୍:** ଚାରିଛକ ନିକଟସ୍ଥ ଛଣିଜଙ୍ଗ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ବିରଞ୍ଚି ନାରାୟଣ ମିଶ୍ରଙ୍କ ଅବସର କାଳୀନ ସମ୍ବର୍ଦ୍ଧନା ଉତ୍ସବ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଶିକ୍ଷକନେତା ଅବସରପ୍ରାପ୍ତ ଶିକ୍ଷକ ଭାଗ୍ୟଧର ଖଟୋଇଙ୍କ ସଭାପତିତ୍ୱରେ ଆୟୋଜିତ ସମ୍ବର୍ଦ୍ଧନା ଉତ୍ସବରେ ମୁଖ୍ୟ ଅତିଥିଭାବେ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ହିମାଂଶୁ ଭୂଷଣ ସମରଥ, ମୁଖ୍ୟବକ୍ତା ଭାବେ ନିଖିଳ ଉତ୍କଳ ନିମ୍ନ ମାଧ୍ୟମିକ ଶିକ୍ଷକ ସଂଘର ପରାମର୍ଶଦାତା ମାଧବ ବିଶ୍ୱାଳ, ସମ୍ମାନିତ ଅତିଥିଭାବେ ନିମାପଡା ବିଇଓ କୈଳାଶ ଚନ୍ଦ୍ର ପାଢୀ, ପୂର୍ବତନ ବିଇଓ ଚିତ୍ତରଜଂନ ସ୍ୱାଇଁ, ଶିକ୍ଷକନେତା ତ୍ରିଲୋଚନ କର, ପଞ୍ଚସଖା ଶିକ୍ଷାକେନ୍ଦ୍ର ସଭାପତି ଅକ୍ଷୟ କୁମାର ପଟ୍ଟନାୟକ, ଏବିଇଓ ସୁଦର୍ଶନ ଭୋଇ, ସିଆରସିସି ଅବଦୁଲ ମିସ୍କିନ ଖାଁ, ସ୍ଥାନୀୟ ସରପଞ୍ଚ ଅଜୟ କୁମାର ପରିଡା,ସମିତିସଭ୍ୟା ଲକିବାଲା ନାୟକ,ପୁର୍ବତନ ସରପଂଚ ମହେନ୍ଦ୍ର କୁମାର ମହାପାତ୍ର, ବ୍ଲକ ପ୍ରାଥମିକ ଶିକ୍ଷକ ସଂଘର ସଂପାଦକ କଲ୍ୟାଣ କୁମାର ସ୍ୱାଇଁ, ଜିଲ୍ଲାପ୍ରାଥମିକ ଶିକ୍ଷକ ସଂଘ ସପାଦକ ଶିବଦତ ନାୟକ, ବ୍ଲକ ସଂପାଦକ ନିହାଲ୍ ଅକତାର, ନାୟକ, ପରିଚାଳନା କମିଟିର ସଭାପତି ଭ୍ରମରବର ନାୟକ ପ୍ରମୁଖ ଯୋଗଦେଇଥିଲେ। ନୀଳକଣ୍ଠେଶ୍ୱର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ




ଶରତ ଚନ୍ଦ୍ର ଭଂଜ କାର୍ଯ୍ୟକ୍ରମକୁ ପରିଚାଳନା କରିଥିବା ବେଳେ ଭାରପ୍ରାପ୍ତ ପ୍ରଧାନଶିକ୍ଷକ ବସନ୍ତ କୁମାର ବେହେରା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଶ୍ରୀ ମିଶ୍ରଙ୍କ ଗୁଣଗାରିମା ଗାନ କରିବା ସହ ସେଜଣେ ଛାତ୍ର ବତ୍ସଳ, ନିଷ୍ଠାପର, ସମୟାନୁର୍ତ୍ତିତ ଶିକ୍ଷକ ଥିଲେ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଶ୍ରୀ ମିଶ୍ରଙ୍କ ଅବସର ପର ସମୟ ସୁଖଶାନ୍ତିରେ ଅତିବାହିତ ହେଉ ବୋଲି ଅତିଥିମାନେ ପ୍ରାର୍ଥନା କରିଥିଲେ। କାର୍ଯ୍ୟକ୍ରମରେ ପ୍ରଧାନ ଶିକ୍ଷକ ବିଜୟ କୁମାର ନାୟକ, ଅଜୟ କୁମାର ସିଠ, ବୁଦ୍ଧେଶ୍ୱର ବେହେରା, ନିରଜଂନ ଭୋଇ, ରାକେଶ କୁମାର ସାହୁ, ଶିକ୍ଷୟିତ୍ରୀ ରାଜଲକ୍ଷ୍ମୀ ପରିଡା, ପ୍ରତିମା ସାହୁ, ମିନତୀ ବେହେରା, ଭାରତୀ ସେନାପତି ପ୍ରମୁଖ ଯୋଗଦେଇଥିଲେ। ସହକାରୀ ଶିକ୍ଷକ ବିଭୂପ୍ରସାଦ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଏଥିରେ ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ, ପରିଚାଳନା କମିଟି ସଦସ୍ୟ ଓ ଅଭିଭାବକମାନେ ଉପସ୍ଥିତ ଥିଲେ।

## ପ୍ରଧାନଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

**ଶରଣକୁଳ,୨।୮/ଏନ୍ଏନ୍ଏସ୍:** ଶରଣକୁଳ ନାରାୟଣ ଉଚ୍ଚ ବିଦ୍ୟାଳୟର ପୂର୍ବତନ ପ୍ରଧାନ ଶିକ୍ଷକ ମନୋଜ କୁମାର ନାୟକଙ୍କୁ ବିଦ୍ୟାଳୟ ପରିସରରେ ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କ ପକ୍ଷରୁ ଅବସର କାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ପ୍ରଧାନଶିକ୍ଷକ ରଶ୍ମି ରଞ୍ଜନ ମିଶ୍ରଙ୍କ ପୌରହିତ୍ୟରେ ଅନୁଷ୍ଠିତ ଏହି ସମ୍ବର୍ଦ୍ଧନା ସଭାରେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ମାନସ ନାୟକ, ବରିଷ୍ଠ ଶିକ୍ଷକ ଜନାର୍ଦ୍ଦନ ପରିଡା, ପ୍ରଜ୍ଞା ପାରମିତା ସାହୁ, ପ୍ରଶାନ୍ତ କୁମାର ଦାଶ, ଗୋଦାବରୀ ବସନ୍ତିଆ ରଶ୍ମିତା ବେହେରା, ସଚ୍ଚିଦାନନ୍ଦ ପାତ୍ର, ଶୁଭସ୍ମିତା ସାହୁ, ସୁନିତା ସାହୁ, ସସ୍ମିତା ସାହୁ, ରାଜେଶ୍ୱରୀ ଡାକୁଆ, ମମତା ମଞ୍ଜରୀ ମିଶ୍ର, ଚନ୍ଦନ ମଲିକ, ପ୍ରତିଭା ମଞ୍ଜରୀ ସ୍ୱାଇଁ, ଗୌରାଙ୍ଗ ସାହୁ, ରଞ୍ଜନ ପୃଷ୍ଟି, ଦାମୋଦର ସାହୁ, ଜଗନ୍ନାଥ ଗୌଡ଼ ପ୍ରମୁଖ ଶିକ୍ଷକ ଶିକ୍ଷୟିତ୍ରୀମାନେ ଯୋଗଦେଇ ଅବସର ଗ୍ରହଣ କରିଥିବା ପ୍ରଧାନଶିକ୍ଷକ ଶ୍ରୀ ନାୟକଙ୍କ ଦୀର୍ଘ ବର୍ଷର ଶୈକ୍ଷିକ କାର୍ଯ୍ୟଧାରା ଓ ଗୁଣାବଳୀକୁ ନିଜ ନିଜ ବକ୍ତବ୍ୟରେ ପ୍ରଦାନ କରିଥିଲେ। ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ଆବାହନୀ ସଙ୍ଗୀତ ଗାନ କରାଯାଇଥିଲା। ବିଦ୍ୟାଳୟ ପକ୍ଷରୁ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଶ୍ରୀ ନାୟକଙ୍କୁ ପୁଷ୍ପଗୁଚ୍ଛ ଉତ୍ତରୀୟ ଓ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ସହକାରୀ ଶିକ୍ଷକ ପ୍ରଶାନ୍ତ କୁମାର ଦାଶ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

ନିତିଦିନ NITIDIN

## ଯୁବକଙ୍କ ଅକାଳ ବିୟୋଗରେ ଶୋକ

**ନୟାହାଟ,୨।୮/ଏନ୍‌ଏନ୍‌ଏସ୍:** ବାପା ମା'ଙ୍କୁ ପୋଷୁଥିବା ୨୦ବର୍ଷର ଯୁବକ ଶନିବାର ଦିନ ହଠାତ ମୃତ୍ୟୁବରଣ କରିବା ଫଳରେ ବାପା ମା ଚେତାଶୂନ୍ୟ ହୋଇପଡ଼ିଥିଲେ। କିଛି ଘଣ୍ଟା ପାଇଁ ଯୋରକୁଳ ଗ୍ରାମରେ ପଡ଼ି ରହିଥିଲେ। ପ୍ରକାଶ ଯେ, ଯୋରକୁଳ ଗ୍ରାମର ବେଣୁଧର ମୁଦୁଲିଙ୍କ ଏକ ମାତ୍ର ରୋଜଗାରିଆ ପୁତ୍ର ବଳରାମ ମୁଦୁଲି ଶୁକ୍ରବାର ରାତି ୪ଟାରେ ମୁଣ୍ଡରେ ଯନ୍ତ୍ରଣା ହେବାରୁ ତାଙ୍କୁ ଚିକିତ୍ସା ପାଇଁ ଚରିଛକ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସା ସମୟରେ ବଳରାମଙ୍କ ମୃତ୍ୟୁ ହୋଇଥିଲା। ତାଙ୍କର ମୃତ୍ୟୁରେ ଜିରକୁଳ ଗ୍ରାମରେ ଶୋକରଛାୟା ଖେଳିଯାଇଛି।



# ଖୋର୍ଦ୍ଧା ଜିଲ୍ଲାର ନୂତନ ମତଦାନ କେନ୍ଦ୍ରକୁ ନେଇ ସମୀକ୍ଷା



**ଖୋର୍ଦ୍ଧା,୨।୮/ଏନ୍‌ଏନ୍‌ଏସ୍:** ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଅତିରିକ୍ତ ଜିଲ୍ଲାପାଳ, ପ୍ରଶାସ ପ୍ରତାପ ଚନ୍ଦ୍ର ବେଉରା, ଅତିରିକ୍ତ ଜିଲ୍ଲାପାଳ, ରାଜସ୍ୱ ସାଫଲ୍ୟ ମଣ୍ଡିତ ପ୍ରଧାନ ଏବଂ ଅତିରିକ୍ତ ଜିଲ୍ଲାପାଳ, ଭୁବନେଶ୍ୱର ରୁଦ୍ର ନାରାୟଣ ମହାନ୍ତି ଯୋଗଦେଇ ଖୋର୍ଦ୍ଧା ଜିଲ୍ଲାର ବିଭିନ୍ନ ବିଧାନସଭା ନିର୍ବାଚନମଣ୍ଡଳୀରେ ନୂତନ ଭାବେ ଖୋଲାଯିବାକୁ ଥିବା ବୁଥ୍‌ଗୁଡ଼ିକ ଉପରେ ପୁଖାନୁପୁଙ୍ଖ ଆଲୋଚନା କରିଥିଲେ। ୧୧୧ଜୟଦେବ ବିଧାନସଭା ନିର୍ବାଚନ ମଣ୍ଡଳୀ, ୧୧୨ ଭୁବନେଶ୍ୱର କେନ୍ଦ୍ର, ୧୧୩ ଭୁବନେଶ୍ୱର ମଧ୍ୟ, ୧୧୪ ଭୁବନେଶ୍ୱର ଏକ୍ରାମ, ୧୧୫ ଜଟଣୀ, ୧୧୬ ବେଗୁନିଆ, ୧୧୭ ଖୋର୍ଦ୍ଧା ଏବଂ ୧୧୮ ଚିଲିକା ବିଧାନସଭା ନିର୍ବାଚନ ମଣ୍ଡଳୀ ଗୁଡିକ ମଧ୍ୟରୁ ଯେଉଁ ନିର୍ବାଚନ ମଣ୍ଡଳୀରେ ନୂତନ ମତଦାନ କେନ୍ଦ୍ର ଖୋଲା ଯିବାକୁ ସ୍ଥିରିକୃତ ହୋଇଛି ସେ ସମ୍ବନ୍ଧରେ ବିସ୍ତୃତ ଆଲୋଚନା ରାଜନୈତିକ ଦଳ ପ୍ରତିନିଧିଙ୍କ ସହ ହୋଇଥିଲା। ସମସ୍ତ ବିଧାନ ସଭା ନିର୍ବାଚନ ମଣ୍ଡଳୀ ର ଭୋଟର ପଞ୍ଜିକରଣ ଅଧିକାରୀଙ୍କ ଠାରୁ ପ୍ରସ୍ତାବ ପାଇଲାପରେ ସେଗୁଡିକ ନିର୍ବାଚନ କମିଶନଙ୍କ ନିକଟକୁ ସୁପାରିଶ କରାଯିବା ନିମନ୍ତେ ରାଜନୈତିକ ଦଳର ପ୍ରତିନିଧିବୃନ୍ଦମାନଙ୍କ ସହ ଆଲୋଚନା କରାଯାଇ ସେମାନେ ଯେପରି ନିଜର ରାଜନୈତିକ ବିଏଲଓଙ୍କୁ ନିଯୁକ୍ତି ଦେବେ ସେଥିପ୍ରତି ଧ୍ୟାନ ଦେବାକୁ ରାଜନୈତିକ ନେତୃବର୍ଗଙ୍କୁ ଅନୁରୋଧ କରାଯାଇଥିଲା। ପ୍ରକାଶଥାଉ କି ନୂତନ ମତଦାନ କେନ୍ଦ୍ର ଖୋଲାଯିବାରେ ୧୧୩ ଭୁବନେଶ୍ୱର ଉତ୍ତର ନିର୍ବାଚନମଣ୍ଡଳୀରେ ଦୁଇଗୋଟି, ୧୧୬ ବେଗୁନିଆ ବିଧାନସଭା ନିର୍ବାଚନ ମଣ୍ଡଳୀରେ ଚାରିଗୋଟି, ୧୧୭ ଖୋର୍ଦ୍ଧା ନିର୍ବାଚନ ମଣ୍ଡଳୀରେ କୋଡ଼ିଏ ଗୋଟି ଏବଂ ୧୧୮ ଚିଲିକା ବିଧାନସଭା ନିର୍ବାଚନ ମଣ୍ଡଳୀରେ ଆଠର ଗୋଟି ବୁଥ ଅନ୍ତର୍ଭୁକ୍ତ। ଏହି ବର୍ଦ୍ଧିତ ୪୪ଗୋଟି ବୁଥ୍‌କୁ ମିଶାଇଲେ ବର୍ତ୍ତମାନ ଖୋର୍ଦ୍ଧା ଜିଲ୍ଲାରେ ଚୂଡାନ୍ତ ବୁଥ ସଂଖ୍ୟା ୨୪୨୫ ହେବ। ବୈଠକରେ ୧୧୨ ବିଧାନସଭା, ଇଆରଓ ଧନଞ୍ଜୟ ମହାନ୍ତି, ୧୧୩ ବିଧାନସଭା ଇଆରଓ ମନ୍ମଥ କୁମାର ନାୟକ, ଡେପୁଟି କଲେକ୍ଟର, ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ରାଜେଶ କୁମାର ମହାନ୍ତି, ଡେପୁଟି କଲେକ୍ଟର, ନିର୍ବାଚନ ମନୋଜ କୁମାର ସେନାପତି, ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ ଲକ୍ଷ୍ମଣ କୁମାର ବେହେରା, ନିର୍ବାଚନ କାର୍ଯ୍ୟରେ ନିୟୋଜିତ ସମସ୍ତ ବରିଷ୍ଠ ଓ କନିଷ୍ଠ ସହାୟକ, ସହାୟିକା ଯୋଗଦେଇଥିବା ବେଳେ ଆମ ଆଦମୀ ପାର୍ଟିର ପ୍ରଶାନ୍ତ କୁମାର ରଣସିଂହ, ଭାରତୀୟ ଜାତୀୟ କଂଗ୍ରେସର ସୌମ୍ୟ ପଟ୍ଟନାୟକ, ଭାରତୀୟ ଜନତା ପାର୍ଟିର ବଦ୍ରି ନାରାୟଣ ଦାଶ ଏବଂ ବିଜୁ ଜନତା ଦଳର ହେମନ୍ତ କୁମାର ଗୋଛାୟତ ଯୋଗଦେଇଥିଲେ।

## ଜବାହାର ନବୋଦୟ ବିଦ୍ୟାଳୟରେ 'ଅଟଳ ଟିଙ୍କରିଂ ଲ୍ୟାବ୍' ଉଦ୍‌ଘାଟିତ



**କୋଣାର୍କ,୨।୮/ଏନ୍‌ଏନ୍‌ଏସ୍:** କୋଣାର୍କ ଭଗବତୀ ବିହାର ସ୍ଥିତ କୋଣାର୍କ ପିଏମ ଶ୍ରୀ ଜବାହାର ନବୋଦୟ ବିଦ୍ୟାଳୟ ପରିସର ଛାତ୍ରଛାତ୍ରୀମାନଙ୍କ ପାଇଁ ଅଧିକ ବିଜ୍ଞାନ କ୍ଷେତ୍ରେ ଉନ୍ନତ ଜ୍ଞାନକୌଶଳ ଆହୋରଣ ପାଇଁ 'ଅଟଳ ଟିଙ୍କରିଂ ବିଜ୍ଞାନ ଲ୍ୟାବ' ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଜଗତସିଂହପୁର ସାଂସଦ ବିଭୁପ୍ରସାଦ ତରାଇ ଓ ଅତିଥି ଭାବେ କାକଟପୁର ବିଧାୟକ ତୁଷାର କାନ୍ତି ବେହେରା ଓ ପୁରୀ ଜିଲ୍ଲା ପରିଷଦ ସଭାପତି ସ୍ୱପ୍ନାରାଣୀ ସ୍ୱାଇଁ, କୋଣାର୍କ ପିଏମ ଶ୍ରୀ ଜବାହାର ନବୋଦୟ ବିଦ୍ୟାଳୟ ର ପ୍ରିନ୍ସିପାଲ ବିଶ୍ୱନାଥ ଖିଲାର ପ୍ରମୁଖ ଯୋଗ ଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଫିତା କାଟି ଫଳକ ଉନ୍ମୋଚନ କରି ଉଦଘାଟିତ କରିଥିଲେ। ସମସ୍ତ ଅତିଥିମାନେ ବିଜ୍ଞାନ ଭିତ୍ତିକ ଅଟଳ ଟିଙ୍କରିଂ ଲ୍ୟାବ୍‌ରେ ଥିବା ଉନ୍ନତ ଜ୍ଞାନ କୌଶଳ ପୂର୍ଣ ବିଭିନ୍ନ ସରଞ୍ଜାମ ଗୁଡିକ ବୁଲି ଦେଖିଥିଲେ। ଲ୍ୟାବ ମଧ୍ୟରେ ବିଜ୍ଞାନର ଉନ୍ନତଜ୍ଞାନକୌଶଳ ପୂର୍ଣ ୧୧ ଗୋଟି ପ୍ରକଳ୍ପ ଏଥିମଧ୍ୟ ରେ ରହିଛି। ବିଶେଷ ଭାବେ ଆଧୁନିକ ଯୁଗରେ ପ୍ରମୁଖ ଭୂମିକା ଲିଭାଇଥିବା ରୋବଟିକ ଜ୍ଞାନକୌଶଳ, ରୋବଟିକ ସିଲାଇ ମେସିନ, ପ୍ରିଣ୍ଟିଂ ମେସିନ ପରି ଅନେକ ଆଧୁନିକ ରୋବଟିକ ଯାନ୍ତ୍ରିକ ମେସିନଗୁଡିକ ଏହି ଲ୍ୟାବ୍‌ରେ ରହିଥିବା ଦେଖିବାକୁ ମିଳିଥିଲା। ଛତ୍ରଛାତ୍ରୀମାନେ ଅତିଥିମାନଙ୍କୁ ଏହି ରୋବୋଟିକ୍ ଜ୍ଞାନକୌଶଳ ବିଷୟରେ ବୁଝାଇ ଏହାକୁ ପରିଚାଳିତ କରି ଦେଖାଇଥିଲେ। କାର୍ଯ୍ୟକ୍ରମରେ ନବୋଦୟ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ ପରିଚାଳନା କରିଥିଲେ।

## ଖୋର୍ଦ୍ଧା ଏସ୍‌ପିଙ୍କୁ ସମ୍ବର୍ଦ୍ଧନା



**ବାଲିଅନ୍ତା,୨।୮/ଏନ୍‌ଏନ୍‌ଏସ୍:** ରାଜ୍ୟର ଅଗ୍ରଣୀ ସାମାଜିକ ସଂଗଠନ ସବୁଦିନ ଟିଭି ଟ୍ରଷ୍ଟର ସମ୍ପାଦକ ତଥା ସାମ୍ବାଦିକ ଡ଼ଃ ଭବାନୀ ଶଙ୍କର ପାତ୍ରଙ୍କ ନେତୃତ୍ୱରେ ସବୁଦିନ ଟିଭି ଟ୍ରଷ୍ଟ ପକ୍ଷରୁ ଖୋର୍ଦ୍ଧା ଜିଲ୍ଲା ଆରକ୍ଷୀ ଅଧିକ୍ଷକ ସୁଶ୍ରୀ ସାଗରିକା ନାଥଙ୍କୁ ତାଙ୍କ କାର୍ଯ୍ୟାଳୟରେ ଭେଟି ସମ୍ବର୍ଦ୍ଧିତ କରାଯିବା ସହିତ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରାଯାଇଥିଲା। ଆଲୋଚନା ଏବଂ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଟ୍ରଷ୍ଟର ପ୍ରତିଷ୍ଠାତା ବାରିଷ୍ଠ ସାମ୍ବାଦିକ ସନାତନ ପରିଜା, ଟ୍ରଷ୍ଟର ଅଧ୍ୟକ୍ଷ ସମାଜସେବୀ ହୃଦାନନ୍ଦ ସାହୁ, ମୁଖ୍ୟ ଉପଦେଷ୍ଟା ସମାଜସେବୀ ରବୀନ୍ଦ୍ର ସାହୁ, ସଦସ୍ୟ ଶଙ୍କର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ପୁରୁଣା ପେନ୍‌ସନ୍ ଲାଗୁ ଦାବିରେ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ

**ଖୋର୍ଦ୍ଧା,୨।୮/ଏନ୍‌ଏନ୍‌ଏସ୍:** କେନ୍ଦ୍ର ସରକାରଙ୍କ କର୍ମଚାରୀଙ୍କ ନିମନ୍ତେ ୟୁନିଫାଏଡ୍ ପେନ୍‌ସନ୍ ସ୍କିମ୍ ଘୋଷଣା ହେବା ପରେ ଦେଶ ତଥା ରାଜ୍ୟର ବିଭିନ୍ନ ବିଭାଗରେ କାର୍ଯ୍ୟ ରତ ୪ ଲକ୍ଷ କର୍ମଚାରୀଙ୍କ ମନରେ ଅସନ୍ତୋଷ ସୃଷ୍ଟି ହୋଇଛି। ଓଡ଼ିଶା ସରକାର ବିନା ଆଲୋଚନାରେ ଓଡ଼ିଶାରେ ୟୁନିଫାଏଡ୍ ପେନ୍‌ସନ୍ ସ୍କିମ୍ ଲାଗୁ କରିଥିବାରୁ ରାଜ୍ୟ ସରକାରୀ କର୍ମଚାରୀ ଆଜି ମାନ୍ୟବର ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପୁରୁଣା ପେନ୍‌ସନ୍ ଲାଗୁ କରିବା ପାଇଁ ଅତିରିକ୍ତ ଜିଲ୍ଲାପାଳ ପ୍ରତାପ ଚନ୍ଦ୍ର ବେଉରାଙ୍କୁ ଦାବୀ ପତ୍ର ପ୍ରଦାନ କରାଯାଇଛି। ପୁରୁଣା ପେନ୍‌ସନ୍ ପାଇଁ ଜାତୀୟ ଆନ୍ଦୋଳନ ଓଡ଼ିଶାର ରାଜ୍ୟ ସଭାପତି ବିଜୟ କୁମାର ମଲ୍ଲ ଓ ସାଧାରଣ ସମ୍ପାଦକ ପ୍ରଯତ୍ନ ବରାଳଙ୍କ ଆବାହକତ୍ୱରେ ସାରା ଓଡ଼ିଶାରେ ୩୦ ଜିଲ୍ଲାର ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି ସେହିପରି ଖୋର୍ଦ୍ଧା ଜିଲ୍ଲାରେ ପୁରୁଣା ପେନ୍‌ସନ ଜାତୀୟ ଆନ୍ଦୋଳନ ଦାୟିତ୍ୱରେ ଥିବା ଯୁଧିଷ୍ଠିର ସାହୁଙ୍କ ନେତୃତ୍ୱରେ ଆଜି ଦାବୀପତ୍ର ପ୍ରଦାନ କରାଯାଇଛି। ମୁଖ୍ୟ ଅତିଥି ଭାବରେ ରାଜ୍ୟ ମୁଖ୍ୟାଳୟ ଜୋନ୍ ସମ୍ପାଦକ ଅକ୍ଷୟ କୁମାର ମଲ୍ଲିକ ଯୋଗଦେଇ ସମସ୍ତ ସରକାରୀ କର୍ମଚାରୀଙ୍କ ମନୋବଳ ବଢ଼ାଇଥିଲେ। ପୁରୁଣା ପେନ୍‌ସନ୍ ଅଭିଯାନର ସମସ୍ତ କର୍ମକର୍ତ୍ତା, ଓ ବିଭିନ୍ନ ସଂଗଠନର ଜିଲ୍ଲା ସଭାପତି ସମ୍ପାଦକ ଖୁବ୍ ଶୀଘ୍ର ଯୋଡ଼ି ହୋଇ ମିଳିତ ଆନ୍ଦୋଳନ ହେବ ବୋଲି ପ୍ରତିକ୍ରିୟା ପାଇଥିଲା। ସମସ୍ତ କର୍ମଚାରୀ ପୁରୁଣା ପେନସନ୍ ହାସଲ କରିବା ପର୍ଯ୍ୟନ୍ତ ଏକ ହୋଇ କାମ କରିବେ। ଓଡ଼ିଶାରେ ପୁରୁଣା ପେନ୍‌ସନ୍ ଲାଗୁ ହେବା ପର୍ଯ୍ୟନ୍ତ ଲଢ଼େଇ ଜାରି ହେବ ବୋଲି ପୁରୁଣା ପେନ୍‌ସନ୍ ଅଭିଯାନର କର୍ମକର୍ତ୍ତା ଜଟଣୀ ବ୍ଲକ ସଭାପତି ଜିତ୍ ରଂଜନ ମହାପାତ୍ର, ସମ୍ପାଦକ ଆକାଶ ମହାନ୍ତି, ଖୋର୍ଦ୍ଧା ବ୍ଲକ ସମ୍ପାଦକ ଅମୀୟ ପରିଡ଼ା, ଉପସଭାପତି ରଶ୍ମି ଦାସ, ସହସମ୍ପାଦକ ଜ୍ୟୋତିମୟୀ ନାୟକ, ରବିନାରାୟଣ ପଣ୍ଡା, ନାରାୟଣ ପାଇକରାୟ, ରବୀନ୍ଦ୍ର ପ୍ରଧାନ, ମାଧବଚନ୍ଦ୍ର ରଣା, ପ୍ରତାପ ସ୍ୱାଇଁ, ଦିବ୍ୟସିଂ ସୁବୁଦ୍ଧି, ଲୋପାମୁଦ୍ରା ମହାରଥି, ସୁଜାତା ମହାପାତ୍ର ପ୍ରମୁଖ ପ୍ରେସ୍ ବିବୃତ୍ତି ମାଧ୍ୟମରେ ଜଣାଇଛନ୍ତି।

## ଅବସର ପରେ ଗାଁ ମାଟିରେ ଯବାନଙ୍କୁ ଭବ୍ୟ ସ୍ୱାଗତ



**ଟାଙ୍ଗୀ,୨।୮/ଏନ୍‌ଏନ୍‌ଏସ୍:** ଦୀର୍ଘ ୨୪ବର୍ଷ ହେଲା ନିଜ ଜୀବନକୁ ଦେଶ ପାଇଁ ସମର୍ପିତ କରିଥିବା ବୀର ଯବାନଙ୍କୁ ଚାକିରିରୁ ଅବସରର ନେବା ପରେ ଗାଁ ମାଟିରେ ଭବ୍ୟ ସ୍ୱାଗତ କରିବା ସହ ଭାରତ ମାତା କି ଜୟରେ ପୁରା ଗାଁ କମ୍ପି ଉଠିଥିଲା। ଅବସର ନେଇଥିବା ସେ ବୀର ଯବାନ ଜଣଙ୍କ ହେଉଛନ୍ତି ଟାଙ୍ଗୀ ଚୌଦ୍ୱାର ବ୍ଲକ ଜରିପଡା ପଞ୍ଚାୟତ ଟିକରା ଗ୍ରାମର ଦେବାଶିଷ ପ୍ରଧାନ। ସେ ୨୦୦୧ରୁ ସେନାରେ ଯୋଗ ଦେବା ପରେ ଭୂଲି ଯାଇଥିଲେ ନିଜକୁ ୨୪ବର୍ଷ କାଳ ଦେଶ ସେବାରେ ନିୟୋଜିତ କରିଥିଲେ। ରାଜସ୍ଥାନରୁ ଚାକିରି ଜୀବନ ଆରମ୍ଭ କରି ଆସମରେ ଚାକିରିରୁ ଅବସରନେଇଥିଲେ। ତେବେ ଆଜି ଗାଁ ମାଟିରେ ପହଞ୍ଚିବା ପରେ ଗ୍ରାମବାସୀ ତଥା ଶୁଭେଚ୍ଛୁମାନେ ତାଙ୍କୁ ଭବ୍ୟ ସ୍ୱାଗତ କରିବା ସହ ବାଣ ଫୁଟାଇ ବାଜା ବଜାଇ ଗ୍ରାମ ପରିକ୍ରମା କରାଇ ଘରକୁ ପାଛୋଟି ଆଣିଥିଲେ। ତାଙ୍କ ପରିବା ବାଟକୁ ଚାହିଁ ରହିଥିବା ପରିବାର ଲୋକେ ଦୀପ ଜାଳି ହୁଳହୁଳି ଦେଇ ଘରକୁ ପାଛୋଟି ନେଇଥିଲେ। ଯବାନଙ୍କ ବାପା ରମେଶ ଚନ୍ଦ୍ର ପ୍ରଧାନ ଗାଁରେ ଚାଷ କରୁଥିବାବେଳେ ପୁଅ ସୀମାରେ ଦେଶର ସୁରକ୍ଷା କରୁଥିବାରୁ ଜୟ ଯବାନ ଜୟ କିଷାନର ଉଦାହରଣ ଏହି ପରିବାରରେ ଦେଖିବାକୁ ମିଳିଛି। ଅନ୍ୟ ପଟେ ଅବସରର ନେବା ପରେ ନିଜ ଜୀବନ ର ଅନେକ ସ୍ମୃତି କହିବା ସହ ଦେଶ ସେବାରେ ନିଜକୁ ନିୟୋଜିତ କରିପାରିଥିବାରୁ ନିଜ ଗର୍ବ ଅନୁଭବ କରିପାରୁଛି ବୋଲି ଯବାନ ପ୍ରକାଶ କରିଛନ୍ତି। ଅନ୍ୟ ପଟେ ସରପଞ୍ଚ ସଂଯୁକ୍ତା ସେଠୀ, ସମାଜସେବୀ ଅମୂଲ୍ୟ କୁମାର ବେହୁରା, ତୁଷାର ରଞ୍ଜନ ନାୟକ, ରାକେଶ କୁମାର ପ୍ରଧାନ, କୁଳପୁରୋହିତ ଅଭିରାମ କର, ତ୍ରିନାଥ ମହାରଣା, ମାନଭଞ୍ଜନ ପ୍ରଧାନ, ବିଜୟ କୁମାର ପୁଆଣ, ନିରଞ୍ଜନ ବେହୁରା, କିଶୋର ଚନ୍ଦ୍ର ସେଠୀ ପ୍ରମୁଖ ସମେତ ସମ୍ବର୍ଦ୍ଧିତ କରିଥିଲେ।

## ନୁର୍ତାଙ୍ଗ କ୍ଲଷ୍ଟରସ୍ତରୀୟ ବୈଠକ

**ମାହାଙ୍ଗା,୨।୮/ଏନ୍‌ଏନ୍‌ଏସ୍:** ମାହାଙ୍ଗା ବ୍ଲକ ଅନ୍ତର୍ଗତ ଜଳେଶ୍ୱରପୁର ପଂଚାୟତସ୍ଥିତ ଡଗରାସାହି ପ୍ରାଥମିକ ବିଦ୍ୟାଳୟରେ ନୁର୍ତାଙ୍ଗ କ୍ଲଷ୍ଟର ସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ସେକ ହଲିମ ମହମ୍ମଦଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକରେ ମୁଖ୍ୟଅତିଥିଭାବେ କ୍ଲଷ୍ଟର ସଂଯୋଜକ ମନୋରଞ୍ଜନ ଦାସ ଯୋଗଦେଇ ବିଦ୍ୟାଳୟରେ ହେଉଥିବା ବିଭିନ୍ନ ସମସ୍ୟା ଉପରେ ଗୁରୁତ୍ୱାରୋପ କରିଥିଲେ। କାର୍ଯ୍ୟକ୍ରମରେ କମଳାକାନ୍ତ ଷଡଙ୍ଗୀ, ନଳିନୀପ୍ରଭା ବେହେରା, ପବିତ୍ର କୁମାର ଦେହୁରୀ, ଉମ୍ବରୁଧର ମଲିକ, ରଞ୍ଜିତ ଜେନା, ଖିଲାଡ଼ି ଗୋପାଳ, ଦାଲୁରାମ ହାଂସଦା, ବୁଦ୍ଧିରାମ ସିଂହ, ସସ୍ମିତା ନାୟକ, ପ୍ରତିମା ସେଠୀ, ସତ୍ୟଭାମା ବେହେରା, ମମତା ଦେହୁରୀ, ସୁକାନ୍ତି ଦାସଙ୍କ ସମେତ କ୍ଲଷ୍ଟରର ବହୁ ଶିକ୍ଷକ ଶିକ୍ଷୟିତ୍ରୀ ଯୋଗଦେଇ ବିଦ୍ୟାଳୟରେ ଉପୁଜୁଥିବା ବିଭିନ୍ନ ସମସ୍ୟା ଗୁଡିକ ଉପସ୍ଥାପନ କରିଥିଲେ। ସମସ୍ୟା ଗୁଡିକର କିପରି ସମାଧାନ କରାଯାଇପାରିବ ବୈଠକରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇଥିଲା। ଶିକ୍ଷକ ପ୍ରଶାନ୍ତ ମହାନ୍ତି ସମସ୍ତଙ୍କୁ ଧନ୍ୟବାଦ ପ୍ରଦାନ କରିଥିଲେ।

## ଗାୟତ୍ରୀ ଶକ୍ତିପୀଠରେ ଶତବାର୍ଷିକ ସମାରୋହ



**ଖୋର୍ଦ୍ଧା,୨।୮/ଏନ୍‌ଏନ୍‌ଏସ୍:** ଆମେ ବଦଳିଲେ ଯୁଗ ବଦଳିବ, ଆମେ ସୁଧୁରିଲେ ଯୁଗ ସୁଧୁରିବ। ଏହି ବିଚାରାଧାରାକୁ ପାଥେୟକରି ଅଖିଳ ବିଶ୍ୱ ଗାୟତ୍ରୀ ପରିବାର ପକ୍ଷରୁ ଶାନ୍ତିକୁଞ୍ଜ, ହରିଦ୍ୱାରଙ୍କ ତତ୍ତ୍ୱାବଧାନରେ ଶତବାର୍ଷିକ ସମାରୋହ ଖୋର୍ଦ୍ଧା ବିଡିଏ କଲୋନୀ ଗାୟତ୍ରୀ ଶକ୍ତିପୀଠ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ ଜନସଂପର୍କ ଟୋଲିରେ ଗାୟତ୍ରୀ ସାଧକ ସୌମିତ୍ରୀ ଥାନପତି, ପ୍ରତାପ ସ୍ୱାଇଁ, ବିଘ୍ନେଶ୍ୱର ମହାପାତ୍ର, ରବୀନ୍ଦ୍ର ଗୌଡ଼, ଜୟନ୍ତ ମିଶ୍ର, ରାଜେନ୍ଦ୍ର ପ୍ରସାଦ ମହାପାତ୍ର ପ୍ରମୁଖ ଯୋଗଦେଇ ଯୁଗନିର୍ମାଣ ଯୋଜନା ତଥା ସାଂସ୍କୃତିକ ତଥା ଆଧ୍ୟାତ୍ମିକ ବିଚାରଧାରା ଉପରେ ନିଜ ନିଜର ମତ ରଖିଥିଲେ। ମନକୁ କୁବିଚାର ଓ ଦୁର୍ଭାବନାରୁ ଦୂରେଇ ରଖିବା ନିମନ୍ତେ ସ୍ୱାଧ୍ୟାୟ ଓ ସତ୍‌ସଙ୍ଗର ଆବଶ୍ୟକତା ଉପରେ ଗୁରୁତ୍ୱ ଦେଇଥିଲେ। ଖୋର୍ଦ୍ଧା ଜିଲାର ୯ଟି ବ୍ଲକର କର୍ମକର୍ତା ଏଥିରେ ସାମିଲ ହୋଇଥିଲେ। ଅଖିଳ ବିଶ୍ୱ ଗାୟତ୍ରୀ ପରିବାରର ବିଚାରକ୍ରାନ୍ତି ଅଭିଯାନ ପୁସ୍ତିକା ସମସ୍ତଙ୍କୁ ବଣ୍ଟନ କରାଯାଇଥିଲା। ବିଡିଏ କଲୋନୀ ଗାୟତ୍ରୀ ଶକ୍ତିପୀଠର ମୁଖ୍ୟ ପରିଚାଳନା ନ୍ୟାସୀ ଇଂ ପ୍ରମୋଦ ପୃଷ୍ଟି, ଐତିହାସିକ ସତ୍ୟବାଦୀ ବଳିଆରସିଂହ, ଉଲ୍ଲାସ ପୃଷ୍ଟି, ରବୀନ୍ଦ୍ର ପଟ୍ଟନାୟକ, ବିଦ୍ୟାଧର ରାଉତ, ଶୈଳବାଳା ବଳିଆରସିଂହ, ଇତିଶ୍ରୀ ସାହୁ, ପ୍ରହଲ୍ଲାଦ ବାରିକ, ପ୍ରଦ୍ୟୁମ୍ନ ନାଟୁଆ, ସମରେନ୍ଦ୍ର ବଳିଆରସିଂହ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## 'ଅଗ୍ନିବୀର'ରେ ସାମିଲ ହେବା ନେଇ ସେମିନାର



**ଖୋର୍ଦ୍ଧା,୨।୮/ଏନ୍‌ଏନ୍‌ଏସ୍:** ଏୟାରଫୋର୍ସ ଆସୋସିଏସନ, ଖୋର୍ଦ୍ଧା ଶାଖା ତରଫରୁ ଅଗ୍ନିବୀରରେ ସାମିଲ ହେବା ନେଇ ଏକ ସେମିନାର ଗଡ଼ବାଣୀକିଲୋ କଲେଜ +୨ ଓ +୩ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଭାରତୀୟ ବାୟୁସେନାର ଅବସରପ୍ରାପ୍ତ ଫ୍ଲାଇଟ୍ ଲେଫ୍ଟନାଂଟ୍ ବିଦ୍ୟାଧର ଲେଙ୍କା, ଶିବପ୍ରସାଦ ମଜୁମଦାର, ରାଧାବଲ୍ଲଭ ରାୟ, ଗଡ଼ମାଣତ୍ରୀ ପଂଚାୟତର ସରପଞ୍ଚ କରୁଣାକର ଦଳସିଂହରାୟ ପ୍ରମୁଖ ଏହି ସେମିନାରରେ ଅଂଶଗ୍ରହଣ କରିଥିଲେ। ବକ୍ତାମାନେ ଅଗ୍ନିବୀର ଯୋଜନାର ଉଦ୍ଦେଶ୍ୟ, ସୁଯୋଗ ଓ ଲାଭ ବିଷୟରେ ଉପସ୍ଥିତ ଛାତ୍ରଛାତ୍ରୀମାନଙ୍କୁ ସୂଚନା ଦେଇ ସେମାନଙ୍କୁ ଦେଶ ସେବା ପାଇଁ ଉତ୍ସାହିତ କରିଥିଲେ। ଏହି ଅବସରରେ ସେନାର ଅବସରପ୍ରାପ୍ତ ଅଧିକାରୀମାନଙ୍କୁ ବିଭିନ୍ନ ପ୍ରଶ୍ନ ପଚାରି ସନ୍ଦେହ ମୋଚନ କରିଥିଲେ କଲେଜର ଛାତ୍ର ଛାତ୍ରୀ। କଲେଜର ଅଧକ୍ଷ, ଅଧ୍ୟାପକ, ଅଧ୍ୟାପିକାମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଜାଲିଆତିରେ ଚାଲିଛି ଜଗନ୍ନାଥଙ୍କ ଜମି ବିକ୍ରି



**ପୁରୀ,୨।୮/ଏନ୍‌ଏନ୍‌ଏସ୍:** ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ଓଡ଼ିଶା ଓ ରାଜ୍ୟ ବାହାରେ ଅଚଳାଚଳ ଭୂସମ୍ପତ୍ତି ରହିଛି। ବିଭିନ୍ନ ସ୍ଥାନରେ ଥିବା ଏଭଳି ଭୂସମ୍ପତ୍ତିକୁ ମହାପ୍ରଭୁଙ୍କ ଖାତାକୁ ଅଣାଯାଇ ସେ ସବୁର ସୁରକ୍ଷା ପାଇଁ ସରକାରଙ୍କୁ ସୁପ୍ରିମକୋର୍ଟ ଅନେକ ଦିନ ତଳୁ ନିର୍ଦ୍ଦେଶ ଦେଇଥିଲେ ମଧ୍ୟ ଏପର୍ଯ୍ୟନ୍ତ ତାହା କାର୍ଯ୍ୟକାରୀ ହୋଇନାହିଁ। ସରକାରୀ ଅଧିକାରୀଙ୍କ ନିସ୍ତେଜତା, ଉଦାସୀନତା ଓ ବେପରୁଆ ମନୋଭାବ ଯୋଗୁଁ ସମୟକ୍ରମେ ଅନେକ ମୂଲ୍ୟବାନ ସଂପତ୍ତି ବେଆଇନ ଭାବେ ଜବରଦଖଲ ଓ ବିକ୍ରି କରିଦିଆଯାଉଥିବା ଜଣାପଡ଼ିଛି। ସମ୍ପତ୍ତି ବାଟମାରଣା ଯୋଗୁଁ ବିପୁଳ ପରିମାଣର ରାଜସ୍ୱ ହରାଉଛି ଶ୍ରୀମନ୍ଦିର ପ୍ରଶାସନ। ଏବେ ଜମି ମାଫିଆଙ୍କ ଲୋଲୁପ ଦୃଷ୍ଟିରେ ପଡ଼ିଛି ପୁରୀ ସଦର ଉପକଣ୍ଠ ଭାରତୀପୁର ମୌଜାରେ ଥିବା ଭୂସମ୍ପତ୍ତି। ବେଆଇନ ଭାବେ ମହାପ୍ରଭୁଙ୍କ ସମ୍ପତ୍ତି ଚଞ୍ଚକତାପୂର୍ଣ୍ଣ ଉପାୟରେ କବଜା କରି ଜମି ମାଫିଆମାନେ ବିକ୍ରି କରି ଚାଲିଥିଲେ ହେଁ ପ୍ରଶାସନ ନିରବଦ୍ରଷ୍ଟା ସାଜିବା ସଚେତନ ମହଲରେ ବିସ୍ମୟ ସୃଷ୍ଟି କରିଛି। ନୋଟାରୀ ପବ୍ଲିକରେ ଏଗ୍ରୀମେଣ୍ଟ ମାଧ୍ୟମରେ ଗୋଟିଏ ଡିସିମିଲ ୨ ରୁ ୩ ଲକ୍ଷ ବ୍ୟୟରେ ବେଆଇନ ଭାବେ ବିକ୍ରି କରାଯାଉଛି। ମୁଖ୍ୟତଃ ବିଭିନ୍ନ ନିର୍ମାଣ କାର୍ଯ୍ୟ ପାଇଁ ପଶ୍ଚିମବଙ୍ଗରୁ ପୁରୀ ଆସୁଥିବା ରାଜମିସ୍ତ୍ରୀ, ମାର୍ବଲ ମିସ୍ତ୍ରୀ, ନିର୍ମାଣ ଶ୍ରମିକମାନେ ଏହି ଜମି ମାଫିଆଙ୍କର ଶିକାର ହେଉଛନ୍ତି। ଜମିର ସତ୍ତ୍ୱାସତ୍ତ୍ୱ ବା ମାଲିକାନା ଯାଞ୍ଚ ନ କରି ନିରୀହ ଲୋକମାନେ ଜମି କିଣି ପକାଉଛନ୍ତି। ତେଣୁ ଆଗାମୀ ଦିନରେ ସହର ଉପକଣ୍ଠରେ ଥିବା ହୁଳୁହୁଳିଆ ପୋଲ ଅଞ୍ଚଳରେ ଏକ ବିରାଟ ବେଆଇନ ବସ୍ତି ଗଢ଼ିଉଠିବାର ଆଶଙ୍କା ଦେଖାଦେଇଛି। ପ୍ରାପ୍ତ ସୂଚନା ଅନୁଯାୟୀ ଭାରତୀପୁର ମୌଜାରେ ଶ୍ରୀଶଙ୍କର ଗୋପାଳ ତୀର୍ଥସ୍ୱନି, ଗୁରୁ ମାଧବାନନ୍ଦ ତୀର୍ଥସ୍ୱାମୀ, ଗୋପାଳ ତୀର୍ଥ ମଠ ବାଲିସାହି ନାମରେ ୨୪ ଏକର ୯୧ ଡିସିମିଲ ଜମିର ପଟା ବାହାରିଥିଲା। ଏହି ଜମି ମଧ୍ୟରୁ ୧୯୯୪ ମସିହାରେ ମହନ୍ତ ଦେବୋତ୍ତର କମିଶନରଙ୍କଠାରୁ ୧୯ ଧାରରେ ଅନୁମତି ଆଣି ପୁରୀ କୋଣାର୍କ ଆଞ୍ଚଳିକ ଉନ୍ନୟନ ସଂସ୍ଥା(ପିକେଡିଏ) ସଂସ୍ଥାକୁ ୧୨ ଏକର ୮୧ ଡିସିମିଲ ଜମି ହସ୍ତାନ୍ତର କରିଥିଲେ। ଏହି ଜମି ବାବଦ ମୂଲ୍ୟ ଯଥା ବିଧି ପୈଠ କରାଯାଇଥିଲା। ମହନ୍ତଙ୍କ ନାମରେ ଥିବା ଜମିର ରକବା ଥିଲା ଖାତା ନମ୍ବର ୬୪, ପ୍ଲଟ ନମ୍ବର ୫୦୫, ୫୦୬, ୫୦୭, ୫୦୮, ୫୦୯ ଓ ୫୧୦ ରହିଥିଲା। ଏହି ସବୁ ପ୍ଲଟ୍ ମଧ୍ୟରୁ ପିକେଡିଏ କିଣି ନେଇଥିଲା ୧୨ ଏକର ୮୧ ଡିସିମିଲ ଜମି। ଜମିର ବିଧିବଦ୍ଧ ହସ୍ତାନ୍ତର ପରେ ପିକେଡିଏ ୮୦୦ ମିଟରର ରାସ୍ତା ନିର୍ମାଣ କରି ଜମି ପ୍ଲଟିଂ ପାଇଁ ବିଜ୍ଞାପନ ପ୍ରକାଶ କରିଥିଲା। ଏ ସଂକ୍ରାନ୍ତରେ ଓଡ଼ିଶା ସରକାରଙ୍କ ପକ୍ଷରୁ ଗେଜେଟରେ ଆପତ୍ତି ଆହ୍ୱାନ କରାଯାଇଥିଲା। ପିକେଡିଏ ଆଗ୍ରହୀ କ୍ରେତାମାନଙ୍କ ଠାରୁ ଇଏମ୍‌ଟି ଗ୍ରହଣ କରୁଥିବାବେଳେ ଜମିକୁ ନେଇ ସୃଷ୍ଟି ହେଲା ବିବାଦ। ମଠର ତତ୍କାଳୀନ କାର୍ଯ୍ୟନିର୍ବାହୀ ଅଧିକାରୀ ବଳଭଦ୍ର ପ୍ରଧାନ ୧୯ ଧାରରେ ଅନୁମତି ନିଆନଯାଇ ପିକେଡିଏକୁ ଜମି ବିକ୍ରି କରାଯାଇଥିବା ଏବଂ ଜମିର ବିକ୍ରି ଲବ୍ଧ ଅର୍ଥ ମଠର ଆକାଉଣ୍ଟକୁ ଆସି ନଥିବା ଦର୍ଶାଇ ଓଡିଶା ହାଇକୋର୍ଟରେ ମାମଲା ଦାଏର କରିଥିଲେ। ତେବେ ଏହି ମାମଲା ଏବେ ବିଚାରାଧୀନ ଅଛି। ଅନ୍ୟପକ୍ଷରେ ସବୁ ମଠ ସଂପତ୍ତି ଶ୍ରୀମନ୍ଦିରର ବୋଲି ସୁପ୍ରିମକୋର୍ଟଙ୍କ ରାୟ ପରେ ଏହି ଜମି ତ୍ରିଶଙ୍କୁ ଅବସ୍ଥାରେ ପଡ଼ିଛି। ପିକେଡିଏ ସମ୍ଭାବିତ କ୍ରେତାମାନଙ୍କ ଠାରୁ ଗ୍ରହଣ କରିଥିବା ଅର୍ଥ ଫେରାଇ ଦେଇଥିବା ବେଳେ ପିକେଡିଏ ଏହି ଅର୍ଥ ମଠ ଠାରୁ ଏପର୍ଯ୍ୟନ୍ତ ଫେରିପାଇନାହିଁ। ଏଭଳି ବିବାଦୀୟ ପରିସ୍ଥିତି ଲାଗି ରହିଥିବା ବେଳେ ସଂପୃକ୍ତ ଜମିକୁ ନୋଟାରି ପବ୍ଲିକ ରେଜିଷ୍ଟ୍ରେସନ୍ ମାଧ୍ୟମରେ ବେଆଇନ ଭାବେ ବିକ୍ରି କରାଯାଉଛି। ପୂର୍ବରୁ ଏହି ଜମି କ୍ରୟ କରିଥିବା ଦର୍ଶାଇ ଦଲାଲଙ୍କ ମାଧ୍ୟମରେ ଜମି ବିକ୍ରି କରାଯାଉଥିବା ଅଭିଯୋଗ ହୋଇଛି। ୨୦୦୧ ମସିହା ଜୁଲାଇ ମାସ ୨୬ ତାରିଖରେ ଶଙ୍କର ଗୋପାଳ ତୀର୍ଥ ସ୍ୱାମୀଙ୍କ ପରଲୋକ ହୋଇଥିବାବେଳେ ଗୋପ ଥାନା ନାଗପୁର ସାମିଲ ପଦ୍ମପଡ଼ାର ସଞ୍ଜୟ କୁମାର ମିଶ୍ର ନାମକ ବ୍ୟକ୍ତି ଏହି ବିବାଦୀୟ ଜମି ହସ୍ତାନ୍ତର କରିବାରେ ଲାଗିଥିବା ଖବର ସାମ୍ନାକୁ ଆସିଛି। ସୂଚନାଯୋଗ୍ୟ ଯେ, କଟକ ଜିଲ୍ଲା ନିଆଳି ସବ୍‌ରେଜିଷ୍ଟ୍ରାର କାର୍ଯ୍ୟାଳୟରେ ସଞ୍ଜୟ ମିଶ୍ରଙ୍କ ନାମରେ ରେଜିଷ୍ଟ୍ରେସନ୍ ହୋଇଥିବା ୧୦ଏକର ୮୫ ଡିସିମିଲ ଜମିର ମୂଲ୍ୟ କମ୍ ଦର୍ଶାଯାଇଥିବାର ସନ୍ଦେହକରି ଏହା ଉପରେ ୩,୨୪,୮୬୬ ଟଙ୍କା ଷ୍ଟାମ୍ପ ଓ ୩୬୬୭୦ ଟଙ୍କା ଫିସ୍ ଆକାରରେ ବକେୟା ଦେୟ ଥିବା ଅଟକଳ କରାଯାଇ ଷ୍ଟାମ୍ପ କଲେକ୍ଟରଙ୍କ ଅଦାଲତ ପକ୍ଷରୁ ଭାରତୀୟ ଷ୍ଟାମ୍ପ ଆଇନର କେସ୍ ରହିଛି। ତେଣୁ ଗୋପାଳ ତୀର୍ଥ ମଠର ଜମି କିପରି ଉକ୍ତ ବ୍ୟକ୍ତିଙ୍କ ନାମକୁ ଆସିଲା ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏଭଳି ବିବାଦ ସତ୍ତ୍ୱେ ୧୫ କୋଟି ଟଙ୍କାର ଜମି ବିକ୍ରି ହୋଇସାରିଥିବା ଓ ଜମି ମାଫିଆ ଏବଂ ଗୁଣ୍ଡାମାନେ ଏହାଦ୍ୱାରା ମାଲେମାଲ ହୋଇଥିବା ଅଭିଯୋଗ ହୋଇଛି। କେତେକ ତଳିଆ ପୁଲିସ କର୍ମଚାରୀ ଓ ଶ୍ରୀମନ୍ଦିର ପ୍ରଶାସନର ତଳିଆ କର୍ମଚାରୀ ଏଭଳି ବେଆଇନ ଜମି ବିକ୍ରିକୁ ପ୍ରୋତ୍ସାହନ ଦେଉଥିବା ଅଭିଯୋଗ ହୋଇଛି। ମହାପ୍ରଭୁଙ୍କ ଜମି ଏଭଳି ଭାବେ ହସ୍ତାନ୍ତର ହେଉଥିବା ଯୋଗୁଁ ସଚେତନ ମହଲରେ ଉଦ୍‌ବେଗ ପ୍ରକାଶ ପାଇଛି। ଆଗାମୀ ଦିନରେ ସଂପୃକ୍ତ ଅଞ୍ଚଳରେ ବସ୍ତି ଗଢି ଉଠିଲେ ତାହାକୁ ଉଚ୍ଛେଦ କରିବାକୁ ସରକାରଙ୍କୁ ନାକେଦମ୍ ହେବାକୁ ପଡିବ ବୋଲି ଆଶଙ୍କା କରାଯାଉଛି। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ସତ୍ତ୍ୱେ ୬ବର୍ଷ ମଧ୍ୟରେ ମାତ୍ର ୪ହଜାର ଅମୃତ ମଣୋହି ଜମି ଶ୍ରୀମନ୍ଦିର ଅଧିନକୁ ଆସିଥିବା ବେଳେ ଆଉ ପ୍ରାୟ ୨୨ଏକର ଜମି ବିବାଦୀୟ ହୋଇ ପଡ଼ି ରହିଛି। ଆକଳନ ଅନୁଯାୟୀ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କର ରାଜ୍ୟ ତଥା ରାଜ୍ୟ ବାହାରେ ୬୦,୪୨୬ ଏକର ଜମି ବିଭିନ୍ନ ଅବସ୍ଥାରେ ରହିଛି। ସେଥିମଧ୍ୟରୁ ୩୪ ହଜାର ୬୧ ଏକରର କାଗଜପତ୍ର ଶ୍ରୀମନ୍ଦିର ପ୍ରଶାସନ ନିକଟରେ ରହିଛି। ମାତ୍ର ଭୂସମ୍ପତ୍ତିର ସୁରକ୍ଷା ଏବଂ ରକ୍ଷଣାବେକ୍ଷଣା ପ୍ରତି ଉଦାସୀନତା ମନୋଭାବ ଯୋଗୁଁ ମହାପ୍ରଭୁଙ୍କ ଜମିବାଡ଼ି ଜବରଦଖଲ ଓ ହସ୍ତାନ୍ତରିତ ହେବାରେ ଲାଗିଛି। ଏ ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ତଦନ୍ତକରି ମାଫିଆଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ସାଧାରଣରେ ମତପ୍ରକାଶ ପାଇଛି।

ନିତିଦିନ NITIDIN
ରବିବାର, ୩ ଅଗଷ୍ଟ ,୨୦୨୫

ନିତି ଭାରତୀ

ତୁମକୁ ସାହାଯ୍ୟ କରିଥିବା ବ୍ୟକ୍ତିଙ୍କୁ ଭୁଲନାହିଁ।
ତୁମକୁ ଭଲ ପାଉଥିବା ବ୍ୟକ୍ତିଙ୍କୁ ଘୃଣା କରନାହିଁ।
ତୁମକୁ ବିଶ୍ୱାସ କରୁଥିବା ବ୍ୟକ୍ତିଙ୍କୁ ଠକନାହିଁ।
- ସ୍ୱାମୀ ବିବେକାନନ୍ଦ

# ଚାଟୁକାରିତା ଓ ସଫଳତା



ପ୍ରଦୀପ୍ତ କୁମାର ଜେନା

ଯେତେବେଳେ ଜଣେ ବ୍ୟକ୍ତି ନିଜର ବ୍ୟକ୍ତିଗତ ସ୍ୱାର୍ଥ ହାସଲ ପାଇଁ କିମ୍ବା ଅନୁଗ୍ରହ ପାଇବା ପାଇଁ ଅନ୍ୟ ଜଣେ ବ୍ୟକ୍ତି ବା ସଂଗଠନର ଅଯଥା ପ୍ରଶଂସା କରେ ବା ତା'ର ମହିମା ମଣ୍ଡନ କରେ, ତାକୁ ଚାଟୁକାରିତା ବୋଲି କୁହାଯାଏ। ଏହି ଚାଟୁକାରିତା ମିଠା ଜହର ସହିତ ତୁଳନୀୟ, ଯାହାକୁ ଆମେ ଅତି ଆଗ୍ରହର ସହିତ ପିଇବାକୁ ରାଜି ହୋଇଥାଉ। ଇଂରାଜୀରେ ଚାଟୁକାରିତାକୁ କୁହାଯାଇଛି- 'Flattery is called adulation or blandishment, is the act of giving excessive compliments generally for the purpose of ingratiating oneself with the subject.'
ଯେତେବେଳେ ଜଣେ ବ୍ୟକ୍ତି ଆମକୁ ଅଯଥା ପ୍ରଶଂସା କରେ, ଆମେ ସେ ବ୍ୟକ୍ତିର ଉଦ୍ଦେଶ୍ୟକୁ ଠିକ୍ ଭାବରେ ବିଚାର କରିପାରି ନଥାଉ। ପ୍ରଶଂସା ଚାଟୁକାରିତା ନୁହେଁ। ପ୍ରଶଂସା ବ୍ୟକ୍ତିକୁ ଆଗକୁ ବଢ଼ିବା ପାଇଁ ପ୍ରେରଣା ଦେଇଥାଏ। କିନ୍ତୁ ଅଯଥା ପ୍ରଶଂସା ମୂଳରେ ବ୍ୟକ୍ତିର ମନ୍ଦ ଉଦ୍ଦେଶ୍ୟ ଲୁଚି ରହିଥାଏ- 'Fattery is a form of hatred. It can use to manipulate cheat, deceive and hurt others.' ଆମକୁ ପ୍ରଶଂସା କରୁଥିବା ବ୍ୟକ୍ତିର ମନ୍ଦ ଉଦ୍ଦେଶ୍ୟ ଅଛି କିମ୍ବା ଆମକୁ ଖୁସି କରିବା ପାଇଁ ପ୍ରଶଂସା କରୁଛି, ଆମେ ସେ କଥାକୁ ଭାବି ନଥାଉ। ଲମା ଇକ୍‌ବାଲ୍ ଯେ କି ଜଣେ ପ୍ରଖ୍ୟାତ କବି ଓ ଦାର୍ଶନିକ ଥିଲେ, ଏହି ଚାଟୁକାରିତା ଉପରେ ଗୋଟିଏ ଗଳ୍ପ ଲେଖିଥିଲେ, ଯାହାର ନାଁ ଥିଲା 'ଏ ସ୍ପାଇଡର ଆଣ୍ଡ୍ ଏ ଫ୍ଲାଏ'। ଗାଳ୍ପିକ ଏହି ଗଳ୍ପରେ ଲେଖିଛନ୍ତି ଯେ ଗୋଟିଏ ବୁଢ଼ିଆଣୀ ମାଛିକୁ ତା' ଘରକୁ ଆସିବାକୁ ନିମନ୍ତ୍ରଣ କଲା। ମାଛିଟି ବୁଝି ପାରିଲା ବୁଢ଼ିଆଣୀର ମନ୍ଦ ଉଦ୍ଦେଶ୍ୟ, ଯେଉଁଥିପାଇଁ ସେ ତା'ର ନିମନ୍ତ୍ରଣ ରକ୍ଷା କରିବାକୁ ମନା କରିଦେଲା। ବୁଢ଼ିଆଣୀ ବହୁତ ଚାଲାକ। ତେଣୁ ସେ ମାଛିର ସୌନ୍ଦର୍ଯ୍ୟକୁ ଓ ତା'ର ଗୁଣୁଗୁଣୁ ସଙ୍ଗୀତକୁ ଖୁବ୍ ପ୍ରଶଂସା କଲା। ମାଛିଟି ବୁଢ଼ିଆଣୀର ପ୍ରଶଂସାରେ ତା'ର ମନ୍ଦ ଉଦ୍ଦେଶ୍ୟକୁ ଭୁଲିଯାଇ ନିମନ୍ତ୍ରଣକୁ ସ୍ୱୀକାର କଲା ଓ ଶେଷରେ ବୁଢ଼ିଆଣୀର ଶିକାର ହେଲା। ଠିକ୍ ସେହିଭଳି ବିଲୁଆ ଓ କାକ କଥା ଲୋକମୁଖରେ ଅଛି। କାକଟି ଖଣ୍ଡିଏ ମାଂସ ଖଣ୍ଡ ଧରି ଗଛ ଉପରେ ଖାଉଥିଲା। ବିଲୁଆଟି ବହୁତ ଭୋକିଲା ଥିଲା। ସେ ଗଛ ତଳେ ଛିଡ଼ା ହୋଇ ଭାବୁଥିଲା ମୁଁ କିପରି ମାଂସ ଖଣ୍ଡଟି ପାଇବି ! ଚତୁରତାର ସହିତ କାକଟିକୁ ସେ ଖୁବ୍ ପ୍ରଶଂସା କରିବାକୁ ଲାଗିଲା। କାକଟି ଆନନ୍ଦରେ ବିଭୋର ହୋଇ ତା'ର ପାଟିକୁ ଆଁ କରିଦେବା ଫଳରେ ମାଂସ ଖଣ୍ଡଟି ତଳେ ଖସି ପଡ଼ିଲା। ଚତୁର ବିଲୁଆ ଆନନ୍ଦରେ ମାଂସ ଖଣ୍ଡ ଖାଇ ତା'ର କ୍ଷୁଧା ମେଣ୍ଟାଇଲା। ଅତୀତରେ ଏହି ଚାଟୁକାରିତା ବିଭିନ୍ନ କ୍ଷେତ୍ରରେ ଥିଲା; ଆଜି ବି ଅଛି। ବ୍ୟକ୍ତି ନିଜର ସ୍ୱାର୍ଥ ସାଧନ ପାଇଁ, ଅର୍ଥ ଉପାର୍ଜନ କରିବା ପାଇଁ, ରାଜନୀତି କ୍ଷେତ୍ରରେ ପଦ ପଦବୀ ପାଇଁ, ଚାକିରି କ୍ଷେତ୍ରରେ ପଦୋନ୍ନତି ପାଇଁ ଉପରିସ୍ଥ ଅଧିକାରୀଙ୍କୁ ଅଯଥା ପ୍ରଶଂସା କରିଥାଏ। ଏପରିକି ଅଧିକାରୀଙ୍କୁ ଖୁସି କରିବା ପାଇଁ ସବୁ କିଛି ପନ୍ଥା ଅବଲମ୍ବନ କରିବାକୁ ପଛାଏ ନାହିଁ। ଆଜିର ଦୁନିଆରେ କିଛି ବ୍ୟକ୍ତି ଅଛନ୍ତି, ଯେଉଁମାନଙ୍କୁ ତାଙ୍କ ଯୋଗ୍ୟତାଠାରୁ ତାଙ୍କୁ ଅଧିକ ପ୍ରଶଂସା କଲେ ସେମାନେ ବହୁତ ଆନନ୍ଦ ଅନୁଭବ କରନ୍ତି ଓ ଆଉ କିଛି ଲୋକ ଅଛନ୍ତି, ଯେଉଁମାନଙ୍କୁ ଅଯଥା ପ୍ରଶଂସା ଭଲ ଲାଗେନାହିଁ। ଦ୍ୱିତୀୟ ବର୍ଗର ବ୍ୟକ୍ତିବିଶେଷଙ୍କ ସଂଖ୍ୟା ସମାଜରେ ନଗଣ୍ୟ। ପୂର୍ବେ ରାଜ ଦରବାରରେ କିଛି ଲୋକ ନିଯୁକ୍ତ ହେଉଥିଲେ ରାଜାଙ୍କ ମହିମା ଗାନ କରିବା ପାଇଁ। ରାଜା ଯେତେବେଳେ ପ୍ରତ୍ୟେକ ଦିନ ରାଜଗାଦିରେ ଆସୀନ ହେଉଥିଲେ, ସେମାନେ ଉଚ୍ଚ ସ୍ୱରରେ ରାଜାଙ୍କ ମହିମା ଗାନ କରୁଥିଲେ। ସେମାନଙ୍କୁ ଭାଟ କୁହାଯାଏ। ରାଜା ପ୍ରୀତ ହୋଇ ସେମାନଙ୍କୁ କିଛି ଅର୍ଥ ଓ ଉପଢୌକନ ଆଦି ପ୍ରଦାନ କରୁଥିଲେ। ଓଡ଼ିଶା ପରିପ୍ରେକ୍ଷୀରେ ବିଚାର କଲେ ଜଣାଯାଏ ଯେ ଷୋଡ଼ଶ ଶତାବ୍ଦୀ ବେଳକୁ ଓଡ଼ିଶାରେ ଅନେକ କବି ଯଥା- ଉପେନ୍ଦ୍ର ଭଞ୍ଜ, ଦୀନକୃଷ୍ଣ ଦାସ, ଅଭିମନ୍ୟୁ ସାମନ୍ତସିଂହାର ପ୍ରଭୃତି କାବ୍ୟ ରଚନା କରି ରାଜ ଦାରବାରରେ ତାହାର ଭଣିତା କରୁଥିଲେ। କାରଣ ସାଧାରଣ ମଣିଷ ପାଖରେ ସାହିତ୍ୟ ଅପହଞ୍ଚ ଥିଲା। ଏହି ସମୟର ସାହିତ୍ୟକୁ କେତେକ ଦରବାରୀ ସାହିତ୍ୟ ବୋଲି ଅଭିହିତ କରନ୍ତି, କାରଣ ଏହା ରାଜ ଦରବାର ଭିତରେ ସୀମିତ ଥିଲା। କାବ୍ୟ ଆଲୋଚନା ଆଳରେ କବିବୃନ୍ଦ ନିଜର ପାଣ୍ଡିତ୍ୟ ପ୍ରଦର୍ଶନ କରିବା ସହିତ ରାଜାମାନଙ୍କ ସ୍ତୁତି ବା ପ୍ରଶଂସା ଗାନ କରୁଥିଲେ ଓ ତା' ବିନିମୟରେ କିଛି ଅର୍ଥ ଓ ଉପଢୌକନ ପ୍ରାପ୍ତ ହେଉଥିଲେ। ସମୟେ ସମୟେ କବିମାନଙ୍କ ଅଯଥା ପ୍ରଶଂସା ଓ ଚାଟୁକାରିତା ସୀମା ଲଂଘନ କରି ଯାଉଥିଲା। ଏହି ଚାଟୁକାରିତାରେ କ୍ଷୁବ୍ଧ ହୋଇ କବି ଦୀନକୃଷ୍ଣ ଦାସ ରସକଲ୍ଲୋଳ କାବ୍ୟରେ ସେହି ଚାଟୁକାରୀମାନଙ୍କ ଉଦ୍ଦେଶ୍ୟର ସମାଲୋଚନା କରି କହିଛନ୍ତି, 'କବି ଯା କରେ ମୂର୍ଖକୁ ସ୍ତୁତି/ ଏଥିରୁ ବଳି ନାହିଁ ବିପତ୍ତି/ ଏଥିକି ଭଲ ଛାତିକି ମାରିବା କାତି।'

ତତ୍କାଳୀନ ସାହିତ୍ୟିକ ଓ କବିମାନେ କିଛି ଅର୍ଥ ଉପାର୍ଜନ କରିବା ପାଇଁ ଓ ଜଣେ ପ୍ରତିଷ୍ଠିତ କବି ଭାବରେ ରାଜାଙ୍କ ନିକଟରୁ ଉପାଧି ପ୍ରାପ୍ତ ହେବା ପାଇଁ ଚାଟୁକାରିତାକୁ ପସନ୍ଦ କରୁଥିଲେ। ପରବର୍ତ୍ତୀ ସମୟରେ ଭାରତ ଯେତେବେଳେ ବ୍ରିଟିଶମାନଙ୍କ ଅକ୍ତିଆରକୁ ଗଲା ବା ଭାରତରେ ବ୍ରିଟିଶମାନେ ନିଜର ସାମ୍ରାଜ୍ୟ ପ୍ରତିଷ୍ଠା କଲେ, ଆମ ଦେଶର କିଛି ନ୍ୟସ୍ତସ୍ୱାର୍ଥ ଗୋଷ୍ଠୀର ଲୋକମାନେ ବ୍ରିଟିଶମାନଙ୍କୁ ସହଯୋଗ କରିବା ସହିତ ସେମାନଙ୍କ ନିକଟରେ ଚାଟୁକାରିତା କଲେ, ଯାହା ଫଳରେ ତତ୍କାଳୀନ ବ୍ରିଟିଶ ଇଣ୍ଡିଆ ସରକାର ସେମାନଙ୍କୁ ଭିଭିନ୍ନ ପଦ ପଦବୀରେ ଭୂଷିତ କରିଥଲେ। ବ୍ରିଟିଶ ଇଣ୍ଡିଆ ସରକାର କିଛି ଯୋଗ୍ୟ ବ୍ୟକ୍ତିମାନଙ୍କୁ ପଦ ପଦବୀ ଦେଉଥିଲା ବେଳେ କିଛି ଅଯୋଗ୍ୟ ଚାଟୁକାରଙ୍କୁ ଭିଭିନ୍ନ ପଦ ପଦବୀ ପ୍ରଦାନ କରୁଥିଲେ। ୧୮୯୬ ମସିହାରେ କଟକ ବାରବାଟୀ ଦୁର୍ଗରେ ଏକ ଦରବାର ବସିଥିଲା। ସେହି ଦରବାରକୁ ଅନେକ ରାଜା ମହାରାଜା ଓ ଜମିଦାରମାନଙ୍କୁ ନିମନ୍ତ୍ରଣ ଥିଲା। ସେହି ଦରବାରରେ ଦୁଇ ଜଣ ବ୍ୟକ୍ତି, ଯଥା ପଠାଣି ସାମନ୍ତ ଏବଂ ରାଧାନାଥ ରାୟଙ୍କ ଭଗିନୀପତି ଗୋବିନ୍ଦ ବଲ୍ଲଭ ରାୟଙ୍କୁ ଉପାଧି ପ୍ରଦାନ ନିମନ୍ତେ ନିମନ୍ତ୍ରଣ କରାଯାଇଥିଲା। କୌଣସି କାରଣବଶତଃ ସେହି ଦରବାରରେ ପଠାଣି ସାମନ୍ତ ଅନୁପସ୍ଥିତି ଥିଲେ। ପରବର୍ତ୍ତୀ ସମୟରେ ଏକ ସ୍ୱତନ୍ତ୍ର ଉତ୍ସବ ଜରିଆରେ ତାଙ୍କୁ ମହାମହୋପାଧ୍ୟାୟ ଉପାଧି ପ୍ରଦାନ କରାଯାଇଥିବା ବେଳେ ସେଦିନର ଦରବାରରେ ରାଧାନାଥ ରାୟଙ୍କ ଭଗିନୀପତି ଗୋବିନ୍ଦ ବଲ୍ଲଭଙ୍କୁ ରାୟବାହାଦୁର ଉପାଧି ପ୍ରଦାନ କରାଯାଇଥିଲା। ସେହି ଦରବାରକୁ ଆସିଥିବା ରାଜା ଓ ଜମିଦାରମାନଙ୍କ ଆଡ଼ମ୍ବରପୂର୍ଣ୍ଣ ଆଗମନ ଓ ଅଯୋଗ୍ୟ ବ୍ୟକ୍ତିଙ୍କୁ ରାୟବାହାଦୁର ଉପାଧି ପ୍ରଦାନକୁ କବି ନିଜ ଲେଖା ଦରବାର କାବ୍ୟରେ ବ୍ୟଙ୍ଗ ବା ସମାଲୋଚନା କରିଛନ୍ତି। ସେ କହିଛନ୍ତି, ଯେଉଁମାନେ ବ୍ରିଟିଶ ଇଣ୍ଡିଆ ସରକାରଙ୍କୁ ସହଯୋଗ କରୁଥିଲେ ଓ ସେମାନଙ୍କ ନିକଟରେ ଚାଟୁକାରିତାରେ ଲିପ୍ତ ଥିଲେ, ସେହି ଅଯୋଗ୍ୟ ବ୍ୟକ୍ତିମାନଙ୍କୁ ଉପାଧି ପ୍ରଦାନ କରାଯାଇ ସେମାନଙ୍କୁ ସନ୍ତୁଷ୍ଟ କରାଯାଉଥିଲା। ବ୍ରିଟିଶ ଶାସନ ସମୟରେ ଅନେକ ଓଡ଼ିଆ ଲୋକ ଅର୍ଥ ଓ ପଦ ପଦବୀର ଲୋଭରେ ସେମାନଙ୍କ ନିକଟରେ ଚାଟୁକାରିତା କରୁଥିଲେ, ଯେଉଁଥିପାଇଁ ତତ୍କାଳୀନ କବି ମଧୁସୂଦନ ଦାସ ନିଜ କବିତା ମାଧ୍ୟମରେ ସମାଲୋଚନା କରି କହିଛନ୍ତି, 'ତୁ ମନେ ଭାବିଛୁ ତୋଷାମଦ କରି ବଢ଼ାଇବୁ ଜାତି ମାନ/ ତୋଷାମଦିଆର କୁକୁର ପ୍ରକୃତି ଅଇଁଠା ପତରେ ମନ।' ଅନୁରୂପ ଭାବେ ସ୍ୱଭାବ କବି ଗଙ୍ଗାଧର ମେହେର ନିଜ ଲେଖା 'ପ୍ରଣୟ ବଲ୍ଲରୀ' କାବ୍ୟରେ ଉଲ୍ଲେଖ କରିଛନ୍ତି, 'ଅନାହୁତ ହୋଇ ଆସି କେହି ତୋର ଅଯଥା ପ୍ରଶଂସା କଲେ/ ଜାଣିଥିବୁ ତା'ର ଆଗମନ ତୋତେ ଠକିବାକୁ କଉଶଳେ।'

ତତ୍କାଳୀନ ସମୟରେ ପଦ ପଦବୀର ମୋହକୁ ଦୂରେଇ ଦେବାକୁ ଯାଇ ଯମୁନାଲାଲ୍ ବଜାଜ ଇଂରେଜମାନଙ୍କ ପ୍ରଦତ୍ତ ରାୟବାହାଦୁର ଉପାଧିକୁ ପ୍ରତ୍ୟାଖ୍ୟାନ କରିଥିଲେ। ଚାକିରି ଓ ପଦୋନ୍ନତି କ୍ଷେତ୍ରରେ ଜଣେ ଅଯୋଗ୍ୟ ବ୍ୟକ୍ତି କିଭଳି ଚାଟୁକାରିତା ଓ ବିଭିନ୍ନ କଳା କୌଶଳ ଆପଣାଇ ସଫଳତାର ଶିଡ଼ି ଚଢ଼ି ଯୋଗ୍ୟ ବ୍ୟକ୍ତିମାନଙ୍କୁ ପଛରେ ପକାଇ ଗୋଟିଏ କମ୍ପାନୀର ସର୍ବେସର୍ବା ହୋଇପାରେ, ତାହା ଔପନ୍ୟାସିକ ଗୋପିନାଥ ମହାନ୍ତିଙ୍କ ଦାନାପାଣି ଉପନ୍ୟାସରେ ସ୍ପଷ୍ଟ ଭାବରେ ବର୍ଣ୍ଣିତ ହୋଇଛି। ବଳିଦତ୍ତ ନାମକ ଏକ ଚରିତ୍ର ମାଧ୍ୟମରେ ଗୋପିନାଥ ମହାନ୍ତି ଏହି ସତ୍ୟକୁ ଉପସ୍ଥାପିତ କରିବାକୁ ପ୍ରୟାସ କରିଛନ୍ତି। ବଳିଦତ୍ତ କମ୍ପାନୀର ଜଣେ ଚତୁର୍ଥ ଶ୍ରେଣୀ କର୍ମଚାରୀ ଥିଲା। ସେ କମ୍ପାନୀ ମାଲିକ ଓ ତାଙ୍କ ସ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିବା ପାଇଁ ଘୁଷୁରି ମଳ ନିଜେ କାନ୍ଧରେ ଭାର କରି ଆଣି କମ୍ପାନୀ ମାଲିକଙ୍କ ବଗିଚାରେ ଥିବା ଗୋଲାପ ଗଛରେ ଦେଉଥିଲା। ସୁନ୍ଦର ଗୋଲାପ ଫୁଲ ଫୁଟିଲା ପରେ ମାଲିକଙ୍କ ସହଧର୍ମିଣୀ ବଳିଦତ୍ତ ଉପରେ ନିଜର ଖୁସି ପ୍ରକଟ କଲେ। ଆସ୍ତେ ଆସ୍ତେ ମାଲିକ ଓ ତାଙ୍କ ସହଧର୍ମିଣୀ କିଭଳି ଖୁସି ହେବେ ବଳିଦତ୍ତ ସେହି କାର୍ଯ୍ୟ କରି ଚାଲିଲା। ମାଲିକଙ୍କ ଖୁସି ପାଇଁ ଶେଷରେ ବଳିଦତ୍ତ ନିଜ ସ୍ତ୍ରୀ ସରୋଜିନୀକୁ ମଧ୍ୟ ମାଲିକଙ୍କ ନିକଟରେ ସର୍ମପଣ କରି ଦେଇଥିଲା। ମାଲିକ ବଳିଦତ୍ତର ଚାଟୁକାରିତା ଉପରେ ଏତେ ଖୁସି ହୋଇଗଲେ ଯେ ଶେଷରେ ତାକୁ କମ୍ପାନୀର ସର୍ବେସର୍ବା କରିଦେଲେ।

ଆଜି ସମାଜରେ ବଳିଦତ୍ତ ଭଳି ଚରିତ୍ରର ଅଭାବ ନାହାନ୍ତି। ନିଜର ସ୍ୱାର୍ଥ ହାସଲ କରିବା ପାଇଁ ସବୁକିଛି ପନ୍ଥା ଅବଲମ୍ବନ କରିବାକୁ ଆଜିର ମଣିଷ ପ୍ରସ୍ତୁତ। ଅଧୁନା ରାଜନୀତିରେ ଚାଟୁକାରଙ୍କ ସଂଖ୍ୟା ଅଧିକ। ବିଭିନ୍ନ ରାଜନୈତିକ ଦଳରେ ଏଭଳି ବ୍ୟକ୍ତିଙ୍କ ଅଭାବ ନାହିଁ। କ୍ଷମତାରେ ଥିବା ଦଳରେ ଏହା ଅଧିକ ଦେଖିବାକୁ ମିଳେ। କିଏ ପଦ ପଦବୀ ପାଇବା ପାଇଁ ତ କିଏ ମନ୍ତ୍ରୀ ହେବା ପାଇଁ ଚାଟୁକାରିତା କରୁଛି। ଓଡ଼ିଶାର ଜନୈକ ନେତା ଥରେ କହିଥିଲେ ଯେ ସେ ତାଙ୍କ ସମୟରେ ଶାସନ କ୍ଷମତାରେ ଥିବା ମୁଖ୍ୟଙ୍କ ଚାକର। ଏକଥା କହିଲେ ମୁଖ୍ୟ ଖୁସି ହେବେ ଓ ତାଙ୍କୁ ମନ୍ତ୍ରୀ ପଦରେ ଅବସ୍ଥାପିତ କରିବେ। ମହାରାଷ୍ଟ୍ରର ବିଜେପି ପ୍ରବକ୍ତା ଅବଧୂତ ବାଗ କହିଥିଲେ ନରେନ୍ଦ୍ର ମୋଦୀ ବିଷ୍ଣୁଙ୍କ ଅବତାର। ଠିକ୍ ସେହିଭଳି ସାଂସଦ କଙ୍ଗନା ରାଣାୱତ୍ କହିଥିଲେ ମୋଦୀ ଜଣେ ସାଧାରଣ ବ୍ୟକ୍ତି ନୁହନ୍ତି, ସେ ଜଣେ ଦୈବୀଶକ୍ତିସମ୍ପନ୍ନ ବ୍ୟକ୍ତି। କୌଣସି କାରଣ ପାଇଁ ସେଇ ସାଂସଦ ଯଦି ବିଜେପି ଦଳ ପରିବର୍ତ୍ତନ କରି ଅନ୍ୟ ଦଳକୁ ଯାଆନ୍ତି, ସେ ମୋଦୀଙ୍କ ପୂର୍ବପୁରୁଷଙ୍କ ପିଣ୍ଡ ପକାଇବାକୁ ଭୁଲିବେ ନାହିଁ। ଓଡ଼ିଶାର ଜଣେ ସାଂସଦ ଥରେ କହିଲେ, ପୂର୍ବ ଜନ୍ମରେ ମୋଦିଜୀ ଛତ୍ରପତି ଶିବାଜୀ ଥିଲେ। ଏହିଭଳି କହିଲେ ମୋଦିଜୀ ଖୁସି ହେଇ ମନ୍ତ୍ରୀ ପଦ ଦେବେ। ଏହିଭଳି ଅନେକ ନେତା ରାଜନୀତିରେ ନିଜର ଫାଇଦା ବା ସ୍ୱାର୍ଥ ପାଇଁ ତାଙ୍କ ଦଳ ମୁଖ୍ୟଙ୍କର ଚାଟୁକାରିତା କରିଥାନ୍ତି। ଏହା ସବୁ ଦଳରେ ଦେଖିବାକୁ ମିଳେ। ଯୋଗ୍ୟ ବ୍ୟକ୍ତିମାନଙ୍କୁ ଆଜି ସମାଜରେ ଉପେକ୍ଷା କରାଯାଉଥିବା ବେଳେ ଚାଟୁକାରମାନଙ୍କୁ ଚାକିରି କ୍ଷେତ୍ର ହେଉ, ରାଜନୀତି କ୍ଷେତ୍ର ହେଉ ବା ସାମାଜିକ କ୍ଷେତ୍ର, ସବୁଥିରେ ଆଗକୁ ଯିବା ପାଇଁ ସୁଯୋଗ ମିଳୁଛି। ଯିଏ ଯେତେ ଚାଟୁକାରିତା କରିବ, ସେ ସେତେ ଆଗକୁ ବଢ଼ିବ। ଯୋଗ୍ୟ ଓ ସ୍ୱାଭିମାନୀ ବ୍ୟକ୍ତି ସବୁ ସମୟରେ ସମାଜରେ ଅବହେଳିତ। ଚାକିରି କ୍ଷେତ୍ରରେ ଉଚ୍ଚପଦସ୍ଥ ଅଫିସରଙ୍କୁ ଯିଏ ଖୁସି କରି ପାରିବ, ସେ ଯେତେ ଅଯୋଗ୍ୟ ହୋଇଥାଉ ନା କାହିଁକି, ତା'ର ଯଥା ସମୟରେ ପଦୋନ୍ନତି ହେବା ସହିତ ଭଲ ଭଲ ସ୍ଥାନରେ ପୋଷ୍ଟିଂ ହେବ ଓ ସେ ଭଲ ଦି' ପଇସା ଉପୁରି ଅର୍ଜନ କରି ପାରିବ। ଏହି ଚାଟୁକାରିତା ଏକ ବ୍ୟାଧି ସଦୃଶ। ଦେଶରୁ ଏହା ଦୂର ନହେଲେ ସମାଜ କଳୁଷିତ ହେବ ଓ ଯୋଗ୍ୟ ବ୍ୟକ୍ତିମାନେ ନିଜ ଅଧିକାରରୁ ବଞ୍ଚିତ ହେବେ। ଚାଟୁକାରମାନଙ୍କ ପ୍ରତି ସମସ୍ତେ ସାବଧାନ ରହିବା ଉଚିତ୍ ଓ ସେମାନଙ୍କର ଅଯଥା ପ୍ରଶଂସା ମୂଳରେ ସେମାନଙ୍କର ଅସଲି ଉଦ୍ଦେଶ୍ୟକୁ ବିଚାରକୁ ନେବା ଉଚିତ୍।■

ଅବସରପ୍ରାପ୍ତ ପୁଲିସ ଅଫିସର୍
ମୋ: ୮୨୪୯୨୮୧୫୬୭



# ମୌନତାର ମାନଚିତ୍ର: ଅଟିଜିମ୍



ମୀନାକ୍ଷୀ ଦ୍ୱିବେଦୀ

ଚଳଚ୍ଚିତ୍ର କେବଳ ମନୋରଞ୍ଜନ କରିବା ଉଦ୍ଦେଶ୍ୟରେ ହୋଇ ନଥାଏ, କେତେକ ଚଳଚ୍ଚିତ୍ର ଆମ ପାଖକୁ ଏମିତି ଶିକ୍ଷା ଓ ବାର୍ତ୍ତା ବହନ କରି ଆଣିଥାଏ, ଯାହା ସମାଜର ଦୃଷ୍ଟିକୋଣକୁ ବଦଳାଇ ଦିଏ। ୨୦୨୫ ମସିହାରେ ମୁକ୍ତିଲାଭ କରିଥିବା 'ସିତାରେ ଜମିନ ପର' ଏମିତି ଏକ ଫିଲ୍ମ, ଯେଉଁଥିରେ ଅଟିଜିମ୍ ଥିବା ପିଲାର ଜୀବନ ଓ ସେଥିପାଇଁ ସମାଜର କାର୍ଯ୍ୟକୁ ଆଧାର କରି ଏହି ଫିଲ୍ମ ମାଧ୍ୟମରେ ଅଟିଜିମ୍ ଅନ୍ତର୍ଗତ ଗଭୀର ସମସ୍ୟାଗୁଡ଼ିକୁ ସମାଜ ସମ୍ମୁଖକୁ ଆଣିବା ସହ ଏହାକୁ ବୁଝିବା ଓ ମାନିବା ପାଇଁ ଉତ୍ସାହିତ କରାଯାଇଛି। ଅଟିଜିମ୍ ହେଉଛି ଏକ ସ୍ନାୟୁତନ୍ତ୍ରୀୟ ବିକାଶଜନିତ ଅବସ୍ଥା, ଯାହାଦ୍ୱାରା ଏଥିରେ ଆକ୍ରାନ୍ତ ପିଲାମାନେ ଅନ୍ୟମାନଙ୍କ ସହ ବ୍ୟବହାର, ଯୋଗାଯୋଗ ଓ ବୃତ୍ତିକୁ ସାଧାରଣ ଭାବେ ପ୍ରକାଶ କରିପାରି ନଥାନ୍ତି। ଅଟିଜିମ୍ ଥିବା ଶିଶୁମାନେ ସାଧାରଣ ପିଲାମାନଙ୍କ ଭଳି ନୁହନ୍ତି। ତେବେ ସେମାନେ ଅନ୍ୟ ଏକ ଦୃଷ୍ଟିରୁ ଦୁନିଆକୁ ଦେଖନ୍ତି। ସେମାନଙ୍କ ମନ ଭିତରେ ଅସାଧାରଣ ଶକ୍ତି ଓ ସୃଜନଶୀଳତା ଥାଏ, କିନ୍ତୁ ସମାଜ ଏହାକୁ ବୁଝିପାରେ ନାହିଁ। ଏହି ଅବସ୍ଥା ପ୍ରତ୍ୟେକଙ୍କ ଭିତରେ ଭିନ୍ନ ଭିନ୍ନ ଭାବେ ପ୍ରକାଶ ପାଏ ଯାହାକୁ 'ଅଟିଜମ୍ ସ୍ପେକ୍ଟ୍ରମ୍' ବୋଲି କୁହାଯାଏ। ଏହାର ଆରମ୍ଭ ବାଲ୍ୟାବସ୍ଥାରୁ ହୁଏ ଓ ସମୟ ସହିତ ସେମାନଙ୍କ ଦୈନିକ ଜୀବନ, ଶିକ୍ଷା ଓ ସମ୍ପର୍କ ଉପରେ ପ୍ରଭାବ ପକାଏ। ଯଦିଓ ଅନେକେ ଏହାକୁ ଅସାଧାରଣ ଭାବରେ ଦେଖନ୍ତି, ପ୍ରକୃତରେ କିନ୍ତୁ ଏହା ଜୀବନକୁ ଦେଖିବାର ଏକ ଭିନ୍ନ ଦୃଷ୍ଟିକୋଣ ମାତ୍ର।

ଅଟିଜିମ୍ ଥିବା ଶିଶୁ ବା ବ୍ୟକ୍ତି ଅନ୍ୟମାନଙ୍କ ସହ ଆଖି ମିଳାଇ ଦେଖିବା, ହସିବା, ଖେଳିବା ବା ଅନୁଭୂତି ବ୍ୟକ୍ତ କରିବାରେ ସଂକୋଚ କରନ୍ତି। ସେମାନଙ୍କ କଥା ବୁଝିବା, ଉଚ୍ଚାରଣ କରିବା କିମ୍ବା ନିଜ ଭାବ ବ୍ୟକ୍ତ କରିବାରେ ଅସୁବିଧା ହୁଏ। ହାତ ହଲାଇବା, ମୁଣ୍ଡ ହଲାଇବା, ଗୋଟିଏ କଥାକୁ ବାରମ୍ବାର କହିବା ଭଳି ଅଭ୍ୟାସ ସେମାନଙ୍କ ପାଖରେ ଦେଖାଯାଏ। ଅତ୍ୟଧିକ ଉଚ୍ଚ ଶବ୍ଦ, ଆଲୋକ ବା ସ୍ପର୍ଶ ପ୍ରତି ଅସାଧାରଣ ପ୍ରତିକ୍ରିୟା ସୃଷ୍ଟି କରିବାର ଦେଖାଯାଏ। ଅଟିଜିମ୍‌ର ପ୍ରକୃତ କାରଣ ଆଜି ବି ବୈଜ୍ଞାନିକମାନଙ୍କ ପାଖରେ ଏକ ରହସ୍ୟ। ହେଲେ ବଂଶଗତ ଅନୁବୃତ୍ତି, ଜିନ୍‌ର ଅସାମାନ୍ୟତା, ଗର୍ଭାବସ୍ଥାର କିଛି ସମସ୍ୟା ଓ ଜନ୍ମ ପରବର୍ତ୍ତୀ ଶିଶୁର ବିକାଶରେ ବାଧାର ଏହା ପଛରେ ଭୂମିକା ରହିଥାଇ ପାରେ।

ସମାଜ ଅଟିଜମ୍ ଥିବା ଶିଶୁ ବା ବ୍ୟକ୍ତିଙ୍କୁ 'ପଛୁଆ', 'ଅସାଧାରଣ', 'ମନୋବିକାରଗ୍ରସ୍ତ' ବୋଲି ଭାବନ୍ତି। ଏହି ଧାରଣାଗୁଡ଼ିକ କେବଳ ଅଜ୍ଞତା ନୁହେଁ, ଏହା ଗଭୀର ସମ୍ବେଦନାର ଅଭାବ ରହିଥିବାର ପରିଚୟ। ଅଟିଜିମ୍ ଥିବା ଲୋକମାନେ ଅନ୍ୟମାନଙ୍କ ପରି ହସନ୍ତି, କାନ୍ଦନ୍ତି, ସ୍ନେହ ଚାହାନ୍ତି ଓ ସ୍ୱପ୍ନ ଦେଖନ୍ତି। କିନ୍ତୁ ସେମାନେ ଏହାକୁ ବ୍ୟକ୍ତ କରିବା ପାଇଁ ଅନ୍ୟ ଭାଷା ବ୍ୟବହାର କରନ୍ତି- ସେ ଭାଷା ହେଉଛି ନିରବତା, ରିପିଟିଟିଭ୍ ବ୍ୟବହାର ଓ ଭିନ୍ନ ପ୍ରକାର ଅଭିନୟ। ଅଟିଜିମ୍ ଥିବା ଶିଶୁମାନେ ସରଳ ଭାବରେ ଚିନ୍ତା କରନ୍ତି। ନିଜ ଜଗତରେ ବେଶି ମନ ଲଗାନ୍ତି। ସତ୍ୟପ୍ରେମୀ ଓ ନିଷ୍କଳଙ୍କ ଥାଆନ୍ତି। କେତେକ ନିର୍ଦ୍ଦିଷ୍ଟ ରୁଚି ଓ ରୁଟିନ୍‌କୁ ଅତ୍ୟଧିକ ମହତ୍ତ୍ୱ ଦିଅନ୍ତି। କେତେକ ଅଟିଜିମ୍‌ଗ୍ରସ୍ତ ପିଲା ଅଦ୍ଭୁତ ଚିତ୍ର, ସଙ୍ଗୀତ, ଗଣିତ ବା ଯନ୍ତ୍ର ଉପରେ ଅତ୍ୟଧିକ ଦକ୍ଷତା ଦେଖାଇ ପାରନ୍ତି। ସେମାନେ ଯାହାକୁ ପସନ୍ଦ କରନ୍ତି ତାଙ୍କୁ ଅତ୍ୟଧିକ ମନ ଦେଇ ଭଲ ପାଆନ୍ତି। ଗୋଟେ ବିଷୟ ଉପରେ ସେମାନେ ଘଣ୍ଟା ଘଣ୍ଟା ଧରି ଧ୍ୟାନ ଦେଇ ପାରନ୍ତି, ଯାହା ଫଳରେ ତା' ଉପରେ ଗଭୀର ଜ୍ଞାନ ହୋଇଥାଏ।

କେତେକ ଶିଶୁ ମୌନ ହୁଅନ୍ତି, କିନ୍ତୁ ସେମାନେ ଅନ୍ୟମାନେ କହିଥିବା କଥା ଭଲ ଭାବରେ ଶୁଣିବା ଓ ବୁଝିବା କ୍ଷମତା ରଖନ୍ତି। ଦୈନିକ କାମରେ ନିୟମିତତା ରଖିବା ଏବଂ ଏକ ନିର୍ଦ୍ଦିଷ୍ଟ ରୁଟିନ୍ ଅନୁସରଣ କରିବା ଏହା ତାଙ୍କର ଶକ୍ତି ହେବା ସହିତ ସେମାନେ ଆପଣାକୁ ମଧ୍ୟ ଶିଖାଇ ପାରନ୍ତି। କିନ୍ତୁ ମୁଖ୍ୟ କଥା ହେଉଛି, ଅଟିଜମ୍ ଏକ ରୋଗ ନୁହେଁ। ଏହା ଜୀବନକୁ ଦେଖିବାର ଏକ ଭିନ୍ନ ଶୈଳୀ, ଯାହାକୁ ବୁଝିବା, ସ୍ୱୀକାର କରିବା ଓ ସମ୍ବେଦନା ସହିତ ସହଯୋଗ କରିବା ଆବଶ୍ୟକ। ଆଜି ଏମିତି ଅନେକ ସଫଳ ବ୍ୟକ୍ତିତ୍ୱ ଅଛନ୍ତି, ଯେଉଁମାନେ ଅଟିଜିମ୍ ସହିତ ଜୀବନଯାପନ କରୁଛନ୍ତି, କିନ୍ତୁ ସେମାନେ ବିଜ୍ଞାନ, କଳା ତଥା ତଥ୍ୟ ବିଶ୍ଳେଷଣରେ ଅଦ୍ଭୁତ ପ୍ରତିଭା ଦେଖାଇଛନ୍ତି। ଆମ ସମାଜ ଯଦି ସେମାନଙ୍କୁ ସ୍ୱୀକାର କରିବ, ସମ୍ବେଦନଶୀଳ ଶିକ୍ଷା ଓ ଚିକିତ୍ସା ଦେଇ ପାରିବ, ତେବେ ସେମାନେ ବି ସ୍ୱାଧୀନ ଓ ଗୌରବମୟ ଜୀବନ ଗଢ଼ି ପାରିବେ। ଟେମ୍ପଲ ଗ୍ରାଣ୍ଡିନ୍- ଜଣେ ଅଟିଜିମ୍ ଥିବା ମହିଳା, ଯିଏ ଅନ୍ତର୍ଜ୍ଞାନ ଓ ପ୍ରେରଣାର ପ୍ରତୀକ। ଗ୍ରେଟା ଥନବର୍ଗ- ପରିବେଶ ଅନ୍ଦୋଳନର ଅଗ୍ରଗାମୀ, ଯିଏ ସ୍ୱୀକାର କରିଛନ୍ତି ନିଜ ଅଟିଜିମ୍‌କୁ 'ସୁପର ପାୱାର' ବୋଲି। ଆନୁମାନିକ ତଥ୍ୟ ଅନୁଯାୟୀ, ଭାରତରେ ପ୍ରତି ୧୦୦ ପିଲାଙ୍କ ମଧ୍ୟରୁ ୧-୨ ପିଲା ଅଟିଜିମ୍‌ରେ ପୀଡ଼ିତ। ଏହି ତଥ୍ୟ ଅନୁସାରେ, ଭାରତରେ ଆନୁମାନିକ ୨୦-୩୦ ଲକ୍ଷ ଅଟିଜିମ୍ ଲୋକ ରହିଛନ୍ତି। କିନ୍ତୁ ଏହି ସଂଖ୍ୟା ସ୍ପଷ୍ଟ ନୁହେଁ। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ଡବ୍ଲ୍ୟୁଏଚ୍ଓ) ଅନୁଯାୟୀ, ବିଶ୍ୱରେ ପ୍ରତି ୧୦୦ ଜଣ ଲୋକଙ୍କ ମଧ୍ୟରୁ ପ୍ରାୟ ୧ ଜଣ ଅଟିଜମ୍‌ରେ ପୀଡ଼ିତ।

ଯୁକ୍ତରାଷ୍ଟ୍ର ଆମେରିକାରେ ୨୦୨୪ ର ସଂଖ୍ୟା ଅନୁଯାୟୀ, ପ୍ରତି ୩୬ ପିଲାଙ୍କ ମଧ୍ୟରୁ ୧ ଜଣ ଅଟିଜମ୍‌ରେ ଆକ୍ରାନ୍ତ। ଏହି ଦେଶରେ ଆନୁମାନିକ ୭୦ ଲକ୍ଷରୁ ଅଧିକ ଅଟିଜମ୍ ପୀଡ଼ିତ ଅଛନ୍ତି। ସମଗ୍ର ବିଶ୍ୱରେ ୭-୮ କୋଟି ଲୋକ ଅଟିଜିମ୍‌ରେ ପୀଡ଼ିତ ଥିବା ଅନୁମାନ କରାଯାଏ। ଅଟିଜମ୍ ପାଇଁ ସମାଜର ସଂକଳ୍ପ ହେବା ଉଚିତ୍- ଏକ ସାର୍ବଜନୀନ, ସମ୍ବେଦନଶୀଳ ଓ ସମରସତାପୂର୍ଣ୍ଣ ଦୃଷ୍ଟିକୋଣ, ଯାହା ଅଟିଜମ୍ ଥିବା ବ୍ୟକ୍ତିଙ୍କୁ ସମ୍ମାନ, ଆନନ୍ଦ ଓ ସ୍ୱାଭିମାନର ସହିତ ବଞ୍ଚିବାର ଅଧିକାର ପ୍ରଦାନ କରୁଥିବ। ଏହି ପରିସ୍ଥିତିରେ ସମାଜର ଭୂମିକା ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ।

ଏପ୍ରିଲ ୨ ତାରିଖକୁ 'ବିଶ୍ୱ ଅଟିଜିମ୍ ସଚେତନତା ଦିବସ' ଭାବରେ ପାଳନ କରାଯାଏ, କାରଣ, ପ୍ରଥମତଃ, ସମାଜକୁ ଅଟିଜମ୍ ବିଷୟରେ ସଚେତନ ଓ ସମ୍ବେଦନଶୀଳ ହେବାକୁ ପଡ଼ିବ। ଏ ବାବଦରେ ସମସ୍ତଙ୍କ ମନରୁ ଭ୍ରାନ୍ତିକୁ ଦୂର କରିବା ପାଇଁ ସ୍କୁଲ, କଲେଜ, ଗ୍ରାମ ଓ ସହରରେ ସଚେତନତା ସୃଷ୍ଟି କରିବାର କାର୍ଯ୍ୟକ୍ରମ ଆୟୋଜନ କରିବା ଦରକାର। ଦ୍ୱିତୀୟରେ, ଅଟିଜମ୍ ଥିବା ପିଲା ଓ ବ୍ୟକ୍ତିଙ୍କ ପାଇଁ ସମାବେଶୀ ଶିକ୍ଷା ବ୍ୟବସ୍ଥା ଗଢ଼ିବା ଦ୍ୱାରା ସେମାନଙ୍କ ମନୋବଳ ବଢ଼େ। ସ୍କୁଲ ଓ ଶିକ୍ଷକମାନେ ସେମାନଙ୍କୁ ବୁଝି ନେବା ଓ ମାନି ନେବାକୁ ଶିଖିବା ଉଚିତ୍। ତୃତୀୟତଃ, ଅଟିଜମ୍ ଥିବା ବ୍ୟକ୍ତିଙ୍କୁ ଜୀବନଯାପନ ପାଇଁ ନିଯୁକ୍ତି ଓ ଦକ୍ଷତା ଶିକ୍ଷା ଦେଇ ସ୍ୱାଧୀନତା ଦିଆଯିବା ଉଚିତ୍। ଚତୁର୍ଥରେ, ସେମାନଙ୍କ ପରିବାର ଓ ଅଭିଭାବକଙ୍କ ପାଇଁ ସାମାଜିକ ସମର୍ଥନ ଦେଉଥିବା ଏକ ସୁଦୃଢ଼ ନେଟୱର୍କ ଗଢ଼ିବା ଆବଶ୍ୟକ। ପଞ୍ଚମରେ, ଏମାନଙ୍କ ପ୍ରତି ସମାଜର ମନୋଭାବ ବଦଳାଇବା ନିତାନ୍ତ ଆବଶ୍ୟକ। ଏହି ଦିନଟି ୨୦୦୭ରେ ଜାତିସଂଘ ଦ୍ୱାରା ଘୋଷିତ ହୋଇ ୨୦୦୮ରୁ ପାଳିତ ହେଉଛି।


ଆମେ ଯେତେବେଳେ ଭାବିବାକୁ ଆରମ୍ଭ କରିବା ଯେ 'ଅଟିଜମ୍ କିଛି ଅସାଧାରଣ ନୁହେଁ, ବରଂ ଏହା ଏକ ଭିନ୍ନତା', ସେତେବେଳେ ଅଟିଜମ୍‌ର ଶିକାର ବ୍ୟକ୍ତି ଆମ ସମାଜର ଗର୍ବ ହେବେ।

'ସିତାରେ ଜମିନ ପର (୨୦୨୫)' ଏକ ଭାବପ୍ରବଣ ଓ ସମ୍ବେଦନଶୀଳ ଚଳଚ୍ଚିତ୍ର, ଯାହା ଆମକୁ ଅଟିଜମ୍ ବିଷୟରେ ଅନେକ ଗୁରୁତ୍ୱପୂର୍ଣ୍ଣ ଶିକ୍ଷା ଦେଉଛି। ଅଟିଜିମ୍ ଥିବା ପିଲାଙ୍କ ଜୀବନରେ ଆସୁଥିବା ଚ୍ୟାଲେଞ୍ଜ, ସମାଜର ଅଭିଜ୍ଞତା, ତାଙ୍କ ଉପରେ ଆତ୍ମବିଶ୍ୱାସ ଓ ଆଶା ଦେଖା ଯାଇଛି। ଏହି ଫିଲ୍ମ ଦେଖି ସମାଜ ଅଟିଜିମ୍ ଉପରେ ସଚେତନ ହେବା ସହିତ ଏହାକୁ ଗ୍ରହଣ କରିବା ଓ ସମର୍ଥନ କରିବା ଦିଗରେ ଚିନ୍ତା କରୁଛି। ଅଟିଜମ୍ ଥିବା ପିଲାମାନେ ମଧ୍ୟ 'ତାରା' ପରି ଆମ ସମାଜରେ ଚମକି ପାରିବେ, ଯଦି ଆମେ ସେମାନଙ୍କୁ ଭଲ ପାଇବା, ବୁଝିବା ଓ ସହଯୋଗ ଦେବା।

ଏହିପରି ଗଢ଼ି ଉଠୁଥିବା ଏକ ସମ୍ବେଦନଶୀଳ ଓ ସମାବେଶୀ ସମାଜ ହେଉଛି ଆଗାମୀ ପିଢ଼ି ପାଇଁ ସଠିକ୍ ଉଦାହରଣ। ଅଟିଜମ୍ ଥିବା ବ୍ୟକ୍ତିମାନେ ସ୍ୱାଭିମାନର ସହିତ ଜୀବନଯାପନ କରି ପାରିବେ ଓ ଏହି ସମାଜ ତାଙ୍କୁ ଗ୍ରହଣ କରିବ। ଏହି ସମାଜ ଯେତେବେଳେ ବୁଝି ପାରିବ, 'ସମସ୍ତେ ସମାନ ନୁହନ୍ତି, କିନ୍ତୁ ସମସ୍ତଙ୍କର ଅଧିକାର ସମାନ', ସେତେବେଳେ ଅଟିଜମ୍ ପାଇଁ ସଠିକ୍ ସାମାଜିକ ପୃଷ୍ଠଭୂମି ନିର୍ମିତ ହୋଇ ପାରିବ। ଅଟିଜମ୍‌ର ସଞ୍ଜୀବନୀ ହେଉଛି ସ୍ନେହ, କରୁଣା, ଧୈର୍ଯ୍ୟ ଓ ସହନଶୀଳତା। ଏସବୁ ଦ୍ୱାରା ସେମାନଙ୍କ ଜୀବନରେ ଏକ ଆଲୋକ ସୃଷ୍ଟି କରିବା। 'ସମବେଦନା, ସମ୍ମାନ ଓ ସମାବେଶିତା- ଅଟିଜମ୍ ପାଇଁ ଏକ ନୂଆ ରାସ୍ତା।' ସମବେଦନା ଦ୍ୱାରା ଉନ୍ନତି, ଗ୍ରହଣ ଦ୍ୱାରା ସମରସତା ଅଟିଜିମ୍ ପାଇଁ ଏକ ନୂଆ ଦିଗନ୍ତ।' ଏ ପ୍ରକାର ସଂକଳ୍ପ ଗ୍ରହଣ କଲେ ଏକ ସମ୍ବେଦନଶୀଳ, ସୁସଜ୍ଜିତ ଓ ନ୍ୟାୟସଙ୍ଗତ ସମାଜ ଗଠିତ ହେବ ଯେଉଁଠି ଅଟିଜିମ୍ ଥିବା ବ୍ୟକ୍ତିମାନେ ମଧ୍ୟ ସ୍ୱାଧୀନ ଓ ଗର୍ବର ସହିତ ଜୀବନଯାପନ କରି ପାରିବେ।■

ଗୁରୁ ଗ୍ରାମ, ମୋ: ୭୯୭୮୦୮୨୮୩୪

# କୋଲକାତାର ପବନରେ ଅଦୃଶ୍ୟ ଆଶିଷ



ମଣୀନ୍ଦ୍ର କୁମାର ମେହେର

ବଙ୍ଗଳା ଭାଷା ମୁଁ ଶିଖିଥିଲି ଦଶମ ଶ୍ରେଣୀରେ ପଢ଼ିବା ସମୟରୁ ବଡ଼ବାପା ସ୍ୱର୍ଗତଃ ପୂର୍ଣ୍ଣଚନ୍ଦ୍ର ମେହେରଙ୍କ ନିକଟରୁ। ବଡ଼ବାପା ଓ ବାପା ଉଭୟେ ବଙ୍ଗଳା ସାହିତ୍ୟର ଆତ୍ମା ସହିତ ସଂଯୁକ୍ତ କରି ଦେଇଥିଲେ ମୋତେ। ବିଶେଷତଃ ବାପାଙ୍କ ହାତରେ ସର୍ବଦା ରହିଥାଏ କୌଣସି ନା କୌଣସି ବଙ୍ଗଳା ଗଳ୍ପ ବା ଉପନ୍ୟାସ ପୁସ୍ତକ। ସେ ତ ଧ୍ୟାନମଗ୍ନ ହୋଇ ପଢୁଥାନ୍ତି। ବେଳେବେଳେ ହଠାତ୍ ମୋତେ ତାଙ୍କ ନିକଟକୁ ଆସିବା ପାଇଁ ଦିଅନ୍ତି ସ୍ନେହସିକ୍ତ ନିର୍ଦ୍ଦେଶ। ତାଙ୍କ ନିକଟବର୍ତ୍ତୀ ହେବା ପରେ ମୋତେ ଚାହିଁ କହିବେ, 'କି ସୁନ୍ଦର ଓ ହୃଦୟସ୍ପର୍ଶୀ ଏ ବାକ୍ୟସବୁ! ତୁ ତ କିଛି ପଢୁନାହୁଁ। ଜାଣିବୁ ବା କିପରି ?' ଏତିକି କହି ସେ ସୁନିର୍ଦ୍ଦିଷ୍ଟ ପୃଷ୍ଠାର ନିର୍ବାଚିତ ବାକ୍ୟଗୁଡ଼ିକ ପଢ଼ି ଶୁଣାଇ ଦିଅନ୍ତି ଅତି ଯତ୍ନରେ। ତାଙ୍କ ବାର୍ତ୍ତାଳାପ ମଧ୍ୟରେ ଯେଉଁ ଲେଖକ ଲେଖିକାମାନେ ପ୍ରାଣବନ୍ତ ହୋଇ ଉଠନ୍ତି ମୋ ଆଗରେ, ତାହା ସେତେବେଳେ ଯେମିତି ବିହ୍ୱଳ କରୁଥିଲା ମୋତେ, ଆଜି ମଧ୍ୟ ସେହି ସ୍ମୃତି ଜୀବନ୍ତ ହୋଇ ରହିଛି। ବାପା ସର୍ବଦା କହିବେ- ରବୀନ୍ଦ୍ରନାଥ, ବଙ୍କିମଚନ୍ଦ୍ର, ଶରତଚନ୍ଦ୍ର, ବିଭୂତି ଭୂଷଣ ବନ୍ଦୋପାଧ୍ୟାୟ, ଆଶାପୂର୍ଣ୍ଣା ଦେବୀ ଅଥବା ବିମଳ ମିତ୍ରଙ୍କ ଲେଖା ସଂପର୍କରେ। ସେସବୁ କଥା ଯେ ଆଜି ବି ଅନୁରଣିତ ହେଉଛି ମୋ ହୃଦୟରେ। ତାହାକୁ ବ୍ୟକ୍ତ କରିବି ବା କିପରି ! ଯେଉଁମାନଙ୍କ ବିଷୟରେ ବାପା କହୁଥିଲେ, ସେମାନେ ଆଉ କେହି ମୁଁ କୋଲକାତା ଯିବା ବେଳକୁ ନଥିଲେ ଏ ଦୁନିଆରେ। ତେବେ ମଧ୍ୟ ମୁଁ କେବେ ହେଲେ ଅନୁଭବ କରି ନାହିଁ ଯେ ସେମାନେ କୋଲକାତାର ବାତାବରଣରେ ଅନୁପସ୍ଥିତ ଅଛନ୍ତି ବୋଲି। ଅର୍ଥାତ୍ ସେ ସମସ୍ତଙ୍କ ରଚନା ସମ୍ଭାର ଓ ବ୍ୟକ୍ତିତ୍ୱ ସହିତ ଯେଉଁ ସୂକ୍ଷ୍ମ ସଂପର୍କ ରହିଛି ଅଦୃଶ୍ୟ ଭାବରେ, ତାହା ଅନ୍ତର୍ଚକ୍ଷୁ ମଧ୍ୟ ଦେଇ ସୁସ୍ପଷ୍ଟ ଭାବରେ ଦେଖି ପାରୁଥିଲି। ମନେ ହେଉଥିଲା, ସେମାନେ ମୋ ପାଖରେ ଏଇଠି କେଉଁଠି ଯେମିତି ଘୂରି ବୁଲୁଛନ୍ତି।

ବଙ୍କିମଚନ୍ଦ୍ରଙ୍କ ଆନନ୍ଦ ମଠରେ ଯେଉଁ ବନ୍ଦେ ମାତରମ୍ ଶ୍ଳୋକ ଲିପିବଦ୍ଧ ହୋଇଛି, ତାହା ତ ସ୍ୱଦେଶର ମାତୃ-ସତ୍ତା ସହିତ ଜଡ଼ିତ କରି ରଖି ଆସିଛି। ରବୀନ୍ଦ୍ରଙ୍କ ଗୀତାଞ୍ଜଳିର ମୂଳ ବଙ୍ଗଳା ବହିରୁ ଦେଖି ଦେଖି ଓ ପୁଣି କେତେବେଳେ ନ ଦେଖି ମଧ୍ୟ ଛାତ ଉପରକୁ ଉଠିଯାଇ ଏକାକୀ ଆବୃତ୍ତି କରୁଥିଲି। ଆଶ୍ଚର୍ଯ୍ୟ ହୋଇ ଜାଣିବା ଏକ କଳା। ବାପା ବିମଳ ମିତ୍ରଙ୍କ ରଚିତ ଏ ବାକ୍ୟଟି ଶୁଣାଇ ଦେଇଥିଲେ ଯେଉଁ ଦିନଠୁ, ସେହି ସମୟରୁ ଲାଖି ରହିଛି ମୋ ଛାତିର ପ୍ରାଚୀରରେ। ରବୀନ୍ଦ୍ରନାଥଙ୍କ ବିଚିତ୍ରା ସଂକଳନଟି ବହୁ ସମୟରେ ଥାଏ ବାପାଙ୍କ ପାଖରେ ! ମଝିରେ ମଝିରେ ସେଠୁ ଅନେକ ପୃଷ୍ଠା ପଢ଼ି ପକାଉ ଥିଲି ମୁଁ। ବିମଳ ମିତ୍ରଙ୍କର ଗୋଟିଏ ଦୀର୍ଘ ଗଳ୍ପ ଅନୁବାଦ କରିଥିଲି, ଯାହା ୧୯୮୮ ମସିହାର ଝଙ୍କାର ପତ୍ରିକାରେ ପ୍ରକାଶିତ ହୋଇଥିଲା। ସେହିପରି ରବୀନ୍ଦ୍ରନାଥଙ୍କ ଏକାଧିକ ମିନିଗଳ୍ପ ଅନୁବାଦ କରି ସଂପର୍କ ପତ୍ରିକାରେ ପ୍ରକାଶ କରାଇ ଥିଲି। ମନେ ପଡୁଛି ଲେଖକ 'ବନଫୁଲ'ଙ୍କ କଥା। ତାହା ଏକ ଛଦ୍ମନାମ। କଲେଜରେ ପଢ଼ିବା ବେଳେ ମାଗାଜିନ୍‌କୁ ଗଳ୍ପଟିଏ ଲେଖି ଦେବା ପାଇଁ ଯେତେବେଳେ କରୁଥିଲି ଆନ୍ତରିକ ପ୍ରୟାସ, ସେତେବେଳେ ବାପା ବନଫୁଲଙ୍କ ଦ୍ୱାରା ରଚିତ ଗଳ୍ପର ଦୃଷ୍ଟାନ୍ତ ମୋ ଆଗରେ ଉପସ୍ଥାପନ କରି ଦେଇଥିଲେ। ସେହିପରି ଆଶାପୂର୍ଣ୍ଣା ଦେବୀ ହେଉଛନ୍ତି ମୋର ଜଣେ ଅତିପ୍ରିୟ ଲେଖିକା। ମନେପଡ଼େ ତାଙ୍କର ପ୍ରଥମ ପ୍ରତିଶ୍ରୁତି ଉପନ୍ୟାସ, ଯାହା ଜ୍ଞାନପୀଠ ପୁରସ୍କାର ଲାଭ କରିଥିଲା। ଉପନ୍ୟାସର ଗୋଟିଏ ବାକ୍ୟ ସ୍ୱତଃ ମନେ ପଡ଼ିଯାଉଛି। ତାହା ହେଲା- 'ସ୍ୱାଭିମାନ ଓ ଅହଙ୍କାର ହେଉଛନ୍ତି ଦୁଇ ଜାଆଁଳା ଭାଇ। ଏମାନଙ୍କୁ ସ୍ୱତନ୍ତ୍ର ସ୍ୱତନ୍ତ୍ର ଭାବରେ ଚିହ୍ନିବା ଆଦୌ ସହଜ ନୁହେଁ।' ଏ କଥାଟି ସତେ ଯେପରି ପ୍ରତିଦିନ ବିଭିନ୍ନ ଚରିତ୍ରଙ୍କ ସଂସ୍ପର୍ଶରେ ଆସିଲା ବେଳେ ମୋର ମନେ ପଡୁଥାଏ।

କବି ଓ ଲେଖକମାନଙ୍କର ବାସ୍ତବରେ ଦୁଇଟି ରୂପ। କହିବାକୁ ଗଲେ ଦୁଇଟି ଶରୀର। ଗୋଟିଏ ହେଲା ସ୍ଥୂଳ ଶରୀର, ଯାହା ଦୃଶ୍ୟମାନ। ଆଉ ଅନ୍ୟଟି ହେଲା ତାଙ୍କର ଲେଖକୀୟ ବ୍ୟକ୍ତିତ୍ୱ, ଯାହା ସୂକ୍ଷ୍ମ ରୂପ ଧାରଣ କରି ରହିଥାଏ ଚିରକାଳ ବିରାଜମାନ। ମୁଁ କୋଲକାତା ଯିବାବେଳେ ଯେଉଁମାନେ ନଥିଲେ ସଶରୀରେ, ସେମାନଙ୍କୁ ମଧ୍ୟ ଅନୁଭବ କରି ପାରୁଥିଲି କୋଲକାତା ଆକାଶର ପବନରେ। ସତେ ଯେମିତି ତାଙ୍କ ନିଃଶ୍ୱାସ ପ୍ରଶ୍ୱାସର ସ୍ପର୍ଶ ମୋ ଦେହରେ ଛୁଇଁ ଯାଉଛି। ସତେ ଯେମିତି ମୋର କୋଲକାତା ଆଗମନରେ ସେମାନେ ଲାଭ କରିଛନ୍ତି ପରମ ତୃପ୍ତି। ସେମାନଙ୍କ ସହିତ ନିରବରେ, ନିର୍ବିଘ୍ନରେ ମୋର ବାର୍ତ୍ତାଳାପ ଚାଲିଥାଏ ଭିତରେ ଭିତରେ। ବସ୍‌ରେ ବସି ଗଲା ବେଳେ ହେଉ, ଟ୍ରାମ୍‌ରେ ଚଢ଼ି ଲକ୍ଷ୍ୟସ୍ଥଳରେ ପହଞ୍ଚିବା ବେଳକୁ ହେଉ କିମ୍ବା ଅନ୍ୟ ଲେଖକ ଲେଖିକାଙ୍କ ସହିତ ଆଳାପ ଆଲୋଚନା କରୁଥିବା ବେଳେ ଏହି ସ୍ୱର୍ଗତଃ ଲେଖକ ଲେଖିକାଙ୍କ ସୂକ୍ଷ୍ମ କଳେବର ସତେ ଯେମିତି ମୋତେ ଘେରି ରହିଥାଏ ପ୍ରତି କ୍ଷଣରେ। ବଡ଼ ଅଦ୍ଭୁତ କଥା, ଯେଉଁ ଲେଖକ ଲେଖିକାଙ୍କୁ ଆମେ ଥରେ ଅନ୍ତର ଦେଇ ପାଠ କରୁ, ସେମାନେ ଆମ ସହିତ ରହି ଯାଆନ୍ତି ଏକାତ୍ମ ହୋଇ। ସେଥିପାଇଁ ଲେଖକ ମାତ୍ର ଗୋଟିଏ ଶରୀରରେ ବଞ୍ଚେ ନାହିଁ। ତା'ର ପ୍ରତିଟି ଲେଖା, ବହିର ପ୍ରତିଟି ଧାଡ଼ି ହେଉଛି ଏକ ଏକ ଚିରନ୍ତନ ରୂପ। କେତେ ଭାବରେ, କେତେ ରୂପରେ, କେତେ ଲୋକଙ୍କ ହୃଦୟରେ ସେ ଯେ ପ୍ରବେଶ କରିଯାଏ, ତାହାର ବର୍ଣ୍ଣନା କରିବା ଏକ ଅସମ୍ଭବ ବ୍ୟାପାର। କୋଲକାତା ମହାନଗରୀକୁ ଯାଇ ଯେଉଁମାନେ ବଞ୍ଚିଥିଲେ ଦେଖିଥାନ୍ତି ବୋଲି ଭାବୁଥିଲି, ସେମାନଙ୍କ ଅନ୍ତଃରୂପ ଆଗରେ ମୁଁ ଯେ କିପରି ବାର୍ତ୍ତାଳାପ କରି ପାରିଛି ଓ ସେମାନଙ୍କ ସ୍ନେହ-ସ୍ପର୍ଶରେ ଲାଭ କରିଛି ଅଦୃଶ୍ୟ ଆଶୀର୍ବାଦ, ତାହା ମୁଁ ଯେତିକି ଜାଣେ ମୋର ଅନ୍ତରାତ୍ମା ତା'ଠାରୁ ଆହୁରି ଅଧିକ ଜାଣିଛି। କେତେବେଳେ କେଉଁ ମୁହୂର୍ତ୍ତରେ ଅନ୍ତରାତ୍ମାର ସେହି ଅସାମାନ୍ୟ ପୁଲକ ମୋତେ ନେଇ ଯାଇପାରେ ଏକ ସୌନ୍ଦର୍ଯ୍ୟମୟ କଳାର ଜଗତକୁ- ତାହା କେମିତି ବା କହି ହେବ ଏହି ସମୟରେ, ଏହି ପରିସରରେ ବା ଏହି ପରିବେଶରେ !

କୋଲକାତାରୁ ଫେରି ଆସିବା ହୋଇ ଗଲାଣି ଛବିଶ ସତେଇଶ ବର୍ଷ। ଅଥଚ ସେମାନେ ରହିଛନ୍ତି ମୋର ନିକଟରେ ଅତି ଅନ୍ତରଙ୍ଗ ଭାବରେ, ଯାହା ଦେଖିବାର ଶକ୍ତି ମୋର ନାହିଁ କିମ୍ବା ଆପଣମାନଙ୍କର ମଧ୍ୟ ନାହିଁ।■

ଆଡଜଙ୍କ୍ଟ ପ୍ରଫେସର
ସ୍ନାତକୋତ୍ତର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ
ଉତ୍କଳ ବିଶ୍ୱବିଦ୍ୟାଳୟ, ବାଣୀବିହାର,
ଭୁବନେଶ୍ୱର

ଲେଖା ପଠାଇବାର ଠିକଣା, ସମ୍ପାଦକ, 'ନିତିଦିନ', Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, e-mail: nitidinedit@gmail.com

# ଡକାୟତି ଯୋଜନା ପଣ୍ଡ, ୬ ଗିରଫ



**ରାଉରକେଲା, ୨।୮/ଏନ୍ଏନ୍ଏସ୍:** ପ୍ଲାଣ୍ଟ ସାଇଟ୍ ପୁଲିସ୍ ଡକାୟତି ଯୋଜନା କରୁଥିବା ୬ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ରାହୁଲ ରାମ, କରଣ କେର୍କେଟା, ବଜରଙ୍ଗ ପାଶୱାନ, ସୁରଜ ମଣ୍ଡଳ, ମହମ୍ମଦ ଗୁଲାବ ଓ ଚକଲୁ କୁମାର। ସୂଚନାନୁସାରେ ପ୍ଲାଣ୍ଟ ସାଇଟ୍ ପୁଲିସ ଏସ୍ଆଇ ୟୁ କେ ଅହିର ଓ ସହକର୍ମୀଙ୍କ ସହ ପାଟ୍ରୋଲିଂ କରୁଥିବା ବେଳେ ଏହି ଡକାୟତି ଯୋଜନା ସମ୍ପର୍କରେ ସୂଚନା ପାଇଥିଲେ। ଅଭିଯୁକ୍ତମାନେ ଜନତା ନିବାସ ଗଳିର ଇଦ୍‌ଗାହ ମଇଦାନ ପଛପାର୍ଶ୍ୱରେ ଥିବା ଏକ ନିଛାଟିଆ ସ୍ଥାନରେ ଏକଜୁଟ୍ ହୋଇ ଡକାୟତି କିମ୍ବା ଅନ୍ୟ କୌଣସି ବଡ଼ ଧରଣର ଅପରାଧ ଘଟାଇବା ନେଇ ଯୋଜନା କରୁଥିଲେ। ପାଟ୍ରୋଲିଂ କରୁଥିବା ପୁଲିସ ଟିମ୍ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ଅଭିଯୁକ୍ତଙ୍କୁ ଥାନାକୁ ନେଇ ପଚରାଉଚୁରା କରିଥିଲା। ପୁଲିସ୍‌ର ତୁରନ୍ତ କାର୍ଯ୍ୟାନୁଷ୍ଠାନ ଫଳରେ ଏକ ନିଶ୍ଚିତ ଅପରାଧକୁ ରୋକାଯାଇପାରିଛି। ଅଭିଯୁକ୍ତଙ୍କଠାରୁ ଗୋଟିଏ ଭୁଜାଲି, ଗୋଟିଏ କଟୁରୀ, ୨ଟି ଛୁରୀ ଓ ୩ଟି ଲୁହାରଡ୍ ଆଦି ପୁଲିସ ଜବତ କରିଛି। ଅଭିଯୁକ୍ତଙ୍କ ନାମରେ ପୂର୍ବରୁ ସହରର ବିଭିନ୍ନ ଥାନାରେ ମାମଲା ଥିବା ଜଣାପଡ଼ିଛି।

# ଅବ୍ୟବସ୍ଥାରେ ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ଆବାସିକ ସ୍କୁଲ୍

**ଭବାନୀପାଟଣା, ୨।୮/ଏନ୍ଏନ୍ଏସ୍:** ରାଜ୍ୟ ସରକାର ଓଡ଼ିଶାର ଅନେକ ଉଚ୍ଚ ବିଦ୍ୟାଳୟକୁ ଅପଗ୍ରେଡେସନ୍ କରି +୨ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଘୋଷଣା କରିଛି। ହେଲେ ଅନେକ ବିଦ୍ୟାଳୟରେ ଘୋର ଭିତ୍ତିଭୂମି ଅଭାବ ଦେଖାଦେଇଥିବା ନେଇ ଅଭିଯୋଗ ହେଉଛି। ବାଃ ବାଃ ନେବା ଲକ୍ଷ୍ୟରେ ଭିତ୍ତିଭୂମିର ସୁବ୍ୟବସ୍ଥା ନକରି ଅପଗ୍ରେଡେସନ୍ କରାଯାଇଛି ବୋଲି କଳାହାଣ୍ଡି ଜିଲ୍ଲା ଭାରତ ମୁକ୍ତି ମୋର୍ଚ୍ଚା ଓ ଏହାର ସହଯୋଗୀ ସଂଗଠନ କର୍ମକର୍ତ୍ତା କଳାହାଣ୍ଡି ଜିଲ୍ଲା କୁରୁଗୁଡ଼ା, ଧାମନପୁର, ଜୟନ୍ତପୁର ଅନୁସୂଚିତ ଓ ଅନୁସୂଚିତ ଜନଜାତି ଆଶ୍ରମ ବିଦ୍ୟାଳୟ ପରିଦର୍ଶନ କରି ସରକାରୀ ଅବ୍ୟବସ୍ଥାକୁ ନେଇ ତୀବ୍ର ସମାଲୋଚନା ଓ ଉଦ୍‌ବେଗ ପ୍ରକାଶ କରିଛନ୍ତି। ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ଛାତ୍ରଛାତ୍ରୀଙ୍କ ପାଇଁ ମୌଳିକ ସୁବିଧା ଯଥା ହଷ୍ଟେଲ୍, ଶ୍ରେଣୀଗୃହ ଓ ବେଞ୍ଚ ଟେବୁଲ୍ ଆଦିର ଅଭାବ ସହ ଅସମ୍ପୂର୍ଣ୍ଣ ନିର୍ମାଣ କାର୍ଯ୍ୟ ଛାତ୍ରଛାତ୍ରୀଙ୍କୁ ଦୁର୍ଦ୍ଦଶା ଆଡ଼କୁ ଠେଲି ଦେଇଛି। +୨ ମହାବିଦ୍ୟାଳୟ ଆରମ୍ଭ ହୋଇ ୨ ବର୍ଷ ହେଉଥିବା ବେଳେ କଲେଜ ଛାତ୍ରଛାତ୍ରୀଙ୍କ ବସିବା ପାଇଁ ବେଞ୍ଚ ଟେବୁଲ୍ ନାହିଁ ଓ ରହିବାକୁ ହଷ୍ଟେଲ୍ ନାହିଁ। ହେଲେ ସରକାର ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତିର ବିକାଶକୁ ନେଇ ଡିଣ୍ଡିମ ପିଟୁଥିବା ସଂଗଠନ ପକ୍ଷରୁ ଅଭିଯୋଗ ହେଉଛି। ଧାମନପୁର ଆଶ୍ରମ ବିଦ୍ୟାଳୟରେ ୨୦୧୮ ମସିହାରୁ ଏମ୍‌ପିସିସି ଠିକା ସଂସ୍ଥା ଦ୍ୱାରା ହଷ୍ଟେଲ୍ ନିର୍ମାଣ କାର୍ଯ୍ୟ ଆରମ୍ଭ କରିଥିଲେ ମଧ୍ୟ ଆଜକୁ ୭ ବର୍ଷ ହେବ ସମ୍ପୂର୍ଣ୍ଣ ହୋଇପାରୁନାହିଁ। ଫଳରେ

**ଭିତ୍ତିଭୂମିର ଘୋର ଅଭାବ**

**ତୁରନ୍ତ ସମସ୍ୟା ପ୍ରତି ଧ୍ୟାନ ନଦେଲେ ଆନ୍ଦୋଳନ ଚେତାବନୀ**

ଛାତ୍ରଛାତ୍ରୀମାନେ ବିପଦଜନକ ଗୃହରେ ରହୁଛନ୍ତି। ଖାଇବା ଓ ପଢ଼ିବା ପାଇଁ ପାଖାପାଖି ୨ କିମି ଦୂରତା ଅତିକ୍ରମ କରୁଥିବା ଦେଖିବାକୁ ମିଳିଛି।

ଜୟନ୍ତପୁର ଏବଂ ଅନ୍ୟ ଅନୁସୂଚିତ ଓ ଜନଜାତି ଆବାସିକ ବିଦ୍ୟାଳୟରେ +୨ ମହାବିଦ୍ୟାଳୟ



ଆରମ୍ଭ ହୋଇଥିଲେ ମଧ୍ୟ ଘୋର ଭିତ୍ତିଭୂମିର ଅଭାବ ଦେଖାଦେଇଛି। ଫଳରେ ଛାତ୍ରଛାତ୍ରୀମାନେ ତଳେ ବସି ଅଧ୍ୟୟନ କରୁଛନ୍ତି। ଦୂରଦୂରାନ୍ତର ଛାତ୍ରଛାତ୍ରୀଙ୍କୁ ରହିବାର ବ୍ୟବସ୍ଥା କରାଯାଇ ନଥିବାରୁ ଅନେକ ଛାତ୍ରଛାତ୍ରୀ ଘୋର ଅସୁବିଧା ର ସମ୍ମୁଖୀନ ହେଉଥିବା ଅଭିଯୋଗ ହେଉଛି। ତେବେ ଏନେଇ ଜିଲ୍ଲା ମଙ୍ଗଳ ଅଧିକାରୀ ଅନ୍ତର୍ଯ୍ୟାମୀ ମହନ୍ତଙ୍କୁ ପଚାରିବାରୁ ଭିତ୍ତିଭୂମିର ସୁବିଧା ନଥାଇ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଘୋଷଣା କରାଯାଇଛି। ତେଣୁ ଛାତ୍ରଛାତ୍ରୀଙ୍କ ଏପରି ଅସୁବିଧା ହେଉଛି, ଚେୟାର ଟେବୁଲ୍ ଅର୍ଡର ଦିଆଯାଇଛି ଓ ହଷ୍ଟେଲ୍ କାମ ଚାଲିଛି ବୋଲି ସେ ଶ୍ରୀ ମହନ୍ତ କରିଥିଲେ। ତେବେ ଭିତ୍ତିଭୂମିର ସୁବିଧା ନଥାଇ ରାଜ୍ୟ ସରକାର ବାଃ ବାଃ ନେବା ଓ ଭୋଟବ୍ୟାଙ୍କ୍ ପାଇଁ ଛାତ୍ରଛାତ୍ରୀଙ୍କ ଜୀବନକୁ ନଷ୍ଟ କରୁଛନ୍ତି ବୋଲି ବିଭିନ୍ନ ଦଳିତ ଓ ଆଦିବାସୀ ସଂଗଠନ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି। ଏହି ପରିଦର୍ଶନରେ ଭାରତ ମୁକ୍ତି ମୋର୍ଚ୍ଚା ଜିଲ୍ଲା ସଭାପତି ମାଧବ ସୁନାନୀ, ରାଷ୍ଟ୍ରୀୟ ମୂଳନିବାସୀ ବହୁଜନ କର୍ମଚାରୀ ସଂଘ ରାଜ୍ୟ ସଭାପତି ଡମ୍ବରୁଧର ମାଝୀ, ବହୁଜନ ମୁକ୍ତି ପାର୍ଟି ଜିଲ୍ଲା ସଭାପତି ମହେନ୍ଦ୍ର ଧଙ୍ଗଡ଼ା ମାଝୀ, ଭାରତ ମୁକ୍ତି ମୋର୍ଚ୍ଚା ରାଜ୍ୟ ଉପସଭାପତି ଲବ କରୁଆ ଓ ଅଲ୍ ଓଡ଼ିଶା ସିଡ୍ୟୁଲ୍‌କାଷ୍ଟ ଫେଡରେସନ୍ କାର୍ଯ୍ୟକାରୀ ସଭାପତି ତ୍ରିନାଥ ନାଏକ ପ୍ରମୁଖଙ୍କ ସହ ସଂଗଠନର ଅନ୍ୟ ସଦସ୍ୟମାନେ ସାମିଲ ହୋଇଥିଲେ। ତେବେ ଜିଲ୍ଲା ପ୍ରଶାସନ ଯଦି ଏହି ସମସ୍ୟା ପ୍ରତି ତୁରନ୍ତ ଦୃଷ୍ଟି ନ ଦିଅନ୍ତି, ତା'ହେଲେ ଆଗାମୀ ଦିନରେ ରାଜ୍ୟ ସରକାର ବଡ଼ ଧରଣର ଆନ୍ଦୋଳନର ସାମ୍ନା କରିବେ ବୋଲି ସେମାନେ ଚେତାବନୀ ଦେଇଛନ୍ତି।

## ବୃଦ୍ଧ ନିଖୋଜ, ୨ ଅଟକ

**ଲାଞ୍ଜିଗଡ଼, ୨।୮/ଏନ୍ଏନ୍ଏସ୍:** ଜୁଲାଇ ୩୦ରୁ ଜଣେ ବୃଦ୍ଧା ନିଖୋଜ ହୋଇଥିବା ବେଳେ ଏପର୍ଯ୍ୟନ୍ତ ତାଙ୍କର କୌଣସି ସନ୍ଧାନ ମିଳିନାହିଁ। ନିଖୋଜ ବୃଦ୍ଧ ଜଣକ ହେଲେ କାଣ୍ଡାମା ଗ୍ରାମର ରଘୁ ପାତ୍ର(୬୦)। ସୂଚନାନୁସାରେ ରଘୁ ଜୁଲାଇ ୩୦ ସନ୍ଧ୍ୟାରେ ଧାନ ବେଉଷଣ ପାଇଁ ହଳ ନଙ୍ଗଳ ଯୋଗାଡ଼ କରିବାକୁ କହି ନିକଟସ୍ଥ ଗାଁ ବଣ୍ଡେଲକୁ ଯାଇଥିଲେ। କିନ୍ତୁ ସେହି ରାତିରେ ଘରକୁ ନ ଫେରିବାରୁ ଘରଲୋକେ ଆଖପାଖ ଗାଁରେ ଖୋଜାଖୋଜି କରିଥିଲେ। ହେଲେ ବୃଦ୍ଧାଙ୍କ କୌଣସି ସନ୍ଧାନ ନମିଳିବାରୁ ୩୧ ତାରିଖରେ ବିଶ୍ୱନାଥପୁର ଥାନରେ ଏକ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତି କରି ବିଶ୍ୱନାଥପୁର ପୁଲିସ ତଦନ୍ତ କରି ଉକ୍ତ ଗାଁର ୨ ଜଣ ଯୁବକଙ୍କୁ ଅଟକ ରଖି ପଚରାଉଚୁରା ଜାରି ରଖିଥିବା ପୁଲିସ ପକ୍ଷରୁ ସୂଚନା ମିଳିଛି।

# ମଧ୍ୟାହ୍ନଭୋଜନରେ ଝିଟିପିଟି, ଶତାଧିକ ଛାତ୍ରଛାତ୍ରୀ ଅସୁସ୍ଥ

**ଟିଟିଲାଗଡ଼, ୨।୮/ଏନ୍ଏନ୍ଏସ୍:** ଟିଟିଲାଗଡ଼ ଉପଖଣ୍ଡ ଅନ୍ତର୍ଗତ ମୁରିବାହାଲ ବ୍ଲକ୍ ବଡ଼ତେନ୍ତୁଲିଖୁଣ୍ଟି ଗ୍ରାମର ଉଚ୍ଚବିଦ୍ୟାଳୟରେ ମଧ୍ୟାହ୍ନଭୋଜନରେ ଝିଟିପିଟି ପଡ଼ିଥିବା ଘଟଣା ସାମ୍ନାକୁ ଆସିଛି। ଉକ୍ତ ଖାଦ୍ୟ ଖାଇବା ପରେ ଛାତ୍ରଛାତ୍ରୀ ଅସୁସ୍ଥ ହୋଇପଡ଼ିଥିଲେ। ଘଟଣା ସମ୍ପର୍କରେ ଜାଣି ଅଭିଭାବକ ମହଲରେ ଉତ୍ତେଜନା ପ୍ରକାଶ ପାଇଥିଲା। ପ୍ରଥମେ ଏହାକୁ ସ୍କୁଲ୍ କର୍ତ୍ତୃପକ୍ଷ ହାଲୁକା ଭାବେ ନେଇଥିବା ଅଭିଯୋଗ ହୋଇଛି। ଫଳରେ ଅଭିଭାବକ ତତ୍ପରତା ପ୍ରକାଶ କରି ଆମ୍ବୁଲାନ୍ସକୁ ଫୋନ୍ କରିଥିଲେ। ଆମ୍ବୁଲାନ୍ସ ପହଞ୍ଚିବାରେ ବିଳମ୍ବ ନେଇ କିଛି ଅଭିଭାବକ ସେମାନଙ୍କ ପିଲାଙ୍କୁ ବାଇକ୍‌ରେ ଟିଟିଲାଗଡ଼ ମାତୃ ଓ ଶିଶୁ ଡାକ୍ତରଖାନାକୁ ଆଣି ଭର୍ତ୍ତି କରିଥିଲେ। ପରେ ଏକ ଡାକ୍ତରୀ ଟିମ୍ ଗ୍ରାମରେ ପହଞ୍ଚି ଚିକିତ୍ସା ଆରମ୍ଭ ପରେ



ଗୁରୁତର ଛାତ୍ରଛାତ୍ରୀଙ୍କୁ ଟିଟିଲାଗଡ଼ ମାତୃ ଓ ଶିଶୁ ଡାକ୍ତରଖାନାକୁ ପଠାଇଥିଲେ। ବର୍ତ୍ତମାନ ପର୍ଯ୍ୟନ୍ତ ୯ଥର ଶତାଧିକ ଛାତ୍ରଛାତ୍ରୀଙ୍କୁ ଆମ୍ବୁଲାନ୍ସ ଯୋଗେ ଆଣି ଭର୍ତ୍ତି କରାଯାଇଛି। ଏନେଇ ଡାକ୍ତରଖାନାରେ କାନ୍ଦବୋବାଳି ପଡ଼ିଯାଇଛି। ପ୍ରକାଶଥାଉକି ବିଦ୍ୟାଳୟରେ ଶିଶୁ ବାଟିକାରୁ ଆରମ୍ଭ କରି ଦଶମ ଶ୍ରେଣୀ ପର୍ଯ୍ୟନ୍ତ ୬୦୦ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ଅଧ୍ୟୟନ କରୁଛନ୍ତି। ପ୍ରଥମେ ୭ମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀ ଖାଦ୍ୟ ଖାଇଥିଲେ। ଅନ୍ୟପଟେ ଡାକ୍ତରଖାନାରେ ଶହ ଶହ ଛାତ୍ରଛାତ୍ରୀ ଓ ଅଭିଭାବକ ଦୀର୍ଘ ସମୟ ଧରି ରେଜିଷ୍ଟ୍ରେସନ୍ ପାଇଁ ଲମ୍ବା ଧାଡ଼ି ଲଗାଇଥିବା ଦେଖାଯାଇଥିଲା। କଣ୍ଟାବାଞ୍ଜି ବିଧାୟକ ଲକ୍ଷ୍ମଣ ବାଗ ଓ ସାଂସଦ ପ୍ରତିନିଧି ପ୍ରଶାନ୍ତ ଷଡ଼ଙ୍ଗୀ ଡାକ୍ତରଖାନାରେ ଭର୍ତ୍ତି ଛାତ୍ରଛାତ୍ରୀଙ୍କୁ ସାକ୍ଷାତ ସହ ସମବେଦନା ଜଣାଇଛନ୍ତି। ତେବେ ୬୦୦ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀଙ୍କୁ ଖାଦ୍ୟ ଦିଆଯାଉଥିବା ବେଳେ ଏନେଇ କାହିଁକି ସ୍କୁଲ୍ କର୍ତ୍ତୃପକ୍ଷ ସତର୍କତା ଅବଲମ୍ବନ କରୁନାହିଁ ସେନେଇ ପ୍ରଶ୍ନ ଉଠିଛି। ଉକ୍ତ ଘଟଣାର ତଦନ୍ତ କରାଯିବ ବୋଲି ବିଧାୟକ ଶ୍ରୀ ବାଗ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି।

## ରିଜର୍ଭ ପୁଲିସ୍ ଲାଇନ୍‌ରେ ବୃକ୍ଷରୋପଣ



**ଝାରସୁଗୁଡ଼ା, ୨।୮/ଏନ୍ଏନ୍ଏସ୍:** ମେ' ଫେୟାର୍ ହୋଟେଲ୍‌ରୁ ରିଜର୍ଭ ପୁଲିସ୍ ଲାଇନ୍ ପର୍ଯ୍ୟନ୍ତ ଉଭୟ ପାର୍ଶ୍ୱରେ ବୃକ୍ଷରୋପଣ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଝାରସୁଗୁଡ଼ା ବିଧାୟକ ଟଙ୍କଧର ତ୍ରିପାଠୀ, ଝାରସୁଗୁଡ଼ା ଜିଲ୍ଲାପାଳ କୁନାଲ ମୋତିରାମ ଚୌହ୍ୱାନ, ଝାରସୁଗୁଡ଼ା ଆରକ୍ଷୀ ଅଧୀକ୍ଷକ ପି ପରମାର୍ ସ୍ମିତ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ମଧୁଶିକ୍ତା ମିଶ୍ର, ଜେମ୍ସ ସମାଦ, ଡିଏସପି ଜୋସ୍ନା ରାଣୀ ପ୍ରଧାନ, ରିଜର୍ଭ ନିରୀକ୍ଷକ ଅନିଲ ମୁଖୀ ଓ ଏସ୍‌ଡିପିଓ ଉମାକାନ୍ତ ସିଂ ପ୍ରମୁଖ ଉପସ୍ଥିତ ରହି ପର୍ଯ୍ୟବରଣ ସୁରକ୍ଷା ନିମନ୍ତେ ବୃକ୍ଷରୋପଣ କରିଥିଲେ। ଏହି କାର୍ଯ୍ୟକ୍ରମ ମାଧ୍ୟମରେ ମୋଟ ୭୦୦ରୁ ଊର୍ଦ୍ଧ୍ୱ ବୃକ୍ଷରୋପଣ କରାଯାଇଛି।

# ପ୍ରଯୁକ୍ତି ବିଦ୍ୟା ପ୍ରଶିକ୍ଷଣ ନେଲେ ସେନାଧିକାରୀ




**ରାଉରକେଲା, ୨।୮/ଏନ୍ଏନ୍ଏସ୍:** ଭାରତୀୟ ସେନା ଅଧିକାରୀଙ୍କୁ ଡ୍ରୋନ୍‌ର ପ୍ରଯୁକ୍ତିବିଦ୍ୟା ଉପରେ ଜାତୀୟ ପ୍ରଯୁକ୍ତି ପ୍ରତିଷ୍ଠାନ (ଏନ୍ଆଇଟି) ପ୍ରଶିକ୍ଷଣ ପ୍ରଦାନ କରିଛି। ଭାରତ ସରକାରଙ୍କ ଇଲେକ୍ଟ୍ରୋନିକ୍ସ ଆଣ୍ଡ ଆଇଟି ମନ୍ତ୍ରଣାଳୟର ମାନବ ବିହୀନ ବିମାନ ପ୍ରଣାଳୀରେ ମାନବ ସମ୍ବଳ ବିକାଶ ପାଇଁ କ୍ଷମତା ବିକାଶ ଯୋଜନା ଅନୁମୋଦିତ ତଥା ପ୍ରତିରକ୍ଷା ମନ୍ତ୍ରଣାଳୟର ମିଲିଟାରି କଲେଜ ଅଫ୍ ଟେଲିକମ୍ୟୁନିକେସନ୍ ଇଞ୍ଜିନିୟରିଂ ସହଯୋଗରେ ଏହି ତାଲିମ୍ ପ୍ରଦାନ କରାଯାଇଛି। ଏହା ୫ ଦିନ ଧରି ଆୟୋଜିତ ହୋଇଥିଲା। ଉଦ୍‌ଯାପନୀ ଉତ୍ସବରେ ମେଜର୍ ଜେନେରାଲ୍ ଗୌତମ ମହାଜନ ଯୋଗଦେଇ ଏହି ଆୟୋଜନର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। ଉଦ୍‌ଘାଟନୀ ଉତ୍ସବରେ ଲେଫ୍ଟନାଣ୍ଟ ଜେନେରାଲ୍ ବିବେକ ଡୋଗ୍ରା ଯୋଗ ଦେଇଥିଲେ। ବିଭିନ୍ନ ଅଧିବେଶନରେ ଡ୍ରୋନ୍ ମଧ୍ୟରେ ସମନ୍ୱୟ, ଫ୍ଲାଇଟ୍ ସିଷ୍ଟମ୍ ଆର୍କିଟେକ୍‌ଚର୍ ଓ ୟୁଏଭି ଡାଇନାମିକ୍ସ, ସାଇବର ସିକ୍ୟୁରିଟି, ଦୃଷ୍ଟି ଆଧାରିତ ନାଭିଗେସନ୍ ଓ ନିୟନ୍ତ୍ରଣର ରିଅଲ୍ ଟାଇମ୍, ଲାଇଭ୍ ସମୁଲେସନ୍ ସହ ମଲ୍‌ଟି ଏଜେଣ୍ଟ ମିଶନ ଉପରେ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା। ଏନ୍ଆଇଟି ମେକାନିକାଲ୍ ଇଞ୍ଜିନିୟରିଂ ବିଭାଗର ପ୍ରଫେସର୍ ପି ଏସ୍ ବାଲାଜୀଙ୍କ ସହ ଡ. ଚିକେଶ ରଞ୍ଜନ ଓ ଛାତ୍ର ଶୁଭାଶିଷ ଭୋଇଙ୍କୁ ନେଇ ଗଠିତ ଦଳ ପ୍ରଶିକ୍ଷଣ ପ୍ରଦାନ କରିଥିଲା। ପ୍ରଫେସର୍ ଜେ ଶ୍ରୀନିବାସଙ୍କ ସହ ଏରୋବିଦ୍ୟା ଭେଣ୍ଟର୍ସର ସୁବୋଧ କେ ଦାଶ, ସ୍ୱର୍ଣ୍ଣ ଜି ହେନିକେରି ସହଯୋଗ କରିଥିଲେ। ଜାତୀୟ ବୁଟ୍ କ୍ୟାମ୍ପର ଏହା ଏକ ସଫଳ ପରିଚାଳନା ବୋଲି ଏନ୍ଆଇଟି ନିର୍ଦ୍ଦେଶକ ମତବ୍ୟକ୍ତ କରିଛନ୍ତି। ଏଭଳି ପଦକ୍ଷେପ ଭାରତର ରଣନୈତିକ କ୍ଷେତ୍ର ପାଇଁ ସ୍ୱଦେଶୀ କ୍ଷମତା ନିର୍ମାଣରେ ଶିକ୍ଷା ଓ ପ୍ରତିରକ୍ଷା ସହଭାଗିତା ଶକ୍ତିର ଜ୍ୱଳନ୍ତ ଉଦାହରଣ।

# ଶିକ୍ଷକ ଓ କର୍ମଚାରୀ ସମନ୍ୱୟ ସମିତି ପକ୍ଷରୁ ଧାରଣା

**ସିନାପାଲି, ୨।୮/ଏନ୍ଏନ୍ଏସ୍:** ଓଡ଼ିଶା ସ୍କୁଲ୍ କଲେଜ ଶିକ୍ଷକ ଓ କର୍ମଚାରୀ ସମନ୍ୱୟ ସମିତିର ଆହ୍ୱାନରେ ସିନାପାଲି ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ଘେରାଉ କରିବା ସହିତ ଧାରଣା ଦିଆଯାଇଛି। ଶତାଧିକ ଶିକ୍ଷକ ଓ କର୍ମଚାରୀ ଏକ ଶୋଭାଯାତ୍ରାରେ ଆସି ଅଫିସ୍ ସମ୍ମୁଖରେ ଏକ ପ୍ରତିବାଦ ସଭା କରିଥିଲେ। ବ୍ଲକ୍ ସଭାପତି ଅଶ୍ୱିନୀ କୁମାର ଯୋଶୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ସମନ୍ୱୟ ସମିତିର ଜିଲ୍ଲା ଆବାହକ ତଥା ଓଷ୍ଟା ଜିଲ୍ଲା ସମ୍ପାଦକ ରବୀନ୍ଦ୍ରନାଥ ଯୋଶୀ ଗ୍ରାମାଞ୍ଚଳରେ ଶିକ୍ଷା ବ୍ୟବସ୍ଥାର ବିକଳ ଚିତ୍ର ଉପରେ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ପରେ ସ୍ଥାନୀୟ ଗୋଷ୍ଠୀ ଶିକ୍ଷା



ଅଧିକାରୀ ଯତୀନ୍ଦ୍ର ସେଠ୍‌ଙ୍କ ଜରିଆରେ ମୁଖ୍ୟମନ୍ତ୍ରୀ, ମୁଖ୍ୟ ଶାସନ ସଚିବ, ଉଭୟ ଶିକ୍ଷା ମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଥିଲେ। ଯୋଗ୍ୟ ବିବେଚିତ ୧୯୪ ବିଦ୍ୟାଳୟକୁ ତୁରନ୍ତ ଅନୁଦାନ ପ୍ରଦାନ, ନୂତନ ଅନୁଦାନପ୍ରାପ୍ତ ବିଦ୍ୟାଳୟଙ୍କୁ ଚାକିରି ସର୍ତ୍ତାବଳୀ ଓ ପେନସନ୍ ପ୍ରଦାନ, ପୂର୍ଣ୍ଣ ଅନୁଦାନପ୍ରାପ୍ତ ବିଦ୍ୟାଳୟଙ୍କୁ ସରକାରୀ ଘୋଷଣା, ଚୁକ୍ତି ଭିତ୍ତିକ ଶିକ୍ଷକଙ୍କ ନିୟମିତ ପୂର୍ବ ୬ ବର୍ଷ ଚାକିରି କାଳକୁ ମୂଳ ଚାକିରିରେ ଗଣନା, ଅବସର ବୟସ ସୀମା ୬୨ ବର୍ଷକୁ ବୃଦ୍ଧି ଓ ୨,୮୦୦ ଗ୍ରେଡ୍ ପେ'ରେ ଥିବା ଅସଙ୍ଗତି ଦୂରୀକରଣ ଆଦି ଦାବି ରହିଥିବା ଜଣାପଡ଼ିଛି। ଏହି କାର୍ଯ୍ୟକ୍ରମରେ ବ୍ଲକ୍ ସମ୍ପାଦକ ସୁବାଷ ଚନ୍ଦ୍ର ସାହୁ, ଜଗନ୍ନାଥ ସେଠୀ, ରାଜ କୁମାର ତାଣ୍ଡି, କିଶୋର ଚନ୍ଦ୍ର ଯୋଶୀ, ନବ କିଶୋର ଆଚାର୍ଯ୍ୟ, ରୁଦ୍ର ମାଧବ ସା, ଧବଳେଶ୍ୱର ମେହେର, ସୁରେଶ ମହାନ୍ତି, ରମାକାନ୍ତୀ ମାଝୀ ଓ ରୂପ ସିଂ ନାଏକ ପ୍ରମୁଖ ନେତୃତ୍ୱ ନେଇଥିଲେ।

## ପୋଖରୀରେ କୁମ୍ଭୀର, ଲୋକେ ଭୟଭୀତ



**ମାଲକାନଗିରି, ୨।୮/ଏନ୍ଏନ୍ଏସ୍:** ମୋଟୁ ବନାଞ୍ଚଳ ଅନ୍ତର୍ଗତ ଏମ୍‌ପିଭି-୮୩ ଗ୍ରାମରେ ଥିବା ଏକ ବଡ଼ ପୋଖରୀରେ କୁମ୍ଭୀର ବୁଲୁଥିବାର ଦେଖି ଗ୍ରାମବାସୀମାନେ ଭୟଭୀତ ହୋଇପଡ଼ିଛନ୍ତି। ଖବରପାଇ ବନ ବିଭାଗ କର୍ମଚାରୀମାନେ ଏକ ପୋଷ୍ଟର୍ ପୋଖରୀ ପାଖରେ ଲଗାଇ ଏଠାରେ ସ୍ନାନ ନ କରିବା ପାଇଁ ସଚେତନତା କରିଛନ୍ତି। ଏହାବ୍ୟତୀତ ଡାକବାଜି ଯନ୍ତ୍ର ସହାୟତାରେ ଗ୍ରାମର ସର୍ବସାଧାରଣଙ୍କୁ କୁମ୍ଭୀର ପୁଷ୍କରିଣୀରେ ଥିବା ସତର୍କ ସୂଚନା ପ୍ରଦାନ କରାଯାଇଛି। ଏହି କୁମ୍ଭୀର ଗତିବିଧିକୁ ଡ୍ରୋନ୍ କ୍ୟାମେରା ଦ୍ୱାରା ଫୋଟୋ ଚିତ୍ର ଉତ୍ତୋଳନ କରାଯାଉଥିବା ଜଣାପଡ଼ିଛି। ମୋଟୁ ବନାଞ୍ଚଳ ଅଧିକାରୀ ରଶ୍ମୀରଞ୍ଜନ ସ୍ୱାଇଁଙ୍କ କହିବାନୁସାରେ ଏମ୍‌ପିଭି-୮୩ ଗ୍ରାମରେ ଥିବା ପୋଖରୀଟି ୨୦୦ ମିଟର୍ ପ୍ରସ୍ଥ ଓ ଦୈର୍ଘ୍ୟ ୫୦୦ ମିଟର୍ ବିଶିଷ୍ଟ। ଏଠାରେ ଗୋଟିଏ ମାତ୍ର କୁମ୍ଭୀର ଆସି ରହିଯାଇଛି। ଶୁକ୍ରବାରଠାରୁ କୁମ୍ଭୀରକୁ ଉଦ୍ଧାର ଲାଗି ପ୍ରୟାସ ଚାଲିଛି। ତେବେ ପୋଖରୀଟି ବଡ଼ ଥିବାରୁ ତାକୁ ଜାଲରେ ଧରିବା ସହଜ ହୋଇ ପାରୁନାହିଁ। ଲୋକକୁ ଦେଖିବା ପରେ କୁମ୍ଭୀରଟି ଜଳ ମଧ୍ୟରେ ଆତ୍ମଗୋପନ କରୁଛି। ଜିଲ୍ଲାରେ ସପ୍ତାହେ ବ୍ୟାପି ଲଗାଣ ବର୍ଷା ହେବା ଯୋଗୁ ଏହି କୁମ୍ଭୀର ନଦୀ ସ୍ରୋତରେ ଯେକୌଣସି ସ୍ଥାନରୁ ଆସି ଏହି ବିସ୍ତୀର୍ଣ୍ଣ ଜଳରାଶିରେ ଅଟକି ଯାଇଛି। ଏହାକୁ ଉଦ୍ଧାର ଲାଗି ମାଲକାନଗିରି, କାଲିମେଳା ଓ ମୋଟୁର ସ୍ୱତନ୍ତ୍ର ଟାସ୍କ ଫୋର୍ସ ଗଠନ କରାଯାଇ ଉଦ୍ଧାର ଲାଗି ପ୍ରୟାସ ଜାରି ରହିଥିବା ମୋଟୁ ବନାଞ୍ଚଳ ଅଧିକାରୀ ରଶ୍ମୀରଞ୍ଜନ ସ୍ୱାଇଁ ପ୍ରକାଶ କରିଛନ୍ତି।

## ଉତେଇ ଡ୍ୟାମ୍‌ରୁ ଶିଶୁର ମୃତଦେହ ଉଦ୍ଧାର

**ମ. ରାମପୁର, ୨।୮/ଏନ୍ଏନ୍ଏସ୍:** କଳାହାଣ୍ଡି ଜିଲ୍ଲା ମ.ରାମପୁର ବ୍ଲକ୍‌ରେ ଶୁକ୍ରବାର ଆମଗା ଉତେଇ ନଦୀ ଡ୍ୟାମ୍ ଭିତରେ ଏକ ଶିଶୁର ମୃତଦେହ ଭାସୁଥିବା ନେଇ ଖବର ଆସିଥିଲା। ଏନେଇ ଜଳ ସମ୍ପଦ ବିଭାଗ ଅଧିକାରୀ ତାରା ପ୍ରସାଦ ନାୟକ ମ.ରାମପୁର ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲେ। ପରେ ତହସିଲଦାର୍ ମୀମାଂସା ସାହୁଙ୍କ ଉପସ୍ଥିତିରେ ଅଗ୍ନିଶମ ବିଭାଗ କର୍ମଚାରୀଙ୍କ ସହଯୋଗରେ ଉକ୍ତ ଶିଶୁଟିର ମୃତଦେହକୁ ନଦୀ ମଧ୍ୟରୁ ଉଦ୍ଧାର କରି ମ. ରାମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ବ୍ୟବଚ୍ଛେଦ କରିବା ସହ ଘଟଣାକୁ ସମ୍ବେଦନଶୀଳ ମନେକରି ଏହାର ଅନୁସନ୍ଧାନ କରୁଥିବା ଜଣାଯାଇଛି।

**ଜିଲ୍ଲାସ୍ତରୀୟ ସମ୍ପୂର୍ଣ୍ଣତା ଅଭିଯାନ**

# 'ସମସ୍ତେ ମିଳିମିଶି ଜିଲ୍ଲାର ସାମଗ୍ରିକ ବିକାଶ ପାଇଁ କାର୍ଯ୍ୟ କରିବା'

**ମାଲକାନଗିରି, ୨।୮/ଏନ୍ଏନ୍ଏସ୍:** ଜିଲ୍ଲାପାଳ ସୋମେଶ ଉପାଧ୍ୟାୟଙ୍କ ଅଧ୍ୟକ୍ଷତାରେ ଜିଲ୍ଲାସ୍ତରୀୟ ସମ୍ପୂର୍ଣ୍ଣତା ଅଭିଯାନ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଜିଲ୍ଲାପରିଷଦ ଅଧ୍ୟକ୍ଷା ସମାରି ଟାଙ୍ଗୁଲୁ, ମାଲକାନଗିରି ବିଧାୟକ ନରସିଂହ ମାଡ଼କାମୀ, ଚିତ୍ରକୋଣ୍ଡା ବିଧାୟକ ମଙ୍ଗୁ ଖିଲ, ପିରାମଲ୍ ଫାଉଣ୍ଡେସନ୍ ରାଜ୍ୟ ପ୍ରୋଗ୍ରାମ୍ ଡାଇରେକ୍ଟର୍ ଗୋମତୀ ଶଙ୍କର କ୍ରିଷ୍ଟନ୍ ଓ ଜିଲ୍ଲାପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ନରେଶ ଚନ୍ଦ୍ର ଶବର ଉପସ୍ଥିତ ଥିଲେ। ଉକ୍ତ ଅଭିଯାନରେ ଜିଲ୍ଲା ୪ଟି ସ୍ୱର୍ଣ୍ଣ ପଦକ ହାସଲ କରିଛି। ସମସ୍ତଙ୍କ ମିଳିତ ସହଭାଗିତାରେ ଅନ୍ୟାନ୍ୟ କ୍ଷେତ୍ରରେ ମଧ୍ୟ ଆମେ ଜିଲ୍ଲାକୁ ଏକ ଅଗ୍ରଣୀ ଜିଲ୍ଲା ରୂପେ ଗଢ଼ି ତୋଳିବାର ସଙ୍କଳ୍ପ ନେବାକୁ ହେବ ବୋଲି ଜିଲ୍ଲାପାଳ ମତବ୍ୟକ୍ତ କରିଛନ୍ତି। ସମସ୍ତେ ମିଳିମିଶି ଜିଲ୍ଲାର ସାମଗ୍ରିକ ବିକାଶ ପାଇଁ କାର୍ଯ୍ୟ କରିବା ବୋଲି ଅନ୍ୟ ଅତିଥିମାନେ ମତବ୍ୟକ୍ତ କରିଥିଲେ। ସୂଚନାଥାଉକି ଆକାଂକ୍ଷା ହାଟ ୭ ଦିନ ପର୍ଯ୍ୟନ୍ତ




ରହିବ। ଏହି ହାଟ ମାଧ୍ୟମରେ ସ୍ଥାନୀୟ ଉତ୍ପାଦ ଗୁଡ଼ିକୁ ବ୍ରାଣ୍ଡିଂ କରି ଅନଲାଇନ୍ ପ୍ଲାଟଫର୍ମରେ ସାମିଲ କରିବା ସହ ସ୍ୱୟଂ ସହାୟକ ଗୋଷ୍ଠୀର ମାଆଙ୍କ ଆର୍ଥିକ ବିକାଶ ହେବ। ଏହି ଅବସରରେ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ, ଜିଲ୍ଲା ଶିକ୍ଷାଧିକାରୀ, ଜିଲ୍ଲା କୃଷି ଅଧିକାରୀ, ଜିଲ୍ଲା ମଙ୍ଗଳ ଅଧିକାରୀ ଓ ପିରାମଲ୍ ଫାଉଣ୍ଡେସନ୍‌କୁ ସମ୍ମାନିତ କରାଯାଇଛି। ସେହିପରି ମାଥିଲି, ଖଇରପୁଟ ଓ ଚିତ୍ରକୋଣ୍ଡା ବିଡିଓ, ସିଡିପିଓ, ଏମ୍‌ଓ, ଏମ୍‌ଓଆଇସି, ବିଏଓ ଓ ବିପିଏମ୍‌ଙ୍କୁ ପୁରସ୍କୃତ କରାଯାଇଛି। ଏହି ୩ଟି ବ୍ଲକ୍‌ର ଅଙ୍ଗନବାଡ଼ି କର୍ମୀ, କମ୍ୟୁନିଟି ସ୍ୱାସ୍ଥ୍ୟ ଅଧିକାରୀ, ଆଶା, କୃଷକ ସାଥୀ, ଭିଏଡବ୍ଲ୍ୟୁ, ଏଓ, ସିଆର୍‌ପିସିଏମ୍ ଓ ଏମ୍‌ବିକେଙ୍କୁ ମାନପତ୍ର ପ୍ରଦାନ କରାଯାଇଛି। ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପ୍ରମିଳା ମାଝୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଡିଡି ଡିପିଏମ୍‌ୟୁ ଗୋଲକ ଚନ୍ଦ୍ର ଦଳେଇ ଧନ୍ୟବାଦ ଦେଇଥିଲେ।

## ବଡ଼ର କୋଦାଳ ଚୋଟରେ ସାନଭାଇ ମୃତ

**ଜୁନାଗଡ଼, ୨।୮/ଏନ୍ଏନ୍ଏସ୍:** ଜୁନାଗଡ଼ ଥାନା ଅନ୍ତର୍ଗତ ମହିଭର ଗ୍ରାମରେ ବଡ଼ଭାଇ କୋଦାଳ ଚୋଟରେ ସାନଭାଇର ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ସୂଚନାନୁଯାୟୀ ଜମିବାଡ଼ିକୁ କେନ୍ଦ୍ରକରି ଦୁଇ ଭାଇଙ୍କ ମଧ୍ୟରେ ବଚସା ହୋଇଥିଲା। ପରେ ବଡ଼ଭାଇ ପ୍ରେମାନନ୍ଦ ନାଏକ (୪୫) କୋଦାଳରେ ସାନଭାଇ ଲିଙ୍ଗରାଜ ନାଏକଙ୍କୁ ଆକ୍ରମଣ କରିଥିଲା। ମୁଣ୍ଡ ପଛପଟୁ କୋଦାଳରେ ଆକ୍ରମଣ ହେବା ଫଳରେ ଘଟଣାସ୍ଥଳରେ ସାନଭାଇର ମୃତ୍ୟୁ ହୋଇଥିଲା। ଖବରପାଇ ପୁଲିସ ପହଞ୍ଚି ଛାନଭିନ୍ ଜାରି ରଖିଥିବା ବେଳେ ଅଭିଯୁକ୍ତକୁ ଜୁନାଗଡ଼ ଥାନାରେ ଅଟକ ରଖି ତଦନ୍ତ ଜାରି ରଖିଛି।

# ଏଣିକି ଡିଜିଟାଲ୍ ମୋଡ୍‌ରେ ଫାଇଲ୍ କାର୍ଯ୍ୟ



**କେନ୍ଦ୍ରାପଡ଼ା,୨/୮/ଏନ୍‌ଏନ୍‌ଏସ୍:** ଏଣିକି ଆଉ କାଗଜ ଫାଇଲ ଦେଖିବାକୁ ମିଳିବ ନାହିଁ ଡିଜିଟାଲ ମୋଡରେ କାର୍ଯ୍ୟ କରିବ ଜିଲ୍ଲାର ସମସ୍ତ କାର୍ଯ୍ୟାଳୟ। ବ୍ଲକ ଠାରୁ ଜିଲ୍ଲା କାର୍ଯ୍ୟାଳୟ ପର୍ଯ୍ୟନ୍ତ ଏହି ଡିଜିଟାଲ ବ୍ୟବସ୍ଥା ଲାଗୁ ହୋଇଛି। ଏହାକୁ ଓସ୍ୱାସ( ଓଡିଶା ୱର୍କଫ୍ଲୋ ଅଟୋମେସନ ସିଷ୍ଟମ) କୁହାଯାଏ। ଏହି ପରିପ୍ରେକ୍ଷୀରେ ଆଜି ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ ରଘୁରାମ ଆର୍ ଆୟାରଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ସମସ୍ତ ଜିଲ୍ଲା ଏବଂ ବ୍ଲକସ୍ତରୀୟ ଅଧିକାରୀମାନଙ୍କୁ ଏଣିକି 'ଓସ୍ୱାସ' ବ୍ୟବହାର କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହା ଦ୍ୱାରା ସରକାରୀ କାର୍ଯ୍ୟ ତ୍ୱରାନ୍ୱିତ ହେବ ଏବଂ ସାଧାରଣ ଜନତା ଏଥିରୁ ଉପକୃତ ହେବା ସହିତ ପ୍ରଶାସନିକ ସ୍ୱଚ୍ଛତା ଏହା ପ୍ରତିପାଦିତ ହେବ ବୋଲି କୁହାଯାଇଛି। ଆଜିର ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଓଡମେନ ଆଡ଼ଭାଇଜର ସତ୍ୟ ରଞ୍ଜନ ସାହୁ, ଅତିରିକ୍ତ ଜିଲ୍ଲାପାଳ(ରାଜସ୍ୱ) ରବୀନ୍ଦ୍ର କୁମାର ମଲ୍ଲିକ, ଅତିରିକ୍ତ ଜିଲ୍ଲାପାଳ(ସାଧାରଣ) ନବକିଶୋର ଜେନା ସମେତ ଜିଲ୍ଲାର ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ।

# ଦେଶୀ ଓ ବିଦେଶୀ ମଦ ଜବତ, ଜଣେ ଅଟକ



**ଚାନ୍ଦୋଳ,୨/୮/ଏନ୍‌ଏନ୍‌ଏସ୍:** କେନ୍ଦ୍ରାପଡ଼ା ସଦର ଥାନା ଚାନ୍ଦୋଳ ଫାଣ୍ଡି ଅଧୀନ ଉଦାଳୋ ପଞ୍ଚାୟତର ଫାଣ୍ଡିବର ଛକ ନିକଟରୁ ଆଜି ଅପରାହ୍ନରେ ଜଣେ ବ୍ୟକ୍ତି ଚୋରାରେ ମଦବିକ୍ରି କରୁଥିବା ବେଳେ ଚାନ୍ଦୋଳ ପୁଲିସ ପକ୍ଷରୁ ମଦକୁ ଜବତ କରାଯିବା ସହ ବିକ୍ରେତାଙ୍କୁ ଫାଣ୍ଡିରେ ଅଟକ ରଖାଯାଇଛି। ପ୍ରକାଶ, ଆଜି ଅପରାହ୍ନରେ ଚାନ୍ଦୋଳ ଫାଣ୍ଡିର କିଛି କର୍ମଚାରୀ ଲୁଣାଦୀ ପେଟ୍ରୋଲ ହରିଅଙ୍କ ଓ ଇନ୍ଦାଳୋ ପଞ୍ଚାୟତରେ ପେଟ୍ରୋଲିଂ କରୁଥିବା ସମୟରେ ଫାଣ୍ଡିବର ନିକଟସ୍ଥ ଏକ ସ୍ଥାନରେ ଏକ ଚାଳିଆ ଘରେ ଜଣେ ବ୍ୟକ୍ତି ଏକ ବ୍ୟାଗ୍‌ରେ ମଦ ବିକ୍ରୟ କରୁଥିବା ଦେଖିବାକୁ ପାଇଥିଲେ। ପରେ ପୁଲିସ୍ କର୍ମଚାରୀମାନେ ସେଠାରେ ଚଢ଼ାଉ କରିବାରୁ କୋଠାସାହି ଗ୍ରାମର ଗଣେଶ୍ୱର ବେହେରା (୫୦)ଙ୍କ ନିକଟରୁ ଏକ ବ୍ୟାଗରେ ୫ ବୋତଲ ବିୟର, ୨୭ ବୋତଲ ଆସ୍କାଫିର୍ଟି, ୧୦ ବୋତଲ ହ୍ୟୁସ୍କି ଓ ୬ ବୋତଲ ରମ୍ ମୋଟ ୧୧ ଲିଟର ୫୩୦ ମିଲିଲିଟର ଚୋରା ମଦ ଜବତ କରିଥିଲେ। ପରେ ମଦ ବିକ୍ରେତା ଶ୍ରୀ ବେହେରାଙ୍କୁ ଫାଣ୍ଡିକୁ ଆଣି ଅଟକ ରଖି ଅଧିକ ତଦନ୍ତ ଜାରି ରହିଥିବା ଜଣାପଡ଼ିଛି।

# ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର



**ନାଉଗାଁ,୨/୮/ଏନ୍‌ଏନ୍‌ଏସ୍:** ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ ତଥା ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ ଓ କର୍ମଚାରୀ ସମନ୍ୱୟ ସମିତି, ନାଉଗାଁ ବ୍ଲକର ସମସ୍ତ ସଦସ୍ୟ/ସଦସ୍ୟା ଯୋଗ୍ୟ ବିବେଚିତ ବିଦ୍ୟାଳୟଙ୍କୁ ଅନୁଦାନ ଦେବା, ନୂତନ ଅନୁଦାନ ପ୍ରାପ୍ତ ବିଦ୍ୟାଳୟ/ମହାବିଦ୍ୟାଳୟରୁ ଅବସର ନେଇଥିବା ଓ କାର୍ଯ୍ୟରତ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଓ ଶିକ୍ଷା କର୍ମଚାରୀମାନଙ୍କୁ ସମସ୍ତ ସରକାରୀ ସୁବିଧା ସୁଯୋଗ ଦେବା, ଚାକିରି ବୟସ ସୀମା ୬୦ ରୁ ୬୨କୁ ବୃଦ୍ଧି କରିବା, ୨୦୦୪ରୁ ୨୦୧୩ ମଧ୍ୟରେ ନିଯୁକ୍ତି ପାଇଥିବା ଚୁକ୍ତିଭିତ୍ତିକ ଶିକ୍ଷକମାନଙ୍କୁ ୬ଟି ନୋସନାଲ ଇନ୍‌କ୍ରିମେଣ୍ଟ ପ୍ରଦାନ ପ୍ରଭୃତି ଦାବି ସମୂହକୁ ବ୍ଲକ ଶିକ୍ଷାଧିକାରୀଙ୍କ ଜରିଆରେ ରାଜ୍ୟ ସଂଘର ନିର୍ଦ୍ଦେଶକ୍ରମେ ମୁଖ୍ୟମନ୍ତ୍ରୀଙ୍କ ନିକଟକୁ ଏକ ସ୍ମାରକ ପତ୍ର ପ୍ରଦାନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ଜିଲ୍ଲା ଉପଦେଷ୍ଟା ନିରଞ୍ଜନ ମହାନ୍ତି, ଓଷ୍ଟା ବ୍ଲକ ସଭାପତି ସୁକାନ୍ତ କୁମାର ଲେଙ୍କା, ସଂପାଦକ ହିମାଂଶୁ କୁମାର ମହାନ୍ତି, ଉପସଭାପତି ଅଶୋକ କୁମାର ଫାରକ, ନୃସିଂହ ଚରଣ ରାଉତ,ସହ ସଂପାଦକ ଆଦର୍ଶ ଦାସ, ଅଜୟ କେତନ ସ୍ୱାଇଁ, ଅନନ୍ତ କୁମାର ଗୋଛାୟତ, ପ୍ରଦ୍ୟୁମ୍ନ କୁମାର ସ୍ୱାଇଁ, ସନ୍ତୋଷ କୁମାର ଦାସ, ସଂଘମିତ୍ରା ନାୟକ, ବିଦ୍ୟୁତ୍ ପ୍ରଭା ସ୍ୱାଇଁ, ଗୀତାଞ୍ଜଳି ଦାସ ,ସୁରେଶ ରାଉଳ, ବାବୁଲାଲ ମଲ୍ଲିକ, ପ୍ରଶାନ୍ତ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

# ଶିଶୁ ପାଇଁ ଦିନଟିଏ କାର୍ଯ୍ୟକ୍ରମର ସମୀକ୍ଷା ବୈଠକ

**କେନ୍ଦ୍ରାପଡ଼ା,୨/୮/ଏନ୍‌ଏନ୍‌ଏସ୍:** ସ୍ଥାନୀୟ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷଠାରେ ଜିଲ୍ଲା ସ୍ତରୀୟ 'ଶିଶୁ ପାଇଁ ଦିନଟିଏ' କାର୍ଯ୍ୟକ୍ରମର ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ରଘୁରାମ ଆର୍ ଆୟାରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଦେବାଶିଷ ଧଳ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ସୁସମା ମହାନ୍ତି, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ବିଜୟ କେତନ ସାହୁ, ଜିଲ୍ଲା ସଂସ୍କୃତି ଅଧିକାରୀ ତ୍ରିଭୁବନ ଜୟସିଂ, ଜିଲ୍ଲା କ୍ରୀଡା ଅଧିକାରୀ ଲୋକନାଥ ପାଣିଗ୍ରାହୀ, ଜିଲ୍ଲା ଶ୍ରମ ଅଧିକାରୀ ଅନନ୍ତ ପଦ୍ମନାଭ ମହନସିଂ, ଜିଲ୍ଲା ସୂଚନା ଓ ଲୋକ ସଂପର୍କ ଅଧିକାରୀ ଫକୀର ମୋହନ ମାଝୀ, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଶୁଭଶ୍ମିତା ତ୍ରିପାଠୀ,ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ସମେତ ସମସ୍ତ ସିଡିପିଓ ବୈଠକରେ ଯୋଗ ଦେଇଥିଲେ । ବୈଠରେ ଶିଶୁ ଶ୍ରମିକ,ବାଲ୍ୟ ବିବାହ, ଶିଶୁ ଅଧିକାର,ଶିଶୁ ସୁରକ୍ଷା,ବେଟି ବଚାଓ ବେଟି ପଢ଼ାଓ,ଲିଙ୍ଗ ଅନୁପାତ ଇତ୍ୟାଦି ବିଷୟରେ ବିସ୍ତୃତ ଭାବେ ବୈଠକରେ ଆଲୋଚନା ହୋଇଥିଲା। ଶିଶୁମାନଙ୍କ କ୍ଷେତ୍ରରେ ଜିଲ୍ଲାର ଆଶାନୁରୂପ ସଫଳତା ନ ଥିବାରୁ ବିଭାଗୀୟ ଅଧିକାରୀ ଏ ସଂକ୍ରାନ୍ତରେ ସକ୍ରିୟଭାବେ କାର୍ଯ୍ୟ କରିବାକୁ ଜିଲ୍ଲାପାଳ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଶିଶୁ ହେଲ୍ପ ଲାଇନରେ ଆସୁଥିବା ଅଭିଯୋଗ ଗୁଡିକ ମଧ୍ୟ ଜିଲ୍ଲାପାଳ ସମୀକ୍ଷା କରିଛନ୍ତି। ଏ ସଂକ୍ରାନ୍ତରେ ଅଧିକାରୀମାନେ ବ୍ୟାପକ ଜନସଚେତନତା ସୃଷ୍ଟି କରିବାକୁ ପଡିବ ବୋଲି ଜିଲ୍ଲାପାଳ କହିଛନ୍ତି।

# ଚୋରି କାର୍ ଉଦ୍ଧାର, ୩ ଗିରଫ

**ତାଳଚେର,୨/୮/ଏନ୍‌ଏନ୍‌ଏସ୍:** ଚୋରି ହୋଇଥିବା କାର୍ ଉଦ୍ଧାର ୩ ଗିରଫ। ଗତ ମାସ ୧୯ରେ ଅଭିଯୋଗକାରୀ ସୁଜିତ ସିଂହ ତାଳଚେର ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲେ। ତାଙ୍କ ମାରୁତି ସୁଜିକି ଡ଼ିଜିଆଇଆର ନଂ- ଓଡ଼ି୦୨-ଏପି ୨୧୪୯କୁ ତାଙ୍କ ଘର ପାଖରେ ଥିବା ରବି ଇଞ୍ଜିନିଅରିଂ ଦୋକାନ ନିକଟରେ ରଖି କେଉଁଆଡ଼େ ଯାଇ ଫେରି ଦେଖନ୍ତି ତ କାର୍‌ଟି ଆଉ ନଥିଲା। ଖୋଜାଖୋଜି ପରେ ନପାଇ ସେ ତାଳଚେର ଥାନାରେ ଲିଖିତ ଅଭିଯୋଗ କରିବାପରେ ପୁଲିସ୍ ତଦନ୍ତ କରି କାର୍‌କୁ ଜବତ କରିବା ସହ ଏଥିରେ ସମ୍ପୃକ୍ତ ଖଗେନ୍ଦ୍ର ବେହେରା, ସନ୍ଥପଡ଼ା ଗ୍ରାମର ରାହୁଲ ଧିର, ମଇଧର ପୁର ଅଞ୍ଚଳର ପ୍ରଦୀପ ସାମଲଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ପୁଲିସ୍ ସୂତ୍ରରୁ ଜଣାପଡ଼ିଛି। ଏମାନଙ୍କ ନାମରେ ଥାନାରେ ଆଗରୁ ବହୁ ମାମଲା ରହିଥିବା ଥାନା ପକ୍ଷରୁ ଜଣପଡ଼ିଛି।

# ରାଜପଥରୁ ନବଜାତ ମୃତ ଶିଶୁପୁତ୍ର ଉଦ୍ଧାର

**ଧର୍ମଶାଳା,୨/୮/ଏନ୍‌ଏନ୍‌ଏସ୍:** ଧର୍ମଶାଳା ଥାନା ୧୬ନଂ ଜାତୀୟ ରାଜପଥ ଭାଲୁଖାଇ ଛକ ନିକଟସ୍ଥ ସର୍ଭିସ ରୋଡ଼ରେ ଏକ ନବଜାତ ମୃତ ଶିଶୁପୁତ୍ରକୁ ପୁଲିସ ଆଜି ଉଦ୍ଧାର କରିଛି। ପରିବାର ଲୋକେ ମୃତ ଶିଶୁ ପୁତ୍ରକୁ ବ୍ରାହ୍ମଣୀ ନଦୀ କଡ଼ରେ ଫିଙ୍ଗି ଦେଇଥିବା କିମ୍ବା କେଉଁ ଜୀବଜନ୍ତୁ ତାକୁ ଉଠାଇ ନେଉଥିବା ବେଳେ ଲୋକଙ୍କୁ ଦେଖି ରାସ୍ତାରେ ପାକାଇ ପଳାଇଥିବା ଅନୁମାନ କରାଯାଉଛି। ଶିଶୁ ଦେହରେ ବାଲି ଲାଗିଥିବାରୁ ପରିବାର ଲୋକେ ନଦୀ କଡ଼ରେ ଫିଙ୍ଗି ଦେଇଥିବା ସାଧାରଣରେ ଆଲୋଚନା ହେଉଛି। କେହିକେହି ତାର ବାପ, ମାଆ ମୃତ ଶିଶୁ ପୁତ୍ରକୁ ରାସ୍ତାରେ ଫିଙ୍ଗିଥିବା କହୁଛନ୍ତି। ଖବରପାଇ ଧର୍ମଶାଳା ଥାନା ଅଧିକାରୀ ରଞ୍ଜନ କୁମାର ମାଝୀ ଘଟଣା ସ୍ଥଳରେ ପହଞ୍ଚି ମୃତ ଶିଶୁ ପୁତ୍ରକୁ ଉଦ୍ଧାର କରି ତଦନ୍ତ ଚଳାଇ ଥିବା ଜଣାଯାଇଛି।

# ଜେଲ୍ ଗଲେ ଅଭିଯୁକ୍ତ ବିବେକାନନ୍ଦ

**ସିଡବ୍ଲ୍ୟୁସି ସଭ୍ୟଙ୍କ ଯୌନ ନିର୍ଯାତନା ଘଟଣା**

**ଜଗତସିଂହପୁର,୨/୮/ଏନ୍‌ଏନ୍‌ଏସ୍:** ଶୁକ୍ରବାର ଜଗତସିଂହପୁର ସଦର ଥାନାରେ ଅଭିଯୋଗ ହୋଇଥିବା ଯୌନ ନିର୍ଯାତନା ଘଟଣାରେ, ଶନିବାର ଅପରାହ୍ନରେ ଅଭିଯୁକ୍ତ ସିଡ଼ବ୍ଲ୍ୟୁସି ସଦସ୍ୟ ବିବେକାନନ୍ଦ ବଳଙ୍କୁ ଡାକ୍ତରୀମାଇନା କରାଯାଇ କୋର୍ଟଚାଲାଣ କରାଯାଇଛି। କୋର୍ଟରେ ବେଲ୍ ନାମଞ୍ଜୁର ହେବା ନେଇ ତାଙ୍କୁ ଜଗତସିଂହପୁର ଅଭିଯୁକ୍ତଙ୍କ ସ୍ଥିତ ଜିଲ୍ଲା କାରାଗାରକୁ ପଠାଇ ଦିଆଯାଇଛି। ସେହିପରି ଶନିବାର ମଧ୍ୟ ପିଡିତାର ବୟାନ ଥାନାରେ ରେକର୍ଡ କରାଯାଇ ଡାକ୍ତରୀମାଇନା ମଧ୍ୟ କରାଯାଇଥିବା ସଦରଥାନା ଅଧିକାରୀଙ୍କ ପକ୍ଷରୁ ସୂଚନା ମିଳିଛି। ଅପରପକ୍ଷରେ ଏହି ଘଟଣାରେ ଅଭିଯୁକ୍ତ ଶ୍ରୀ ବଳଙ୍କ ପତ୍ନୀ ସଦର ଥାନାରେ ପୀଡିତାଙ୍କ ବିରୋଧରେ ବ୍ଲାକ୍ ମେଲିଂ ଅଭିଯୋଗ କରିଥିବା ପୁଲିସ ପକ୍ଷରୁ ସୂଚନା ମିଳିଛି।

# ବିଧାୟକ ଆରମ୍ଭ କଲେ ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମ



**ରସୁଲପୁର,୨/୮/ଏନ୍‌ଏନ୍‌ଏସ୍:** ସାରା ଓଡିଶାରେ ଗଛ ମଣିଷ ଭାବେ ପରିଚିତ କୋରେଇ ବିଧାୟକ ଆକାଶ ଦାସନାୟକ ପୂର୍ବରୁ ଚାରି ବର୍ଷରୁ ଅଧିକ ଧରି ଆରମ୍ଭ କରିଥିବା ସବୁଜ ସୁନ୍ଦର କୋରେଇ କାର୍ଯ୍ୟକ୍ରମକୁ ପୁଣି ଆଜି ରସୁଲପୁର ବ୍ଲକ ଅନ୍ତର୍ଗତ ବଡକଇଁଟି ପଞ୍ଚାୟତରେ ବିଭିନ୍ନ ସ୍ଥାନରେ ଭାରତୀୟ ଜନତା ପାର୍ଟିର ବହୁ ସୁନ୍ଦର କାର୍ଯ୍ୟକ୍ରମ ମା ପାଇଁ ଗଛଟିଏ କାର୍ଯ୍ୟକ୍ରମକୁ ବହୁ ଆଡମ୍ବର ସହ ବିଧାୟକ ଶ୍ରୀ ଦାସନାୟକ ଆରମ୍ଭ କରିଛନ୍ତି। ପୂର୍ବରୁ ଏହି କାର୍ଯ୍ୟକ୍ରମର ଅଭିଜ୍ଞତା ପାଇଁ ବିଜେପି ଦଳ ତାଙ୍କୁ ରାଜ୍ୟ ର ପ୍ରାୟ ୫ଟି ଜିଲ୍ଲା ପାଇଁ ମୁଖ୍ୟ ପରାମର୍ଶ ଦାତା ସହ କାର୍ଯ୍ୟକ୍ରମକୁ କିପରି ଆୟୋଜନ ହେବ ବିଧାୟକଙ୍କୁ ଦାୟିତ୍ୱ ମିଳିଛି ବୋଲି ଜଣାପଡିଛି। ପ୍ରଥମେ ବିଧାୟକ ଶ୍ରୀ ଦାସନାୟକ ସକାଳ ୧୧ଟା ସମୟରେ ବଡକଇଁଟି ପଞ୍ଚାୟତର ପଞ୍ଚଗୋଛିଆ ଗ୍ରାମର ଜାଗୁଲାଇ ହନୁମାନ ମନ୍ଦିର ପାଖରେ ପହଞ୍ଚି ବିଭିନ୍ନ ପ୍ରକାର ଫଳଗଛ ଗଛ ଲଗେଇ ଥିଲେ। ପରେ ପାଳସାହି ଗ୍ରାମରେ ଥିବା ଦୁଇ ଏକର ପାଖ ପାଖି ଜାଗାରେ ଆମ୍ବ ଗଛ ଓ ବିଭିନ୍ନ ଗଛ ଲଗେଇ ଥିଲେ ପରେ ଗୋରାଧା, ଗରୁଆଳ ଗ୍ରାମରେ ବୃକ୍ଷ ରୋପଣ କରିବା ସହ ପ୍ରାୟ ୫୦୦ରୁ ଅଧିକ ଗଛ ବଣ୍ଟନ କରିବା ସହ ଉପସ୍ଥିତ ଥିବା ବହୁ ମହିଳା, ବିଜେପି କର୍ମୀ ଓ ସ୍ଥାନୀୟ ଗ୍ରାମବାସୀମାନଙ୍କୁ ଗଛର ଉପକାର ବିଷୟରେ ଆଲୋଚନା କରିବା ସହ ଗଛ ଲଗେଇବାକୁ କହିଥିଲେ। ଏହି କାର୍ଯ୍ୟକ୍ରମ ସରିଲା ପରେ ଗନ୍ଧନ ପଞ୍ଚାୟତର ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଧାୟକଙ୍କ ପ୍ରତିନିଧି ପ୍ରହଲ୍ଲାଦ ପଣ୍ଡା, ମିଡ଼ିଆ ପ୍ରତିନିଧି ପଦ୍ମଲୋଚନ ନାୟକ, ବରିଷ୍ଠ ବିଜେପି ନେତା ପୂର୍ବତନ ଅଧ୍ୟକ୍ଷ ଶଶୀଭୂଷଣ ସାହୁ, ଜିଲ୍ଲା ପରିଷଦ ସଭ୍ୟ ଶିଶିର ମହାନ୍ତି, ପୂର୍ବତନ ସରପଞ୍ଚ ପ୍ରକାଶ ସାହୁ, ମଣ୍ଡଳ ସଭାପତି ବିନୋଦ ମହାରଣା, ବାରବାଟୀ ମଣ୍ଡଳ ସଭାପତି ଚିଦ୍ରଞ୍ଜନ ପଣ୍ଡା, ରଞ୍ଜନ ଦେଓ, ସୁବାସ ନାୟକ, ଦୁଷ୍ମନ୍ତ ମଲ୍ଲିକ,ପ୍ରଫୁଲ ସାହୁ, ଅବଧୀତ୍ ରାଉତ, ଅଶୋକ ବାରିକ, ହିମାଂଶୁ ବେହୁରିଆ, ଦିଲିପ ଦାସ, ପିଣ୍ଟୁ ପାତ୍ର, ଅନିଲ ସାମନ୍ତରାୟ, ଅଂଶୁମାନ କର, ଗଦାଧର ଦାସ, ପ୍ରଶାନ୍ତ ପରିଡ଼ା, ଦେବକାନ୍ତ ପଲେଇ, ଅନିଲ କୁମାର ଦାସ, ବିଜୟ ଦଳ, ଆଶା ମଲ୍ଲିକ, ରମାକାନ୍ତ ବେହେରା, ବଳରାମ ଜେନା, ପାକନ ପତି, ବିକାଶ ଖୁଣ୍ଟିଆ, ଜୟରାମ ସାହୁ, ଏବଂ ବହୁ ବିଜେପି ସଭ୍ୟ ଓ ସ୍ଥାନୀୟ ଜନସାଧାରଣ ଉପସ୍ଥିତ ଥିଲେ।

# ମହାବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ଉତ୍ସବରେ ଯୋଗଦେବେ ରାଜ୍ୟପାଳ

**ବଡ଼ଚଣା,୨/୮/ଏନ୍‌ଏନ୍‌ଏସ୍:** ବଡ଼ଚଣା ନିର୍ବାଚନ ମଣ୍ଡଳୀ ଅଧୀନସ୍ଥ ବାବା ଭୈରବାନନ୍ଦ ସ୍ୱୟଂ ଶାସିତ ମହାବିଦ୍ୟାଳୟ ଚଣ୍ଡୀଖୋଲର ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ଆସନ୍ତା ଅଗଷ୍ଟ ୧୨ରେ ଅନୁଷ୍ଠିତ ହେବା ପାଇଁ ନିଷ୍ପତ୍ତି ହୋଇଛି। ଏହି ମହାବିଦ୍ୟାଳୟଟି ୫୦ବର୍ଷ ପୂର୍ବେ ଏହି ଅଞ୍ଚଳର ଛାତ୍ର ଛାତ୍ରୀମାନଙ୍କ ଶିକ୍ଷାର ବିକାଶ ପାଇଁ ପ୍ରତିଷ୍ଠା ହୋଇଥିଲା। ଏହି ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ମହା ସମାରୋହରେ ପାଳିତ ହେବା ପାଇଁ ବଡ଼ଚଣା ବିଧାୟକ ଅମର କୁମାର ନାୟକଙ୍କ ନେତୃତ୍ୱରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଡକ୍ଟର ପ୍ରସନ୍ନ କୁମାର ମହାପାତ୍ର, ଅଧ୍ୟାପକ ସଲିଳ ରାଜ ନନ୍ଦନ ମହାନ୍ତି, ମହାବିଦ୍ୟାଳୟର ପୁରାତନ ଛାତ୍ର ସଂସଦ ସଭାପତି ତଥା ବିଷ୍ଣୁ ସାମନ୍ତରାୟ ମହାବିଦ୍ୟାଳୟ ଅଧ୍ୟକ୍ଷ ପବିତ୍ର ମାହାଲଓ ମହାମହିମ ରାଜ୍ୟପାଳ ଡ଼କ୍ଟର ହରିବାବୁ କମ୍ଭମ୍ ପତିଙ୍କୁ ସାକ୍ଷାତ କରି ଏହି ସୁବର୍ଣ୍ଣ ଜୟନ୍ତୀ ସମାରୋହରେ ଯୋଗ ଦେବାପାଇଁ ଅନୁରୋଧ କରିଥିଲେ। ମହାମହିମ ରାଜ୍ୟପାଳ ନିମନ୍ତ୍ରଣ ପତ୍ର ଗ୍ରହଣ କରି ବଡ଼ଚଣା ବିଧାୟକଙ୍କ ଅନୁରୋଧ ରକ୍ଷା କରି ଏହି ସୁବର୍ଣ୍ଣ ଜୟନ୍ତୀ ଉତ୍ସବରେ ଯୋଗ ଦେବାକୁ ସଦୟ ସିକୃତି ପ୍ରଦାନ କରିଛନ୍ତି।

# ଚନ୍ଦନକାଠ ଜବତ, ୨ ଗିରଫ




**ତାଳଚେର,୨/୮/ଏନ୍‌ଏନ୍‌ଏସ୍:** ଗତ ଗୁରୁବାର ଦିନ ବିଶେଷ ସୂତ୍ରରୁ ତାଳଚେର ଟାଉନ ପୁଲିସ୍ ଖବର ପାଇ ସୁନା ଖଣି ଗ୍ରାମର ଭାଗିରଥି ମହାରଣା ଓ ତାଙ୍କ ପୁତ୍ର ପିଙ୍କୁ ମହାରଣା ଚନ୍ଦନକାଠ ଚୋରୀକରି ବେଆଇନଭାବେ ଘର ଭିତରେ ରଖିଥିଲେ ଓ ଏହାକୁ ସେମାନେ ଯଥାଶୀଘ୍ର ବିକ୍ରି କରିଦେବେ ବୋଲି ଗଚ୍ଛିତ ରଖିଥିଲେ। ଏହି ଖବର ଅନୁସାରେ ତାଳଚେର ଥାନା ସବଇନ୍ସପେକ୍ଟର ତୁଷାରକାନ୍ତ ମହାନ୍ତିଙ୍କ ନେତୃତ୍ୱରେ ପୁଲିସର ଏକ ଟିମ ଯାଇ ସୁନାଖଣି ଗ୍ରାମ ଭାଗିରଥି ମହାରଣାଙ୍କ ଘରେ ଚଢ଼ାଉ କରିବା ପରେ ତାଙ୍କ ଘରୁ ପ୍ରାୟ ୫୧.୪ଶହ ୪୦ କିଲୋଗ୍ରାମର ମୂଲ୍ୟବାନ୍ ଚନ୍ଦନକାଠ ଯାହାର ଆନୁମାନିକ ମୂଲ୍ୟ ୭ଲକ୍ଷ ୭୧ହଜାର ଟଙ୍କା ହେବ। କାଠକୁ ଜବତ କରିବା ସହ ଭାଗିରଥି ମହାରଣା (୫୨) ଓ ପିଙ୍କୁ ମହାରଣା ୨୭)କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଥାନା ପକ୍ଷରୁ ଜଣାପଡ଼ିଛି। ତେବେ କଥା ଉଠେ ଏହି ସେ କେଉଁଠୁ ଆଣିଲେ ଓ କିପରି ଆଣିଲେ ତାହାର ତଦନ୍ତ କରାଗଲେ ପ୍ରକୃତ ସତ୍ୟ ଜଣାପଡ଼ନ୍ତା ବୋଲି ବିଭିନ୍ନ ମହଲରେ ଦାବି ହେଉଛି।

# ଅଙ୍ଗନବାଡ଼ି କେନ୍ଦ୍ରରେ ଅବ୍ୟବସ୍ଥା



**ଢେଙ୍କାନାଳ,୨/୮/ଏନ୍‌ଏନ୍‌ଏସ୍:** ଢେଙ୍କାନାଳ ସଦର ବ୍ଲକ ଗୋବିନ୍ଦପୁର ପଞ୍ଚାୟତ ଅନ୍ତର୍ଗତ ବୋରପଦା ଖମାର ଆଦିବାସୀ ଅଧ୍ୟୁଷିତ ତିନୋଟି ଗ୍ରାମର ଗୋଟିଏ ସରକାରୀ ବିଦ୍ୟାଳୟ ଓ ଗୋଟିଏ ଅଙ୍ଗନବାଡି କେନ୍ଦ୍ର ଏକାଠି ରହିଛି। ସରକାରୀ ବିଦ୍ୟାଳୟଟି ଗତ ତିନିବର୍ଷ ହେଲା ବନ୍ଦ ହୋଇଯାଇଛି । ଏବେ ପିଲାମାନଙ୍କୁ ଦୁଇ କିଲୋମିଟର ଯିବାକୁ ପଡୁଛି। ପାହାଡ଼ ପର୍ବତ ଘେରା ଏହି ଅଞ୍ଚଳରେ ପ୍ରବଳ ହାତୀ ଭୟ।ଏବେ ଆଦିବାସୀ ଲୋକମାନଙ୍କର ରାତି ପାହିଲେ ପେଟ ଚିନ୍ତା। ତେଣୁ କାହା ପିଲା ସ୍କୁଲ ଗଲା କି ନାହିଁ ତାର ତଦାରଖ କରିପାରନ୍ତି ନାହିଁ। ସ୍ଥାନୀୟ ଅଭିଭାବକଙ୍କ କହିବା ଅନୁସାରେ ଅଙ୍ଗନବାଡି କେନ୍ଦ୍ରରେ କୁନି ପିଲାମାନେ ଆସନ୍ତେ। କିନ୍ତୁ ଏଠାରେ ବ୍ୟବସ୍ଥା ଠିକ ନାହିଁ । କାହାର ଉତର ଦାୟିତ୍ୱ ନାହିଁ । ଆପ୍ ସରକାର ଦ୍ୱାରା ଦିଲ୍ଲୀ ଓ ପଞ୍ଜାବର ସରକାରୀ ସ୍କୁଲ ଗୁଡ଼ିକର କାୟା ପରିବର୍ତ୍ତନ ହୋଇଛି। କେଉଁଠି ବାତାନୁକୂଳିତ ଶ୍ରେଣୀ ଗୃହ, ବିଶ୍ୱ ସ୍ତରୀୟ ଖେଳ ପଡ଼ିଆ, ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କୁ ବିଦେଶରେ ଟ୍ରେନିଂ ଦେବା, ସରକାରୀ ସ୍କୁଲରେ ବସ ସେବା ଓ ଅନେକ ସ୍କୁଲରେ ସୁଇମିଂ ପୁଲର ବ୍ୟବସ୍ଥା କରିଛନ୍ତି । ତାଛଡା ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କୁ କେବଳ ଶିକ୍ଷା ଦାୟୀତ୍ୱ ଦିଆଯାଇଛି । ସ୍କୁଲ ଚଳାଇବା ପାଇଁ ଅନ୍ୟ ପ୍ରଶାସନିକ ଅଧିକାରୀ ମାନେ ନିଯୁକ୍ତ । କିନ୍ତୁ ଓଡ଼ିଶାରେ ସେହି ଶିକ୍ଷକ ଶିକ୍ଷୟତ୍ରୀ ମାନଙ୍କୁ ବିଭିନ୍ନ ସରକାରୀ କାର୍ଯ୍ୟରେ ନିୟୋଜିତ କରାଯାଉଛି । ଆମ୍ ଆଦମୀ ପାର୍ଟିର ସଂସଦୀୟ କ୍ଷେତ୍ର ସଭାପତି ପଙ୍କଜ ନାୟକ, ନଗର ସଭାପତି ଦେବାଶିଷ ନନ୍ଦ ଓ ସଦସ୍ୟ ବିଜୟ କୁମାର ଦାସ ଏହି ଅଞ୍ଚଳର ୩ଟି ସରକାରୀ ବିଦ୍ୟାଳୟ ଓ ଗୋଟିଏ ଅଙ୍ଗନବାଡି କେନ୍ଦ୍ର ପରିଦର୍ଶନ କରି ଶିକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରିବା ଓ ବ୍ୟବସ୍ଥା ପରିବର୍ତନ କରିବା ପାଇଁ ସରକାରଙ୍କ ପାଖରେ ଦାବି କରିଛନ୍ତି।


**AFFIDAVIT**

I, PRIYADARSINI SAHU, wife of Snehasis Sahu, Resident of At : Batimira, PO : Biridi Road, Ps : Biridi, Dist. Jagatsinghpur, Pin - 754111, declare by this affidavit No.2809, Dt.01.08.2025, before Notary Public, Cuttack that now onward I shall be known as PRIYADARSINI SAHOO for all future purposes.

**AFFIDAVIT**

By virtue of an Affidavit sworn before Executive Magistrate Bolagarh, dated 21.07.2025. I, Nalini Chhualsingh, Address At- Khanguria, Po-Bolagarh, Ps-Bolagarh, Dist-Khordha, Pin- 752066, Odisha declare that I have changed my name from Nalini Raut to Nalini Chhualsingh. Henceforth, I shall be known as **Nalini Chhualsingh** for all purposes.

Nalini Chhualsingh

**AFFIDAVIT**

By virtue of an Affidavit No 1899, sworn before the Executive Magistrate, K hordha, dt 18.7.25, I, Mamuli Nayak, 40 years, W/O Praffula Kumar Nayak, Village-Kendupalli, Po-Mallipadar, Ps-Baghmari, Dist-Khordha, Pin-752061, declare that, I am known as both Mamuli Nayak & Mamata Nayak, who is one & same person in my locality. Hence, all relevant records in name of **Mamata Nayak** will be transferred to the name of **Mamuli Nayak** for all future purposes.

**AFFIDAVIT**

By virtue of an affidavit sworn in before the Executive Magistrate, Bhubaneswar I Manorama Sahoo, Aged about 74 years, D/o, Bhobani Sahoo presently residing at Vill- Dolagobindapur, Po- Birapratap Pur, Ps/Dist. Puri declare that one LIG flat bearing No-34/4 under Chandrasekharpur, Ph-1 has been allotted in my favour. I have been executed the lease-cum-sale deed on 15.01.2000 and got registered bearing No-114 dt. 15.01.2000 in my name as Manorama Sahoo, D/o- Bhubaneswar Sahoo. after execution of lease-cum-sale deed, till date I am un-married and my identification remain as all documents D/o- Bhobani Sahoo. I have changed my father's name Bhubaneswar Sahoo to Bhobani Sahoo. **Bhubaneswar Sahoo** and **Bhobani Sahoo** is one and same person. I will be recognised as **Manorama Sahoo** D/o- Bhobani Sahoo.

Manorama Sahoo

**OFFICE OF THE MUNICIPAL COUNCIL, TALCHER**
**DIST-ANGUL**

Phone No. (06760) 240259 E-mail ID : e.o.talcher@gmail.com
No. 2698 Dt.01.08.2025

**QUOTATION CALL NOTICE**

The Executive Officer, Talcher Municipality on behalf of Talcher, Dist-Angul invites sealed quotations from the intending registered firms / garage owner for "Repairing, Maintenance, Denting & Painting of Tractor Vehicle under Talcher Municipality". The prescribed quotations schedule can be obtained from the Cashier section of Talcher Municipality on payment of Rs.500/- (Rupees Five hundred) only including GST@18% (non-refundable) in shape of cash in favour of the Executive Officer, Talcher Municipality from date 04.08.2025 to date 11.08.2025 up to 1.00 PM. during office hour except holidays.

The quotation paper along with PAN card, Aadhar, GST Certificate & other documents should reach the undersigned by person on or before date 12.08.2025 up to 1.00 PM. and this office will in no way, be responsible for any delay in receipt of the quotation documents. The quotation will be opened on the same date at 03.30 PM in presence of the quotationer or their authorized representative if any. The quotation received beyond the schedule date and time will not be considered at all.

All terms and conditions may be seen in the quotation proforma. The undersigned has rights to accept, cancel or reject any or all the quotations without assigning any reason thereof.

Sd/- Executive Officer
Talcher Municipality

OIPR-13077/11/0054/2526 C-798

**ODISHA COOPERATE TASAR & SILK FEDERATION (SERIFED) LTD.**

CAD-1374

Sahid Nagar, Janpath, Bhubaneswar-751007, Tel: 2545586/2545852
email - serifedodisha@gmail.com, website - www.serifedodisha.in

**INVITATION FOR BIDS (e-Procurement)**

**Bid Identification No.- VI-09(10)/SERIFED/2025-26/1026 Dt. 01.08.2025**

The MANAGING DIRECTOR (SERIFED), Odisha, Bhubaneswar invites Item rate Tenders in single cover system in ONLINE MODE only, for I no of work at Ganjam district. The bid documents such as DTCN/BOQ etc. can be seed / downloaded from the government website : www.tendersodisha.gov.in. during the period dt.06.08.2025 to 5.00 PM upto 12.08.2025. Tender shall be received till 5.00 PM on 12.08.2025 & shall be opened at 11.30 AM on 13.08.2025. Any addendum / corrigendum / cancellation of tender can also be seen in the said website.

OIPR-31005/11/0009/2526 Sd/- MANAGER DIRECTOR

**OFFICE OF THE SUPERINTENDING ENGINEER**
**MINOR IRRIGATION DIVISION, JAJPUR**
**Letter no. 1665 / Dt. 30.07.2025**
**GOVERNMENT OF ODISHA e-Procurement Notice**
**Bid Identification No. on line SEMIDJAJ-02/2025-26**

A-447

eemijajpur@gmail.com

| | | |
|---|---|---|
| 1. | Name of work | : Improvement of MIPs & Construction of Check Damunder M.I. Division Jajpur |
| 2. | Total Number of work | : 7 (seven) nos. |
| 3. | Estimated cost | : Rs.21.90 to 42.30/- Lakhs |
| 4. | Tender paper cost (Online) | : Rs.6000/- |
| 5. | Bid Security (Online) | : 1% of the estimated cost |
| 6. | Period of completion | : As per DTCN |
| 7. | Availability of Bid document | : From 05.08.2025, 10.00 AM to 12.08.2025, 5.00 PM in website (www.tendersorissa.gov.in) |
| 8. | Last date & time of receipt of bid through online | : 12.08.2025 at 5.00 PM through online |
| 9. | Date of opening of Bid documents | : 13.08.2025 at 11.00 AM in the office of the SE, M.I. Division, Jajpur |
| 10. | Date of Lottery, if required | : 20.08.2025 at 11.30 AM |

11. Mode of payment of bid cost & bid security : Govt. of Odisha has introduced e-payment gateway in to the portal for payment of cost of Bid & Bid security EMD. The process of using e-payment gate is mentioned in the "Procedure for electronic receipt, accounting & reporting of cost of tender paper & earnest money deposit on submission of bid. Further details can be seen from the e-procurement portal "http://tenderorissa.gov.in

12. The Authority reserves the right to cancel/reject any or all the tenders without assigning any reasons thereof.

13. Name and address of the OIT : Superintending Engineer, M.I. Division, Jajpur, At-Bhabaniganj, Near Hari Samantaray School, P.O: Jajpur, Dist-Jajpur, Phone-06728-222008, Pincode : 755001

Further details can be seen from the Government of Odisha website www.tendersorissa.gov.in

Sd/- Superintending Engineer
M.I. Division, Jajpur

OIPR-32280/11/0014/2526

**No. 47th Bn/Estt-III/CRC/PF-CT/GD-B.M/2024, 13823-34, Dated : 26.07.2025**

To,
UIN-11201591 CT(GD) Bashista Majhi, S/o Sh. Ganesh Majhi
Vill-Sagripali, Mahara Padar, P.O- Sagripali,
P.S- Khaprakhol, Dist-Balangir, Odisha, Pin-767028

**Subject : Show Cause Notice under Rule-21.**

**Whereas**, while posted in 47 Bn SSB, you proceeded on 30 days earned leave w.e.f. 16.04.2025 to 15.05.2025. After expiry of leave you absented yourself without leave w.e.f. 15.05.2025 (AN).

2. **Whereas**, notice for assumption of duty were issued vide this office O.M. No. 47th Bn/Estt-III/CRC/PF-CT/GD-B.M./2024/9425-28 dated 26.06.2025 & even No. 10247-50 dated 05.06.2025, at your home address with direction to join your duties but you failed to report in 47th Bn SSB, Raxaul.

3. **Whereas,** you are you are absenting yourself without leave since Two and half months without sufficient cause and have not reported at 47th Bn SSB despite reminders.

4. **Whereas**, a Court of Inquiry under Section-74 of the SSB Act was convened to enquire into the aforesaid absence and the said Inquiry declared your said absence as unauthorized.

5. **Whereas**, Apprehension Rolls were issued to concerned Police Authority to apprehend you vide letter No. 47th Bn/Estt-III/CRC/PF-CT/GD-B.M./2024/11833-37 dated 24.06.2025 and even No. 12433-37 dated 01.07.2025. You have not reported for duty after the said declaration by Court of Inquiry and also not surrendered or apprehended by the Police as such you are deemed to be deserter within the ambit of Section-74 of the said Act vide order No. 47th Bn/Estt-III/CRC/PF-CT/GD-B.M/2024/-12821-30 dated 09.07.2025 and the said offence is punishable under SSB Act-2007.

6. Whereas, in the facts and circumstances of the case, the undersigned is satisfied that your train by Force Court for the said offence of desertion under the SSB Act is inexpedient and impracticable and is of the tentative opinion that your further retention in the service is undesirable.

7. **And whereas,** a copy of the Court of Inquiry referred to in para-4 above containing statements of witnesses, and nature of allegations have already been served to you as Annexure-1 to the 1st Show Cause Notice issued vide letter No. 47th Bn/Estt-III/CRC/PF-CT/GD-B.M./2024/-13015-25 dated 11.07.2025.

8. In view of the above, you are hereby called upon to submit in writing your explanation and defence in respect of above allegation(s) by 10.08.2025 as to why action to dismiss or remove your tentatively from service for said misconduct should not be initiated against your under Rule-21 of the SSB Rules 2009, In case, you fail to file any reply within the stipulated period, it shall be presumed that you have nothing to put forth in you defence and action to terminate your service as proposed above within the ambit of SSB Rule-21 shall be initiated against you ex-parte.

Place - 47 Bn SSB, Raxaul

Sd/- Commandant
47 Bn SSB, Raxaul

Chola Enter a better life

**CHOLAMANDALAM INVESTMENT AND FINANCE COMPANY LIMITED**
Corporate Office : Chola Crest, Super B, C54 & C55, 4, Thiru Vi Ka Industrial Estate, Guindy, Chennai-600 032, T. N.

**DEMAND NOTICE**

ଆର୍ଥିକ ସମ୍ପତ୍ତିର ସୁରକ୍ଷା ଏବଂ ପୁନର୍ନିର୍ମାଣ ଏବଂ ସୁରକ୍ଷା ସ୍ୱାର୍ଥ ଆଇନ, ୨୦୦୨ ('ଆଇନ') ଏବଂ ସୁରକ୍ଷା ସ୍ୱାର୍ଥ (ପ୍ରବର୍ତ୍ତନ) ନିୟମ, ୨୦୦୨ ('ନିୟମ') ର ବ୍ୟବସ୍ଥା ଅନ୍ତର୍ଗତ।

[illegible]

LAP3ANG000058850

Rs. 17,00,000/-

## ସମାଜସେବୀଙ୍କ ବିୟୋଗରେ ଶୋକ



**ସାଲେପୁର,୨।୮/ଏନ୍‌ଏନ୍‌ଏସ୍:** ସାଲେପୁର ଅଞ୍ଚଳର ଓଡିଶା ରାଜ୍ୟର ଜଣାଶୁଣା ବ୍ୟକ୍ତି ଦୁର୍ଗା ଚରଣ ସାହୁଙ୍କ ଭୁବନେଶ୍ୱର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ପରଲୋକ ହୋଇଯାଇଛି। ସେ ପୂର୍ବରୁ ସେତୋଞ୍ଚଳ ଉନ୍ନୟନ କର୍ମଚାରୀ ସମନ୍ୱୟ ସମିତିର ସଭାପତି ଭାବେ ନିର୍ବାଚିତ ହୋଇ ଦାୟିତ୍ୱ ତୁଲାଇ ଆସିଛନ୍ତି। ସ୍ଥାନୀୟ ବିଭିନ୍ନ ସମସ୍ୟାରେ ଅନେକ ସମସ୍ୟା ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଦୃଷ୍ଟି ଆକର୍ଷଣ କରି ସମାଧାନ କରିଥିଲେ। ଶ୍ରୀ ସାହୁ ଜଣେ ଆଧ୍ୟାତ୍ମିକ ବ୍ୟକ୍ତି, ସମାଜସେବୀ, ପରୋପକାରୀ,କ୍ରୀଡାବିତ,ସୁସଂଗଠକ ଭାବେ ସାଲେପୁର ଅଞ୍ଚଳରେ ବେଶ ପରିଚିତ ଥିଲେ। ତାଙ୍କ ବିୟୋଗରେ ସାଲେପୁର ବିଧାୟକ ପ୍ରଶାନ୍ତ ବେହେରା,କଂଗ୍ରେସ ନେତା ହରିବନ୍ଧୁ ଶତପଥୀ, ସରପଞ୍ଚ ଶିବ ପ୍ରସାଦ ବେହେରାଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କ ବାସଭବନରେ ପହଞ୍ଚି ସବାଧାରରେ ପୁଷ୍ପମାଲ୍ୟ ଅର୍ପଣ କରିବା ସହିତ ପରିବାର ଲୋକଙ୍କୁ ସମବେଦନା ଜଣାଇଛନ୍ତି। ସ୍ୱର୍ଗତ ସାହୁଙ୍କର ଶେଷକୃତ୍ୟ ପୁରୀ ସ୍ୱର୍ଗଦ୍ୱାର ରେ ସମ୍ପର୍ଣ୍ଣ ହୋଇଥିବା ବେଳେ ତାଙ୍କର ବଡ ପୁଅ ସାରଦା ପ୍ରସାଦ ସାହୁ ମୁଖାଗ୍ନି ଦେଇଥିଲେ। ତାଙ୍କ ମୃତ୍ୟୁ ଶଯ୍ୟା ନିକଟରେ ତିନି ପୁଅ ପ୍ରଶାନ୍ତ କୁମାର ସାହୁ, ରଶ୍ମିକାନ୍ତ ସାହୁ, ହରିଶ୍ଚନ୍ଦ୍ର ସାହୁ, ପୁତ୍ରବଧୂ ଉପସ୍ଥିତ ଥିଲେ।

## ପ୍ରଥମ ପୃଷ୍ଠାରୁ

### ୩୫ ଲକ୍ଷ କୃଷକଙ୍କୁ ...

୧୭ ଲକ୍ଷ ଚାଷୀଙ୍କୁ ଆମେ ପାଖାପାଖି ୬ ହଜାର କୋଟି ଟଙ୍କାର ସହାୟତା ରାଶି ପ୍ରଦାନ କରିଛୁ। ସେହିପରି ରବିଋତୁରେ ମଧ୍ୟ ୩ ଲକ୍ଷରୁ ଅଧିକା ଚାଷୀଙ୍କୁ ୧ ହଜାର ୬୦୦ କୋଟିରୁ ଅଧିକ ଟଙ୍କା ପ୍ରଦାନ କରାଯାଇଛି। ଆସନ୍ତୁ, ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟକ୍ରମରେ ସାମିଲ୍ ହେବା। ଏକ ସମୃଦ୍ଧ ଓଡ଼ିଶା ତଥା ବିକଶିତ ଭାରତ ଗଠନରେ ଆମର ଯୋଗଦାନ ରଖିବା ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହ ଦେଓ କହିଥିଲେ, ଓଡ଼ିଶାକୁ ଏଗ୍ରିକଲ୍‌ଚର୍ ଟୁଡେ ପୁରସ୍କାର ମିଳିଛି। ୩୪,୮୫,୮୮୧ ଚାଷୀଙ୍କୁ ୬୯୭ କୋଟି ଟଙ୍କା ଦିଆଯାଉଛି। ଏହି ରାଶିରେ ଚାଷୀମାନେ ବିହନ ସାର କିଣିବେ। ରାଜ୍ୟ ସରକାର କୃଷକଙ୍କ ଆୟକୁ ଦୁଇଗୁଣା କରିବା ପାଇଁ ଚେଷ୍ଟିତ। ଧାନର କ୍ରୟ ମୂଲ୍ୟ ୩୧୦୦ ଟଙ୍କା କରି ଚାଷୀଙ୍କ ଆୟ ବଢ଼ାଇଛୁ। କେବଳ ଧାନ ଚାଷ ନକରି ବିଭିନ୍ନ ପ୍ରକାର ତୈଳବୀଜ ଚାଷ କରିବା ସହିତ ମୃତ୍ତିକା ସଂରକ୍ଷଣ ପାଇଁ ସେ ଅନୁରୋଧ କରିଛନ୍ତି। ଉକ୍ତ କାର୍ଯ୍ୟକ୍ରମରେ କୃଷି ବିଭାଗ ପ୍ରମୁଖ ଶାସନ ସଚିବ ଡ. ଅରବିନ୍ଦ ପାଢ଼ୀ ସ୍ୱାଗତ ଭାଷଣ ଓ ପିପିଲି ବିଧାୟକ ଆଶ୍ରୀତ ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ। ଏକାମ୍ର-ଭୁବନେଶ୍ୱର ବିଧାୟକ ବାବୁ ସିଂ, ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ ଜଗଦ୍ଦେବ, ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟର କୂଳପତି ପ୍ରଫେସର ପ୍ରଭାତ କୁମାର ରାଉଳ, ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ପ୍ରମୁଖ ଶାସନ ସଚିବ ସୁରେଶ କୁମାର ବଶିଷ୍ଠ, ଡେପୁଟି ଡାଇରେକ୍ଟର୍ ଜେନେରାଲ୍ (ଆଇସିଏଆର୍) ଡକ୍ଟର ଜେକେ ଜେନା, ସିଫା ଡାଇରେକ୍ଟର୍ ଡକ୍ଟର ପି.କେ ସାହୁ, ଉଦ୍ୟାନ କୃଷି ଡାଇରେକ୍ଟର୍ ସୁବ୍ରତ କୁମାର ପଣ୍ଡା, ଖୋର୍ଦ୍ଧା ଜିଲ୍ଲାପାଳ ଅମ୍ରିତ ଋତୁରାଜ ଓ ପୁରୀ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା ପ୍ରମୁଖ ମଞ୍ଚାସୀନ ଥିଲେ।

### ଅପରାଧୀ ସୁନୀଲଙ୍କୁ ...

ଉଦ୍ୟମ, ଡକାୟତି ଓ ୨୦ରୁ ଊର୍ଦ୍ଧ୍ୱ ମାମଲା ରହିଛି। ଅଭିଯୁକ୍ତଠାରୁ ୨୧ ହଜାର ଟଙ୍କା, ୭.୬୫ ଏମ୍‌ଏମ୍ ବନ୍ଧୁକ, ତିନୋଟି ଗୁଳି ଓ ବାଇକ୍ ଜବତ କରିଛି । ଅପରାହ୍ଣରେ ଘଟଣାସ୍ଥଳକୁ ସାଇଣ୍ଟିଫିକ୍ ଟିମ୍ ପହଞ୍ଚି ତଦନ୍ତ କରି ବିଭିନ୍ନ ନମୁନା ସଂଗ୍ରହ କରିଥିବା ଜଣାପଡ଼ିଛି।

### ଦିଲ୍ଲୀ ଏମ୍‌ସରେ ଆଖି ବୁଜିଲେ ...

ଅଞ୍ଚଳରେ ଦୁଃଖର ଛାୟା ଖେଳି ଯାଇଛି। ଅଞ୍ଚଳବାସୀ ମର୍ମାହତ ହେବା ସହ କ୍ଷୋଭର ସହିତ ପ୍ରକାଶ କରିଛନ୍ତି ଯେ ୧୫ ଦିନ ବିତିଗଲା ଅଥଚ ଘଟଣା ଉପରୁ ପରଦା ହଟି ପାରିଲା ନାହିଁ। ଅନ୍ୟପକ୍ଷରେ ଏହି ସମ୍ବେଦନଶୀଳ ଘଟଣା ନେଇ ରାଜ୍ୟ ସରକାର ଖୁବ୍ ତତ୍ପରତା ପ୍ରକାଶ କରିଥିଲେ। ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ମଧ୍ୟ ଦିଲ୍ଲୀ ଯାଇ ଏମ୍ସରେ ପୀଡ଼ିତାଙ୍କୁ ଭେଟିଥିଲେ ଓ ପରିବାର ଲୋକଙ୍କ ସହିତ କଥା ହୋଇଥିଲେ। ସେହିପରି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମଧ୍ୟ ବଳଙ୍ଗା ପୀଡ଼ିତାଙ୍କୁ ଭେଟିଥିଲେ। ସେ ପରିବାର ଲୋକଙ୍କ ସହିତ କଥାହୋଇ ରାଜ୍ୟ ସରକାର ସମସ୍ତ ପ୍ରକାରର ସହଯୋଗର ହାତ ବଢ଼ାଇବେ ବୋଲି କହିଥିଲେ।

### 'ଏନ୍‌ଆଇଏ'ର ଏସ୍‌ପି ହେଲେ ...

ଚାକିରିରେ ନିଷ୍ଠାପର ସେବା ଓ ସାହସିକତା ପାଇଁ ସାରା ଓଡ଼ିଶାରେ ସେ ବେଶ୍ ଲୋକପ୍ରିୟ। ସେ ବର୍ତ୍ତମାନ ଖୋର୍ଦ୍ଧା ଏସ୍‌ପି ଭାବେ କାର୍ଯ୍ୟ କରୁଛନ୍ତି। ଏହା ପୂର୍ବରୁ ସେ ବାଲେଶ୍ୱର ଏବଂ ସୁନ୍ଦରଗଡ଼ରେ ଏସ୍‌ପି ଭାବେ କାମ କରି ପ୍ରଶଂସା ପାଇଥିଲେ। କ୍ରୀଡ଼ା ଓ ସଙ୍ଗୀତ ପ୍ରତି ମଧ୍ୟ ତାଙ୍କର ବେଶ୍ ରୁଚି ରହିଛି।

### ରୁଷ୍‌ଠାରୁ ତେଲ କିଣିବା ଜାରି ...

ଆହୁରି କଟକଣା ଲଗାଇବାକୁ ଟ୍ରମ୍ପ, ରୁଷ୍ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ୍‌ଙ୍କୁ ଅଗଷ୍ଟ ୮ ତାରିଖ ପର୍ଯ୍ୟନ୍ତ ସମୟସୀମା ଦେଇଛନ୍ତି। ସପ୍ତାହର ଆରମ୍ଭରେ, ରଏଟର୍ସ ଏକ ରିପୋର୍ଟ ପ୍ରକାଶ କରିଥିଲା ଯେ ଭାରତୀୟ ସରକାରୀ ରିଫାଇନାରୀଗୁଡ଼ିକ ଶୁଳ୍କ ଧମକ ଏବଂ ମୂଲ୍ୟ ରିହାତି ହ୍ରାସ ମଧ୍ୟରେ ରୁଷୀୟ ତୈଳ କ୍ରୟକୁ ସ୍ଥଗିତ ରଖିଛନ୍ତି। କିନ୍ତୁ ଶନିବାର ଦିନ, ଦି ନ୍ୟୁୟର୍କ ଟାଇମ୍ସ ୨ ବରିଷ୍ଠ ଭାରତୀୟ ଅଧିକାରୀ (ନାମ ଗୋପନ ସର୍ତ୍ତରେ)ଙ୍କ ବିବୃତିକୁ ଆଧାର କରି ରିପୋର୍ଟ ପ୍ରକାଶ କରିଛି ଯେ ରୁଷୀୟ ତୈଳ ଆମଦାନୀ ସମ୍ବନ୍ଧୀୟ ଭାରତ ସରକାରଙ୍କ ନୀତିରେ କୌଣସି ପରିବର୍ତ୍ତନ ହୋଇନାହିଁ। ଭାରତ ସରକାର ରୁଷୀୟ ତୈଳ କିଣିବା ବନ୍ଦ କରିବା ପାଇଁ 'ତୈଳ କମ୍ପାନୀଗୁଡ଼ିକୁ କୌଣସି ନିର୍ଦ୍ଦେଶ ଦେଇନାହାଁନ୍ତି। ଭାରତ ଏବଂ ରୁଷ୍ ମଧ୍ୟରେ ଦୀର୍ଘକାଳୀନ ତୈଳ ଚୁକ୍ତି ରହିଛି। ଏସବୁକୁ ରାତାରାତି କିଣିବା ବନ୍ଦ କରିବା ଏତେ ସହଜ ନୁହେଁ।

### ଲୋକାଲ୍ ପାଇଁ ଭୋକାଲ୍ ...

ବିଶ୍ୱ ଅର୍ଥନୀତି ଏବେ ଅନିଶ୍ଚିତତାର ସମୟ ଦେଇ ଗତି କରୁଛି। ସୁତରାଂ ବର୍ତ୍ତମାନ ସମୟ ଆସିଯାଇଛି ଆମ ସମସ୍ତଙ୍କୁ ସ୍ୱଦେଶୀ (ଭାରତରେ ତିଆରି) ଉତ୍ପାଦ ଉପରେ ଗୁରୁତ୍ୱାରୋପ କରିବାକୁ ହେବ। ଶନିବାର ତାଙ୍କ ନିର୍ବାଚନମଣ୍ଡଳୀ ବାରାଣସୀରେ ଏକ ରାଲିକୁ ସମ୍ବୋଧିତ କରି ପ୍ରଧାନମନ୍ତ୍ରୀ ମୋଦୀ କହିଛନ୍ତି ଯେ ଭାରତକୁ ଏହାର ଆର୍ଥିକ ପ୍ରାଥମିକତା ଉପରେ ଧ୍ୟାନ ଦେବାକୁ ପଡ଼ିବ ଏବଂ ପ୍ରତ୍ୟେକ ନାଗରିକ ସ୍ୱଦେଶୀ କିଣିବା ପାଇଁ ପ୍ରତିଜ୍ଞା ନେବା ଉଚିତ୍।

ମେକ୍ ଇନ୍ ଇଣ୍ଡିଆ' ନୀତିକୁ ପ୍ରାଥମିକତା ଦେଇ ମୋଦୀ କହିଛନ୍ତି, 'ଆଜି ବିଶ୍ୱ ଅର୍ଥନୀତିରେ ଅନିଶ୍ଚିତତାର ବାତାବରଣ ରହିଛି। ଏପରି ପରିସ୍ଥିତିରେ, ପ୍ରତ୍ୟେକ ଦେଶ ନିଜ ସ୍ୱାର୍ଥ ଉପରେ ଧ୍ୟାନ ଦେଉଛନ୍ତି। ଭାରତ ମଧ୍ୟ ବିଶ୍ୱର ତୃତୀୟ ବୃହତ୍ତମ ଅର୍ଥନୀତି ହେବାକୁ ଯାଉଛି, ତେଣୁ ଏହାକୁ ଏହାର ଆର୍ଥିକ ସ୍ୱାର୍ଥ ପ୍ରତି ସତର୍କ ରହିବାକୁ ପଡ଼ିବ। ଆମର ଚାଷୀ, ଆମର ଶିଳ୍ପ, ଆମ ଯୁବକମାନଙ୍କ ପାଇଁ ନିଯୁକ୍ତି, ସେମାନଙ୍କ ସ୍ୱାର୍ଥ -ଏସବୁ ଆମ ପାଇଁ ସର୍ବୋପରି। ସରକାର ଏ ଦିଗରେ ଯଥାସମ୍ଭବ ପ୍ରୟାସ କରୁଛନ୍ତି। କିନ୍ତୁ, ଦେଶର ନାଗରିକ ଭାବେ ଆମର ମଧ୍ୟ କିଛି ଦାୟିତ୍ୱ ଅଛି। ତେବେ ଏହା କେବଳ ମୋଦୀ ଦ୍ୱାରା ନୁହେଁ ବରଂ ସମସ୍ତଙ୍କ ମିଳିତ ଉଦ୍ୟମ ଦ୍ୱାରା ସମ୍ଭବ ହୋଇପାରିବ।

ମୋଦୀଙ୍କ କହିବାନୁସାରେ ଯିଏ ଭାରତକୁ ବିଶ୍ୱର ତୃତୀୟ ବୃହତ୍ତମ ଅର୍ଥନୀତି କରିବାକୁ ଚାହେଁ, ସେ ଯେକୌଣସି ରାଜନୈତିକ ଦଳ ହେଉ, ଯେ କୌଣସି ନେତା ହେଉ, ଜାତୀୟ ସ୍ୱାର୍ଥରେ କଥା ହେବା ଉଚିତ୍ ଏବଂ ଲୋକଙ୍କ ମଧ୍ୟରେ ଏକ ଭାବନା ସୃଷ୍ଟି କରିବା ଉଚିତ୍ ଯେ ସେମାନଙ୍କୁ 'ସ୍ୱଦେଶୀ' କିଣିବା ପାଇଁ ପ୍ରତିଜ୍ଞା ନେବାକୁ ପଡ଼ିବ। ଯେତେବେଳେ ଆମେ କିଛି କିଣିବାକୁ ନିଷ୍ପତ୍ତି ନେଉ, ସେତେବେଳେ କେବଳ ଗୋଟିଏ ମାପକାଠି ରହିବା ଉଚିତ୍: ଆମେ ଏପରି ଜିନିଷ କିଣିବୁ ଯାହା ଉପରେ ଜଣେ ଭାରତୀୟ ଝାଳ ବୁହାଇଛନ୍ତି। ଭାରତର ଲୋକଙ୍କ ଦ୍ୱାରା, ଭାରତର ଲୋକଙ୍କ ଝାଳ ବୁହାଇ, ଭାରତର ଲୋକଙ୍କ କୌଶଳ ବ୍ୟବହାର କରି ତିଆରି ହୋଇଥିବା ଯେକୌଣସି ଜିନିଷ ଆମ ପାଇଁ 'ସ୍ୱଦେଶୀ'। ଆମକୁ 'ଭୋକାଲ୍ ଫର୍ ଲୋକେଲ୍' ମନ୍ତ୍ର ଗ୍ରହଣ କରିବାକୁ ପଡ଼ିବ। ଭାରତରେ ତିଆରି ଉତ୍ପାଦ କିଣିବା ଜାତିର ପିତା ମହାତ୍ମାଗାନ୍ଧୀଙ୍କ ପ୍ରତି ଏକ ଆନ୍ତରିକ ଶ୍ରଦ୍ଧାଞ୍ଜଳି ହେବ ବୋଲି ମଧ୍ୟ ପ୍ରଧାନମନ୍ତ୍ରୀ କହିଛନ୍ତି।

# ଜିଲ୍ଲା ସମ୍ମିଳନୀ କକ୍ଷରେ ଓସ୍ୱାସ୍ ଅଗ୍ରଗତି ସମୀକ୍ଷା



**ଖୋର୍ଦ୍ଧା,୨।୮/ଏନ୍‌ଏନ୍‌ଏସ୍:** ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଓସ୍ୱାନ ସମ୍ମିଳନୀ କକ୍ଷରେ ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ପ୍ରତାପ ଚନ୍ଦ୍ର ବେଉରାଙ୍କ ଅଧ୍ୟକ୍ଷତାରେ ଜିଲ୍ଲାରେ ପ୍ରତ୍ୟେକ ସରକାରୀ କାର୍ଯ୍ୟାଳୟରେ ଓସ୍ୱାସ ମାଧ୍ୟମରେ ନଥିପତ୍ର କାର୍ଯ୍ୟର ଅଗ୍ରଗତି ସମ୍ବନ୍ଧରେ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ଓକାକ୍ ପ୍ରଯୁକ୍ତି ବିଦ୍ୟା ପରାମର୍ଶ ଦାତା ଶ୍ରୀ ସତ୍ୟ ରଞ୍ଜନ ସାହୁ ଯୋଗଦେଇ ଅନ ଲାଇନ୍ ମାଧ୍ୟମରେ ପ୍ରତ୍ୟେକ ସରକାରୀ କାର୍ଯ୍ୟାଳୟର କେତେ ନଥିପତ୍ର କାର୍ଯ୍ୟ ଓସ୍ୱାସ୍ ମାଧ୍ୟମରେ ହୋଇଅଛି ତାହା ଯାଞ୍ଚ କରିଥିଲେ। ରାଜ୍ୟ ସରକାର ତଥା ମୁଖ୍ୟ ଶାସନ ସଚିବ ଓସ୍ୱାସ୍ ମାଧ୍ୟମରେ ନଥିପତ୍ର କାର୍ଯ୍ୟ ପଦ୍ଧତିକୁ ଗୁରୁତ୍ୱ ଦେଇ ଆସୁଥିବାରୁ ଖୋର୍ଦ୍ଧା ଜିଲ୍ଲାରେ ଏହି ପଦ୍ଧତି ଶତ ପ୍ରତିଶତ ସଫଳତା ପାଇଁ ବୈଠକରେ ଶ୍ରୀ ବେଉରା ଗୁରୁତ୍ୱାରୋପ ପୂର୍ବକ ଚଳିତ ଅଗଷ୍ଟ ମାସରେ ଓସ୍ୱାସ ସଂଯୋଗ ଥିବା ଯେଉଁ ଜିଲ୍ଲାସ୍ତରୀୟ କାର୍ଯ୍ୟାଳୟ, ପୌର ପରିଷଦ, ବିଜ୍ଞାପିତ ଅଞ୍ଚଳ ପରିଷଦ କାର୍ଯ୍ୟାଳୟ, ଲାଇନ୍ ଡିପାର୍ଟମେଣ୍ଟ କାର୍ଯ୍ୟାଳୟ, ବ୍ଲକ୍ ଓ ତହସିଲ କାର୍ଯ୍ୟାଳୟ, ସିଡିପିଓ ଆଦି କାର୍ଯ୍ୟାଳୟ ଓସ୍ୱାସରେ କାର୍ଯ୍ୟ କରି ନଥିବେ ସେମାନଙ୍କ କାର୍ଯ୍ୟାଳୟର ଅଧିକାରୀ ସମେତ ସଂପୃକ୍ତ କର୍ମଚାରୀଙ୍କ ଅଗଷ୍ଟ ମାସ ଦରମା ବନ୍ଦ କରାଯିବା ସହ କାରଣ ଦର୍ଶାଅ ନୋଟିସ ଜାରି କରିବାକୁ ଅତିରିକ୍ତ ଜିଲ୍ଲାପାଳ ଓସ୍ୱାସ ନୋଡାଲ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସେହିପରି ସିଡିଏମ ଆଣ୍ଡ ପିଏଚଓ କାର୍ଯ୍ୟାଳୟ, ସିଡିଭିଓ କାର୍ଯ୍ୟାଳୟ, ସିଡିଏଓ କାର୍ଯ୍ୟାଳୟ ଏବଂ ଡିପିସି, ସମଗ୍ର ଶିକ୍ଷା କାର୍ଯ୍ୟାଳୟକୁ ୭ ଦିନ ମଧ୍ୟରେ ଓସ୍ୱାସରେ ଶତ ପ୍ରତିଶତ କାର୍ଯ୍ୟ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହି ଓସ୍ୱାସ ଅନ୍‌ଲାଇନ ପଦ୍ଧତିରେ ପ୍ରତ୍ୟେକ ସରକାରୀ କାର୍ଯ୍ୟାଳୟ ଗୁଡିକରେ ଆଭ୍ୟନ୍ତରୀଣ ଭାବେ ଓସ୍ୱାସ ପଦ୍ଧତି ବ୍ୟବହାର ସହ ଜିଲ୍ଲାପ୍ରଶାସନ ଅର୍ଥାତ୍ ବହିର୍ବିଭାଗ ସହ ଓସ୍ୱାସ ପଦ୍ଧତି ବ୍ୟବହାର କରିବାକୁ ପ୍ରଯୁକ୍ତି ବିଦ୍ୟା ଉପଦେଷ୍ଟା ନିର୍ଦ୍ଦେଶ ଦେଇଛନ୍ତି। ପ୍ରତ୍ୟେକ କାର୍ଯ୍ୟାଳୟକୁ ଓସ୍ୱାସ ସମ୍ବନ୍ଧୀୟ ସହାୟତା ପ୍ରଦାନ କରିବା ପାଇଁ ଓସ୍ୱାନ ଡିଇଜିଏମଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଆଇଟି ପରାମର୍ଶଦାତା ସତ୍ୟରଞ୍ଜନ ସାହୁ ଜିଲ୍ଲାର, ବ୍ଲକ୍ ତହସିଲ, ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀଙ୍କ କାର୍ଯ୍ୟାଳୟ ଓସ୍ୱାସ ପଦ୍ଧତିକୁ ଗୁରୁତର ସହ ବିଚାରକରି କାର୍ଯ୍ୟ ସମ୍ପାଦନ କରିବାକୁ ପରାମର୍ଶ ଦେଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଡେପୁଟି କଲେକ୍ଟର, ଜରୁରୀ ଶ୍ରୀତପା ମିଶ୍ର, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ, ଡାକ୍ତର ସଞ୍ଜୟ ଚନ୍ଦ୍ର ରାୟ, ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ରବି ନାରାୟଣ ସେନାପତି, ନିର୍ବାହୀ ଅଧିକାରୀ, ପୌର ପରିଷଦ, ଖୋର୍ଦ୍ଧା, ରିକ୍ସାନ କକ୍କାବ, ଆସିଷ୍ଟାଣ୍ଟ କଲେକ୍ଟର ଭୁବନେଶ୍ୱରୀ କଅଁର, ଆଞ୍ଚଳିକ ପରିବହନ ଅଧିକାରୀ ଅମରେନ୍ଦ୍ର ନାୟକ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଲକ୍ଷ୍ମଣ କୁମାର ବେହେରା, ଜିଲ୍ଲା ଇ ଗଭର୍ନାନ୍ସ ମ୍ୟାନେଜର ମାନସ ମୋହନ ବ୍ରହ୍ମାଙ୍କ ସମେତ ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀ, ଓକାକ୍ କର୍ମକର୍ତ୍ତା ବୈଠକରେ ଯୋଗଦେଇଥିଲେ।

## କୃଷି ବିଜ୍ଞାନ କେନ୍ଦ୍ରରେ ପିଏମ୍ କିଷାନର ଜିଲ୍ଲାସ୍ତରୀୟ ସମାରୋହ



**ପୁରୀ,୨।୮/ଏନ୍‌ଏନ୍‌ଏସ୍:** ଉତ୍ତର ପ୍ରଦେଶର ବାରଣାସୀ ଠାରେ ମାନ୍ୟବର ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ପି.ଏମ କିଷାନର ୨୦ତମ କିସ୍ତି ଲୋକାର୍ପଣ ଉପଲକ୍ଷେ ତାହାର ସିଧା ପ୍ରସାରଣ ସାକ୍ଷୀଗୋପାଳସ୍ଥିତ କୃଷି ବିଜ୍ଞାନକେନ୍ଦ୍ରଠାରେ ଜିଲ୍ଲାସ୍ତରୀୟ ସମାନ୍ତରାଳ ପି.ଏମ କିଷାନ ଉତ୍ସବ ଦିବସରେ ପ୍ରସାରିତ କରାଯାଇଥିଲା। ଉକ୍ତ ଉତ୍ସବରେ ଉପ ମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡା ମୁଖ୍ୟ ଅତିଥି ଭାବରେ ଯୋଗଦାନ କରି କୃଷି ଓ କୃଷକ ର ବିକାଶ ପାଇଁ ସରକାର ପ୍ରତିଶ୍ରୁତିବଦ୍ଧ ଓ ସରକାର ଦେଇଥିବା କଥାକୁ ପାଳନ କରିଛନ୍ତି। ଧାନ ସଂଗ୍ରହ ବେଳେ କ୍ୟୁଣ୍ଟାଲ ପିଛା ୮୦୦ ଟଙ୍କା ର ଅତିରିକ୍ତ ସହାୟତା ରାଶି ମଧ୍ୟ ପ୍ରଦାନ କରିଛନ୍ତି। ଚାଷକୁ ଦ୍ୱିଗୁଣିତ କରିବା ସହ କୃଷକ ଭାଇର ସର୍ବାଙ୍ଗୀନ ବିକାଶ ପାଇଁ ସରକାର କାର୍ଯ୍ୟ କରିଚାଲିଛନ୍ତି ବୋଲି ଉପ ମୁଖ୍ୟମନ୍ତ୍ରୀ କହିଥିଲେ। ପୁରୀ ଜିଲ୍ଲାର ମୋଟ ୧ ଲକ୍ଷ ୬୦ହଜାର ୫୨୬ ଜଣ କୃଷକ ଏହି ୨୦ ତମ କିସ୍ତିରେ ୨୦୦୦ ହିସାବରେ ପି.ଏମ କିଷାନ ସମ୍ମାନ ନିଧି ସହାୟତା ମାଧ୍ୟମରେ ଟଙ୍କା ପ୍ରାପ୍ତ କରିଛନ୍ତି।

ଅନ୍ୟମାନଙ୍କ ମଧ୍ୟରେ ସତ୍ୟବାଦୀ ବିଧାୟକ ଓମ ପ୍ରକାଶ ମିଶ୍ର, ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା, ଓୟୁଏଟି ର ଡିନ ଡଃ ପ୍ରସନ୍ନ ଜିତ ମିଶ୍ର, ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ତପନ କୁମାର ମହାପାତ୍ର, କୃଷି ବିଜ୍ଞାନ କେନ୍ଦ୍ର ମୁଖ୍ୟ ବୈଜ୍ଞାନିକ ଡଃ ସୂର୍ଯ୍ୟ କୁମାର ମିଶ୍ର ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇ କୃଷି ଓ କୃଷକର ବିକାଶ, ସେମାନଙ୍କ ପାଇଁ ଥିବା ବ୍ୟବସ୍ଥା, ସହାୟତା ଓ ସହଯୋଗ ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ ମୁଖ୍ୟ ଅତିଥି ସବସିଡ ମାଧ୍ୟମରେ ବିଭିନ୍ନ କୃଷି ଉପକରଣ ପ୍ରଦାନ କରିବା ସହ ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନାର ଗୋ ଆହେଡ ସାର୍ଟିଫିକେଟ ବା ଅଗ୍ରଗତି ପ୍ରମାଣ ପତ୍ର ବଣ୍ଟନ କରିଥିଲେ। ଉକ୍ତ ସଭାରେ କୃଷି ଆନୁଷଙ୍ଗିକ ବିଭାଗ ତଥା ଉଦ୍ୟାନ କୃଷି ସହକାରୀ ନିର୍ଦ୍ଦେଶକ, ପ୍ରକଳ୍ପ ନିର୍ଦ୍ଦେଶକ, ଜଳଛାୟା ପ୍ରକଳ୍ପ, ସହକାରୀ ଜିଲ୍ଲା ମତ୍ସ୍ୟ ଅଧିକାରୀ, ମୁଖ୍ୟ ପ୍ରାଣୀଧନ ଚିକିତ୍ସାଧିକାରୀ, ଜିଲ୍ଲା କୃଷି ଅଧିକାରୀ, ସମସ୍ତ ବ୍ଲକ୍ ସ୍ତରୀୟ ଓ ଜିଲ୍ଲା ସ୍ତରୀୟ କୃଷି ଅଧିକାରୀ ଓ କର୍ମଚାରୀ ଓ ୨୦୦ରୁ ଊର୍ଦ୍ଧ୍ୱ କୃଷକ ଉପସ୍ଥିତ ଥିଲେ।

## ବସ୍-ବାଇକ୍ ମୁହାଁମୁହିଁ: ବାଇକ୍ ଚାଳକଙ୍କ ମୃତ୍ୟୁ

**ନୟାଗଡ଼,୨।୮/ଏନ୍‌ଏନ୍‌ଏସ୍:** ନୟାଗଡ଼ ସଦର ଥାନା ଅନ୍ତର୍ଗତ ନୟାଗଡ଼ - ଖଣ୍ଡପଡ଼ା ରାସ୍ତାର ପାଣିପୋଇଲା ଛକରେ ବସ୍ ଓ ବାଇକ୍ ମୁହାଁମୁହିଁ ଧକ୍କା ହେବା ଫଳରେ ଜଣେ ବାଇକ୍ ଚାଳକଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଛି। ମୃତକ ହେଲେ ଖଣ୍ଡପଡ଼ା ବ୍ଲକ୍ ଅନ୍ତର୍ଗତ ଯୋଗିଆପଲ୍ଲୀ ଗ୍ରାମର ଧୋବା ପ୍ରଧାନଙ୍କ ସାନପୁଅ ବଳରାମ ପ୍ରଧାନ(୨୮)। ସେ ବାଇକ୍ ଯୋଗେ ନୟାଗଡ଼ରୁ ନିଜ ଗ୍ରାମକୁ ଫେରୁଥିବା ସମୟରେ ପାଣିପୋଇଲା ଛକରେ ବିପରୀତ ଦିଗରୁ ଆସୁଥିବା ଏହି ମିନି ବସ୍ ଧକ୍କା ଦେଇଥିଲା। ଫଳରେ ବାଇକ୍ ଆରୋହୀଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଥିଲା। ମୃତଦେହକୁ ପୁଲିସ ଜବତ କରି ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟରେ ବ୍ୟବଚ୍ଛେଦ ପରେ ତାଙ୍କ ପରିବାର ସଦସ୍ୟଙ୍କୁ ହସ୍ତାନ୍ତର କରିଛି। ସେହିପରି ଏହି ବସ୍ ଧକ୍କାରେ ରାଣୀପଡା ଗ୍ରାମର ଜଣେ ଯୁବକ ଗୁରୁତର ହୋଇଥିବାବେଳେ ତାଙ୍କୁ ଭୁବନେଶ୍ୱର ହସ୍ପିଟାଲ୍ ନିଆଯାଇଥିବା ଜଣାପଡ଼ିଛି। ତେବେ ଏ ବାବଦରେ ସଦର ଥାନା ପକ୍ଷରୁ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଜାରି ରହିଥିବା ବେଳେ ମିନିବସ୍‌କୁ ଥାନାକୁ ଅଣାଯାଇଛି। ଖୁବ୍‌ଶୀଘ୍ର ଡ୍ରାଇଭରକୁ ଗିରଫ କରାଯାଇ ଅଦାଲତ ଚାଲାଣ କରାଯିବ ବୋଲି ଥାନା ଅଧିକାରୀଙ୍କ ଠାରୁ ଜଣାପଡିଛି। ଦୁର୍ଘଟଣାକୁ ନେଇ ଘଟଣାସ୍ଥଳରେ ରାସ୍ତାରୋକ ସହ ଉତ୍ତେଜନା ଦେଖାଦେଇଥିଲା। ପରେ ଉପଜିଲ୍ଲାପାଳ କର୍ଣ୍ଣ ଦେବ ପହଞ୍ଚି ବୁଝାସୁଝା କରିବା ପରେ ରାସ୍ତା ଅବରୋଧ ହଟିଥିଲା।

## ମେସ୍ ମାଲିକାଣୀ ଓ ଅନ୍ତେବାସୀଙ୍କ ମାରପିଟ୍

**ପୁରୀ,୨।୮/ଏନ୍‌ଏନ୍‌ଏସ୍:** ଟାଉନ ଥାନା ଅଞ୍ଚଳରେ ଚାଲୁଥିବା ଏକ ମେସ୍‌ରେ ରହୁଥିବା ଛାତ୍ରୀ ଓ ମାଲିକାଣୀ ମଧ୍ୟରେ କୌଣସି କାରଣକୁ ନେଇ ମାରପିଟ୍ ଘଟିଛି। ଖବର ପାଇ ପିସିଆର୍ ଭ୍ୟାନ୍ ଘଟଣାସ୍ଥଳରେ ପହଞ୍ଚି ଛାତ୍ରୀଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରିଥିଲେ। ସେଠାରୁ ସଙ୍ଗେ ସଙ୍ଗେ ତାଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ତେବେ ମେସ୍ ମାଲିକାଣୀ ତାଙ୍କ ପାର୍ଲରରେ ସେକ୍ସ ର୍ୟାକେଟ ଚଳାଉଥିବା ନେଇ ଛାତ୍ରୀ ଜଣକ ସାଙ୍ଘାତିକ ଅଭିଯୋଗ କରିଛନ୍ତି। ତେଣୁ ଏହି ଘଟଣାକୁ ନେଇ ଉଭୟ ମେସ୍ ମାଲିକାଣୀ ଓ ଅନ୍ତେବାସୀ ଛାତ୍ରୀ ଟାଉନ ଥାନାରେ ଲିଖିତ ଅଭିଯୋଗ କରିବାରୁ ପୁଲିସ ଘଟଣାସ୍ଥଳକୁ ଯାଇ ତଦନ୍ତ ଆରମ୍ଭ କରିଛି। ପୁଲିସ ସୂତ୍ରରୁ ପ୍ରକାଶ ଯେ, ଟାଉନ ଥାନା ଅନ୍ତର୍ଗତ ଚିତ୍ରକର ସାହିରେ ପୁଷ୍ପାଞ୍ଜଳୀ ମିଶ୍ର ତାଙ୍କ ଘରେ ମେସ୍ ଚଳାଉଥିଲେ। ଏହି ମେସ୍‌ରେ ପ୍ରାୟ ଏସ୍‌ସିଏସ୍ କଲେଜ ଏବଂ ସଦାଶିବ ପରିସରର ୮ଜଣ ଛାତ୍ରୀ ରହୁଥିଲେ। ସେହିପରି ଏସ୍‌ସିଏସ୍ କଲେଜର ଦ୍ୱିତୀୟ ବର୍ଷରେ ପଢୁଥିବା କଟକ ତିଗିରିଆ ଅଞ୍ଚଳର ଏହି ଛାତ୍ରୀ ଗତ ୧୦ ତାରିଖ ଦିନ ଠାରୁ ରହିଥିଲେ। ମାତ୍ର ଇତି ମଧ୍ୟରେ ମେସ୍‌ର ମାଲିକାଣୀ ଏଠାରେ ଚଳାଉଥିବା ପାର୍ଲରରେ ସେକ୍ସ ର୍ୟାକେଟ ଚଳାଉଥିବା ନେଇ ଛାତ୍ରୀ ଜଣକ ସନ୍ଦେହ କରୁଥିବା ବେଳେ ତାଙ୍କୁ ସେକ୍ସ କାର୍‌ବାରରେ ସଂଶ୍ଳିଷ୍ଟ କରାଇବା ପାଇଁ ପୁଷ୍ପାଞ୍ଜଳିଉଦ୍ୟମ କରିଥିବା ସେ ଅଭିଯୋଗ କରିଥିଲେ। ମାତ୍ର ଛାତ୍ରୀଜଣକ ଏଥିରେ ଅରାଜି ହେବାରୁ ତାଙ୍କୁ ଗତକାଲି ରାତିରେ ମାରପିଟ୍ କରି ଘରୁ ବାହାର କରିଦେବାକୁ ଉଦ୍ୟମ ହୋଇଥିଲା। ଏହି ଘଟଣାକୁ କେନ୍ଦ୍ରକରି ଆଜି ଉଭୟଙ୍କ ମଧ୍ୟରେ ମାରପିଟ୍ ହୋଇଥିବା ବେଳେ ଖବର ପାଇ ପିସିଆର୍ ଭ୍ୟାନ୍ ଘଟଣାସ୍ଥଳରେ ପହଞ୍ଚି ଅସୁସ୍ଥ ଅବସ୍ଥାରେ ଥିବା ଛାତ୍ରୀଙ୍କୁ ଉଦ୍ଧାର କରିଥିଲା।

## ଜ୍ୱାଇଁକୁ ଆକ୍ରମଣ ଅଭିଯୋଗରେ ଶ୍ୱଶୁର ଗିରଫ

**ଦଶପଲ୍ଲା,୨।୮/ଏନ୍‌ଏନ୍‌ଏସ୍:** ଝିଅକୁ ଭଲପାଇ କୋର୍ଟ ମ୍ୟାରେଜ କରିଥିବା ଜ୍ୱାଇଁକୁ କଟୁରିରେ ହାଣି ଗିରଫ ହୋଇଛନ୍ତି ଶ୍ୱଶୁର। ଝିଅର ପ୍ରେମବିବାହକୁ ବିରୋଧକରି ଶ୍ୱଶୁର ଏଭଳି ଆକ୍ରମଣ କରିଥିବା ଜଣାପଡ଼ିଛି। ସୂଚନାଯୋଗ୍ୟ ଯେ, ସ୍ଥାନୀୟ ଡିହଗାଓଁ ଗ୍ରାମର ମାନସ ସେନାପତି ଖଇରାପଙ୍କାଳ ସାହିର ଖଇରା ପଙ୍କାଳ ସାହିର କୈଳାସ ପ୍ରଧାନଙ୍କ ଝିଅକୁ ପ୍ରେମବିବାହ କରିଥିଲେ। ମାତ୍ର ଏହି ପ୍ରେମବିବାହକୁ ସଦା ସର୍ବଦା କୈଳାସ ବିରୋଧକରି ଆସୁଥିବା ବେଳେ ପ୍ରତିଶୋଧ ପାଇଁ ନିଜ ବାଇକ୍‌ରେ କଟୁରି ଧରି ବୁଲୁଥିଲେ ଜ୍ୱାଇଁ ଉପରେ ପ୍ରତିଶୋଧ ନେବା ପାଇଁ। ଗତ ଶୁକ୍ରବାର ମାନସ ନିଜ ଅଟୋ ଧରି ଛିଡ଼ାହୋଇଥିବା ବେଳେ ପ୍ରତିଶୋଧପରାୟଣ କୈଳାସ କଟୁରିରେ ମାନସଙ୍କୁ ଆକ୍ରମଣ କରିଥିଲେ। ଫଳରେ ମାନସ ଗୁରୁତର ଆହତ ହେବା ସହ ସେଠାରୁ ଦୌଡ଼ିବାକୁ ଲାଗିଥିଲା। ଏହାଦେଖି ଉପସ୍ଥିତ ଲୋକମାନେ କୈଳାସଙ୍କୁ କାବୁ କରିନେବା ସହ ଉତ୍ତମ ମାଧ୍ୟମ ଦେଇ ଦଶପଲ୍ଲା ଥାନାକୁ ଖବର ଦେଇଥିଲେ। ପରେ ପୁଲିସ ଘଟଣାସ୍ଥଳରେ ପହଞ୍ଚି କୈଳାସ ଏବଂ ମାନସଙ୍କୁ ଥାନାକୁ ଆଣିଥିବା ବେଳେ ଉଭୟଙ୍କ ଡାକ୍ତର ମାଇନା କରିଥିଲେ। ପରେ ପୁଲିସ କୈଳାସଙ୍କ ନାମରେ ଏକ ହତ୍ୟା ଉଦ୍ୟମ ମାମଲା ରୁଜୁକରି କୈଳାସଙ୍କୁ କୋର୍ଟଚାଲାଣ କରିଛି। କୈଳାସଙ୍କ ଜାମିନ ଆବେଦନ ନାମଞ୍ଜୁର ହେବାରୁ ତାଙ୍କୁ ଦଶପଲ୍ଲା ଜେଲ୍‌କୁ ପଠାଇ ଦିଆଯାଇଛି।

## ସାମ୍ବାଦିକଙ୍କୁ ଆତଙ୍କବାଦୀ କହିବା ଘଟଣାରେ ବିପିଏମ୍‌ଙ୍କ ବିରୁଦ୍ଧରେ ଥାନାରେ ଅଭିଯୋଗ

**କୁଆଁପାଳ,୨।୮/ଏନ୍‌ଏନ୍‌ଏସ୍:** ଖବର ସଂଗ୍ରହ କରିବାକୁ ଯାଇଥିଲା ବେଳେ ଗଣମାଧ୍ୟମ ପ୍ରତିନିଧିଙ୍କୁ ମାହାଙ୍ଗା ବ୍ଲକ ମିଶନଶକ୍ତି ବିଭାଗର ବିପିଏମ୍ ଗଣେଶ୍ୱର ସ୍ୱାଇଁ ଆତଙ୍କବାଦୀ କହିବା ଘଟଣାକୁ ନେଇ ସାମ୍ବାଦିକ ସଂଘ ତରଫରୁ ମାହାଙ୍ଗା ଥାନାରେ ଏତଲା ଦିଆଯିବା ଘଟଣା ମାହାଙ୍ଗା ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି। ସୂଚନା ଯୋଗ୍ୟ ଯେ କିଛି ଗଣମାଧ୍ୟମର ପ୍ରତିନିଧି ଖବର ସଂଗ୍ରହ କରିବା ପାଇଁ ମାହାଙ୍ଗା ବ୍ଲକକୁ ଯାଇଥିଲେ। ବ୍ଲକ ମିଶନଶକ୍ତି ବିଭାଗର ବିପିଏମ୍ ଗଣେଶ୍ୱର ସ୍ୱାଇଁ ସେମାନଙ୍କୁ ଆତଙ୍କବାଦୀ, ଚୋର, ଡକାୟତ, ପଇସାଖିଆ ଭଳି କହିବାସହ କଟୁ ମନ୍ତବ୍ୟଦେବା ଏବଂ ଗାଳିଗୁଲଜ କରିବାର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଥିଲା। ଯାହା ଫଳରେ ସାମ୍ବାଦିକମାନେ ତା୧.୮.୨୦୨୫ରିଖରେ ମାହାଙ୍ଗା ଥାନାରେ ବିପିଏମ୍ ଗଣେଶ୍ୱର ସ୍ୱାଇଁ ବିରୁଦ୍ଧରେ ଲିଖିତ ଅଭିଯୋଗ କରିଛନ୍ତି। ମାହାଙ୍ଗା ବ୍ଲକ ଆଂଚଳିକ ସାମ୍ବାଦିକ ସଂଘ ପ୍ରିଣ୍ଟ ଇଲୋକ୍‌ଟ୍ରୋନିକ ମିଡିଆ ଆସୋସିଏସନ୍‌ର ସଭାପତି ପ୍ରଶାନ୍ତ କୁମାର ମିଶ୍ର, ଉତ୍କଳ ସାମ୍ବାଦିକ ସଂଘର ମାହାଙ୍ଗା ତରଫରୁ କଟକ ଜିଲ୍ଲାର ଉପସଭାପତି ରବିନାରାୟଣ ଦାସ, ଲକ୍ଷ୍ମଣ କୁମାର ଦାସ, ସରୋଜ କୁମାର ବେହେରା, ବିଜୟ କୁମାର ଜେନା, ସତ୍ୟ ବାରିକ, ଧନେଶ୍ୱର ସେଠୀଙ୍କ ସମେତ ବହୁ ସାମ୍ବାଦିକ ଥାନାଅଧିକାରୀଙ୍କୁ ଭେଟି ଅଭିଯୋଗ କରିବା ସହ ତୁରନ୍ତ ପଦକ୍ଷେପ ଗ୍ରହଣ କରିବାକୁ ଜଣାଇଥିଲେ।

## ଉପ-ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ବହୁମୁଖୀ ସମ୍ମିଳନୀ କକ୍ଷର ଶିଳାନ୍ୟାସ



**ଚାରିଛକ,୨।୮/ଏନ୍‌ଏନ୍‌ଏସ୍:** ସ୍ଥାନୀୟ ବିଧାୟିକା ତଥା ରାଜ୍ୟ ଉପ-ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡାଙ୍କ ଦ୍ୱାରା ଚାରିଛକସ୍ଥିତ ନିଗମାନନ୍ଦ ମହିଳା ମହାବିଦ୍ୟାଳୟ ପରିସରରେ୧କୋଟି ଟଙ୍କା ବ୍ୟୟ ବରାଦରେ ଏକ ବହୁମୁଖୀ ସମ୍ମିଳନୀ କକ୍ଷର ଭିତିପ୍ରସ୍ତର ସ୍ଥାପନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଅଧ୍ୟକ୍ଷା ପ୍ରଫେସର ମିତ୍ରା ମହାପାତ୍ର, ବ୍ଲକ ସାଂସଦଙ୍କ ପ୍ରତିନିଧି ପୂର୍ଣ୍ଣଚନ୍ଦ୍ର ଓଝା, ଏନସିସି ମେଜର ପୁଷ୍ପଲତା ଦତଙ୍କ ସମେତ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ, ଅଧ୍ୟାପିକା,ଶିକ୍ଷାବିତ୍, ବୁଦ୍ଧିଜୀବୀ ଓ ଛାତ୍ରୀମାନେ ଉପସ୍ଥିତଥିଲେ। ଏହି ମହାବିଦ୍ୟାଳୟର ଯାହାସବୁ ସମସ୍ୟା ଅଛି ତାହା ସବୁ ପୂରଣ କରାଯିବ ବୋଲି ଉପ-ମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡା ପ୍ରତିଶୃତି ଦେବା ସହିତ ଏହି ବହୁମୁଖୀ ସମ୍ମିଳନୀ କକ୍ଷର କାର୍ଯ୍ୟ ୧ବର୍ଷ ମଧ୍ୟରେ ଶେଷ କରିବାକୁ ବିଭାଗୀୟ ଅଧିକାରୀଙ୍କୁ ଉପ-ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି।

# ବିଦ୍ୟାଳୟ ପକ୍ଷରୁ ଶ୍ମଶାନ ନିକଟରେ 'ମା' ପାଇଁ ଗଛଟିଏ'

**ଓଡ଼ଗାଁ,୨।୮/ଏନ୍‌ଏନ୍‌ଏସ୍:** ଓଡ଼ଗାଁ ବ୍ଲକ ଅନ୍ତର୍ଗତ ସରକାରୀ ଉଚ୍ଚ ବିଦ୍ୟାଳୟ ରୋହିବାଙ୍କର ସ୍କାଉଟ ଗାଇଡ଼ ଓ ଇକୋକ୍ଲବର ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ନିକଟସ୍ଥ ବଡ଼ପୋଖରୀ ସନ୍ନିକଟ ଶ୍ମଶାନ ନିକଟରେ କେନ୍ଦ୍ର ତଥା ରାଜ୍ୟସରକାରଙ୍କ 'ମା ପାଇଁ ଗଛଟିଏ 'କାର୍ଯ୍ୟକ୍ରମ ଦ୍ୱାରା ବୃକ୍ଷରୋପଣ କରାଯାଇଥିଲା। ପ୍ରଧାନ ଶିକ୍ଷୟିତ୍ରୀ ବିଷ୍ଣୁପ୍ରିୟା ବାରିକ, ପ୍ରକୃତିବନ୍ଧୁ ସନ୍ତୋଷ କୁମାର ସାହୁ ଓ ଶିକ୍ଷୟିତ୍ରୀ ଅବନ୍ତୀ ବେହେରାଙ୍କ ସହଯୋଗରେ ୪୮ଜଣ ସ୍କାଉଟ ଗାଇଡ଼ ଓ ଇକୋକ୍ଲବ ଛାତ୍ରଛାତ୍ରୀ ନିମ୍ବ, ଶାଳୁଆ, ବଉଳ, ଚାକୁଣ୍ଡା, ପିସ୍ତାବାଦାମ ଆଦି ବୃକ୍ଷରୋପଣ କରିଥିଲେ। ଶ୍ରୀସାହୁ ସମସ୍ତ ପିଲାମାନଙ୍କୁ ବୃକ୍ଷରୋପଣ ସାଙ୍ଗକୁ ବିଭିନ୍ନ ବୃକ୍ଷର ସୁରକ୍ଷା ପ୍ରତି ଦୃଷ୍ଟି ଦେବାସହିତ ପ୍ରତ୍ୟେକ ବୃକ୍ଷର ଉପକାରିତା ଓ ମନୁଷ୍ୟ ସମାଜ ପାଇଁ ଏହାର ଅବଦାନ ବିଷୟରେ ବିଷଦ ବ୍ୟାଖ୍ୟା କରିଥିଲେ। କେବଳ ସେତିକି ନୁହେଁ ବିଦ୍ୟାଳୟ ହତା ଭିତରେ ଆମ୍ରପଲ୍ଲୀର ଆମ୍ବଗଛ, ବାରମାସୀ ଆମ୍ବ, ଆଖୁରସ ଆମ୍ବ, ପିଜୁଳି, ବାରମାସୀ ଡାଳିମ୍ବ, ଜାମୁ, ଗୁଆ ଆଦି ବୃକ୍ଷରୋପଣ କରାଯାଇଥିବା ବେଳେ ଶ୍ମଶାନ ଭଳି ସ୍ଥାନରେ ବୃକ୍ଷରୋପଣ କରି ସବୁଜ ବଳୟ ସୃଷ୍ଟି କରିବା କାର୍ଯ୍ୟକ୍ରମକୁ ରୋହିବାଙ୍କ ଗ୍ରାମବାସୀ ଭୂୟସୀ ପ୍ରଶଂସା କରିଛନ୍ତି। ବିଗତ ଦିନରେ ପ୍ରକୃତିବନ୍ଧୁ ଶ୍ରୀସାହୁ ରୋହିବାଙ୍କ ବଡ଼ପୋଖରୀ ହିଡ଼ ସଫେଇ ସାଙ୍ଗକୁ ନଡ଼ିଆଗଛ ରୋପଣକରିବାର ଯୋଜନା ରହିଥିବା ଜଣାଯାଇଛି।



## ନିରବି ଗଲା



ସୁବାସ ଚନ୍ଦ୍ର ବେହେରା

ଚାରିଆଡେ ଅଖଣ୍ଡ ନୀରବତା।
ଆହା !
ବିନା କାରଣରେ,
ପୁଣି ନିରବୀ ଗଲା ଜୀବନଟିଏ।
ସ୍ୱପ୍ନ ସବୁ ଶୂନ୍ୟତାରେ ମିଶିଗଲେ।
ପଞ୍ଚଭୂତ ଶରୀର ସହିତ।
ଅନ୍ତର ତଳର ଅନେକ ଅକୁହା କଥା,
ଚିର କାଳ ପାଇଁ ଅନ୍ତ ହୋଇଗଲା।
ଯୁଇର ଲେଲିହାନ ଶିଖାରେ।

କେହି କଣ କେବେ ସମର୍ଥ,
ବୁଝି ବୁଝେଇବାକୁ,
ସେ ମା ହୃଦୟ ତଳର,
ଅସହ୍ୟ ଯନ୍ତ୍ରଣାର ଆବେଗ।
ବୋଧଦେଇ ପାରିବକେ କେବେ
ସେ ବାପାର ବୁକୁଫଟା କୋହକୁ।

କେଡେ ସମ୍ବେଦନ ହୀନ ଏ ସମାଜ,
କୋକେଇ ସଜାଡି ବାକୁ,
ବିନା ଡାକରାରେ ହଜାରେ ହାଜର।
ରାଜନୀତିର ପଶା ପାଲିରେ,
ଏବେ କମ୍ପୁଛି ନିପଟ ଗାଁ ଠୁଁ ସହର।
ପ୍ରତିବାଦ କଲା ବେଳେ,
କେହି ଜଣେ ହେଲେ ଦେଲେନି
ସାହସ।

ସେ ଗଲା ପରେ,
ଯେତେ ସବୁ କ୍ରିୟା ପ୍ରତିକ୍ରିୟା,
ନିଲମ୍ବନ ଠୁଁ ଗିରଫ ପ୍ରଯନ୍ତ।
ସେ ବ୍ୟକ୍ତି କଣ ଗୁରୁ ପଦବାଚ୍ୟ,
ଯିଏ ପୁତ୍ରୀ କି ଭଗ୍ନୀ ସମ,
ବିଦ୍ୟାର୍ଥୀକୁ ମାଗେ ଅନ୍ତରଙ୍ଗ ମୁହୂର୍ତ୍ତ।

ଆତ୍ମୀୟଙ୍କ ହୃଦୟର ବ୍ୟଥାକୁ,
ଲାଘବ କରିବକି କେବେ,
ସହାୟତାର ପୁଳାପୁଳା ଅର୍ଥ।

କେଡେ ବିପର୍ଯ୍ୟସ୍ତ ଏ ବ୍ୟବସ୍ଥା,
କେଡେ ନିର୍ଲଜ ଏ ସମାଜ
ସବୁ ସରିଗଲା ପରେ,
ଏଠି ଆରମ୍ଭ ହୁଏ,
ବାଦବିବାଦ, ପ୍ରତିବାଦ, ପ୍ରତିରୋଧ।

କିଛି ଦିନ ପରେ,
ପୁଣି ଶୋଇ ଯିବେ ସବୁ,
ଗଭୀର ନିଦ୍ରାରେ ଚିରକାଳ।
ପୁଣି କିଛି ପୁନରାବୃତ୍ତି ପର୍ଯ୍ୟନ୍ତ।

ଇଏ କି ବିଚିତ୍ର ବ୍ୟବସ୍ଥା
କେବଳ ରାମରାଜ୍ୟର ସ୍ୱପ୍ନରେ,
ବିତିଚାଲିଛି ଯାହା ସମୟ।

**ଅଥଙ୍ଗା, ନିଆଳୀ, କଟକ**

## ଢୋଲ୍



ସୁଶୀଲ କୁମାର ପାଣିଗ୍ରାହୀ

ଢୋଲ ବାଜେ ନାହିଁ
ତାକୁ ବଜାଇବାକୁ ପଡେ।

ଢୋଲ ବାଜିଲେ
ଭିଡ ହେଇଯାଏ ଜହ୍ନରାତି।

ଏମିତି ଭୋକକୁ ବି
ଢୋଲ ଜାଗାରେ ବଜାଯାଇଛି
ଦୂର ଦୂରାନ୍ତରୁ
ଭୋକର ନାଚ ଦେଖିବାକୁ
ଆସିଯାଇଥିଲେ ଦେଖଣାହାରୀ।

ସମୟ ସହିତ ଏହା
କୋଉ ଲୋକକଥାରେ
ପୁରୁଣା ଶବଦ ହେଇ ରହିଯାଇନାହିଁ।

ଏବେ ବି
ଜହ୍ନରାତି ଓ ଭୋକ
ଏକାଠି ନାଚନ୍ତି।

**କଲ୍ୟାଣୀ ରେସିଡେନ୍ସି**
**ଜଲାନ ଗଳି, ସମ୍ବଲପୁର-୨**
**ମୋ-୮୧୪୪୨୨୮୨୦୨**

# ବନ୍ଧା ପଡ଼ିଥିବା ଦୁଇଟି ଗପ



ସୁବ୍ରତା ସୁଦର୍ଶନୀ ବେହେରା

-ଏକ-

ସୁନୟନା ଅପେକ୍ଷା କରିଛି ପୁପୁନ୍‌ର ଆସିବା ବାଟକୁ। ଆଜି ତା' ମାମୁଁ ପୁଅ ଭାଇ ପୁପୁନ୍ ପନ୍ଦର ବର୍ଷ ପରେ ତା' ଘରକୁ ବୁଲିବାକୁ ଆସୁଛି। ନୂଆ ବାହାହୋଇ ସ୍ତ୍ରୀକୁ ନେଇକି। କୋଉ ପିଲା ଦିନେ ଥରେ ଦି'ଥର ଦେଖା ହୋଇଥିଲା ତା'ର ମନେନାହିଁ।

ଭୋଜନ ପାଇଁ ବିଭିନ୍ନ ବ୍ୟଞ୍ଜନ ପ୍ରସ୍ତୁତ ସରିଛି। ନିଜ ଭାଇ ନଥିବାରୁ ସଂପର୍କୀୟ ଭାଇଙ୍କ ସହିତ ଭାବନାତ୍ମକ ଭାବେ ଗଭୀର ଭାବରେ ଜଡ଼ିତ ସେ। ସୁନୟନା କୁହେ-ନିୟମିତ ଦେଖା ନହୋଇ ପାରିଲେ କଣ ହେଲା, ଭଉଣୀ ହୃଦୟରେ ଭାଇମାନଙ୍କ ସ୍ଥାନ ସ୍ୱତନ୍ତ୍ର।

-ହଁ, ଦିଦି। ମୁଁ ବି ଭଉଣୀମାନଙ୍କ ସହିତ ଦେଖାହେଲେ ବହୁତ ଖୁସି ହୁଏ। ଲାଗେ ସଂପୂର୍ଣ୍ଣ ପରିବାର ଆମର। ମୁଁ ବି ତ ଗୋଟିଏ ବୋଲି ପୁଅ ନା !

କାନ୍ଧରେ ହାତ ଥାପୁଡାଇ ସୁନୟନା କୁହେ- ଯେତେବେଳେ ମନ ହେବ ଚାଲିଆସିବୁ ବୁଲି କି ଯିବୁ।

-ନିହାତି... !

ଏହି ବଚନରେ ଯେମିତି ଥିଲା ଗୋଟିଏ ଦମ୍ଭ ଆଉ ଭଲପାଇବାର ମୋହ।

-ତୋ ଚାକିରି ଜାଗାରେ ଆଉ କେତେ ଦିନ ରହିବୁ ? ଶୁଣିଥିଲି ବଦଳି ହେବାର ଅଛି।

-ଛ ମାସ ଅନ୍ତତଃ ରହିବି ତା'ପରେ ଦେଖିବି...

ଏଥର ପାଞ୍ଚ ଦିନର ରହଣି ଭିତରେ ଆଖପାଖ ଦର୍ଶନୀୟ ସ୍ଥାନଗୁଡିକ ବାଛି ବାଛି ଦେଖାଇଲା ପୁପୁନ ଆଉ ନିହାରିକାକୁ। ବିଦାୟ ନେବା ସମୟରେ ନାନାଦି ମିଷ୍ଟାନ୍ନ, ଉପହାର। ଆଉ ମୁହଁ ଚାହାଁଣି ବାବଦକୁ ଅର୍ଥ ଓ ଅଳଙ୍କାର ସଜେଇ ଧରାଇଲା ନିହାରିକା ହାତରେ..। କୌଣସି କାରଣବଶତଃ ସେ ଯାଇ ପାରି ନଥିଲା ବାହାଘରକୁ। ସେଥିପାଇଁ ଟିକେ ଅବସୋସ ଥିଲା। ମନଖୋଲି ଖର୍ଚ୍ଚ କଲା ଏବେ।

ମାସକ ଭିତରେ ରକ୍ଷାବନ୍ଧନର ପର୍ବ। ସୁନୟନା ଚାହିଁଲା ପୁପୁନକୁ ଏଥର ରାକ୍ଷୀ ପଠାଇବ। ଆଗରୁ ଏ ପରମ୍ପରା ନଥିଲେ ବି ସେ ଏ ବର୍ଷରୁ ଆରମ୍ଭ କରିବ। ଭାଇ ଭଉଣୀର ବନ୍ଧନ ଆହୁରି ଦୃଢ଼ ହେବ।

ଫୋନ୍ କଲା- ପୁପୁନ୍, ତୋ ଠିକଣା ଟା ଦେ।

-କଣ ଦରକାର ଦିଦି ?

-ରାକ୍ଷୀଟେ କିଣିଛି। ପଠେଇବି...।

ମୁରୁକୁନ୍ଦ ହସ ହସି ପୁପୁନ୍ କହୁଥିଲା -

-ଆଉ.. ରାକ୍ଷୀ ପହଞ୍ଚିଲା ବେଳକୁ ମୋ ଠିକଣା ବଦଳି ଯାଇଥିବ।

ସୁନୟନା ମନେମନେ ଭାବୁଥିଲା ରାକ୍ଷୀ ପହଞ୍ଚିବା ପାଇଁ କଣ ଛ ମାସ ଲାଗିଯିବ ?



-ଦୁଇ-

ବିନୋଦ ଓ ବିନି ଭିତରେ ଏଗାର ବର୍ଷର ବ୍ୟବଧାନ। ବାପା ତାଙ୍କର ପିଲାଦିନୁ ନାହାନ୍ତି। ମାଁ ର ଦେହାନ୍ତ ପରେ ବିନୋଦ ବିନିକୁ ଝିଅ ଭଳି ସ୍ନେହ ଆଦରରେ ଗାଁ ରୁ ଚାକିରି ଜାଗାକୁ ନେଇ ଆସିଥିଲା। ପାଠକୁ ଡରି ଚାଟଶାଳୀ ଯିବା ବନ୍ଦ ହୋଇଯାଇଥିଲା ତା'ର ଅନେକ ଦିନରୁ। ମା ଏକୁଟିଆକୁ, ସେ ଘର କାମ ଶିଖିବାକୁ ବେଶୀ ପ୍ରାଧାନ୍ୟ ଦେଇଥିଲା।

ବିନି ପୁଣି ଥରେ ସ୍କୁଲ ଯିବା ଆରମ୍ଭ କଲା। ପିତୃତୁଲ୍ୟ ଭାଇର ସ୍ନେହ ଓ ଉପଦେଶ, ନୂଆ ଭାଉଜର ସହଯୋଗ ଓ ଶ୍ରଦ୍ଧା ପାଇ ବିନି ସରକାରୀ କଲେଜରେ ଅଧ୍ୟାପିକା ଭାବରେ ନିଯୁକ୍ତି ପାଇଲା। ଏଇ ଭିତରେ ଭାଇର ସଂସାର ବି ଭରପୂର ହୋଇଛି ଚାରୋଟି ସନ୍ତାନ ସହିତ। ବିନି ବି ଭାବେ ଏକ ଅଭିନ୍ନ ଅଙ୍ଗ ସେ ଏ ପରିବାରର। 'ସମୁଦାୟ ପାଞ୍ଚଟି ପିଲା ଆମର...!' ଭାଇ, ଭାଉଜ ବାହାର ଲୋକଙ୍କୁ କହିବାର ବିନି ଶୁଣିଛି। ନିଜକୁ ଭାଗ୍ୟବତୀ ଭାବେ। ଆଖି ଭିଜିଯାଏ।

ଆଜି ସେ ଭାଇ, ଭାଉଜକୁ ନପଚାରି ଜୀବନସାଥି ନିଜେ ବାଛି ନେଇଛି କଲେଜର ଲାଇବ୍ରେରୀରେ କାମ କରୁଥିବା ଜଣେ ସାମାନ୍ୟ କର୍ମଚାରୀକୁ। ବିନୋଦକୁ ଏ ସମ୍ପର୍କ କୌଣସି ପରିସ୍ଥିତିରେ ମଧ୍ୟ ସ୍ୱୀକାର କରେନାହିଁ।

ବିନି ତା' ନୂଆ ସଂସାରକୁ ନେଇ ବ୍ୟସ୍ତ। ଭାଇ ପରିବାର ଠାରୁ ସେ ଏବେ ଅନେକ ଦୂରରେ। ଅତୁଟ ବନ୍ଧନ ଭାଙ୍ଗି ଚୁରମାର୍ ହୋଇଯାଇଛି। ମନ ଭିତରର ଅନ୍ତରାତ୍ମା କିନ୍ତୁ ବୁଝିବାକୁ ନାରାଜ। ଭାଇ, ଭାଉଜଙ୍କୁ କଷ୍ଟ ଦେବା କଥା ଆଜି ମଧ୍ୟ ଅନୁଭବ କରୁଛି ମର୍ମେ ମର୍ମେ ବିନି। ଦୀର୍ଘ ନଅ ବର୍ଷ ହେଲା ଭାଇ ମୁହଁ ଦେଖିନି ସେ। ଭୟ, ପଶ୍ଚାତାପ ଓ ଅନ୍ତରରୁ ଏକ ବିଶ୍ୱାସଘାତକତାର ଭାବ ତାକୁ ରୋକିଦିଏ ଭାଇ ସହ କଥା ହେବାକୁ।

ସଂଯୋଗବଶତଃ ଭାଇଙ୍କ ସହ ଦେଖା ହେବାର ସମ୍ଭାବନା ରହିଛି ଆଜି ଏକ ବେସରକାରୀ କାର୍ଯ୍ୟକ୍ରମରେ। ରକ୍ଷାବନ୍ଧନ ବି ଆଜି। ବିନି ତା'ର ସମସ୍ତ ଲୁଚାଇ ରଖିଥିବା କୋହକୁ ନିୟନ୍ତ୍ରଣ କରିବାରେ ଅକ୍ଷମ ଥିଲା। ରାକ୍ଷୀଟିଏ ଆଣି ସନ୍ତର୍ପଣରେ ଛିଡ଼ା ହୋଇଥିଲା ପାଖରେ..। ଭାଇ ତା'ର ଅତି ସହଜତାର ସହିତ ଡାହାଣ ହାତଟା ବଢାଇ କହିଲେ 'ବାନ୍ଧି ଦେ ରାକ୍ଷୀ ! ନଅ ବର୍ଷ ହେଲା ହାତ ଖାଲି ଅଛି !'

**ଗ୍ରୀନ ଗ୍ଲେନ ଲେ ଆଉଟ୍**
**ଟେରୀ ଲେନ୍, ବେଲାନ୍ଦୁର**
**ବାଙ୍ଗାଲୋର-୫୬୦୧୦୩**
**ଫୋନ୍ : ୮୨୧୭୫୬୭୪୦୯**

# ଦୁଇଟି ଅଣୁଗଳ୍ପ



ଡ. ଶୁଭେନ୍ଦୁ ମହାପାତ୍ର

**ଦୀପ**

ଛୁଟିଦିନ ପାଇଁ ମନ୍ଦିରରେ ଦର୍ଶକଙ୍କ ଭିଡ଼। ପ୍ରଦୀପ ତାଙ୍କ ସ୍ତ୍ରୀ ମମତା ଓ ସାତବର୍ଷର ପୁଅ ବୁବୁ ସୂର୍ଯ୍ୟୋଦୟ ପୂର୍ବରୁ ଠାକୁରଙ୍କ ଦର୍ଶନ ପାଇଁ ବସାରୁ ବାହାରି ପୁରୀରେ ପହଞ୍ଚି ଲମ୍ବା ଧାଡ଼ିରେ ଛିଡ଼ା ହେଲେ। ଆଗରେ ମମତା ପଛରେ ପୁଅକୁ କାନ୍ଧରେ ବସାଇ ପ୍ରଦୀପ ଗୋଟେ ପରେ ଗୋଟେ ମନ୍ଦିର ସମ୍ପର୍କରେ ପୌରାଣିକ ଉପାଖ୍ୟାନ ଶୁଣାଉଥିଲେ ଓ ଆଗକୁ ବଢୁଥିଲେ। ପ୍ରଥମେ ଅରୁଣସ୍ତମ୍ଭ, ପତିତପାବନ, ବାଇଶି ପାହାଚ ଡେଇଁ ବହୁ ବିଳମ୍ବରେ ହେଲେ ବି ତିନି ଠାକୁରଙ୍କୁ ରତ୍ନବେଦୀରେ ଦର୍ଶନ କଲେ, ସମର୍ପଣ ମୁଦ୍ରାରେ ମନର କଥା ଜଣାଇଲେ।

ଦର୍ଶନ ସାରି ବେଢ଼ାଭିତରେ ମମତା ଦୀପଟିଏ କିଣି ନୀଳଚକ୍ରକୁ ଅପଲକ ନୟନରେ ଚାହିଁ ମନେ ମନେ କ'ଣ ମାଜଣା କରୁଥିଲେ। ତା'ପରେ ମହାପ୍ରସାଦ ପାଇଁ ଆନନ୍ଦ ବଜାର ଯିବାକୁ ବାହାରନ୍ତେ, ବୁବୁ ପଚାରିଲା ମାମା ଏଠି ଦୀପ ଜାଳି ଠାକୁରଙ୍କୁ କ'ଣ କହିଲ ? ମାମା କହିଲେ ଦୀପ ଜାଳି ତୋ ପାଇଁ ମାନସିକ କଲି ଆଉ ଆମକୁ ସଦବୁଦ୍ଧି ଦେବାକୁ ପ୍ରାର୍ଥନା କଲି।

ବୁବୁ କହିଲା ତା'ହେଲେ ତୁମେ ଜେଜେବାପା, ଜେଜିମାଆଙ୍କୁ ଆଉ ଗାଳିଦେବନାହିଁ, ତାଙ୍କୁ ଭଲ ପାଇବ ବୋଲି କହିଲ ନା ? ମାମାଙ୍କ ଆଖିରେ ଲୁହ ଢଳଢଳ ହେଉଥିଲା, ପ୍ରଦୀପ ପୁଅର ବୁଦ୍ଧିକୁ ମନେ ମନେ ତାରିଫ କରୁଥିଲେ।

**ଭିକାରୀ**

ସେଇଠୁ ଆନନ୍ଦ ବଜାରକୁ ଯାଇ ସମସ୍ତେ ମହାପ୍ରସାଦ ପାଇଲେ, ମମତା ଶାଶୁ ଶ୍ୱଶୁରଙ୍କ ପାଇଁ ଛଡ଼ା ଖଜା, ନିର୍ମାଲ୍ୟ କିଣି ବ୍ୟାଗରେ ରଖିଲେ, ଲକ୍ଷ୍ମୀମନ୍ଦିରରୁ ନିଜପାଇଁ ଶଙ୍ଖା ଓ ବ୍ରତ କିଣିଲେ। ପରିବାରର ସୁଖ ସ୍ୱାଚ୍ଛନ୍ଦ୍ୟ ପାଇଁ ମନ୍ଦିର ବେଢ଼ା ପରିକ୍ରମା କଲେ, କଳ୍ପବଟରେ ଡୋରି ବାନ୍ଧିଲେ। ପ୍ରଦୀପ ପୁଅକୁ ଗୋଟି ଗୋଟି କରି ସବୁ କିମ୍ବଦନ୍ତୀ ଶୁଣାଉଥାଆନ୍ତି। ଶେଷଥର ପାଇଁ ମୁଣ୍ଡିଆ ମାରି ଉତ୍ତର ଦ୍ୱାର ବାଟେ ପଦାକୁ ବାହାରିଲେ। ପଦାରେ ଧାଡ଼ିବାନ୍ଧି ବହୁତ ଜଣ ଭିକାରୀ ବସିଥାଆନ୍ତି। ମମତା ଭ୍ୟାନିଟିରୁ ଖୁଚୁରା ନୋଟ କାଢି ଯେତେଜଣ ବସିଥିଲେ ସମସ୍ତଙ୍କୁ ଦଶ ଟଙ୍କା ଲେଖାଏଁ ବଢାଇଲେ। ଭିକାରିମାନେ ହାତ ଟେକି କଲ୍ୟାଣ କରୁଥାଆନ୍ତି।

ବୁବୁ ପଚାରିଲା ମାମା ଭିକାରିଙ୍କୁ ଟଙ୍କା ଦେଲେ କ'ଣ ହେବ ?

ମାମା କହିଲେ ସେମାନେ ଗରିବ, ନିରାଶ୍ରୟ। ତେଣୁ ତାଙ୍କୁ ଦେଲେ ଧର୍ମ ହେବ। ତେବେ ସେଦିନ ଆମ ଦୁଆରେ ବସିଥିବା ଭୋକିଲା ଭିକାରୀକୁ କିଛି ନଦେଇ, କର୍ମକୋଢି କହି ଘଉଡାଇ ଦେଲ। ଆମର ଧର୍ମ ହେବ ନା ? ଏଥର ମାମା ବୁବୁର ମୁହଁକୁ ନୀରବରେ ଚାହିଁ ରହିଥିଲେ।



**ସତ୍ୟବିହାର, ପାଣ୍ଡରା, ଭୁବନେଶ୍ୱର**
**ମୋ -୯୪୩୮୦୬୪୯୦୮**

## ଅସ୍ତରାଗ



ରବି ଶତପଥୀ

ଅସ୍ତରାଗର ଆଲୁଅରେ
ଧରାପଡିଯାଇଥିବା କିଛି ଦୁଃଖ
ସେମିତି ଠିଆହୋଇଥାନ୍ତୁ
ସଞ୍ଜର ଚଉରାମୂଳେ,
ଆଶା ଭରସାର
ଆକାଶଦୀପଟେ
ସେମିତି ଦିକ୍ ଦିକ୍ ଜଳୁଥାଉ
ମନର ମାଠିଆ ଭିତରେ।

କେତେ କେବଳ ଆଲୁଅର
ବାଟକାଟି ଆସିଥିବା
କ୍ଳାନ୍ତ ଅନ୍ଧାର
ଏବେ ଟିକେ ଶୋଇଥାଉ
ତାରାଙ୍କ କୋଳରେ,
ମରି ସରିପାରୁନଥିବା
କିଛି ଦରମଲା ଭୋକ
ସେମିତି ଶୂନ୍ୟ ଥାଳଧରି
ବସିଥାନ୍ତୁ ଦାଣ୍ଡପିଣ୍ଡାରେ।


ଜହ୍ନକୁ ପାଣିଚିଆ କରିବାକୁ
ଆସୁ ନଥାଉ ସକାଳ
ରାତିକୁ ସାଥିକରି
ସରୁ ନଥାଉ ସ୍ୱପ୍ନ,
ଖାଲି ପଛକଥା ଭୁଲିଯାଇ
ହସହସ ଆଲୁଅର ଅପେକ୍ଷାରେ
କାନ୍ଦକାନ୍ଦ ହୋଇ
କଇଁପୋଖରୀର
ପାହାଚରେ ବସିଥାଉ
ବାକିଦିନର ଜୀବନ ।।

**ଅଧ୍ୟାପକ ଓଡ଼ିଆ ବିଭାଗ**
**ନନ୍ଦପୁର କଲେଜ, କୋରାପୁଟ**
**ମୋ- ୯୪୩୭୭୮୪୮୫୯**



## ରାଜଭୂମି

**ସମ୍ପାଦକ : ପବିତ୍ର ବ୍ରହ୍ମପୁତ୍ର ନାୟକ**
**ମୂଲ୍ୟ : ୭୦ ଟଙ୍କା**



ରାଜଭୂମିର ରଥ ସଂଖ୍ୟା ବଜାରକୁ ଆସିଛି। ସଂପାଦକୀୟରେ କୋଟି ଓଡ଼ିଆଙ୍କ ଦିଅଁ ପ୍ରଭୁ ଜଗନ୍ନାଥଙ୍କ ରଥଯାତ୍ରାର ପଦ୍ଧତିକୁ ନେଇ ଏକ ଉତ୍ତମ ବାର୍ତ୍ତା ରହିଛି। ଶ୍ରୀଜଗନ୍ନାଥ ସମ୍ପର୍କିତ ଆଲେଖ୍ୟ, ଅତୀତର ଆଇନାରେ ପୁରୀ ଉକ୍ତ ସଙ୍ଖ୍ୟାଟିକୁ ବଳିଷ୍ଠ କରିଛି। ଗପ, କବିତା, ଫିଚର, ସ୍ୱାସ୍ଥ୍ୟ, ଜୀବନଶୈଳୀ, ଆଧ୍ୟାତ୍ମିକ, ସାକ୍ଷାତକାର, ରିପୋର୍ଟ, ଟେରେଛା ନଜର ଆଦି ବିଭାଗ ପତ୍ରିକାର ମାନ ବଢ଼ାଉଛି। ସ୍ୱଳ୍ପ ପୃଷ୍ଠାରେ ଅନେକ କିଛି ରଖିବାକୁ ସମ୍ପାଦକଙ୍କ ଉଦ୍ୟମ ବାସ୍ତବିକ୍ ପ୍ରଶଂସନୀୟ। ମହତାବ, ବିଜୁ, ନବକୃଷ୍ଣ ତିନି ସେଦିନର ମୁଖ୍ୟମନ୍ତ୍ରୀଙ୍କୁ ଆଲେଖ୍ୟ ମାଧ୍ୟମରେ ସମ୍ପାଦକ ମନେ ପକାଇଛନ୍ତି। ଟେରେଛା ନଜରରେ ଭରି ରହିଛି ଓଡ଼ିଶା ରାଜନୀତି ସମ୍ପର୍କିତ ହୃଦୟସ୍ପର୍ଶୀ ବ୍ୟଙ୍ଗ।

## ଧୂସର ମଧ୍ୟାହ୍ନ

**ପ୍ରକାଶକ : ଇଭେଣ୍ଟସ ବୁକ୍ସ**
**ଲେଖକ : ଜିତେନ୍ଦ୍ର ପରିଡା**
**ମୂଲ୍ୟ : ୧୫୦ ଟଙ୍କା ମାତ୍ର**



ଇଭେଣ୍ଟସ ବୁକ୍ସ ଦ୍ୱାରା ପ୍ରକାଶିତ ଏବଂ ଜିତେନ୍ଦ୍ର ପରିଡ଼ାଙ୍କ ଦ୍ୱାରା ଲିଖିତ ପ୍ରଥମ ଗଳ୍ପ ସଂକଳନ 'ଧୂସର ମଧ୍ୟାହ୍ନ' ଏକ ସୁନ୍ଦର ସୃଷ୍ଟି କହିଲେ ଅତ୍ୟୁକ୍ତି ହେବ ନାହିଁ। ଶୀର୍ଷକକୁ ନେଇ ପ୍ରକାଶକଙ୍କ ମତରେ, 'ଧୂସର ମଧ୍ୟାହ୍ନ' ଏମିତି ଏକ ମଧ୍ୟାହ୍ନ ଯେଉଁଥିରେ ଆଲୋକ ଅଛି କିନ୍ତୁ ସୂର୍ଯ୍ୟ ନାହିଁ। ଉତ୍ତାପ ଅଛି କିନ୍ତୁ ଖରା ନାହିଁ। ଅବସୋସର ଅଭାବିତ ଇଲାକାରେ ଘୂରି ବୁଲୁଥିବା ଚରିତ୍ରମାନେ ଯେମିତି ଲେଖକର କଲମରୁ ବାହାରି ନାହାଁନ୍ତି ବରଂ ଲେଖକକୁ କଲମଟିଏ ଦେଇଛନ୍ତି। ଏକୋଇଶଟି ଗଳ୍ପରେ ସଂକଳିତ ଗଳ୍ପ ସଂକଳନଟିରେ ପ୍ରାୟ ଗଳ୍ପ ଅନୁଭବରେ ଗଢ଼ା ହେଲାଭଳି ମନେ ହୁଏ। ଆଖିଦେଖା ଘଟଣା ଯାହା ତାଙ୍କୁ ବିଚଳିତ କରିଛି, ଭୋଗିଥିବା ଯନ୍ତ୍ରଣା ଯାହା ତାଙ୍କୁ କଲମ ଧରେଇଛି, ପ୍ରତିବାଦ କରିବାକୁ ଅକ୍ଷର ହୋଇ ସହାୟତା କରିଛି ସେସବୁକୁ ନେଇ ଗପ ଗଢିବାକୁ ଚାହିଁଛନ୍ତି ଜିତେନ୍ଦ୍ର। ସ୍ୱଚ୍ଛ ବର୍ଣ୍ଣନାରେ ଚରିତ୍ରକୁ ଜୀବନ୍ତ କରି ପାଠକ ସାମ୍ନାରେ ଠିଆ କରେଇବାକୁ ଚେଷ୍ଟା କରିଛନ୍ତି ଗାଳ୍ପିକ। ସଂକଳନଟି ପାଠକଙ୍କ ଶ୍ରଦ୍ଧାଭାଜନ ହେବ ବୋଲି ବିଶ୍ୱାସ କରାଯାଏ।

## ସେଲ୍ଫି



ନିରଞ୍ଜନ ବାରିକ୍

କ୍ୟାମେରା ଫ୍ଲାଶରେ ହସେ ମୁହଁ
ଛମ୍‌ଛମ୍ ରିମ୍‌ଝିମ୍ ନାଚରେ
ମୁହୂର୍ତ୍ତକେ କଏଦ ହୁଏ ଅଙ୍ଗଭଙ୍ଗୀ
ବିଭୋରମୁଦ୍ରାରେ କେହି ଅବା
ତଲ୍ଲୀନ ହେଇ ବେକ ସଳଖି
ଢେଉପରି ଉଙ୍କିମାରନ୍ତି ଥରକୁଥର
ଯାତନାର କଥାଯେତେ
ପଡିରହେ ପଛରେ,
ଅନ୍ତରାଳେ ଲୁଚିଯାଏ ଜୀବନ କାହାଣୀ
ଆଉ ଯେତେସବୁ କଥା ଦେହ ଦହନର।

ଫଟୋ ଫ୍ରେମରେ ଅପଲୋଡ୍ ହୁଏ
ନଟର ନାଟ ଆଉ ତା' କଞ୍ଚା ଅଭିନୟ
ସତ୍ୟର ହୁଏ ଅପଳାପ
ସେ ଝରିବାଣ ହେଇ ଫୁଟେ
ଅଥଚ, ତା' ବାରୁଦରେ ନଥାଏ ଗନ୍ଧ
ନଥାଏ ଅନ୍ତରଖୋଲା ଆନନ୍ଦ।

ପଟେ ରୁଟି ପାଇଁ ଭୋକିଲା ଛୁଆ
ମାଟି ଚାଟେ ନିତିଦିନ
ବାସ୍ ଏଇ ମୁହୂର୍ତ୍ତ ହିଁ ଆଣିଦିଏ
ଭାଇରାଲ ହେବାର ମାଧ୍ୟମ।
ଏପଟେ ଅଛନ୍ତି ଅନେକ ଦୟାବନ୍ତ
ଗଳି ମୋଡ଼ରେ ଭିକାରୀ ପିଲାକୁ ଦେଖି
ନିଆଯାଏ ସେଲ୍ଫି
ଦୁଃଖ ସାଜୁଥାଏ ନିଆଁ ରଡ଼
ଆଉ କମେଣ୍ଟ ବକ୍ସରେ ଲେଖାହୁଏ
'ଫିଲିଙ୍ଗ ସ୍ୟାଡ୍' !

ଜୀବନ ଏମିତି ପେଟ-ବିକଳେ କାନ୍ଦେ,
ଆମେ ଲାଇକ୍ ପାଇ ହସୁ,
ଫ୍ଲାଶ୍ ଲାଇଟର ଚମକରେ
ନିଷ୍ପ୍ରଭ ହୁଏ ଅସହାୟତାର ଆର୍ତ୍ତନାଦ
ଆମେ ଯେଉଁଠି ଥାଆନ୍ତି
ସେଇଟି ପୁଣି ଅଜବ ଆକାର ନିଏ
ଆମ କରାମତି
ହେଲେ ନଥାଏ ଆମ ଅନୁଭବ
ଚାଲୁଥାଏ ସଦାକାଳେ
ନୂଆ ଏକ ଅଭିନୟ ପ୍ରସ୍ତୁତି।

ଆଧୁନିକ ମନ ଆଜି ହୋଇଯାଇଛି
ଏକ ପରିଷ୍କାର ଡିଜିଟାଲ ଆଇନା,
ସେ ଆଇନାରେ ମୁହଁ ଦେଖିବାକୁ
ସଭିଏଁ ଉଦଗ୍ରୀବ
କେଉଁ କାଳରୁ ଆମ ବୁଦ୍ଧି ଓ ବିବେକ
ହେଇସାରିଲାଣି ପଣବନ୍ଦୀ
ଖାଲି ଯାହା ଆମେ ଅଛୁ,
ଆମ ଅସଲ ମୁହଁ ଗୋଟାପଣେ
ହେଉଅଛି ଅଦୃଶ୍ୟ।

**ତିହିଡ଼ି, ଭଦ୍ରକ**
**ମୋ: ୭୦୦୮୪୮୯୫୧୩**

## ଯେମିତି କବିତା, କବିତା



ମୂଳ ହିନ୍ଦି : ଦିବିକ ରମେଶ
ଅନୁବାଦ :
ଶୈଳବାଳା ମହାପାତ୍ର

କବିତାର ଶବ୍ଦ ଭଳି ତୁମେ
ଯିଏ ଅପେକ୍ଷା ରଖେନା
ଅର୍ଥ ପାଇଁ
କେଉଁ ଶବ୍ଦକୋଷର !

ତୁମେ ତ ସଂଗୀତ
କବିତା -ଅର୍ଥର
ଯା'କୁ କେହି ପାରନ୍ତିନି ବାନ୍ଧି
ସ୍ୱରର ସୀମା ବନ୍ଧନୀରେ !

ତୁମେ ନିଜେ ଗୋଟେ
ସମ୍ପୂର୍ଣ୍ଣ କବିତା
ଭିନ୍ନ କେଉଁ ରଚନାକାର ରଚିଥିଲେ ବି
ତୁମେ ନିଜ ଭିତରେ ନିଜେ ପୂର୍ଣ୍ଣ
ଗୋଟେ ନିରୁତା କବିତା !

ତୁମେ, ତୁମେ ଇ
ଯେମିତି କବିତା ,କବିତା !!

**ଶୀଳାଚିନ୍ମୟ**
**ମଧୁବନ ଷଷ୍ଠ ଗଳି**
**ଟିକରପଡ଼ା ରୋଡ, ପୁରୀ -୨**
**ମୋ-୭୦୦୮୫୮୬୫୦୧**

# ୧୫ ଯାଏ ଇଗ୍ନୋରେ ନାମଲେଖା ଓ ପୁନଃ ପଞ୍ଜୀକରଣ

**ଭୁବନେଶ୍ୱର,୨।୮/ଏନ୍‌ଏନ୍‌ଏସ୍:** ଇନ୍ଦିରା ଗାନ୍ଧୀ ରାଷ୍ଟ୍ରୀୟ ମୁକ୍ତ ବିଶ୍ୱବିଦ୍ୟାଳୟ (ଇଗ୍ନୋ) ଜୁଲାଇ ସତ୍ର ପାଇଁ ନାମଲେଖା ଏବଂ ପୁନଃ ପଞ୍ଜୀକରଣ ପ୍ରକ୍ରିୟା ଆରମ୍ଭ ହୋଇଛି । ଅଗଷ୍ଟ ୧୫ ତାରିଖ ପର୍ଯ୍ୟନ୍ତ ନାମଲେଖା ସହ ପୁନଃ ପଞ୍ଜୀକରଣ କରିପାରିବେ ଆଶାୟୀ । ଅଧାରୁ ପାଠ ଛାଡ଼ିଥିବା ବା ଉଚ୍ଚଶିକ୍ଷାରୁ ବଞ୍ଚିତ ପ୍ରାର୍ଥୀମାନେ ସ୍ନାତକ, ସ୍ନାତକୋତ୍ତର, ସ୍ନାତକୋତ୍ତର ଡିପ୍ଲୋମା ଏବଂ ସାର୍ଟିଫିକେଟ୍ ପାଠ୍ୟକ୍ରମ ପଢ଼ିପାରିବେ । ସ୍ନାତକରେ କଳା, ବିଜ୍ଞାନ ଓ ବାଣିଜ୍ୟ ପଢ଼ିବାକୁ ଆଗ୍ରହୀ ଅନୁସୂଚିତ ଜାତି ଓ ଜନଜାତି ପ୍ରାର୍ଥୀଙ୍କ ପାଇଁ ୫୦ ପ୍ରତିଶତ ଫି’ ଛାଡ଼ କରାଯାଇଛି । ଇଚ୍ଛୁକ ପ୍ରାର୍ଥୀମାନେ ଇଗ୍ନୋ ୱେବସାଇଟ୍‌କୁ ଯାଇ ଅନ୍‌ଲାଇନ୍‌ରେ ଆବେଦନ କରିପାରିବେ ବୋଲି ଆଞ୍ଚଳିକ କେନ୍ଦ୍ର ଭୁବନେଶ୍ୱରର ବରିଷ୍ଠ ଆଞ୍ଚଳିକ ନିର୍ଦ୍ଦେଶକ ଡ. ମନୋଜ କୁମାର ଦାଶ ସୂଚନା ଦେଇଛନ୍ତି ।

# ନିଃଶୁଳ୍କ ମେଗା ସ୍ୱାସ୍ଥ୍ୟ ଶିବିର



**କଟକ,୨।୮/ଏନ୍‌ଏନ୍‌ଏସ୍:** ମୋକିମ ଫାଉଣ୍ଡେସନ କଟକ ପକ୍ଷରୁ ନିଃଶୁଳ୍କ ମେଗା ସ୍ୱାସ୍ଥ୍ୟ ଶିବିର ଓଡ଼ିଆ ବଜାର ସ୍ଥିତ ଉର୍ଦ୍ଦୁ ମହିଳା ଉଚ୍ଚ ବିଦ୍ୟାଳୟଠାରେ ଡାକ୍ତର ନୟୀମା ତାଜୀମଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଫାଉଣ୍ଡେସନ୍‌ର ପ୍ରତିଷ୍ଠାତା ତଥା ବାରବାଟୀ କଟକର ପୂର୍ବତନ ବିଧାୟକ ଇଂ ମହମଦ ମୋକିମଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଯାଇଛ । ବାରବାଟୀ କଟକର ବିଧାୟିକା ଇଂ ସୋଫିଆ ଫିର୍ଦୋଷ ମୁଖ୍ୟଅତିଥି ଭାବରେ ଯୋଗ ଦେଇଥିଲା ବେଳେ ଆଫରୋଜ ବେଗମ, ସରୱାର ହସିବ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ । ଶିବିରରେ କେୟାର ହସ୍ପିଟାଲର ହୃଦୟରୋଗ ବିଶେଷଜ୍ଞ ଡାକ୍ତର ଦେବାଶିଷ ମହାପାତ୍ର, ଡାକ୍ତର ସ୍ୱାତିମୟୀ ମହାନ୍ତି, ଶିଶୁରୋଗ ବିଶେଷଜ୍ଞ ଡାକ୍ତର ଶୁଭ ମହାନ୍ତି ଓ ସ୍ତ୍ରୀ ରୋଗ ବିଶେଷଜ୍ଞ ଡାକ୍ତର ନୟୀମା ତାଜେନ ଶତାଧିକ ରୋଗୀଙ୍କୁ ଚିକିତ୍ସା କରିବା ସହ ଅନୁଷ୍ଠାନ ପକ୍ଷରୁ ମାଗଣାରେ ଇସିଜି, ରକ୍ତ ପରୀକ୍ଷା ସହ ଔଷଧ ବଣ୍ଟନ କରାଯାଇଥିଲା । ସତ୍ୟରଞ୍ଜନ କର ଶିବିର ପରିଚାଳନା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ସୟଦ ଯବିଉଲା, ମହମ୍ମଦ ହସିବଉଲ୍ଲା, ପ୍ରିୟଙ୍କା ପାଢ଼ୀ, ଶକିଲ ଖାନ ଓ ରୌପ୍ୟ ରଞ୍ଜନ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ ।

# ଏକତ୍ରିଂଶ ବାର୍ଷିକ ଜ୍ଞାନ ବିଜ୍ଞାନମେଳା ଉଦ୍‌ଘାଟିତ

**ଭୁବନେଶ୍ୱର,୨।୮/ଏନ୍‌ଏନ୍‌ଏସ୍:** ନୀଳାଦ୍ରି ବିହାର ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପ୍ରାଙ୍ଗଣରେ ଏକତ୍ରିଂଶ ବାର୍ଷିକ ଜ୍ଞାନ ବିଜ୍ଞାନ ମେଳା ମୁଖ୍ୟଅତିଥି ଡ. ରୁଦ୍ର ପ୍ରସନ୍ନ ପାତ୍ର, ଅବସରପ୍ରାପ୍ତ ଉପ ନିର୍ଦ୍ଦେଶକ, ରାଜଧାନୀ ମୁଖ୍ୟ ଚିକିତ୍ସାଳୟଙ୍କ କରକମଳରେ ଅନୁଷ୍ଠିତ ହୋଇଯାଇଛି । ସେ ତାଙ୍କର ବକ୍ତବ୍ୟରେ ବିଜ୍ଞାନ ଅନନ୍ତ ଓ ଅସୀମ ବୋଲି ଆଲୋକପାତ କରିଥିଲେ ।  ଏହି ଅବସରରେ ମୁଖ୍ୟବକ୍ତା ଡ. ନିର୍ମଳ ଚନ୍ଦ୍ର ବିଶ୍ୱାଳ, ପ୍ରଫେସର ଜୀବ ବିଜ୍ଞାନ, ଗୁଣୁପୁର କହିଥିଲେ ଯେ ବିଜ୍ଞାନ ଓ ଦର୍ଶନ ଅଙ୍ଗାଙ୍ଗୀ ଭାବେ ଜଡ଼ିତ । ପାରମାଣବିକ ଶକ୍ତି ବିଜ୍ଞାନର ସବୁଠାରୁ ସ୍ୱଚ୍ଛଶକ୍ତି ଭାବରେ ପରିଗଣିତ । ସମ୍ମାନିତ ଅତିଥି ଡ. ସମ୍ବିତ୍ ଜେନା, ସ୍ୱୟଂ ସେବକ ତଥା ୟୁନିସେଫ୍‌ର ରାଜ୍ୟ ବରିଷ୍ଠ ବିଶେଷଜ୍ଞ କହିଥିଲେ ଯେ ଅଜ୍ଞାନର ରହସ୍ୟ ଉନ୍ମୋଚନ କରିବା ହିଁ ବିଜ୍ଞାନ । ବିଦ୍ୟାଳୟର ସମ୍ପାଦକ ସତ୍ୟବ୍ରତ ପୃଷ୍ଟି, ଆଇଆଇଟିଆନ୍ ତାଙ୍କ ବକ୍ତବ୍ୟରେ କହିଥିଲେ ଯେ ପ୍ରଶ୍ନ କରିବା ହିଁ ବିଜ୍ଞାନ । ମାତ୍ର ଗୁରୁଜନଙ୍କ କଥା ମାନିବା ହେଉଛି ଜୀବନ । ଜ୍ଞାନ ମନ୍ଦିର ଅଧ୍ୟକ୍ଷ ପ୍ରଦୀପ କୁମାର ସାହୁ, ବିଦ୍ୟାଳୟର କୋଷାଧ୍ୟକ୍ଷ ଅଞ୍ଜନ କୁମାର ତାହା ଓ ପୁରୀ ବିଭାଗ ନିରୀକ୍ଷକ ନୃସିଂହ ଚରଣ ମିଶ୍ର ସଭାରେ ଉପସ୍ଥିତ ଥିଲେ । ବିଦ୍ୟାଳୟର ବରିଷ୍ଠ ବିଜ୍ଞାନ ଆଚାର୍ଯ୍ୟ ଆଲୋକ ସାମଲ ମଞ୍ଚାସୀନ ଅତିଥିମାନଙ୍କର ପରିଚୟ କରିଥିଲେ । ପ୍ରଧାନ ଆଚାର୍ଯ୍ୟ ନେତ୍ରାନନ୍ଦ ଜେନା ସଭାର ଆବାହକ ଥିଲାବେଳେ ବରିଷ୍ଠ ଆଚାର୍ଯ୍ୟ ଅଭୟ କୁମାର ଚୌଧୁରୀ ସଭା ପରିଚାଳନା କରିଥିଲେ । ବରିଷ୍ଠା ଆଚାର୍ଯ୍ୟା ସତ୍ୟଭାମା ପଣ୍ଡା ପରିଚୟ ପ୍ରଦାନ ପରେ ଶିଶୁମାନଙ୍କ ଦ୍ୱାରା ପାଇକ ନୃତ୍ୟ ଓ ଘୋଡ଼ାନାଚ ଆଦି ଲୋକନୃତ୍ୟ ପରିବେଷଣ ହୋଇଥିଲା । ପରିଶେଷରେ ବିଦ୍ୟାଳୟର ଯୁଗ୍ମ ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ପଣ୍ଡା ଧନ୍ୟବାଦ୍ ଦେଇଥିଲେ ।

# ରାଜ୍ୟ ଆଇନଜୀବୀ ପରିଷଦ ପକ୍ଷରୁ ଲାଇସେନ୍ସ ପାଇଁ ଅନ୍‌ଲାଇନ୍ ପଞ୍ଜୀକରଣ

**କଟକ,୨।୮/ଏନ୍‌ଏନ୍‌ଏସ୍:** ରାଜ୍ୟ ଆଇନଜୀବୀମାନଙ୍କର ସର୍ବୋଚ୍ଚ ନିୟାମକ ସଂସ୍ଥା ରାଜ୍ୟ ଆଇନଜୀବୀ ପରିଷଦରେ ଆଡ୍‌ଭୋକେଟ୍ ଲାଇସେନ୍ସ ପାଇଁ ଆବେଦନ ପ୍ରକ୍ରିୟାର ସରଳୀକରଣ ପାଇଁ ଅନ୍‌ଲାଇନ୍ ପଞ୍ଜୀକରଣ ପ୍ରକ୍ରିୟା ଚଳିତ ମାସ ୧ ତାରିଖରୁ ଆରମ୍ଭ ହୋଇଯାଇଛି । ବିଭିନ୍ନ ଆଇନ କଲେଜରୁ ଆଇନରେ ସ୍ନାତକ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରଛାତ୍ରୀମାନେ ଏବେ ରାଜ୍ୟ ବାର କାଉନ୍‌ସିଲ୍‌କୁ ଆସି ଆଇନଜୀବୀ ପଞ୍ଜୀକରଣ ଫର୍ମ ଦାଖଲ କରିବା ପରିବର୍ତ୍ତେ ରାଜ୍ୟ ବାର କାଉନସିଲ ୱେବସାଇଟ ଏଚଟିଟିପିଏସ:/ବାରକାଉନସିଲଅଫଓଡ଼ିଶା.ଓଆରଜି ଜରିଆରେ ଫର୍ମ ଦାଖଲ କରିପାରିବେ । ଏହି ଅନଲାଇନ ପଞ୍ଜୀକରଣ ବ୍ୟବସ୍ଥାକୁ ସକ୍ରିୟ ଭାବେ ଚାଲୁ ରଖିବା ପାଇଁ ଡିଜିଟାଇଜେସନ୍ ମାଧ୍ୟମରେ ରାଜ୍ୟ ବାର୍ କାଉନ୍‌ସିଲ୍ ଭବିଷ୍ୟତରେ ଅନେକ ପ୍ରଗତିଶୀଳ ଓ ଅଭିନବ କାର୍ଯ୍ୟକ୍ରମ ଜାରି ରଖିବ ବୋଲି ରାଜ୍ୟ ଆଇନଜୀବୀ ପରିଷଦ ପକ୍ଷରୁ ପ୍ରେସ୍ ବିଜ୍ଞପ୍ତିରେ ରାଜ୍ୟ ଆଇନଜୀବୀ ପରିଷଦର ସଚିବ ଯଯାତି କେଶରୀ ସାମନ୍ତସିଂହାର ଜଣାଇଛନ୍ତି ।

## ସୁଭଦ୍ରାର ୩ୟ କିସ୍ତି

# ରାଜ୍ୟର କୋଟିଏରୁ ଅଧିକ ମହିଳାଙ୍କ ଖାତାକୁ ଆସିବ ଟଙ୍କା

**ଭୁବନେଶ୍ୱର,୨।୮/ଏନ୍‌ଏନ୍‌ଏସ୍:** ଖାତାକୁ ଆସିବ ସୁଭଦ୍ରା ଯୋଜନାର ୩ୟ କିସ୍ତି ଟଙ୍କା । ରାଜ୍ୟର କୋଟିଏରୁ ଅଧିକ ମହିଳାଙ୍କ ଖାତାକୁ ଆସିବ ଟଙ୍କା । ଏ ନେଇ ବଡ଼ ଘୋଷଣା କରିଛନ୍ତି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା । ପୂର୍ବରୁ ୨ଟି ପୂର୍ଯ୍ୟାୟରେ ୧୦ ହଜାର ଟଙ୍କା ମିଳିସାରିଛି । ଆଉ କିଛି ଦିନ ପରେ ସୁଭଦ୍ରାର ୩ୟ କିସ୍ତି ଟଙ୍କା ହିତାଧିକାରୀଙ୍କ ଖାତାକୁ ଆସିବ । ଦୁଇଟି କିସ୍ତିରେ ମୋଟ ୧୦ ହଜାର ଟଙ୍କା ପାଇସାରିଛନ୍ତି ୧ କୋଟିରୁ ଅଧିକ ହିତାଧିକାରୀ ।

ଅଯୋଗ୍ୟ ହିତାଧିକାରୀଙ୍କ ସର୍ଭେ ପରେ ତୃତୀୟ କିସ୍ତି ଟଙ୍କା ଦିଆଯିବ । ସମସ୍ତ ଯୋଗ୍ୟ ହିତାଧିକାରୀଙ୍କ ନିକଟରେ ସୁଭଦ୍ରା ଯୋଜନା ଟଙ୍କା ପହଞ୍ଚାଇବା ନେଇ ପୂର୍ବରୁ ବି ଘୋଷଣା କରିସାରିଛନ୍ତି ରାଜ୍ୟ ସରକାର । ଆସନ୍ତା ରାଖୀ ପୂର୍ଣ୍ଣିମା ଅର୍ଥାତ ଅଗଷ୍ଟ ୯ ତାରିଖରେ ସୁଭଦ୍ରା ତୃତୀୟ କିସ୍ତି ପ୍ରଦାନ ପ୍ରସ୍ତାବକୁ ଏହି ବୈଠକରେ ଅନୁମୋଦନ କରାଯାଇଛି । ଯେଉଁମାନେ ସୁଭଦ୍ରା ଟଙ୍କା ପାଇନାହାନ୍ତି ତାଙ୍କ ପାଇଁ ବଡ଼ ସୂଚନା । ସୁଭଦ୍ରା ପୋର୍ଟାଲ ପୁଣି ଖୋଲିବା ନେଇ ଘୋଷଣା କରିଛନ୍ତି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା । ଯେଉଁମାନେ ପାଇନାହାନ୍ତି ଓ କାହିଁକି କଟିଛି ଜାଣିବାକୁ ଚାହୁଁଛନ୍ତି ସେମାନେ ୱେବ୍‌ସାଇଟ୍‌କୁ ଯାଇ ଏହାର କାରଣ ଜାଣିପାରିବେ । ସୁଭଦ୍ରା ପୋର୍ଟାଲରେ ଏ ନେଇ ନୂଆ ଫିଚର୍ ଆସିଛି । ପୋର୍ଟାଲ ଖୋଲିବା ପରେ ଜାଣିପାରିବେ । ଜନସେବା କେନ୍ଦ୍ରରେ ମଧ୍ୟ ଏ ନେଇ ପାଇପାରିବେ ତଥ୍ୟ । ବ୍ୟାଙ୍କ ଆକାଉଣ୍ଟ ଓ ଆଧାର ତଥ୍ୟ ମେଳ ଖାଉନଥିଲେ ସୁଭଦ୍ରା ଆବେଦନ ଖାରଜ ହୋଇଯିବ । ଯଦି ଆପଣଙ୍କ ବ୍ୟାଙ୍କ ଆକାଉଣ୍ଟରେ ଭୁଲ ଆଧାର ତଥ୍ୟ ଦିଆଯାଇଥିବ ତେବେ ଆବେଦନ ରିଜେକ୍ଟ ହୋଇଯିବ । ସେହିଭଳି ଅନେକ ହିତାଧିକାରୀଙ୍କ ଇ-କେୱାଇସି ହୋଇନଥିବାରୁ ସେମାନେ ସୁଭଦ୍ରା ତାଲିକାରୁ ବାଦ୍ ପଡ଼ିଛନ୍ତି । ଅଯୋଗ୍ୟ ତାଲିକାରେ ସେମାନଙ୍କ ନାଁ ରହିଛି । ବିସ୍ତୃତ ତଥ୍ୟ ସୁଭଦ୍ରା ପୋର୍ଟାଲ ମାଧ୍ୟମରେ ପାଇପାରିବେ ହିତାଧିକାରୀ । କେବଳ ସେତିକି ନୁହେଁ ନାଁ କିମ୍ବା ଅନ୍ୟ ତଥ୍ୟ ମେଳ ଖାଉନଥିଲେ ବି ସୁଭଦ୍ରା ତାଲିକାରୁ ଅଯୋଗ୍ୟ ଘୋଷିତ ହେବେ । ଆଉ ବଡ଼ କଥା ହେଉଛି ତଥ୍ୟ ସଂଶୋଧନ କଲା ପରେ ପୁନଶ୍ଚ ଆବେଦନ କରି ସୁଭଦ୍ରା ଟଙ୍କା ପାଇପାରିବେ । ସୁଭଦ୍ରା ଯୋଜନାରେ ସାମିଲ ହେବାକୁ ଥିବା ମହିଳାଙ୍କ ବୟସ ୧ ଜୁଲାଇ, ୨୦୨୪ ସୁଦ୍ଧା ୨୧ ବର୍ଷରୁ କମ୍ ହୋଇନଥିବା ଆବଶ୍ୟକ । ସେହିଭଳି ୬୦ ବର୍ଷରୁ ଅଧିକ କୌଣସି ମହିଳା ସୁଭଦ୍ରା ଯୋଜନାରେ ସାମିଲ ହୋଇପାରିବେ ନାହିଁ । ଏମାନେ ଯଦି ଆବେଦନ କରିଥିବେ ତେବେ ନାଁ କଟିଯିବ । ସେହିଭଳି ଯଦି କୌଣସି ମହିଳା ମାସକୁ ମୋଟ ୧୫୦୦୦ଟଙ୍କା କିମ୍ବା ତା’ଠାରୁ ଅଧିକ କିମ୍ବା ବାର୍ଷିକ ମୋଟ ୧୮,୦୦୦ ଟଙ୍କା ବା ତା’ଠାରୁ ଅଧିକ କୌଣସି ରାଜ୍ୟ କିମ୍ବା କେନ୍ଦ୍ର ସରକାରୀ ଯୋଜନା ଯଥା- ପେନ୍‌ସନ୍, ଛାତ୍ରବୃତ୍ତି ଇତ୍ୟାଦି ସହାୟତା ଗ୍ରହଣ କରୁଛନ୍ତି ସେମାନେ ସୁଭଦ୍ରା ଟଙ୍କା ପାଇବା ପାଇଁ ଯୋଗ୍ୟ ବିବେଚିତ ହେବେ ନାହିଁ ।

# ଓଡିଏମ୍ ମୁନ୍‌ର ଉଦ୍‌ଯାପନୀ ସମାରୋହ

**ଭୁବନେଶ୍ୱର,୨।୮/ଏନ୍‌ଏନ୍‌ଏସ୍:** ଓଡିଏମ୍ ଗ୍ଲୋବାଲ୍ ସ୍କୁଲ୍‌ରେ ଆୟୋଜିତ ଓଡିଏମ୍ ମଡେଲ୍ ୟୁନାଇଟେଡ୍ ନେସନ୍ (ଓଡିଏମ୍ ମୁନ୍)ର ଉଦ୍‌ଯାପିତ ସମାରୋହ ଅନୁଷ୍ଠିତ ହୋଇଯାଇଛି । ଏହା ଆନ୍ତର୍ଜାତିକ ସଂସ୍କୃତି, କୂଟନୀତି ଏବଂ ଯୁବ ନେତୃତ୍ୱର ଏକ ଭବ୍ୟ ସମ୍ମିଳନୀ ଥିଲା । ପ୍ରାତଃ ସମୟରେ ଗ୍ଲୋବାଲ୍ ଭିଲେଜ୍ କାର୍ଯ୍ୟକ୍ରମରୁ ଏହା ଆରମ୍ଭ ହୋଇଥିଲା । ଏଥିରେ ପ୍ରତିନିଧିମାନେ ସେମାନଙ୍କୁ ନ୍ୟସ୍ତ କରାଯାଇଥିବା ଦେଶଗୁଡ଼ିକର ପାରମ୍ପରିକ ପୋଷାକ, ସାଂସ୍କୃତିକ ପ୍ରଦର୍ଶନକୁ ଅତି ଜୀବନ୍ତ ଭାବରେ ଗର୍ବର ସହ ଉପସ୍ଥାପନ କରିଥିଲେ । ଏହା ଥିଲା ଆନ୍ତର୍ଜାତୀୟତା ଏବଂ ବିବିଧତାର ଏକ ଉତ୍ସବ । ଛାତ୍ର ପ୍ରତିନିଧିମାନେ ବିଶ୍ୱବ୍ୟାପୀ ସମସ୍ୟାଗୁଡ଼ିକ ଉପରେ ଗଭୀର ଆଲୋଚନା ସହିତ ତୀବ୍ର ବିତର୍କରେ ଅଂଶଗ୍ରହଣ କରି ଚିଠା ପ୍ରସ୍ତୁତ କରିବା ସହିତ ଏହାର ସ୍ଥାୟୀ ସମାଧାନ ଖୋଜିବା ପାଇଁ ଯେଉଁ ମିଳିତ ଉଦ୍ୟମ କରିଥିଲେ, ତାହା ଅତି ପ୍ରଶଂସାଯୋଗ୍ୟ ।



କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ମୁଲିନ୍ଦ୍ରା ସାମି ମୁକାସା (ଶିକ୍ଷାବିତ୍ ଏବଂ ଉଗାଣ୍ଡାର ସେକେଣ୍ଡାରୀ ସ୍କୁଲ୍‌ସ୍ ବୋର୍ଡ ଅଫ୍ ଗଭର୍ଣ୍ଣର୍ସର ଅଧ୍ୟକ୍ଷ), ରବେର୍ଟ ସାଦା ଗାର୍ଜା (ମେକ୍ସିକୋର ପ୍ରତିନିଧ ବିଓଣ୍ଡ ବର୍ଡର୍ସ ଫାଉଣ୍ଡେସନର ମୁଖ୍ୟ ଆର୍ଥକ ଅଧିକାରୀ) ଏବଂ ଚିହୋ ନାକାଗାୱା (ଜାପାନର ଲାଉରୁସ ଇଣ୍ଟରନ୍ୟାସନାଲ ସ୍କୁଲ ଅଫ୍ ସାଇନ୍ସର ଉପାଧ୍ୟକ୍ଷ) ଯୋଗ ଦେଇଥିଲେ । ଅତିଥିମାନେ ନିଜର ପ୍ରେରଣାଦାୟୀ ଭାଷଣ ମାଧ୍ୟମରେ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ପରିବର୍ତ୍ତନର ଶକ୍ତି ଏବଂ ବିଶ୍ୱବ୍ୟାପୀ ବନ୍ଧୁତ୍ୱର ମହତ୍ତ୍ୱକୁ ଉଜାଗର କରିଥିଲେ । ଓଡିଏମ୍ ଏଜୁକେଶନାଲ ଗ୍ରୁପ୍‌ର ଅଧ୍ୟକ୍ଷ ଡ. ସତ୍ୟବ୍ରତ ମୀନକେତନ ଛାତ୍ରଛାତ୍ରୀମାନଙ୍କୁ ସମ୍ବୋଧିତ କରି ଆୟୋଜନ କମିଟିର କଠିନ ପରିଶ୍ରମକୁ ପ୍ରଶଂସା କରିବା ସହିତ ପ୍ରତିନିଧିମାନଙ୍କୁ ସେମାନଙ୍କର ଉତ୍ସାହପୂର୍ଣ୍ଣ ଅଂଶଗ୍ରହଣ ପାଇଁ ପ୍ରଶଂସା କରିଥିଲେ । ଲୁବିରୀ ସେକେଣ୍ଡାରୀ ସ୍କୁଲ, ମେଙ୍ଗୋ ସିନିୟର୍ ସ୍କୁଲ ଏବଂ ଓଡିଏମ୍ ଗ୍ଲୋବାଲ୍ ସ୍କୁଲର ଛାତ୍ରଛାତ୍ରୀମାନଙ୍କ ମିଳିତ ସାଂସ୍କୃତିକ କାର୍ଯ୍ୟକ୍ରମ ଉଦ୍‌ଯାପନୀ ସଭାକୁ ଅଧିକ ଜୀବନ୍ତ କରିଥିଲା । ଏହାପରେ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଥିଲା । ଏଥିରେ ଛାତ୍ର ପ୍ରତିନିଧିମାନଙ୍କୁ ସେମାନଙ୍କର ଉଲ୍ଲେଖନୀୟ ଉତ୍କୃଷ୍ଟ ପ୍ରଦର୍ଶନ ପାଇଁ ପ୍ରମାଣପତ୍ର ଏବଂ ସ୍ମାରକୀ ସହିତ ସମ୍ମାନିତ କରାଯାଇଥିଲା । ଶେଷରେ ସମ୍ମିଳନୀର ଉପ-ସମ୍ପାଦିକା ଅମିଶା କୌର ସମାପନ ଭାଷଣ ଉପସ୍ଥାପନ କରିଥିଲେ ।

# ଡିଏସ୍‌ବିଏମ୍‌ରେ ‘ଭବିଷ୍ୟତ ଦକ୍ଷତା ବିକାଶ କାର୍ଯ୍ୟକ୍ରମ’ ଉପରେ ଆଲୋଚନା

**ଭୁବନେଶ୍ୱର,୨।୮/ଏନ୍‌ଏନ୍‌ଏସ୍:** ଭୁବନେଶ୍ୱରର ଡିଏଭି ସ୍କୁଲ୍ ଅଫ୍ ବିଜନେସ୍ ମ୍ୟାନେଜମେଣ୍ଟ (ଡିଏସ୍‌ବିଏମ୍) ଦ୍ୱାରା ‘ଭବିଷ୍ୟତ ଦକ୍ଷତା ବିକାଶ କାର୍ଯ୍ୟକ୍ରମ’ ବିଷୟବସ୍ତୁ ଉପରେ ଏକ ପ୍ରେରଣାଦାୟକ କର୍ପୋରେଟ୍ ଆଲୋଚନା ସଫଳତାର ସହିତ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ବୀରେନ୍ଦ୍ର ପ୍ରତାପ ସିଂହ, ଡେପୁଟି ଜେନେରାଲ ମ୍ୟାନେଜର (ଏଚ୍‌ଆର୍), ଏନ୍‌ଟିପିସି ଲିମିଟେଡ୍, ଭୁବନେଶ୍ୱର ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ । ସେ ପାଠ୍ୟକ୍ରମ ଶିକ୍ଷା ଏବଂ ଶିଳ୍ପ ଆଶା ମଧ୍ୟରେ ଥିବା ପ୍ରାର୍ଥକ୍ୟ ଉପରେ ଛାତ୍ରଛାତ୍ରୀମାନଙ୍କୁ ସମ୍ବୋଧିତ କରିଥିଲେ । ସେ ଛାତ୍ରଛାତ୍ରୀମାନଙ୍କୁ ପାଠ୍ୟପୁସ୍ତକ ଜ୍ଞାନ ବାହାରକୁ ଯାଇ ନୂତନ ଚାକିରୀ କ୍ଷେତ୍ରର ଧାରା ସହିତ ଅନୁକୂଳନ ଏବଂ ଅଭିବୃଦ୍ଧି ମାନସିକତା ଭଳି ବ୍ୟବହାରିକ ଦକ୍ଷତା ବିକଶିତ କରିବାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ । ସେ ଭବିଷ୍ୟତର ଉଦ୍ଭାବନ ବିଷୟରେ ଏକ ସଂକ୍ଷିପ୍ତ ସୂଚନା ଦେଇଥିଲେ, ଯାହା ଆମ କାମ କରିବାର ପଦ୍ଧତିକୁ ପରିବର୍ତ୍ତନ କରିବ । ସେ ଛାତ୍ରଛାତ୍ରୀମାନଙ୍କୁ ବ୍ୟକ୍ତିଗତ ଏବଂ ବୃତ୍ତିଗତ ଭାବରେ ଉତ୍ତମ ବ୍ୟକ୍ତି ହେବା ପାଇଁ ପ୍ରତିଦିନ ଅତି କମରେ ୧% ପ୍ରୟାସ କରିବାକୁ ଉତ୍ସାହିତ କରିଥିଲେ । ସେ ପ୍ରଯୁକ୍ତିବିଦ୍ୟାକୁ ଗ୍ରହଣ କରିବାର ଗୁରୁତ୍ୱ ଉପରେ ମଧ୍ୟ ଆଲୋକପାତ କରିଥିଲେ ଏବଂ ପରାମର୍ଶ ଦେଇଥିଲେ ଯେ ଯେତେବେଳେ ସ୍ମାର୍ଟ ଭାବରେ ଆଇ ଉପକରଣଗୁଡ଼ିକ ବ୍ୟବହାର କରାଯାଏ, ତେବେ ଶିକ୍ଷା, ଆତ୍ମ-ଅନୁଶାସନ ଏବଂ ସଚେତନତା ଦ୍ରୁତ ଗତିରେ ପରିବର୍ତ୍ତନ ହୁଏ । ଡିଏସ୍‌ବିଏମ୍‌ର ଅଧ୍ୟକ୍ଷ ଡକ୍ଟର ଡି. ଏନ୍. ମିଶ୍ର ସ୍ୱାଗତ ଭାଷଣ ଦେଇ କହିଥିଲେ ଯେ ଯିଏ ଶିକ୍ଷାଗତ-ଶିଳ୍ପ ବ୍ୟବଧାନକୁ ଦୂର କରିବାର ଗୁରୁତ୍ୱ ଏବଂ କର୍ପୋରେଟ୍ ବ୍ୟକ୍ତିବିଶେଷମାନଙ୍କ ସହିତ ଏପରି ଅର୍ଥପୂର୍ଣ୍ଣ ଆଲୋଚନାର ଆବଶ୍ୟକତା ବିଷୟରେ ଉଲ୍ଲେଖ କରିଥିଲେ । ଅଧ୍ୟାପକ ଦେବବ୍ରତ ସାହୁ ସଂଯୋଜନା କରିଥିଲେ ।

# ଜିଲ୍ଲାସ୍ତରୀୟ ପିଏମ୍ କିଷାନ ସମ୍ମାନ ନିଧି ଯୋଜନା

**କଟକ,୨।୮/ଏନ୍‌ଏନ୍‌ଏସ୍:** ପିଏମ୍ କିଷାନ ସମ୍ମାନ ନିଧି ଯୋଜନାର ୨୦ତମ କିସ୍ତି ଆଜି ପ୍ରଦାନ କରାଯାଇଛି । ଏଥିରେ ଆଜି କଟକ ଜିଲ୍ଲାର ସମୁଦାୟ ୧ ଲକ୍ଷ ୫୭ ହଜାର ୯୪୭ ଜଣ ହିତାଧିକାରୀ ଚାଷୀଙ୍କୁ ୩୧ କୋଟି ୫୮ ଲକ୍ଷ ୯୪ ହଜାର ଟଙ୍କା ପ୍ରଦାନ କରାଯାଇଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ବାରଣାସୀ ଠାରେ ଉପସ୍ଥିତ ରହି ପିଏମ କିଷାନର କିସ୍ତି ବାବଦରେ ସାରା ଦେଶର ୯.୭କୋଟି ଚାଷୀଙ୍କୁ ୨ହଜାର ଟଙ୍କା ଲେଖାଏଁ ହିସାବରେ ସମୁଦାୟ ୨୦ହଜାର ୫୦୦କୋଟି ଟଙ୍କା ପ୍ରଦାନ କରିଛନ୍ତି । ଏହି ଅବସରରେ ସ୍ଥାନୀୟ ସାରଳା ଭବନଠାରେ ଆଭାସୀ ମାଧ୍ୟମରେ ପିଏମ କିଷାନ ନିଧି ସମ୍ମାନ ରାଶି ବଣ୍ଟନ କାର୍ଯ୍ୟକ୍ରମର ପ୍ରଦର୍ଶନ କରାଯାଇଥିଲା । କାର୍ଯ୍ୟକ୍ରମରେ ଶିକ୍ଷା, ଦକ୍ଷତା, ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ମୁଖ୍ୟଅତିଥି ଭାବେ ଯୋଗଦେଇ ରାଜ୍ୟ ସରକାର କୃଷି ଓ କୃଷକଙ୍କ ଉନ୍ନତି ପାଇଁ ବିଭିନ୍ନ ପଦକ୍ଷେପ ଗ୍ରହଣ କରୁଥିବା ବିଷୟ କହିଥିଲେ । ପିଏମ୍ କିଷାନ୍ ସମ୍ମାନ ନିଧି ଅର୍ଥରାଶି ଚାଷୀ ପରିବାର ନିମନ୍ତେ ବେଶ ସହାୟକ ହୋଇପାରୁଛି ବୋଲି ସେ ମତବ୍ୟକ୍ତ କରିଥିଲେ । କାର୍ଯ୍ୟକ୍ରମରେ କଟକ ସଦର ବିଧାୟକ ପ୍ରକାଶ ଚନ୍ଦ୍ର ସେଠୀ ଯୋଗଦେଇ ଜିଲ୍ଲାର ସମସ୍ତ ଯୋଗ୍ୟ ଚାଷୀ ଏହି ଯୋଜନାର ଲାଭ ଉଠାଇବାକୁ ଆହ୍ୱାନ ଦେଇଥିଲେ । ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବ ସିନ୍ଦେ, ଅତିରିକ୍ତ ଜିଲ୍ଲାପାଳ ଡ ଇପ୍ସିତା ପ୍ରିୟଦର୍ଶିନୀ ମିଶ୍ର ଏବଂ ଜିଲ୍ଲା କୃଷି ଅଧିକାରୀ ରାଜଶ୍ରୀ ବେହେରା ପ୍ରମୁଖ ଯୋଗ ଦେଇଥିଲେ । ଜିଲ୍ଲାର ବିଭିନ୍ନ ବ୍ଲକର ୩୦୦ରୁ ଊର୍ଦ୍ଧ୍ୱ ଚାଷୀ ଯୋଗଦେଇ ଆଭାସୀ ମାଧ୍ୟମରେ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟକ୍ରମର ସିଧା ପ୍ରସାରଣ ଦେଖିଥିଲେ ।

# ଆଡ୍‌ଭୋକେଟ୍ କମିଟିର କଟକ ବଡ଼ ମେଡ଼ିକାଲ୍ ପରିଦର୍ଶନ

**କଟକ,୨।୮/ଏନ୍‌ଏନ୍‌ଏସ୍:** ଆଡ୍‌ଭୋକେଟ୍ କମିଟି ଆଜି କଟକ ବଡ଼ ମେଡ଼ିକାଲ ପରିଦର୍ଶନ କରିଛି । ଆଡ୍‌ଭୋକେଟ୍ କମିଟିର ସଦସ୍ୟମାନେ ଏସ୍‌ସିବିର ସେଣ୍ଟ୍ରାଲ ରୋଷ ଗୃହରେ ରୋଗୀଙ୍କ ପାଇଁ ପ୍ରସ୍ତୁତ ହେଉଥିବା ଖାଦ୍ୟ ଯାଞ୍ଚ କରିଥିଲେ । ପ୍ରତିଦିନ ଖାଦ୍ୟର ମାନ ଯାଞ୍ଚ ହେବା ଆବଶ୍ୟକ ବୋଲି ଆଡ୍‌ଭୋକେଟ୍ କମିଟି ସଦସ୍ୟ କହିଛନ୍ତି । ତେବେ ମେଡ଼ିକାଲରେ ରୋଗୀମାନଙ୍କ ପାଇଁ ୨ ପ୍ରକାର ଖାଦ୍ୟ ପ୍ରସ୍ତୁତ ହେଉଛି ବୋଲି ଏସ୍‌ସିବି ଖାଦ୍ୟ ପ୍ରସ୍ତୁତ ମୁଖ୍ୟ ଦେବେନ୍ଦ୍ର ସାହୁ ସୂଚନା ଦେଇଛନ୍ତି । ରନ୍ଧାଖାଦ୍ୟରେ କ୍ଷୀର, ବ୍ରେଡ୍, ଅଣ୍ଡା, କଦଳୀ, ବିସ୍କୁଟ ପ୍ରତ୍ୟେକ ଦିନ ୧୫୦୦ରୋଗୀଙ୍କୁ ଦିଆଯାଇଥାଏ । ସେହିପରି ୩ ଥର ୧୨୦୦ ରୋଗୀଙ୍କୁ ରନ୍ଧା ଖାଦ୍ୟ ଦିଆଯାଉଥିବା ଶ୍ରୀ ସାହୁ କହିଛନ୍ତି । ହାଇକୋର୍ଟରେ ଆସନ୍ତା ଶୁଣାଣି ସମୟରେ ସେଣ୍ଟ୍ରାଲ କ୍ୟାଣ୍ଟିନ୍‌ର ଅବସ୍ଥା, ବ୍ୟବସ୍ଥା ଏବଂ ଖାଦ୍ୟ ପ୍ରସ୍ତୁତି ପ୍ରଣାଳୀର ଯାଞ୍ଚ ରିର୍ପୋଟ ସତ୍ୟପାଠ ଜରିଆରେ କୋର୍ଟରେ ଦାଖଲ କରାଯିବ ।

# ସୋଫିଆଙ୍କ ସହ ଇପିଏଫ୍ ପେନ୍‌ସନର୍ସ ସଂଘର ଆଲୋଚନା



**କଟକ,୨।୮/ଏନ୍‌ଏନ୍‌ଏସ୍:** ଅଲ୍ ଓଡ଼ିଶା ଇପିଏଫ୍ ପେନସନର୍ସ ଆସୋସିଏସନ୍‌ର ଏକ ପ୍ରତିନିଧି ମଣ୍ଡଳୀ କଟକ ବାରବାଟୀ ବିଧାୟିକା ସୋଫିଆ ଫିର୍ଦୋଷଙ୍କୁ ତାଙ୍କ ଅଫିସରେ ସାକ୍ଷାତ କରି ଇପିଏଫ୍ ପେନସନ୍ ଭୋଗୀଙ୍କ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ । ଓଡ଼ିଶା ସମେତ ସାରା ଦେଶରେ ଥିବା ୮୦ ଲକ୍ଷ ଇପିଏଫ୍ ପେନ୍‌ସନ୍ ଭୋଗୀଙ୍କ ପ୍ରତି କେନ୍ଦ୍ର ସରକାର ବିନା ମହଙ୍ଗାଭତ୍ତାରେ ସେପ୍ଟେମ୍ବର ୨୦୧୪ରୁ ସର୍ବନିମ୍ନ ଏକ ହଜାର ଟଙ୍କା ମାସିକ ପେନସନ ଦେଇ ଆସୁଛନ୍ତି । ଏପରିକି ୪୦ ଲକ୍ଷ ପେନସନ ଭୋଗୀ ଏକ ହଜାର ଟଙ୍କାରୁ ମଧ୍ୟ କମ ପେନ୍‌ସନ୍ ପାଉଛନ୍ତି । କେନ୍ଦ୍ର ସରକାରଙ୍କ ଦ୍ୱାରା ଗଠିତ ଭଗତ ସିଂ ଖୋସିୟାରୀ କମିଟି ଏବଂ କେନ୍ଦ୍ର ଶ୍ରମ ଷ୍ଟାଣ୍ଡିଙ୍ଗ କମିଟି ଦୀର୍ଘଦିନରୁ ପେନ୍‌ସନ୍ ବୃଦ୍ଧି ଲାଗି ସବୁଜ ସଂକେତ ଦେଇ ସୁପାରିସ କରିଥିଲେ ମଧ୍ୟ ଅର୍ଥ ଅଭାବର ଆଳ ଦେଖାଇ ଆଜକୁ ୧୧ ବର୍ଷ ହେବ କେନ୍ଦ୍ର ସରକାର ପେନସନ ବୃଦ୍ଧି କରୁ ନାହାନ୍ତି । ପରିଣାମ ସ୍ୱରୂପ ଇପିଏଫ୍ ପେନ୍‌ସନ୍ ଭୋଗୀ ବରିଷ୍ଠ ନାଗରିକମାନେ ନାହିଁ ନଥିବା ଅକଥନୀୟ ନିର୍ଯାତନାର ଶିକାର ହେଉଛନ୍ତି । ବିଧାୟିକା ସବିଶେଷ ବିବରଣୀ ବୁଝି ଏ ବାବଦରେ ଏଆଇସିସି ସଭାପତି ତଥା ରାଜ୍ୟ ସଭାର ବିରୋଧୀ ଦଳର ନେତା ମଲ୍ଲିକାର୍ଜୁନ ଖଡ଼ଗେ ଏବଂ ଲୋକସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଙ୍କୁ ଚିଠି ଲେଖି ଅବଗତ କରାଇବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି । ଏହି ଆଲୋଚନାରେ ରାଜ୍ୟ ସାଧାରଣ ସମ୍ପାଦକ ତଥା ଜାତୀୟ ଉପସଭାପତି ଭାଗ୍ୟଧର ବ୍ରହ୍ମାଙ୍କ ସମେତ ଧୀରେନ୍ଦ୍ର ପ୍ରତାପ, ଅଗାଧୁ ଚରଣ ପ୍ରଧାନ, ବୁଲେଇ ବେହେରା, ସୁକାନ୍ତ କୁମାର ସ୍ୱାଇଁ, ଦେବେନ୍ଦ୍ର କୁମାର ସାହୁ, ଅଲେଖ ଚନ୍ଦ୍ର ରାଉତ, ସୁରେନ୍ଦ୍ର ନାଥ ସାହୁ ଓ ବନମାଳୀ ବେହେରା ପ୍ରମୁଖ ଅଂଶ ଗ୍ରହଣ କରିଥିଲେ । ସେହିପରି ଆସୋସିଏସନ୍‌ର ବରିଷ୍ଠ କର୍ମକର୍ତ୍ତାମାନେ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟିର ସଭାପତି ଭକ୍ତ ଚରଣ ଦାସଙ୍କୁ ରାଜ୍ୟ ଅତିଥି ଭବନଠାରେ ସାକ୍ଷାତ କରି ଇପିଏଫ୍ ପେନ୍‌ସନ୍‌ଭୋଗୀଙ୍କ ଉକ୍ତ ସମସ୍ୟା ବାବଦରେ ଆଲୋଚନା କରିଥିଲେ । ସମସ୍ତ ବିଷୟ ଅବଗତ ହେବା ପରେ ପେନ୍‌ସନ୍ ବୃଦ୍ଧି ବାବଦରେ ବିହିତ କାର୍ଯ୍ୟାନୁଷ୍ଠାନ ନେବା ସହ ରାଜ୍ୟସଭାର ବିରୋଧୀ ଦଳ ନେତା ଶ୍ରୀ ଖଡ଼ଗେ ଏବଂ ଲୋକସଭା ବିରୋଧୀ ଦଳ ନେତା ଶ୍ରୀ ଗାନ୍ଧୀଙ୍କୁ ମଧ୍ୟ ଏବାବଦରେ ଅବଗତ କରିବା ଲାଗି ପିସିସି ସଭାପତି ପ୍ରତିଶ୍ରୁତି ଦେଇଥିଲେ । ଏହି ଆଲୋଚନାରେ ଆସୋସିଏସନ୍‌ର ସଭାପତି ବିଜୟ କୁମାର ଜେନା, ସର୍ବଭାରତୀୟ ଉପସଭାପତି ତଥା ରାଜ୍ୟ ସାଧାରଣ ସମ୍ପାଦକ ଭାଗ୍ୟଧର ବ୍ରହ୍ମାଙ୍କ ସମେତ ପ୍ରଫୁଲ୍ଲ କୁମାର ଦାସ, ବିକ୍ରମ ଛୋଟରାୟ, ସରୋଜକାନ୍ତ ମଲ୍ଲିକ, ସଚ୍ଚିଦାନନ୍ଦ ସାମନ୍ତରାୟ, ପ୍ରକାଶ କୁମାର ପଟ୍ଟନାୟକ, ଗୀତାଞ୍ଜଳି ପାତ୍ର, ଉର୍ବଶୀ ମିଶ୍ର, ବସନ୍ତ କୁମାର ପରିଡ଼ା, ମନମୋହନ ରାୟ, ପ୍ରଭାକର ପରିଡ଼ା, ଅଲେଖ ଚରଣ ରାଉତ, ପ୍ରଶାନ୍ତ କୁମାର ରାଉତ, ଗଗନ ପାଇକରାୟ ଓ ଗିରିଜା ଶଙ୍କର ମହାପାତ୍ର ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଭାଗ ନେଇଥିଲେ ।

# ମାମଲାର ସମାଧାନ ପାଇଁ ଗୃହ ଓ ନଗର ଉନ୍ନୟନ ବିଭାଗର କ୍ୟାମ୍ପ୍ କୋର୍ଟ

**ଭୁବନେଶ୍ୱର,୨।୮/ଏନ୍‌ଏନ୍‌ଏସ୍:** ନାଗରିକ-କୈନ୍ଦ୍ରିକ ଶାସନ ଏବଂ ସମୟାନୁବର୍ତ୍ତୀ ନ୍ୟାୟ ପ୍ରଦାନ ସୁନିଶ୍ଚିତ କରିବା ଦିଗରେ ଏକ ପ୍ରମୁଖ ପଦକ୍ଷେପ ସ୍ୱରୂପ ଆଜି ଭୁବନେଶ୍ୱରର ଉନ୍ନତି ଭବନରେ ରାଜ୍ୟ ସରକାରଙ୍କ ଗୃହ ଏବଂ ନଗର ଉନ୍ନୟନ ବିଭାଗର ପ୍ରମୁଖ ସଚିବ ଉଷା ପାଢ଼ୀଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର କ୍ୟାମ୍ପ କୋର୍ଟ ଆୟୋଜିତ ହୋଇଯାଇଛି । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନିର୍ଦ୍ଦେଶ ଅନୁଯାୟୀ, ନାଗରିକ କେନ୍ଦ୍ରିକ ଆଭିମୁଖ୍ୟ ସୁନିଶ୍ଚିତ କରିବା ଏବଂ ଓଡ଼ିଶା ଉନ୍ନୟନ କର୍ତ୍ତୃପକ୍ଷ ଆଇନ, ୧୯୮୨ ଅନୁଯାୟୀ ଦାୟର ଆପିଲ୍ ମାମଲାଗୁଡ଼ିକର ଦ୍ରୁତ ସମାଧାନ ଲକ୍ଷ୍ୟରେ ଏହି ପଦକ୍ଷେପ ଗ୍ରହଣ କରାଯାଉଛି ।



ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ ଏବଂ ଭୁବନେଶ୍ୱର ମ୍ୟୁନିସିପାଲ୍ କର୍ପୋରେସନ୍ ସହ ଜଡ଼ିତ ଅପିଲ୍ ମାମଲାଗୁଡ଼ିକର ନିର୍ଦ୍ଦିଷ୍ଟ ଆପିଲ୍ କର୍ତ୍ତୃପକ୍ଷ ପ୍ରମୁଖ ସଚିବ ଆଜିର ଶୁଣାଣିରେ ଅଧ୍ୟକ୍ଷତା କରିଥିଲେ । ୭୦୦ରୁ ଅଧିକ ବିଚାରାଧୀନ ଅପିଲ୍ ମାମଲା ମଧ୍ୟରୁ ଆଜି ମୋଟ ୧୩୯ଟି ମାମଲା ଗ୍ରହଣ ଏବଂ ନିଷ୍କାସନ କରାଯାଇଥିଲା । ଏହି ଆବେଦନଗୁଡ଼ିକ ଓଡିଶା ବିକାଶ ପ୍ରାଧିକରଣ ଆଇନର ବ୍ୟବସ୍ଥା ଅନୁଯାୟୀ ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କ ଦ୍ୱାରା ଜାରି କରାଯାଇଥିବା ନିର୍ଦ୍ଦେଶ ବିରୁଦ୍ଧରେ ନାଗରିକମାନଙ୍କ ଦ୍ୱାରା ଦାଖଲ କରାଯାଇଥିବା ବିଭିନ୍ନ ଆବେଦନ ସହିତ ଜଡ଼ିତ । ସମ୍ପ୍ରତି ଆପିଲେଟ୍ ବ୍ୟବସ୍ଥାକୁ ସୁଦୃଢ଼ କରିବା ଏବଂ ମାମଲାଗୁଡ଼ିକର ଶୀଘ୍ର ସମାଧାନ ସୁନିଶ୍ଚିତ କରିବା ପାଇଁ ଆଇନ ଅନୁଯାୟୀ ଅପିଲ୍ ମାମଲା ପରିଚାଳନା ପାଇଁ ନିଯୁକ୍ତ ଅନ୍ୟ ବରିଷ୍ଠ ଅଧିକାରୀମାନଙ୍କୁ - ପୌର ପ୍ରଶାସନ ନିର୍ଦ୍ଦେଶକ ଅରିନ୍ଦମ ଡାକୁଆଙ୍କ ସମେତ ସ୍ୱତନ୍ତ୍ର ସଚିବ ଓ ଅତିରିକ୍ତ ସଚିବ - ସରକାରୀ ନିର୍ଦ୍ଦେଶ ପ୍ରାପ୍ତ ହୋଇଛି । ଏହି ବିକେନ୍ଦ୍ରୀକରଣ ପଦ୍ଧତି ଦକ୍ଷତା ବୃଦ୍ଧି ଏବଂ ବିଚାରାଧୀନତା ହ୍ରାସ କରିବା ପାଇଁ ଲକ୍ଷ୍ୟ ରଖାଯାଇଛି । ଏହି ଅନନ୍ୟ ପଦକ୍ଷେପ ଗୃହ ଏବଂ ନଗର ଉନ୍ନୟନ ବିଭାଗର ସ୍ୱଚ୍ଛତା, ନିରପେକ୍ଷତା ଏବଂ ଦାୟିତ୍ୱର ନୀତିକୁ ବଜାୟ ରଖିବା ପାଇଁ ପ୍ରତିବଦ୍ଧତାକୁ ପ୍ରତିଫଳିତ କରେ । ଏହା ନାଗରିକମାନଙ୍କୁ ଏକ ନିରପେକ୍ଷ ଶୁଣାଣି ପ୍ଲାଟଫର୍ମ ପ୍ରଦାନ କରିବାକୁ ଚେଷ୍ଟା କରେ ଯେଉଁମାନେ ବିଶ୍ୱାସ କରନ୍ତି ଯେ ସେମାନେ ପ୍ରଶାସନିକ ନିଷ୍ପତ୍ତି ଦ୍ୱାରା ପ୍ରଭାବିତ ହୋଇଛନ୍ତି ଯାହା ଉପଯୁକ୍ତ ପ୍ରକ୍ରିୟା କିମ୍ବା ଜନସ୍ୱାର୍ଥ ସହିତ ସଙ୍ଗତ ନୁହେଁ । କ୍ୟାମ୍ପ କୋର୍ଟ ବ୍ୟବସ୍ଥା ଜନସାଧାରଣଙ୍କ ଦ୍ୱାରା ଭଲ ଭାବରେ ଗ୍ରହଣ କରାଯାଇଛି ଏବଂ ଅବଶିଷ୍ଟ ମାମଲାଗୁଡ଼ିକୁ ସମୟସୀମା ମଧ୍ୟରେ ସମାଧାନ କରିବା ପାଇଁ ଭବିଷ୍ୟତ ପର୍ଯ୍ୟାୟରେ ଜାରି ରହିବ ବୋଲି ଆଶା କରାଯାଉଛି ।

# କଳ୍‌କୀ ଦରବାର ମଞ୍ଚରେ ଦଶବତାର କଥାମୃତ ଉଦ୍‌ଯାପିତ

**କଟକ,୨।୮/ଏନ୍‌ଏନ୍‌ଏସ୍:** କଳକୀ ସେନା ପକ୍ଷରୁ ଆୟୋଜିତ ଦଶାବତାର କଥାମୃତ ସ୍ଥାନୀୟ ଟାଉନ୍‌ହଲ୍ ସଭାଗୃହରେ ଉଦ୍‌ଯାପିତ ହୋଇଯାଇଛି । ଅଭ୍ୟର୍ଥନା କମିଟିର ଅଧ୍ୟକ୍ଷ ତଥା ବରିଷ୍ଠ ବିଜେପି ନେତା ନୟନ କିଶୋର ମହାନ୍ତି କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିଲେ । ଏହି ଆଧ୍ୟାତ୍ମିକ ସଭାରେ ବିଜେପି ରାଜ୍ୟ ଉପସଭାପତି ତଥା ପ୍ରଫେସର ଡାକ୍ତର ପୂର୍ଣ୍ଣଚନ୍ଦ୍ର ମହାପାତ୍ର ମୁଖ୍ୟଅତିଥି ଭାବେ ଯୋଗ ଦେଇ ସତ୍‌ସଙ୍ଗକୁ ଉଦ୍‌ଘାଟନ କରିଥିଲେ । ଏହି ଅବସରରେ ସଦ୍‌ଗୁରୁଙ୍କ ସମ୍ପାଦିକ କଳକୀ ମେଳା ଓ ଅଭିନନ୍ଦନିକା ଏବଂ ମୋ ଦୃଷ୍ଟିରେ ଡ. ଦାସ ପୁସ୍ତକ ଲୋକାର୍ପିତ ହୋଇଥିଲା । ପ୍ରାରମ୍ଭରେ ଦଶାବତାର ସ୍ତୋତ୍ର, ଶ୍ରୀ ଜଗନ୍ନାଥ ଅଷ୍ଟକ ଓ କଳକୀ ଭଜନ ପରିବେଷିତ ହୋଇଥିଲା । କୁଳ ପୁରୋହିତ ପଣ୍ଡିତ ହୃଷିକେଶ ପଣ୍ଡା ମଙ୍ଗଳାଷ୍ଟକ ଆବୃତ୍ତି



କରିଥିଲେ । କାର୍ଯ୍ୟକ୍ରମରେ ଯୋଗେନ୍ଦ୍ର ନାଥ ମାର୍ଥା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ସାଧାରଣ ସମ୍ପାଦକ ସାରଦା ପ୍ରସାଦ ଦାସ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ । ସତ୍‌ସଙ୍ଗରେ ମାଳିକା ଗବେଷକ ଡ. ଅନନ୍ତ ଜ୍ଞାନଗୁରୁ ମହାରାଜ କଳକୀ ଅବତାର ଉପରେ ଶାସ୍ତ୍ରୀୟ ପ୍ରମାଣ ଦେଇ ସରକାରୀ ସ୍ତରରେ ସାଧୁସନ୍ଥମାନଙ୍କ ତାଲିକା ପ୍ରସ୍ତୁତ କରିବାକୁ ପ୍ରସ୍ତାବ ଦେଇଥିଲେ । କାର୍ଯ୍ୟକ୍ରମରେ ଆଡ୍‌ଭୋକେଟ୍ ବିଶ୍ୱଜିତ ଜେନା ମାନପତ୍ର ପାଠ କରିଥିଲେ । ଶିଳ୍ପୀ ମହେନ୍ଦ୍ର ପ୍ରସାଦ ମହାପାତ୍ର ଧନ୍ୟବାଦ୍ ଦେଇଥିଲେ ।

## ଓଭାଲ୍ ଟେଷ୍ଟ : ୩୭୪ ରନ୍‌ର ବିଜୟ ଲକ୍ଷ୍ୟ ରଖିଲା ଭାରତ

# ଜବାବରେ ଇଂଲଣ୍ଡ ୫୦/୧



**ଲଣ୍ଡନ, ୨।୮/ଏଜେନ୍ସି:** କେନିଙ୍ଗଟନ୍ ଓଭାଲ ଟେଷ୍ଟରେ ଭାରତ ନିଜର ୨ୟ ଇନିଂସ୍‌ରେ ୩୯୬ ରନ୍‌ରେ ଅଲ୍‌ଆଉଟ୍ ହୋଇଯାଇଛି। ଫଳରେ ଭାରତ, ଇଂଲଣ୍ଡ ଆଗରେ ୩୭୪ ରନ୍‌ର ବିଜୟ ଲକ୍ଷ୍ୟ ରଖିବାରେ ସଫଳ ହୋଇଛି। ଅନ୍ୟପକ୍ଷେ ଷ୍ଟମ୍ପସ ବେଳକୁ ଇଂଲଣ୍ଡ କୌଣସି ୧ ୱିକେଟ୍ ହରାଇ ୫୦ ରନ୍ କରିନେଇଛି। ଦଳର ଦୁଇ ଓପନ୍‌ର ଜ୍ୟାକ୍ କ୍ରଲେ (୧୪ ରନ୍) ଏବଂ ବେନ୍ ଡକେଟ୍ (୩୪ ରନ୍) ଦଳ ପାଇଁ ୫୦ ରନ୍‌ର ପାର୍ଟନରସିପ୍ କରିଥିଲେ। ଏହି ସମୟରେ କ୍ରଲେ ମହମ୍ମଦ ସିରାଜଙ୍କ ବଲ୍‌ରେ କ୍ଲିନ୍‌ବୋଲ୍ଡ ହୋଇଛନ୍ତି।

ଶନିବାର ମ୍ୟାଚ୍‌ର ୩ୟ ଦିବସ ଥିବା ବେଳେ ଭାରତ ନିଜର ଗତକାଲିର ସ୍କୋର ୭୫/୨ ରନ୍‌ରୁ ଖେଳିବା ଆରମ୍ଭ କରିଥିଲା। ଦୁଇ ବ୍ୟାଟ୍ସମ୍ୟାନ ଯଶସ୍ୱୀ ଜୟସ୍ୱାଲ ଓ ଆକାଶଦୀପ ଲଢୁଆ ବ୍ୟାଟିଂ କରି ଏକ ଭଲ ପାର୍ଟନରସିପ୍ କରିବାରେ ସଫଳ ହୋଇଥିଲେ। ବାମହାତୀ ବିସ୍ଫୋରକ ଓପନ୍‌ର ଜୟସ୍ୱାଲ ୧୬୪ ବଲ୍ ଖେଳି ୧୧୮ ରନ୍ (୨ ଛକା, ୧୪ ଚୌକା)ର ଏକ ଶତକୀୟ ଇନିଂସ ଖେଳିଥିଲେ। ସେହିପରି ଆକାଶଦୀପ ଗତକାଲି ନାଇଟ୍ ୱାଚ୍‌ମ୍ୟାନ୍ ଭାବେ ଆସି ୬୬ ରନ୍‌ର ଗୁରୁତ୍ୱପୂର୍ଣ୍ଣ ଇନିଂସ ଖେଳିଥିଲେ। ତେବେ ଆକାଶଦୀପ ଆଉଟ୍ ହେବା ପରେ ଅଧିନାୟକ ଶୁଭମନ୍ ଗିଲ୍ ପଡ଼ିଆକୁ ଆସିଥିଲେ। କିନ୍ତୁ ଗିଲ୍ (୧୧ ରନ୍) ଆଶାନୁରୂପକ ଖେଳିପାରିନଥିଲେ। ସେହିପରି କରୁଣ ନାୟାର (୧୭ରନ୍) ମଧ୍ୟ ବିଫଳ ହୋଇଥିଲେ। ଅନ୍ୟତମ ଓପନ୍‌ର କେଏଲ୍ ରାହୁଲ (୭ ରନ୍), ସାଇ ସୁଦର୍ଶନ୍ (୧୧ ରନ୍) ମଧ୍ୟ ବିଫଳ ହୋଇଥିଲେ। କିନ୍ତୁ ଶେଷଭାଗରେ ଆସିଥିବା ଅଲ୍‌ରାଉଣ୍ଡର ରବୀନ୍ଦ୍ର ଜାଡେଜା, ୱାସିଂଟନ ସୁନ୍ଦର ଅର୍ଦ୍ଧଶତକ ହାସଲ କରି ଦଳୀୟ ସ୍କୋରକୁ ଏକ ସୁରକ୍ଷିତ ସ୍ତରକୁ ନେଇଯାଇଥିଲେ। ଉଭୟ ଜାଡେଜା ଏବଂ ସୁନ୍ଦର ୫୩ ରନ୍ ଲେଖାଏ କରିଥିଲେ। ସେହିପରି ଧ୍ରୁବ ଜୁରେଲ ୩୪ ରନ୍ ଯୋଗଦାନ ଦେଇଥିଲେ। ଅତିରିକ୍ତ ୨୬ ରନ୍ ସହ ୧୦ ୱିକେଟ୍ ବିନିମୟରେ ଭାରତୀୟ ସ୍କୋର ୩୯୬ ଛୁଇଁଥିଲା।

୫ମ ଟେଷ୍ଟ ମ୍ୟାଚ୍‌ରେ ଇଂଲଣ୍ଡ ଟସ୍ ଜିତି ପ୍ରଥମେ ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲା। ଭାରତ ପ୍ରଥମ ଇନିଂସରେ ୨୨୪ ରନ୍‌ରେ ଅଲ୍‌ଆଉଟ୍ ହୋଇଯାଇଥିବା ବେଳେ ଇଂଲଣ୍ଡ ନିଜର ପ୍ରଥମ ଇନିଂସ୍‌ରେ ୨୪୭ ରନ୍ କରି ସମସ୍ତ ୱିକେଟ୍ ହରାଇଛି। ଅନ୍ୟପକ୍ଷେ ଭାରତ ଦ୍ୱିତୀୟ ଇନିଂସରେ ସମସ୍ତ ୱିକେଟ୍ ହରାଇ ୩୯୬ ରନ୍ କରିଥିବା ବେଳେ ଇଂଲଣ୍ଡ ସମ୍ମୁଖରେ ୩୭୪ ରନ୍‌ର ବିଜୟ ଲକ୍ଷ୍ୟ ଧାର୍ଯ୍ୟ କରିଛି।

## ଖାଲିଦ୍ ଜମିଲ୍ ନୂଆ ଜାତୀୟ ଫୁଟ୍‌ବଲ୍ କୋଚ୍



**ନୂଆଦିଲ୍ଲୀ, ୨।୮/ଏଜେନ୍ସି:** ପୂର୍ବତନ ଭାରତୀୟ ଖେଳାଳି ଖାଲିଦ୍ ଜମିଲ୍ ଜାତୀୟ ପୁରୁଷ ଫୁଟ୍‌ବଲ୍ ଟିମ୍‌ର ନୂଆ ମୁଖ୍ୟ କୋଚ୍ ନିଯୁକ୍ତ ହୋଇଛନ୍ତି। ଶୁକ୍ରବାର ଅଖିଳ ଭାରତୀୟ ଫୁଟ୍‌ବଲ୍ ମହାସଂଘ (ଏଆଇଏଫ୍‌ଏଫ୍) ଏହି ଘୋଷଣା କରିଛି। ୧୩ ବର୍ଷ ପରେ ପ୍ରଥମ ଥର କୌଣସି ଭାରତୀୟଙ୍କୁ ଜାତୀୟ ଫୁଟ୍‌ବଲ୍ ଟିମ୍‌ର କୋଚ୍ ନିଯୁକ୍ତ ହୋଇଛନ୍ତି। ଖାଲିଦ୍ ୨୦୧୭ରେ ଆଇଜଲ୍ ଫୁଟ୍‌ବଲ୍ କ୍ଲବ୍‌କୁ ଆଇ-ଲିଗ୍ ଟାଇଟଲ୍ ଦେଇଥିଲେ। ପୂର୍ବତନ ଭାରତୀୟ ଅନ୍ତର୍ଜାତୀୟ ଖେଳାଳି ତଥା ବର୍ତ୍ତମାନର ଇଣ୍ଡିଆନ୍ ସୁପର୍ ଲିଗ୍ ଟିମ୍ ଜାମସେଦପୁର ଏଫ୍‌ସିର ମ୍ୟାନେଜର ୪୮ ବର୍ଷୀୟ ଖାଲିଦ୍‌ଙ୍କୁ ଏଫ୍‌ଆଇଏଫ୍‌ଏଫ୍‌ର କାର୍ଯ୍ୟକାରୀ କମିଟି ତିନିଜଣ ଆବେଦନକାରୀଙ୍କ ମଧ୍ୟରୁ ଚୟନ କରିଛି। ଅନ୍ୟ ଦୁଇଜଣ ଦାବିଦାରଙ୍କ ମଧ୍ୟରେ ଭାରତର ପୂର୍ବତନ ମୁଖ୍ୟ କୋଚ୍ ଷ୍ଟିଫାନ୍ କନ୍‌ଷ୍ଟେଟାଇନ୍ ଓ ପୂର୍ବତନ ସ୍ଲୋଭାକିଆ କୋଚ୍ ଷ୍ଟିଫାନ୍ ଟାରକୋଭିଚ୍ ସାମିଲ ଥିଲେ। ମହାନ୍ ଷ୍ଟ୍ରାଇକର୍ ଆଇଏମ୍ ବିଜୟନଙ୍କ ନେତୃତ୍ୱାଧୀନ ଏଆଇଏଫ୍‌ଏଫ୍ ଟେକ୍ନିକାଲ୍ କମିଟି ଟେକ୍ନିକାଲ୍ କମିଟିର ଅନ୍ତିମ ନିର୍ଣ୍ଣୟ ପାଇଁ ତିନିଜଣ ଆବେଦନକାରୀଙ୍କୁ ଚୟନ କରିଥିଲେ। ଜମିଲ୍ ସ୍ପେନ୍‌ର ମନୋଲୋ ମାର୍କେଜ୍‌ଙ୍କ ସ୍ଥାନ ନେବେ। ନିକଟରେ ଭାରତର ଦୁର୍ବଳ ପ୍ରଦର୍ଶନ ପାଇଁ ମାର୍କେଜ୍ ଗତ ମାସରେ ଏଆଇଏଫ୍‌ଏଫ୍‌ଆଇ ସହିତ ସମ୍ପର୍କ ତୁଟାଇଥିଲେ।

ସାଭିଓ ମାଡେଇରା ଜାତୀୟ ପୁରୁଷ ଟିମ୍‌କୁ ମୁଖ୍ୟ କୋଚ୍ ଭାବେ ସେବା ପ୍ରଦାନକାରୀ ଶେଷ ଭାରତୀୟ ଥିଲେ। ସେ ୨୦୧୧ର ୨୦୧୨ ପର୍ଯ୍ୟନ୍ତ ଏହି ପଦଭାର ସମ୍ଭାଳିଥିଲେ। ନୂଆ ଭୂମିକାରେ ଜମିଲ୍‌ଙ୍କ ପ୍ରଥମ କାର୍ଯ୍ୟ ସେଣ୍ଟ୍ରାଲ୍ ଏସିଆନ୍ ଫୁଟ୍‌ବଲ୍ ଆସୋସିଏସନ୍ (ସିଏଏଫ୍‌ଏ)ର ନେସନ୍ସ କପ୍ ହେବ। ଏହା ଅଗଷ୍ଟ ୨୯ରୁ ଜାଜିକିସ୍ତାନର ଓ ଉଜ୍‌ବେକିସ୍ତାନରେ ଆୟୋଜିତ ହେବ।

## ଦଲିପ୍ ଟ୍ରଫି: ଶାର୍ଦ୍ଦୁଳ ଠାକୁର ୱେଷ୍ଟ ଜୋନ୍ କ୍ୟାପ୍‌ଟେନ୍



**ମୁମ୍ବାଇ, ୨।୮/ଏଜେନ୍ସି:** ଭାରତୀୟ ଟେଷ୍ଟ ଟିମ୍ ସହ ଇଂଲଣ୍ଡ ଗସ୍ତରେ ଥିବା ଅଲ୍‌ରାଉଣ୍ଡର୍ ଶାର୍ଦ୍ଦୁଳ ଠାକୁର ଆଗାମୀ ଦଲିପ୍ ଟ୍ରଫି ଟୁର୍ଣ୍ଣାମେଣ୍ଟ ପାଇଁ ୱେଷ୍ଟ ଜୋନ୍ କ୍ୟାପ୍‌ଟେନ୍ ନିଯୁକ୍ତ ହୋଇଛନ୍ତି। ଶୁକ୍ରବାର ଏମ୍‌ସିଏର ଶରଦ ପୱାର୍ ଇନ୍‌ଡୋର କ୍ରିକେଟ୍ ଏକାଡେମୀରେ ଅନୁଷ୍ଠିତ ୱେଷ୍ଟ ଜୋନ୍ ସିଲେକ୍‌ସନ୍ କମିଟି ବୈଠକରେ ୧୫ ଜଣିଆ ଟିମ୍ ଘୋଷଣା କରିଛି। ଟିମ୍‌ରେ ମୁମ୍ବାଇର ସାତ, ଗୁଜରାଟର ଚାରି ଏବଂ ମହାରାଷ୍ଟ୍ର ଓ ସୌରାଷ୍ଟ୍ରର ୨-୨ ଖେଳାଳି ଟିମ୍‌ରେ ସାମିଲ ଅଛନ୍ତି। ଟୁର୍ଣ୍ଣାମେଣ୍ଟ ଅଗଷ୍ଟ ୨୮ରୁ କ୍ୱାର୍ଟର୍ ଫାଇନାଲ୍ ସହ ଆରମ୍ଭ ହେବ। ଠାକୁରଙ୍କ ବ୍ୟତୀତ ଟିମ୍‌ରେ ମୁମ୍ବାଇର ବଡ଼ ନାମ ମଧ୍ୟରେ ଯଶସ୍ୱୀ ଜୟସ୍ୱାଲ୍, ଶ୍ରେୟସ୍ ଆୟର୍ ଏବଂ ସର୍ଫରାଜ୍ ଖାନ୍ ସାମିଲ ଅଛନ୍ତି। ମହାରାଷ୍ଟ୍ରର ଋତୁରାଜ ଗାଏକ୍‌ୱାଡ୍ ମଧ୍ୟ ଟିମ୍‌ରେ ସ୍ଥାନ ପାଇଛନ୍ତି। ତେବେ ଭାରତୀୟ ଖେଳାଳି ଆଜିଙ୍କ୍ୟ ରାହାଣେ ଓ ଚେତେଶ୍ୱର ପୂଜାରାଙ୍କୁ ଟିମ୍‌ରେ ସ୍ଥାନ ମିଳିନାହିଁ।

ୱେଷ୍ଟ ଜୋନ୍‌କୁ ଟୁର୍ଣ୍ଣାମେଣ୍ଟର ସେମିଫାଇନାଲ୍‌ରେ ସିଧା ସ୍ଥାନ ମିଳିଛି। ଟିମ୍ ସେପ୍ଟେମ୍ବର ୪ରେ ନିଜ ଅଭିଯାନ ଆରମ୍ଭ କରିବ। ଫାଇନାଲ୍ ମ୍ୟାଚ୍ ସେପ୍ଟେମ୍ବର ୧୧ରୁ ଖେଳାଯିବ। ଟୁର୍ଣ୍ଣାମେଣ୍ଟର ସମସ୍ତ ମ୍ୟାଚ୍ ବେଙ୍ଗାଲୁରୁର ବିସିସିଆଇ ସେଣ୍ଟର୍ ଅଫ୍ ଏକ୍ସେଲେନ୍ସ ପଡ଼ିଆରେ ଅନୁଷ୍ଠିତ ହେବ।

**ୱେଷ୍ଟ ଜୋନ୍ ଟିମ୍:** ଶାର୍ଦ୍ଦୁଳ ଠାକୁର (କ୍ୟାପ୍‌ଟେନ୍), ଯଶସ୍ୱୀ ଜୟସ୍ୱାଲ୍, ଆର୍ଯ୍ୟ ଦେସାଇ, ହରଭିକ୍ ଦେସାଇ, ଶ୍ରେୟସ୍ ଆୟର୍, ସର୍ଫରାଜ୍ ଖାନ୍, ଋତୁରାଜ ଗାଏକ୍‌ୱାଡ୍, ଜୟମିନଥ ପଟେଲ୍, ମନନ ହିଙ୍ଗରାଜିଆ, ସୌରଭ ନଭଲେ, ଶମ୍ସ ମୁଲାନୀ, ତନୁଶ କୋଟିୟନ୍, ଧର୍ମେନ୍ଦ୍ର ଜାଡ଼େଜା, ତୁଷାର ଦେଶପାଣ୍ଡେ, ଅରଜାନ୍ ନାଗଭାସହୱାଲା।

**ଷ୍ଟାଣ୍ଡବାଇ ଖେଳାଳି:** ମହେଶ ପିଠିଆ, ଶିଭାଲିକ୍ ଶର୍ମା, ମୁକେଶ ଚୌଧୁରୀ, ସିଦ୍ଧାର୍ଥ ଦେସାଇ, ଚିନ୍ତନ ଗଜା, ମୁଶୀର ଖାନ୍ ଓ ଉର୍ଭିଲ୍ ପଟେଲ୍।

## ଦେଶ ବିଦେଶ

### ଭେଣ୍ଟିଲେଟର୍‌ରେ ଶିବୁ ସୋରେନ୍

**ନୂଆଦିଲ୍ଲୀ, ୨।୮/ଏଜେନ୍ସି:** ଝାଡ଼ଖଣ୍ଡର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ଝାଡ଼ଖଣ୍ଡ ମୁକ୍ତି ମୋର୍ଚ୍ଚା (ଜେଏମ୍‌ଏମ୍)ର ସଂସ୍ଥାପକ ତଥା ୮୧ ବର୍ଷୀୟ ରାଜନେତା ଶିବୁ ସୋରେନଙ୍କ ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ରହିଛି। ଦିଲ୍ଲୀର ଗଙ୍ଗାରାମ ହସ୍ପିଟାଲରେ ତାଙ୍କୁ ଭେଣ୍ଟିଲେଟର ସପୋର୍ଟରେ ରଖାଯାଇ ଚିକିତ୍ସା କରାଯାଉଛି। ଗତ ଜୁନ୍ ମାସରେ ଶିବୁ ସୋରେନଙ୍କ ଦେହ ଅସୁସ୍ଥ ହେବାରୁ ତାଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେବେଠାରୁ ହସ୍ପିଟାଲରେ ତାଙ୍କ ଚିକିତ୍ସା ଜାରି ରହିଛି। କିଡ୍‌ନୀ ସମ୍ବନ୍ଧୀୟ ସମସ୍ୟା ଦେଇ ଶିବୁ ସୋରେନ୍ ଗତି କରୁଛନ୍ତି। ତେବେ ଦିନକୁ ଦିନ ତାଙ୍କ ସ୍ୱାସ୍ଥ୍ୟାବସ୍ଥାରେ ଅବନତି ଜାରି ରହିଛି। ଶିବୁ ସୋରେନ ଜେଏମ୍‌ଏମ୍‌ର ପ୍ରତିଷ୍ଠାତା। ଦୀର୍ଘ ୩୮ ବର୍ଷ ଧରି ସେ ଦଳର ମଙ୍ଗ ସମ୍ଭାଳିଥିଲେ। ଜୁନ୍ ୨୪ ତାରିଖରେ, ଝାଡ଼ଖଣ୍ଡ ମୁଖ୍ୟମନ୍ତ୍ରୀ ତଥା ତାଙ୍କ ପୁଅ ହେମନ୍ତ ସୋରେନ୍ ହସ୍ପିଟାଲ୍ ପରିଦର୍ଶନ କରିବା ପୂର୍ବକ ନିଜ ବାପା ତଥା ଶିବୁ ସୋରେନ୍‌ଙ୍କ ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ପଚାରିବୁଝିଥିଲେ।

## ଆଣବିକ ଯୁଦ୍ଧ ଦ୍ୱାରଦେଶରେ ରୁଷ୍-ଆମେରିକା



### ସାମୁଦ୍ରିକ ସୀମାରେଖାରେ ୨ ଆଣବିକ ସବ୍‌ମେରାଇନ୍ ମୁତୟନ କଲା ଆମେରିକୀୟ ନୌସେନା

### ରୁଷ୍ ତୈଳ ବିଶୋଧନାଗାର ଉପରେ ଡ୍ରୋନ୍‌ମାଡ଼ କଲା ୟୁକ୍ରେନ୍

**ମସ୍କୋ, କିଭ୍, ୱାଶିଂଟନ୍, ୨।୮/ଏଜେନ୍ସି:** ପୂର୍ବତନ ରୁଷ୍ ରାଷ୍ଟ୍ରପତି ଦିମିତ୍ରୀ ମେଦ୍‌ଭେଦେବଙ୍କ ଏକ ବୟାନ୍‌କୁ ନେଇ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ମାତ୍ରାଧିକ ଅସ୍ତବ୍ୟସ୍ତ ହୋଇପଡିଛନ୍ତି। ଆଗପଛ ବିଚାର ନକରି ଟ୍ରମ୍ପ ରୁଷ୍ ଅଭିମୁଖେ ନିଜ ନୌସେନାର ୨ଟି ଆଣବିକ ସବମେରାଇନ୍‌କୁ ପଠାଇବା ପୂର୍ବକ ସୀମାରେଖାରେ ମୁତୟନ କରିଛନ୍ତି। ଗୋଟିଏ ପଟେ ଆମେରିକାର ଏପ୍ରକାର ଆଭିମୁଖ୍ୟ ଦେଖିବାକୁ ମିଳିଥିବା ବେଳେ ଅନ୍ୟପକ୍ଷେ ୟୁକ୍ରେନ୍ ମଧ୍ୟ ରୁଷ୍‌ର ତୈଳ ବିଶୋଧନାଗାର ଉପରେ ବଡ଼ ଧରଣର ଡ୍ରୋନ୍ ଆକ୍ରମଣ କରିଛି। ଏସବୁକୁ ଦେଖିଲେ ତୃତୀୟ ବିଶ୍ୱଯୁଦ୍ଧ ଆରମ୍ଭ ହେବାକୁ ଯାଉଥିବା ଆଶଙ୍କା ପ୍ରତୀତ ହେଉଛି।

ଦିନକ ପୂର୍ବେ ଦିମିତ୍ରୀ, ଆମେରିକା ଓ ଟ୍ରମ୍ପଙ୍କ ଉଦ୍ଦେଶ୍ୟରେ କହିଥିଲେ ଯେ, ଆମେରିକା ମନେ ରଖିବା ଉଚିତ୍ ଯେ, ଏହା ସୋଭିଏତ୍ ଯୁଗର ପରମାଣୁ ଆକ୍ରମଣ କ୍ଷମତା ସମ୍ପନ୍ନ ଦେଶ ସହ ଭିଡୁଛି। ଦିମିତ୍ରୀଙ୍କ ଏପ୍ରକାର ବିବୃତିକୁ ଅତ୍ୟନ୍ତ ଉତ୍ତେଜନାପୂର୍ଣ୍ଣ ବିବେଚନା କରିବା ସହ ଟ୍ରମ୍ପ ଅବିଳମ୍ବେ 'ରୁଷ୍ ସୀମାରେଖା ନିକଟରେ ଦୁଇଟି ପରମାଣୁ ବୁଡ଼ାଜାହାଜ ମୁତୟନ କରିବାକୁ ନିଜ ସେନାକୁ ନିର୍ଦ୍ଦେଶ ଦେଇଛନ୍ତି। ଏସବୁ ମଧ୍ୟରେ ୟୁକ୍ରେନର ଡ୍ରୋନ୍ ଫୋର୍ସ ଦାବି କରିଛି ଯେ, ୟୁକ୍ରେନୀୟ ଡ୍ରୋନ୍ ଆକ୍ରମଣ ପରେ ଏକ ପ୍ରମୁଖ ରୁଷ୍ ତୈଳ ବିଶୋଧନାଗାରରେ ନିଆଁ ଲାଗିଛି ଯାହା ଏକ ସାମରିକ ବିମାନକ୍ଷେତ୍ରକୁ ମଧ୍ୟ ପ୍ରଭାବିତ କରିଛି। ସେମାନେ ରିଆଜାନରେ ଏକ ବିଶୋଧନାଗାର ଏବଂ ୟୁକ୍ରେନ୍ ସୀମାନ୍ତ ଭୋରୋନେଜ୍ ଅଞ୍ଚଳରେ ଆନ୍ନାନେଫ୍‌ଟେପ୍ରୋଡୁକ୍ଟ ତୈଳ ସଂରକ୍ଷଣ ସୁବିଧା କେନ୍ଦ୍ରକୁ ଟାର୍ଗେଟ୍ କରିଛନ୍ତି।

## କୁଲଗାମ୍‌ରେ ୨ ଆତଙ୍କୀ ନିହତ

**କୁଲଗାମ୍, ୨।୮/ଏଜେନ୍ସି:** ଜମ୍ମୁ ଓ କାଶ୍ମୀରର କୁଲଗାମ୍ ଅଞ୍ଚଳରେ ଥିବା ଅଖଲ ଜଙ୍ଗଲରେ ଶନିବାର ସୁରକ୍ଷା ବାହିନୀ ୨ କୁଖ୍ୟାତ ଆତଙ୍କବାଦୀଙ୍କୁ ହତ୍ୟା କରିବାରେ ସଫଳ ହୋଇଛି। ଉଭୟଙ୍କ ମୃତଦେହ ମଧ୍ୟ ଉଦ୍ଧାର କରାଯିବା ପରେ ଏମାନଙ୍କ ମଧ୍ୟରୁ ଜଣେ ଦୀର୍ଘ ସମୟ ଧରି ସେନାବାହିନୀର ହିଟ୍ ଲିଷ୍ଟରେ ଥିବା ଜଣାପଡିଛି। ଏହି ହିଟ୍ ଲିଷ୍ଟେଡ୍ ଆତଙ୍କବାଦୀଜଣକର ନାମ ହାରିସ୍ ନାଜିର ଡାର୍ ଏବଂ ସେ ପୁଲୱାମାର ସ୍ଥାୟୀ ବାସିନ୍ଦା। ତେବେ ଅନ୍ୟଜଣେ ଆତଙ୍କବାଦୀର ପରିଚୟ ଏପର୍ଯ୍ୟନ୍ତ ଜଣାପଡିପାରିନାହିଁ। ସେନା ପକ୍ଷରୁ ଦିଆଯାଇଥିବା ସୂଚନାନୁସାରେ ଶନିବାର ସକାଳେ ଏନ୍‌କାଉଣ୍ଟର ଚାଲିଥିବା ବେଳେ ହାରିସ୍ ନିହତ ହୋଇଥିଲା, ଯେତେବେଳେ ଅନ୍ୟ ଜଣେ ଆତଙ୍କବାଦୀ ଅପରାହ୍ନରେ ନିହତ ହୋଇଥିଲା। ହାରିସ୍ ଜଣେ ସି-ବର୍ଗର ଆତଙ୍କବାଦୀ ଥିଲା। ସେ ପହଲଗାମ ଆକ୍ରମଣ ପରେ ଏପ୍ରିଲ ୨୬ରେ ଗୁଇନ୍ଦା ସଂସ୍ଥା ଦ୍ୱାରା ପ୍ରକାଶିତ ୧୪ ସ୍ଥାନୀୟ ଆତଙ୍କବାଦୀଙ୍କ ତାଲିକାରେ ମଧ୍ୟ ଥିଲା। ଉଭୟ ଆତଙ୍କବାଦୀଙ୍କ ପାଇରୁ ଏକେ-୪୭ ରାଇଫଲ୍, ମାଗାଜିନ୍ ଏବଂ ଗ୍ରେନେଡ୍ ଏବଂ ଗୁଳିଗୋଳା ଉଦ୍ଧାର କରାଯାଇଛି। ଗତକାଲି ରାତିରେ କୁଲଗାମରେ ସୁରକ୍ଷା ବାହିନୀ ଏବଂ ଆତଙ୍କବାଦୀଙ୍କ ମଧ୍ୟରେ ଏକ ଏନକାଉଣ୍ଟର ଆରମ୍ଭ ହୋଇଥିଲା। ସ୍ପେଶାଲ୍ ଅପରେସନ୍ସ ଗ୍ରୁପ୍, ଜମ୍ମୁ ଓ କାଶ୍ମୀର ପୁଲିସ୍, ସେନା ଏବଂ ସିଆରପିଏଫ୍ ଯବାନମାନେ ମିଳିତ 'ଅପରେସନ୍' ଚଳାଇଛନ୍ତି। ଜଙ୍ଗଲରେ ଆହୁରି ଆତଙ୍କବାଦୀ ଲୁଚି ରହିଥିବା ସନ୍ଦେହ କରାଯାଉଥିବା ବେଳେ ସର୍ଚ୍ଚ ଅପରେସନ୍ ଜାରି ରହିଛି। ଜଙ୍ଗଲରେ ପହଲଗାମ ଆକ୍ରମଣରେ ସାମିଲ ୩ ଆତଙ୍କବାଦୀଙ୍କୁ ହତ୍ୟା କରିଥିଲେ। ଜୁଲାଇ ୩୧ ରେ, ପୁଞ୍ଚରେ ଏଲଓସି ନିକଟରେ ଅନୁପ୍ରବେଶ ସମୟରେ ଆଉ ଦୁଇ ଆତଙ୍କବାଦୀ ନିହତ ହୋଇଥିଲେ।






## ୭ ମାସରେ ୧୭୦୦ରୁ ଉର୍ଦ୍ଧ୍ୱ ଭାରତୀୟଙ୍କୁ ବିତାଡ଼ିତ କରିଛି ଆମେରିକା

**ୱାଶିଂଟନ୍, ନୂଆଦିଲ୍ଲୀ, ୨।୮/ଏଜେନ୍ସି:** ଆମେରିକା ଗତ ୭ ମାସ ମଧ୍ୟରେ ପ୍ରାୟ ୧୭୦୦ରୁ ଉର୍ଦ୍ଧ୍ୱ ଭାରତୀୟଙ୍କୁ ନିଜ ଦେଶରୁ ବଳପୂର୍ବକ ବିତାଡିତ କରିଛି। ଏମାନଙ୍କ ମଧ୍ୟରେ ସର୍ବାଧିକ ୬୨୦ଜଣ ପଞ୍ଜାବ ନାଗରିକ ଥିବା ବେଳେ ହରିଆଣାର ୬୦୪ଜଣ, ଗୁଜରାଟର ୨୪୫ଜଣ ଏବଂ ଜମ୍ମୁ କାଶ୍ମୀରରୁ ୧୦ଜଣ ସାମିଲ ଅଛନ୍ତି। ୬ଜଣଙ୍କ ବାସ୍ତବିକ ତଥ୍ୟ ଜଣାପଡିନାହିଁ। ସବୁଠୁ ବଡ଼କଥା ହେଉଛି ଆମେରିକାରୁ ନିଷ୍କାସିତ ହୋଇ ସ୍ୱଦେଶ ଫେରିଥିବା ଭାରତୀୟଙ୍କ ମଧ୍ୟରେ ୧୪୧ଜଣ ମହିଳା ନାଗରିକ ସାମିଲ ରହିଛନ୍ତି। ଶୁକ୍ରବାର ଏସମ୍ପର୍କରେ ଲୋକସଭାରେ କେନ୍ଦ୍ର ବିଦେଶ ବ୍ୟାପାର ରାଷ୍ଟ୍ରମନ୍ତ୍ରୀ କୀର୍ତ୍ତି ବର୍ଦ୍ଧନ ସିଂହ ସୂଚନା ଦେଇଛନ୍ତି। ଶ୍ରୀ ସିଂହ କହିଛନ୍ତି ଆମେରିକା ୨୦୨୫ ଆରମ୍ଭରୁ ଜୁଲାଇ ୨୨ ପର୍ଯ୍ୟନ୍ତ ନିଜ ଦେଶରୁ ମୋଟ ୧,୭୦୩ ଜଣ ଭାରତୀୟଙ୍କୁ ଦେଶାନ୍ତର କରିଛି। ସେହିପରି ଏହି ସମୟ ସୁଦ୍ଧା ବ୍ରିଟେନ୍ ୧୩୧ ଭାରତୀୟଙ୍କୁ ଦେଶରୁ ବିତାଡିତ କରିଛି। ଯଦି ଗତ ୫ ବର୍ଷର ହିସାବ ଦେଖାଯାଏ ତେବେ ଗତ ପାଞ୍ଚ ବର୍ଷ (୨୦୨୦ରୁ ୨୦୨୪) ମଧ୍ୟରେ ଆମେରିକା ମୋଟ ୫,୫୪୧ ଜଣ ଭାରତୀୟ ନାଗରିକଙ୍କୁ ଦେଶାନ୍ତର କରିଥିବା ବେଳେ ସେହି ସମୟରେ, ବ୍ରିଟେନ୍ ମୋଟ୍ ୩୧୧ ଜଣ ଭାରତୀୟଙ୍କୁ ଦେଶରୁ ବାହାର କରିଦେଇଛି। ଭାରତ ସରକାର ଏହା ମଧ୍ୟ ସ୍ପଷ୍ଟ କରିଛନ୍ତି ଯେ ବ୍ରିଟେନରୁ ବିତାଡିତ ହୋଇଥିବା ଭାରତୀୟଙ୍କ ସଂଖ୍ୟାରେ ସାମାନ୍ୟ ପାର୍ଥକ୍ୟ ହୋଇପାରେ। ଏହାର କାରଣ ହେଉଛି କିଛି କ୍ଷେତ୍ରରେ ବୈଧ ଡକ୍ୟୁମେଣ୍ଟ ଥିବା ଲୋକଙ୍କୁ ସିଧାସଳଖ ଫେରାଇଦିଆଯାଇଥାଏ, ଯେତେବେଳେକି ଯେଉଁମାନଙ୍କୁ ଜରୁରୀକାଳୀନ ଯାତ୍ରା ଡକ୍ୟୁମେଣ୍ଟ (ଇଟିଡି) ଦିଆଯାଇଥାଏ ସେମାନେ ଏହାକୁ ବ୍ୟବହାର କରିପାରିବେ ନାହିଁ। କାରଣ ଅନେକ ସମୟରେ ଲୋକମାନେ ଆବେଦନ କରନ୍ତି, ଯାହା ପ୍ରକ୍ରିୟାକୁ ବିଳମ୍ବ କରେ। ସରକାରଙ୍କ ଅନୁସାରେ ଆମେରିକା ନିର୍ବାସନ ପାଇଁ ବିଭିନ୍ନ ପଦ୍ଧତି ବ୍ୟବହାର କରିଥିଲା। ଭାରତୀୟ ନାଗରିକମାନଙ୍କୁ ବିଭିନ୍ନ ଉପାୟରେ ଆମେରିକାରୁ ନିର୍ବାସିତ କରାଯାଇଥିଲା।

## ୯.୭ କୋଟି ଚାଷୀଙ୍କୁ ମିଳିଲା ପିଏମ୍ କିଷାନ୍ କିସ୍ତି

**ବାରଣସୀ, ୨।୮/ଏଜେନ୍ସି:** ଶନିବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ବାରାଣସୀରୁ ଦେଶବ୍ୟାପୀ ୯.୭ କୋଟି ଚାଷୀଙ୍କ ବ୍ୟାଙ୍କ୍ ଆକାଉଣ୍ଟକୁ ଡିବିଟି ପ୍ରକ୍ରିୟା ଅନ୍ତର୍ଗତ ସିଧାସଳଖ ୨୦,୫୦୦ କୋଟି ଟଙ୍କା ସ୍ଥାନାନ୍ତର କରିଛନ୍ତି। ଏହି ଅବସରରେ ମୋଦୀ କହିଛନ୍ତି, ପ୍ରଧାନମନ୍ତ୍ରୀ କିଷାନ ସମ୍ମାନ ନିଧି ହେଉଛି କୃଷକ କଲ୍ୟାଣ ପ୍ରତି ସରକାରଙ୍କ ପ୍ରତିବଦ୍ଧତାର ଏକ ଉଦାହରଣ। ୨୦୧୯ରେ ଆରମ୍ଭ କରାଯାଇଥିବା ଏହି ଯୋଜନାରେ ମୋଟ୍ ୩.୬୯ଲକ୍ଷ କୋଟି ଟଙ୍କା ପ୍ରଦାନ କରାଯାଇସାରିଲାଣି। ମୋଦୀ ସୂଚନା ଦେଇ କହିଛନ୍ତି ଯେ ପ୍ରଧାନମନ୍ତ୍ରୀ କିଷାନ ସମ୍ମାନ ନିଧି ଅଧୀନରେ ଏପର୍ଯ୍ୟନ୍ତ ୩ ଲକ୍ଷ ୭୫ କୋଟି ଟଙ୍କା ଚାଷୀଙ୍କ ଆକାଉଣ୍ଟକୁ ସ୍ଥାନାନ୍ତର କରାଯାଇଛି। ଏହି ରାଶି ମଧ୍ୟରୁ, ଉତ୍ତରପ୍ରଦେଶର ୨.୫ କୋଟି ଚାଷୀଙ୍କୁ ୯୦ ହଜାର କୋଟି ଏବଂ କାଶୀର ଚାଷୀଙ୍କୁ ୯୦୦ କୋଟି ଟଙ୍କା ଦିଆଯାଇଛି। ସେହିପରି ତାଙ୍କ ସରକାର ଚାଷୀଙ୍କ ପାଇଁ ଏକ ନୂତନ ଯୋଜନା, ପ୍ରଧାନମନ୍ତ୍ରୀ ଧନ ଧନ୍ୟ ଯୋଜନା ମଧ୍ୟ ଆରମ୍ଭ କରିଛନ୍ତି। ଏହି ଯୋଜନା ଅଧୀନରେ ୨୪୦୦୦ କୋଟି ଟଙ୍କା ଖର୍ଚ୍ଚ କରାଯିବ ଏବଂ ଏହି ଯୋଜନା ଅଧୀନରେ ଛୋଟ ଜିଲ୍ଲାଗୁଡ଼ିକ ଧ୍ୟାନ କେନ୍ଦ୍ରିତ ହେବ ବୋଲି ମୋଦୀ କହିଛନ୍ତି। ମୋଦୀଙ୍କ କହିବାନୁସାରେ ପରିବର୍ତ୍ତିତ ପାଣିପାଗ ସର୍ବଦା ଚାଷୀଙ୍କ ପାଇଁ ଏକ ଚ୍ୟାଲେଞ୍ଜ; ସେଥିପାଇଁ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା ଅଧୀନରେ ଚାଷୀମାନଙ୍କୁ ଆଜି ପର୍ଯ୍ୟନ୍ତ ୧.୭୫ ଲକ୍ଷ କୋଟି ଟଙ୍କାର ଦାବି ଦିଆଯାଇଛି। ଏହି ଅବସରରେ ପ୍ରଧାନମନ୍ତ୍ରୀ ଏଠାରେ ୨୨୦୦ କୋଟି ଟଙ୍କାର ୫୨ଟି ବିକାଶ ପ୍ରକଳ୍ପର ଶିଳାନ୍ୟାସ ଏବଂ ଉଦ୍‌ଘାଟନ ମଧ୍ୟ କରିଛନ୍ତି।

## ପତଞ୍ଜଳି ବିଶ୍ୱବିଦ୍ୟାଳୟରେ ଚିକିତ୍ସା ବିଜ୍ଞାନର ସମନ୍ୱୟ ପାଇଁ ଅର୍ଥପୂର୍ଣ୍ଣ ମନ୍ଥନ ଆରମ୍ଭ



### ଏମ୍ସ, ଟାଟା କ୍ୟାନ୍‌ସର, ସାର୍ ଗଙ୍ଗାରାମ ହସ୍ପିଟାଲ୍ ସହଯୋଗରେ ପତଞ୍ଜଳି ଆୟୁର୍ବେଦ ହସ୍ପିଟାଲ୍‌ରେ ଶୀଘ୍ର ଚିକିତ୍ସା ଆରମ୍ଭ ହେବ: ସ୍ୱାମୀ ରାମଦେବ

### ଆଧୁନିକ ଚିକିତ୍ସା ଆଳରେ ଚିକିତ୍ସା ଔଷଧ ନାମରେ ଚାଲିଥିବା ଷଡ଼ଯନ୍ତ୍ର ଏବଂ ଲୁଟ୍ ବନ୍ଦ କରିବ ପତଞ୍ଜଳି ଆୟୁର୍ବେଦ ହସ୍ପିଟାଲ୍: ଆଚାର୍ଯ୍ୟ ବାଳକୃଷ୍ଣ

**ହରିଦ୍ୱାର, ୨।୮/ଏଜେନ୍ସି:** ପତଞ୍ଜଳି ବିଶ୍ୱବିଦ୍ୟାଳୟ, ପତଞ୍ଜଳି ଗବେଷଣା ପ୍ରତିଷ୍ଠାନ ଏବଂ କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ, ନୂଆଦିଲ୍ଲୀର ମିଳିତ ତତ୍ତ୍ୱାବଧାନରେ ଏକ ଭବ୍ୟ ଦୁଇଦିନିଆ ଅନାମୟମ୍ ଅନ୍ତର୍ଜାତୀୟ ସମ୍ମିଳନୀ ଆୟୋଜିତ ହୋଇଯାଇଛି। ଆୟୁର୍ବେଦ ଏବଂ ଆଧୁନିକ ଚିକିତ୍ସାର ସମନ୍ୱୟ ଏବଂ ସମନ୍ୱୟ ଲକ୍ଷ୍ୟରେ ଏକ ବିଶ୍ୱସ୍ତରୀୟ ପ୍ଲାଟଫର୍ମ ପ୍ରଦାନ କରିବା ପାଇଁ ଏହି ସମ୍ମିଳନୀ ଆୟୋଜିତ ହୋଇଥିଲା। ୧୬ଟି ରାଜ୍ୟର ପ୍ରାୟ ୨୦୦ ଶିକ୍ଷାନୁଷ୍ଠାନରୁ ୩୦୦ରୁ ଅଧିକ ଅଂଶଗ୍ରହଣକାରୀ ଅନଲାଇନ୍ ଏବଂ ଅଫଲାଇନ୍ ମାଧ୍ୟମରେ ସମ୍ମିଳନୀରେ ଅଂଶଗ୍ରହଣ କରିଥିଲେ। ଦେଶର ବିଭିନ୍ନ ଉଚ୍ଚତର ଚିକିତ୍ସା ଏବଂ ଶିକ୍ଷାନୁଷ୍ଠାନର ଚିକିତ୍ସା ବିଶେଷଜ୍ଞ, ଗବେଷକ, ନୀତି ନିର୍ଦ୍ଧାରକ ଏବଂ ସ୍ୱାସ୍ଥ୍ୟ ପ୍ରଯୁକ୍ତି ବିଶେଷଜ୍ଞ ସମ୍ମିଳନୀରେ ଅଂଶଗ୍ରହଣ କରିଥିଲେ ଏବଂ ସେମାନଙ୍କର ମତାମତ ବାଣ୍ଟିଥିଲେ। ଏହି ଅବସରରେ ବିଶ୍ୱବିଦ୍ୟାଳୟର କୁଳପତି ସ୍ୱାମୀ ରାମଦେବ ମହାରାଜ ଏକ ବଡ଼ ଘୋଷଣା କରିଛନ୍ତି। ସେ କହିଛନ୍ତି ଯେ, ଜନ କଲ୍ୟାଣକୁ ଦୃଷ୍ଟିରେ ରଖି, ଏମ୍ସ, ଟାଟା କ୍ୟାନ୍‌ସର ହସ୍ପିଟାଲ ଏବଂ ସାର୍ ଗଙ୍ଗା ରାମ ହସ୍ପିଟାଲର ସହଯୋଗରେ ଆଧୁନିକ ପଦ୍ଧତି ବ୍ୟବହାର କରି ପତଞ୍ଜଳି ଆୟୁର୍ବେଦ ହସ୍ପିଟାଲରେ କମ୍ ମୂଲ୍ୟରେ ବିଶ୍ୱସ୍ତରୀୟ ଚିକିତ୍ସା ଯୋଗାଇ ଦିଆଯିବ। ଉଦ୍‌ଘାଟନ ଅଧିବେଶନରେ, ଯୋଗଋଷି ସ୍ୱାମୀ ରାମଦେବ, ପତଞ୍ଜଳି ବିଶ୍ୱବିଦ୍ୟାଳୟର କୁଳପତି ଏବଂ ଆୟୁର୍ବେଦ ଶିରୋମଣି ଆଚାର୍ଯ୍ୟ ବାଲକୃଷ୍ଣଙ୍କ ସମେତ ଅତିଥିମାନେ ତିନୋଟି ଗୁରୁତ୍ୱପୂର୍ଣ୍ଣ ପୁସ୍ତକ ଯଥା ଆୟୁର୍ବେଦ ଅବତାରଣ, ସମନ୍ୱିତ ପୋଥି ଏବଂ ସମ୍ମିଳନୀର ସାରାଂଶ ପୁସ୍ତିକା ମଧ୍ୟ ଉନ୍ମୋଚନ କରିଥିଲେ। ଏହି ସମୟରେ, ଶିକ୍ଷା ଏବଂ ଗବେଷଣାକୁ ପ୍ରୋତ୍ସାହିତ କରିବା ପାଇଁ ଭାରତୀୟ ପ୍ରଯୁକ୍ତି ପ୍ରତିଷ୍ଠାନ ରୋପରର ଡକ୍ଟର ଶ୍ରେୟା, ଡକ୍ଟର ରାଧିକା ଏବଂ ଡକ୍ଟର ମୁକେଶ ଏବଂ ପତଞ୍ଜଳି ବିଶ୍ୱବିଦ୍ୟାଳୟର କୁଳପତି ଆଚାର୍ଯ୍ୟ ବାଲକୃଷ୍ଣଙ୍କ ମଧ୍ୟରେ ଏକ ପାରସ୍ପରିକ ବୁଝାମଣାପତ୍ର ମଧ୍ୟ ସ୍ୱାକ୍ଷରିତ ହୋଇଥିଲା।

ପ୍ରମାଣ-ଆଧାରିତ ଔଷଧ ସହିତ ସମନ୍ୱିତ ଔଷଧର ଗୁରୁତ୍ୱ ଉପରେ ଆଲୋକପାତ କରି ସ୍ୱାମୀ ରାମଦେବ କହିଛନ୍ତି ଯେ ଚିକିତ୍ସା ବିଜ୍ଞାନ ଟଙ୍କା ରୋଜଗାର ପାଇଁ ନୁହେଁ, ବରଂ ଜନ କଲ୍ୟାଣ ପାଇଁ ହେବା ଉଚିତ୍। ବିଶ୍ୱବ୍ୟାପୀ ପ୍ରସିଦ୍ଧ ୯ଟି ଚିକିତ୍ସା ବ୍ୟବସ୍ଥା ବିଷୟରେ ଆଲୋଚନା କରିବା ସମୟରେ ଆଚାର୍ଯ୍ୟ ବାଲକୃଷ୍ଣ କହିଛନ୍ତି ଯେ ଆୟୁର୍ବେଦ ଏହାର କ୍ଷମତା ପାଇଁ ଜଣାଶୁଣା ଯେତେବେଳେ ଅନ୍ୟ ବ୍ୟବସ୍ଥାଗୁଡ଼ିକ ସେମାନଙ୍କର ନିର୍ଦ୍ଦିଷ୍ଟ ସ୍ଥାନ କିମ୍ବା ପରମ୍ପରା ପାଇଁ ଜଣାଶୁଣା। ସେ ମହର୍ଷି ଚରକ ଏବଂ ଆଚାର୍ଯ୍ୟ ସୁଶ୍ରୁତଙ୍କ ସମୟ ବିଷୟରେ ଶାସ୍ତ୍ରୀୟ ପ୍ରମାଣ, ଭୌଗୋଳିକ ଏବଂ ପରିବେଶଗତ ପ୍ରମାଣ ବିଷୟରେ ବିସ୍ତୃତ ଭାବରେ ବ୍ୟାଖ୍ୟା କରିଥିଲେ। ସେ କହିଥିଲେ ଯେ ପତଞ୍ଜଳି ଆୟୁର୍ବେଦ ହସ୍ପିଟାଲରେ ଆଧୁନିକ ଚିକିତ୍ସା ବ୍ୟବସ୍ଥା ମାଧ୍ୟମରେ କମ୍ ମୂଲ୍ୟରେ ବିଶ୍ୱସ୍ତରୀୟ ଚିକିତ୍ସା ଯୋଗାଇ ଦିଆଯିବ ଏବଂ ଔଷଧ ନାମରେ ଷଡ଼ଯନ୍ତ୍ର ଏବଂ ଲୁଟପାଟକୁ ବନ୍ଦ କରିବା ପାଇଁ କାର୍ଯ୍ୟ କରାଯିବ। ଏହି ଅବସରରେ ଉପସ୍ଥିତ ବରିଷ୍ଠ ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ସେମାନଙ୍କ ଗବେଷଣାକୁ ଉପସ୍ଥାପନ କରିଥିଲେ ଏବଂ ନିଜ ମୂଲ୍ୟବାନ ଉଦ୍‌ବୋଧନ ମଧ୍ୟ ଦେଇଥିଲେ।କାର୍ଯ୍ୟକ୍ରମର ପ୍ରଥମ ଅଧିବେଶନ ଡକ୍ଟର ବିଏନ ଗଙ୍ଗାଧର ଅଧ୍ୟକ୍ଷ ଜାତୀୟ ଚିକିତ୍ସା କମିଶନ ଏବଂ ପ୍ରଫେସର ଡି ଗୋପାଳ ସି ନନ୍ଦ ଅଧ୍ୟକ୍ଷ କ୍ଷମତାପ୍ରାପ୍ତ କମିଟି ଆୟୁଷ ମନ୍ତ୍ରଣାଳୟ ଓଡ଼ିଶା ସରକାରଙ୍କ ଅଧ୍ୟକ୍ଷତାରେ ଆରମ୍ଭ ହୋଇଥିଲା।

ଉଦ୍‌ଘାଟନୀ ଅଧିବେଶନରେ, ପତଞ୍ଜଳି ବିଶ୍ୱବିଦ୍ୟାଳୟର କୁଳପତି ସ୍ୱାମୀ ରାମଦେବ ଜୀ ମହାରାଜ ଏବଂ ଉପ-କୁଳପତି ଆଚାର୍ଯ୍ୟ ବାଳକୃଷ୍ଣ ମହାରାଜ ମୁଖ୍ୟ ଅତିଥିମାନଙ୍କୁ ପୁଷ୍ପମାଲ୍ୟ ଅର୍ପଣ କରି, ଅଙ୍ଗବସ୍ତ୍ର ଏବଂ ଗଙ୍ଗାଜଳି ପ୍ରଦାନ କରି ସ୍ୱାଗତ କରିଥିଲେ। ଏହା ପରେ, ମୁଖ୍ୟ ଅତିଥିମାନଙ୍କ ଦ୍ୱାରା ଦୀପ ପ୍ରଜ୍ୱଳନ, ପତଞ୍ଜଳି ବିଶ୍ୱବିଦ୍ୟାଳୟର ଚନ୍ଦ୍ରମୋହନ ଏବଂ ତାଙ୍କ ଗୋଷ୍ଠୀଙ୍କ ଦ୍ୱାରା କୁଳ ଗୀତ ଏବଂ ଧନ୍ୱନ୍ତରୀ ବନ୍ଦନା ଉପସ୍ଥାପନ ସହିତ ସମ୍ମିଳନୀ ଆରମ୍ଭ ହୋଇଥିଲା। ଏହା ପରେ, ପତଞ୍ଜଳି ଗବେଷଣା ପ୍ରତିଷ୍ଠାନର ଉପାଧ୍ୟକ୍ଷ ଡକ୍ଟର ଅନୁରାଗ ଜୀ ସ୍ୱାଗତ ଭାଷଣ ଦେଇଥିଲେ।

Printed and published by Trilochan Mohapatra on behalf of New Age Media & Publications Pvt. Ltd. Published at Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, Khordha,Odisha Ph: 0674-2953975,
Email: advtnitidin@gmail.com, nitidinbbsr@gmail.com, Printed at New Age Media & Publications Pvt. Ltd., Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, Khordha, Odisha.

ସଂପାଦକ: ମନୋଜ କୁମାର ମହାପାତ୍ର
Editor: Manoj Kumar Mahapatra